ବର୍ଷ-୫୦ : ସଂଖ୍ୟା-୧ ଜାନୁଆରୀ, ୨୦୧୯ • ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଶିଶୁ, ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜାନୁଆରୀ, ୨୦୧୯


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ୨୦୧୯ ନବବର୍ଷ ଉପଲକ୍ଷେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀମା | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୭ |
| ଅର୍ଥଶକ୍ତି | ··· | ଶ୍ରୀମା | ··· | ୮ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ପରିଚ୍ଛେଦ : ୭୩) ଦୁଇ ବୀର ସହୀଦଙ୍କ ଇତିକଥା | ··· | ମନୋଜ ଦାସ | ··· | ୯ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ (ଷଷ୍ଠ ଅଧ୍ୟାୟ) ମାନବ ଓ ଜୀବନ-ସଂଗ୍ରାମ | ··· | ଶେଖ ଅବଦୁଲ କାଶମ | ··· | ୧୪ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୭୧) | ··· | ··· | ··· | ୧୯ |
| କାଳର ମାପ | ··· | ନଳିନୀକାନ୍ତ ଗୁପ୍ତ | ··· | ୨୪ |
| କକେସସ୍ ଉପତ୍ୟକାର ବନ୍ଦୀ | ··· | ··· | ··· | ୨୭ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୫୫) | ··· | ସାହାନା ଦେବୀ | ··· | ୩୨ |
| ୨୦୧୯ ବର୍ଷସୂଚୀ(Calendar)ରେ ପରିବେଷିତ ବାଣୀ | ··· | ··· | ··· | ୩୩ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୨୬) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୩୪ |
| ପୁନର୍ମିଳନ (କବିତା) (ଅଥର୍ବ ବେଦର ୬୬ ସୂକ୍ତ) | ··· | ଗଣେଶ ପ୍ରସାଦ କର ଶର୍ମା | ··· | ୩୭ |
| ସାକ୍ଷୀ (କବିତା) | ··· | ସୁଦର୍ଶନ ଦାସ | ··· | ୩୮ |
| ଶ୍ରୀକୃଷ୍ଣ କାହାଣୀ (୧୬) କାଳଯବନର ଇତି | ··· | ମନୋଜ ଦାସ | ··· | ୩୯ |
| ହାରାଧନ (୧୦) | ··· | ··· | ··· | ୪୧ |
| ନବବର୍ଷ (କବିତା) | ··· | ଜ୍ୟୋତ୍ସ୍ନାରାଣୀ ଦାଶ | ··· | ୪୩ |
| ତୋତ୍ତୋ-ଚାନ୍ (୭) | ··· | ତେତ୍ସୁକୋ କୁରୋୟାନାଗି | ··· | ୪୪ |
| ଆମ ଶରୀର (୧୩) | ··· | ଭୋଳେଶ୍ୱର ଭୂୟାଁ | ··· | ୫୦ |
| ଏକାକ୍ଷରିକ ଶିକ୍ଷା | ··· | କୁମାର ଚନ୍ଦ୍ର ମିଶ୍ର | ··· | ୫୩ |
| ଚତୁର ବୀରବଲ | ··· | ଝରଣା ଘୋଷାଲ | ··· | ୫୫ |
| ଜିଜ୍ଞାସୁର ପୃଷ୍ଠା | ··· | ରାମକୃଷ୍ଣ ଦାସ | ··· | ୫୬ |
| ହନୁମାନଙ୍କ ତାତ୍ପର୍ଯ୍ୟ | ··· | ମନୋଜ ଦାସ | ··· | ୫୮ |


❖

# ପ୍ରାର୍ଥନା

ତୁମକୁ ଅଭିବ୍ୟକ୍ତ କରେ ଏହି ଅପୂର୍ବାଶ୍ଚର୍ଯ୍ୟ ନିରବତା – ବାତୁଳ ମାନୁଷୀ ବିକ୍ଷୁବ୍ଧି ସତ୍ତ୍ୱେ । ଏହି ଅଭେଦ୍ୟ ଏବଂ ଅବ୍ୟାହତ ନିରବତା ସବୁଥିରେ ଏଡ଼ିକି ଜୀବନ୍ତ ଯେ ଜଣେ କର୍ଣ୍ଣପାତ କଲେହିଁ ତାହା ଶୁଣିପାରିବ – ଅନ୍ୟପକ୍ଷରେ ଯାବତୀୟ ବ୍ୟର୍ଥ ନିନାଦ, ବୃଥା ବିକ୍ଷୁବ୍ଧି, ଓଜଃର ନିରର୍ଥକ ଅପଚୟ ସତ୍ତ୍ୱେ । ଆଲୋକ ଓ ଶାନ୍ତିର ଉତ୍ସ ରୂପେ ଏହା ଆମ ସତ୍ତାରେ ହେଉ ପ୍ରସ୍ଫୁଟିତ; ଏହାର ଶକ୍ତି କଲ୍ୟାଣକର ପ୍ରବାହ ରୂପେ ସଭିଙ୍କ ଉପରେ ହେଉ ବିକୀର୍ଣ୍ଣ ।

ତୁମେହିଁ ସମସ୍ତ ଜୀବନର ରସବୋଧ ଏବଂ ସମସ୍ତ କ୍ରିୟାକଳାପର ହେତୁ, ଆମ ଭାବନାର ଲକ୍ଷ୍ୟ ।

ଜାନୁଆରୀ ୨, ୧୯୧୪ — ଶ୍ରୀମା



# ୨୦୧୯ ନବବର୍ଷ ଉପଲକ୍ଷେ ଆଶ୍ରମରେ ବିତରିତ ବାଣୀ


Day and night constantly the Presence is there.
It is enough to turn silently inward
and we detect it.
Let this experience be yours this year.
Love and blessings to my dear child.

Day and night constantly the Presence is there.
It is enough to turn silently inward and we detect it.
Let this experience be yours this year.
Love and blessings to my dear child.

The Mother

ଦିବାରାତ୍ର ଅବ୍ୟାହତ ରହିଛି ଦିବ୍ୟ-ଉପସ୍ଥିତି ।
ନିରବରେ ଅନ୍ତର୍ମୁଖୀ ହେବାହିଁ ଯଥେଷ୍ଟ – ଏବଂ ଆମେ ତା'ର ସନ୍ଧାନ ପାଉଁ ।
ଏ ବର୍ଷ ଏହାହିଁ ହେଉ ତୁମର ଅଭିଜ୍ଞତା ।
ମୋ ସନ୍ତାନ ସକାଶେ ପ୍ରୀତି ଓ ଆଶୀର୍ବାଦ ।

ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

**ଦ୍ୱିତୀୟ ପର୍ବ : ଅଷ୍ଟମ ସର୍ଗ, ମିଥ୍ୟାର ଜଗତ୍, ଅମଙ୍ଗଳର ଜନନୀ ଓ ଅନ୍ଧକାରର ଅପତ୍ୟଗଣ**

**(The World of Falsehood, the Mother of Evil and the Sons of Darkness)**

(୮୦)

## ଶ୍ରୀଅରବିନ୍ଦ

Assuring God's self-cowled neutrality
A mighty opposition conquered Space.

ଆତ୍ମ-ସଂବୃତ ଈଶ୍ୱରଙ୍କ ନିରପେକ୍ଷତା ବିଷୟରେ ନିର୍ଭର ପ୍ରତିଶ୍ରୁତି ଦେଇ ଏକ ବିରାଟ ପ୍ରତିପକ୍ଷ ଶକ୍ତି ବିଶ୍ୱାକାଶ ଉପରେ ବିଜୟାଧିକାର ସାବ୍ୟସ୍ତ କଲା ।

A sovereign ruling falsehood, death and grief,
It pressed its fierce hegemony on the earth;
Disharmonising the original style
Of the architecture of her fate's design,
It falsified the primal cosmic Will
And bound to struggle and dread vicissitudes
The long slow process of the patient Power.

ମିଥ୍ୟା, ମୃତ୍ୟୁ ଓ ଶୋକର ଏକ ସାର୍ବଭୌମ ଶାସନାଧିପତି ପୃଥିବୀ ବକ୍ଷରେ ତା'ର ଭୟଙ୍କର ଏକଛତ୍ର କର୍ତ୍ତୃତ୍ୱକୁ ଚାପି ଧରିଲା; ପୃଥିବୀ ନିୟତିର ନକ୍ସା ଆଙ୍କିଥିବା ସ୍ଥାପତ୍ୟର ମୂଳ ଶୈଳୀକୁ ସଂଗତିହୀନ କରିପକାଇ ଆଦିମ ବିଶ୍ୱ ସଂକଳ୍ପକୁ ତାହା ମିଥ୍ୟା ପ୍ରତିପାଦିତ କଲା ଏବଂ ଧୈର୍ଯ୍ୟଶୀଳା ମହାଶକ୍ତିର ଦୀର୍ଘ ମନ୍ଥର ପ୍ରକ୍ରିୟାକୁ ସଂଘର୍ଷ ଓ ଭୀତିକର ଆବର୍ତ୍ତନ ଭିତରେ ବାନ୍ଧି ରଖିଲା ।

Implanting error in the stuff of things
It made an Ignorance of the all-wise Law;
It baffled the sure touch of life's hid sense,
Kept dumb the intuitive guide in Matter's sleep,
Deformed the insect's instinct and the brute's,
Disfigured man's thought-born humanity.

ବସ୍ତୁସକଳର ଉପାଦାନ ମଧ୍ୟରେ ବିଭ୍ରାନ୍ତି ରୋପଣପୂର୍ବକ ସର୍ବଜ୍ଞାନମୟ ବିଧାନକୁ ଏହା ଅଜ୍ଞାନରେ ପରିଣତ କଲା; ଜୀବନର ସଂଗୁପ୍ତ ବୋଧ ନେଇ ଆସେ ଯେଉଁ ସୁନିଶ୍ଚିତ ସ୍ପର୍ଶ ତାହାକୁ କଲା ବ୍ୟାହତ, ଜଡ଼ର ସୁପ୍ତି ଗର୍ଭରେ ଥିବା ଅନ୍ତର୍ଜ୍ଞାନୀ ଦିଶାରୀକୁ ଏହା ବନାଇ ଦେଲା ମୂକ, କୀଟ ତଥା ଜନ୍ତୁର ସହଜାତ ପ୍ରବୃତ୍ତିକୁ ବିକୃତ କରି ପକାଇଲା ଏବଂ ମଣିଷର ଚିନ୍ତାପ୍ରସୂତ ମନୁଷ୍ୟତ୍ୱକୁ କରିଦେଲା ଶ୍ରୀହୀନ ।

A shadow fell across the simple Ray :
Obscured was the Truth-light in the cavern heart
That burns unwitnessed in the altar crypt
Behind the still velamen's secrecy
Companioning the Godhead of the shrine.

ସହଜ ଆଲୋକରେଖାର ପଥରେ ଆସି ପଡ଼ିଲା ଏକ ଛାୟା : ହୃଦୟ ଗୁହାରେ ଆଚ୍ଛନ୍ନ ହୋଇଗଲା ସତ୍ୟ-ଜ୍ୟୋତିଃ, ଯାହା ଜଳୁଥାଏ ଚକ୍ଷୁର ଅନ୍ତରାଳରେ ପୁଣ୍ୟବେଦୀର ଗହ୍ୱରରେ, ସ୍ଥିର ଘନାବରଣର ଗୋପନ ପୃଷ୍ଠଦେଶରେ, ଗର୍ଭଗୃହସ୍ଥିତ ଦେବତାଙ୍କର ସହଚର ରୂପେ ।

Thus was the dire antagonist Energy born
Who mimes the eternal Mother's mighty shape
And mocks her luminous infinity
With a grey distorted silhouette in the Night.

ଏହିପରି ଭାବରେ ଜନ୍ମ ନେଲା ସେଇ ଦୁର୍ଦ୍ଧର୍ଷ ପ୍ରତିରୋଧୀ ଅପଶକ୍ତି, ଯିଏ ଅନୁକରଣ କରୁଥାଏ ଶାଶ୍ୱତ ଜନନୀଙ୍କର ବିପୁଳ କଳେବର ଏବଂ ଉପହାସ କରୁଥାଏ ତାଙ୍କର ଜ୍ୟୋତିର୍ମୟ ଆନନ୍ତ୍ୟକୁ, ରାତ୍ରି ମଧ୍ୟରେ ପ୍ରସାରିତ କରୁଥାଏ ଏକ ଧୂସର ବିକୃତ ଅପଛାୟା ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଅର୍ଥଶକ୍ତି

## ଶ୍ରୀମା

### ଅର୍ଥଶକ୍ତି

ଅର୍ଥ ହେଉଛି ଏପରି ଏକ ଜଗତର ଅନ୍ତର୍ଭୁକ୍ତ ଯାହା ବିକୃତ ଭାବେ ସୃଷ୍ଟ ହୋଇଛି । ଏହି ଅର୍ଥଶକ୍ତି ରହିଛି ପ୍ରାଣ-ଜଗତରେ; ଏକଥା ଶ୍ରୀଅରବିନ୍ଦ କହିଛନ୍ତି – ନୁହେଁ କି ? ସେ କହିଛନ୍ତି ଯେ ଏହା ବର୍ତ୍ତମାନ ପ୍ରାଣ ଓ ଜଡ଼ ଜଗତର କବଳରେ ରହିଛି । ତେଣୁ ସର୍ବଦା ସବୁ ଯୁଗରେ, ଏହା ରହି ଆସିଛି ଆସୁରିକ ଶକ୍ତିର ନିୟନ୍ତ୍ରଣ ଭିତରେ; ଏବଂ ବର୍ତ୍ତମାନ ଯାହା ଏକାନ୍ତ କରଣୀୟ ତାହା ହେଉଛି – ଏହି ଆସୁରିକ ଶକ୍ତି କବଳରୁ ଅର୍ଥଶକ୍ତିକୁ ପୁନରୁଦ୍ଧାର କରିବା ।

ଏହି କାରଣରୁ ଅତୀତରେ ଯେଉଁମାନେ ଯୋଗସାଧନା କରିବାକୁ ଚାହୁଁଥିଲେ, କିଂବା ଏକ ଯୌଗିକ ଶୃଙ୍ଖଳା ମାନିବାକୁ ଚାହୁଁଥିଲେ, ସେମାନେ କହୁଥିଲେ ଯେ ଯୋଗୀ ବା ଅଧ୍ୟାତ୍ମ-ସାଧକ ଅର୍ଥକୁ ସ୍ପର୍ଶ କରିବା ମଧ୍ୟ ଉଚିତ ନୁହେଁ । କାରଣ ସେମାନେ କହୁଥିଲେ ଏହା ଏକ ପୈଶାଚିକ ଓ ଆସୁରିକ ବ୍ୟାପାର ଏବଂ ଆଧ୍ୟାତ୍ମିକ ଜୀବନର ପ୍ରତିକୂଳ । କିନ୍ତୁ ଏହି ସମଗ୍ର ବିଶ୍ୱ, ତା'ର ସମସ୍ତ ପ୍ରକାର ପ୍ରକାଶମାନତା ଭିତରେ ଈଶ୍ୱରହିଁ ବିଦ୍ୟମାନ, ତେଣୁ ଏ ବିଶ୍ୱ ଓ ତା'ର ସବୁ କିଛି ସଂପୂର୍ଣ୍ଣ ଭାବେ ତାଙ୍କରହିଁ ଅଧୀନ । ଏବଂ ଏହି ଅର୍ଥରେ ଶ୍ରୀଅରବିନ୍ଦ କହିଛନ୍ତି ଯେ ଅର୍ଥଶକ୍ତି ମଧ୍ୟ ଈଶ୍ୱରଙ୍କର । କିନ୍ତୁ ଏହା ଅସୁରମାନଙ୍କ ଦଖଲରେ ଅଛି, ତାକୁ ସେମାନଙ୍କ କବଳରୁ ପୁନରୁଦ୍ଧାର କରିବା ଏବଂ ଈଶ୍ୱରଙ୍କ ହାତରେ ସମର୍ପି ଦେବା ଆବଶ୍ୟକ । ଯାହାଫଳରେ ସେ ତାଙ୍କ ରୂପାନ୍ତର କାର୍ଯ୍ୟ ପାଇଁ ତାହାକୁ ନିୟୋଜିତ କରିବାକୁ ସମର୍ଥ ହେବେ ।

### ଉତ୍ପାଦନ

କେବଳ ଅପଚୟ ନ କରି ଜଣେ ଯଦି କିଛି ଉତ୍ପାଦନ କରେ – ତେବେ ଏହାକୁ ଏକ ସମୃଦ୍ଧି କହିବାକୁ ହେବ । ଏହା ଦ୍ୱାରା କ'ଣ ହୁଏ ନା, ସରଳ ଭାବରେ କହିଲେ – ଜଣେ ଯେତିକି ଟଙ୍କା ଖଟାଇ କିଛି ଉତ୍ପାଦନ କରିଥାଏ, ତା'ର ସେହି ଟଙ୍କାର ମୂଲ୍ୟ ସହ ସମାନ କରି ସେ ଏପରି କିଛି ବସ୍ତୁ ଉତ୍ପାଦନ କରେ, ଯାହାକି ସେ ପୃଥିବୀର ବସ୍ତୁ ସରବରାହ ଧାରା ଭିତରକୁ ପ୍ରବେଶ କରାଇଦିଏ । ଏ ପ୍ରସଙ୍ଗରେ କୁହାଯାଇଥାଏ ଯେ ଜଣେ କେଉଁଠି ଗୋଟିଏ ଖାଲ ବା ଛିଦ୍ର ନ କରି ଆଉ ଠାଏ କିଛି ଗଦାଇ ପାରିବ ନାହିଁ । କିନ୍ତୁ ଏହି ଉକ୍ତିଟି ଯେଉଁମାନେ ବ୍ୟବସାୟ କରୁଛନ୍ତି, ଷ୍ଟକ୍ ଏକ୍ସଚେଞ୍ଜରେ ବେପାର କରୁଛନ୍ତି କିଂବା ଆର୍ଥିକ ଲାଭ ପାଇଁ ଫନ୍ଦା ମେଲିଛନ୍ତି – ସେମାନଙ୍କ ପାଇଁ ସତ୍ୟ ହୋଇପାରେ । ତେବେ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ନ୍ୟାୟ ପଥରେ ରହି ଅନ୍ୟର ବିନା କ୍ଷୟକ୍ଷତିରେ ଆର୍ଥିକ ଲାଭ ଉଠାଇବା ଅସମ୍ଭବ ହୋଇପଡ଼େ । କିନ୍ତୁ ଏ ସତ୍ୟ ଏହାରି ଭିତରେହିଁ ସୀମିତ । ଅନ୍ୟପକ୍ଷରେ ଜଣେ ଉତ୍ପାଦକ ତା'ର ଉତ୍ପାଦନ ବିନିମୟରେ ଯଦି ଲାଭ ଉଠାଇ ଟଙ୍କା ଗଦା କରେ, ତେବେ ସେ ଆଉ ଠାଏ ଛିଦ୍ର, ଖାଲ ବା କ୍ଷତି କରିବାକୁ ଯାଇ ନ ଥାଏ । ନିଶ୍ଚିତ ରୂପେ ଏକଥା ଠିକ୍ ଯେ, ପ୍ରତି ଉତ୍ପାଦନର ଏକ ଆର୍ଥିକ ମୂଲ୍ୟ ରହିଛି । କିନ୍ତୁ ଯଦି ସେହି ଉତ୍ପାଦିତ ପଦାର୍ଥଟି ସାଧାରଣ ମାନବ ସଂପଦ ରୂପେ ଗଚ୍ଛିତ ରଖାଯାଇପାରେ, ତେବେ ତଦ୍ଦ୍ୱାରା ଆଉ କେଉଁଠି କିଛି ଖାଲ ବା କ୍ଷତି ହୁଏ ନାହିଁ । ଏହା ବରଂ ସଂପଦ ବୃଦ୍ଧି କରିଥାଏ । ଏବଂ ଆଉ ଗୋଟିଏ ବାଟରେ, କେବଳ ଏହି ବୈଷୟିକ କ୍ଷେତ୍ରରେ ନୁହେଁ, ସବୁ କ୍ଷେତ୍ରରେ – କଳା, ସାହିତ୍ୟ କିଂବା ବିଜ୍ଞାନ ପ୍ରଭୃତି କ୍ଷେତ୍ରରେ ମଧ୍ୟ ଉତ୍ପାଦନର ଏହି ନୀତି ଓ ନିୟମ ଲାଗୁ ରହିବ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ
## (ପରିଚ୍ଛେଦ : ୭୩)
## ଦୁଇ ବୀର ସହୀଦଙ୍କ ଇତିକଥା
## ମନୋଜ ଦାସ

''ସହୀଦର ଆର୍ତ୍ତକଣ୍ଠସ୍ୱର
ଦିବ୍ୟ-ଧନୁ ନିଃସାରିତ ଦୁର୍ନିର୍ବାର ତୀର ।''
— ଉଇଲିଅମ୍ ବ୍ଲେକ୍[୧]

ଆଲିପୁର କାରାଗାର ଭଳି ସୁରକ୍ଷିତ ଦୁର୍ଗ ଭିତରେ ରାଜସାକ୍ଷୀ ନରେନ୍ ଗୋସାଇଁକୁ ବିପ୍ଳବୀମାନେ ଚିରନୀରବ କରିଦେବେ, ସେଦିନର ଔପନିବେଶିକ ଶାସନକଳ ଉପରେ ଏହା ଥିଲା ଏକ ବଜ୍ରପାତ ଭଳି ବ୍ୟାପାର । କେତେ ସରାଗରେ ବିଚକ୍ଷଣ ରାଜକର୍ମଚାରୀମାନେ ଗୋସାଇଁକୁ ତାଲିମ ଦେଇଥିଲେ ! ଥରେ ଜେରାରୁ ଉତ୍ତୀର୍ଣ୍ଣ ହୋଇଗଲେ ତାହାରି ବିବୃତି ବଳରେ ସରକାରର ପରମ ଶତ୍ରୁ ଶ୍ରୀଅରବିନ୍ଦଙ୍କ ପାଇଁ ସର୍ବାଧିକ ଦଣ୍ଡବିଧାନ ଥିଲା ଅନିବାର୍ଯ୍ୟ ।

ପ୍ରଥମେ ଶାସକମାନଙ୍କ ଧାରଣା ହେଲା ନରେନ୍‌ର ନିଧନର ପଟଭୂମିରେ ରହିଛି କୌଣସି ସାମୂହିକ ବିପୁଳ ଯୋଜନା; ସେଥିରେ ସଂପୃକ୍ତ ଥିବେ କାରାଗାର ତଥା କାରାଗାର ବାହାରର ବହୁ ବିପ୍ଳବୀ । କିନ୍ତୁ ଘମାଘୋଟ ତଦନ୍ତ ଓ ଜେରାରୁ ସ୍ପଷ୍ଟ ହେଲା କାନାଇ ଓ ସତ୍ୟେନ୍ ତଥା ଆଉ ମାତ୍ର ଦୁଇ ତିନିଜଣ ଯୁବକଙ୍କ ବ୍ୟତୀତ କେହି ସେଭଳି ପଦକ୍ଷେପର ସୂଚନା ମଧ୍ୟ ପାଇ ନଥିଲେ ।

କର୍ତ୍ତୃପକ୍ଷଙ୍କ ଗବେଷଣାରୁ ଘଟଣାକ୍ରମ ସ୍ପଷ୍ଟ ହେଲା : ରିଭଲଭରଗୁଡ଼ିକ ଚନ୍ଦନନଗରରେ ସଂଗୃହୀତ ହୋଇଥିଲା । ମୋତିଲାଲ ରାୟ ସେଗୁଡ଼ିକ କାରାଗାର ଭିତରକୁ ପ୍ରେରଣର ବ୍ୟବସ୍ଥା କରିଥିଲେ । କାନାଇ ଓ ସତ୍ୟେନ୍ ଅସୁସ୍ଥ ହେବାର ଛଳନା କରି କାରାଗାର ମଧ୍ୟସ୍ଥ ଆରୋଗ୍ୟ ନିକେତନରେ ଭର୍ତ୍ତି ହେଲେ । ସେ ଦୁହେଁ ମଧ୍ୟ ରାଜସାକ୍ଷୀ ବନିବାକୁ ଉତ୍ସୁକ ବୋଲି ଧାରଣା ସୃଜି ନରେନ୍ ସହ ସାକ୍ଷାତ୍ କରିବାକୁ ଚାହିଲେ । ନରେନ୍ ଆରୋଗ୍ୟ ନିକେତନ ବାରନ୍ଦାରେ ସେମାନଙ୍କୁ ସାକ୍ଷାତ୍ କରନ୍ତେ ସେ ଦୁହେଁ ତା' ଉପରକୁ ଗୁଳିଚାଳନା କଲେ । ସେ ପାହାଚ ଦେଇ ତଳମୁହାଁ ଦୌଡ଼ ଦେଲା । କିନ୍ତୁ ତଳେ ନର୍ଦ୍ଦମା କଡ଼ରେ ପଡ଼ିଗଲା ଓ ଅଚିରେ ଶେଷ ନିଃଶ୍ୱାସ ତ୍ୟାଗ କଲା । କାନାଇ ଓ ସତ୍ୟେନ୍ ବିନା ପ୍ରତିରୋଧରେ କାରାରକ୍ଷୀମାନଙ୍କ ହାତରେ ଧରାଦେଲେ ।[୨]

ଏ ଦୁଃସାହସିକ ପଦକ୍ଷେପର ସହାୟକ ଉପେନ୍ଦ୍ର ଏବଂ ହେମଚନ୍ଦ୍ର ବନ୍ଦୀମାନଙ୍କୁ ଜଣାଇ ଦେଇଥିଲେ ଯେ ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶ — କେହି ଯେମିତି ଆପାତତଃ ଆରୋଗ୍ୟ ନିକେତନରେ ଭର୍ତ୍ତି ହେବେ ନାହିଁ — ଯେତେ଼ ଅସୁସ୍ଥ ହେଲେ ମଧ୍ୟ । କହିବା ବାହୁଲ୍ୟ, ଯୋଜନା ସମ୍ପର୍କରେ କେହି ଯେମିତି କ୍ଷୀଣତମ ଆଭାସ ନପାଇବେ, ଏହାହିଁ ଥିଲା ସେଭଳି ପ୍ରଚାରର ଉଦ୍ଦେଶ୍ୟ ।

ଶ୍ରୀଅରବିନ୍ଦ କିନ୍ତୁ ଏ ସମ୍ପର୍କରେ କିଛି ଜାଣି ନଥିଲେ ।

ତେବେ କାନାଇ ଓ ସତ୍ୟେନ୍ ଯେ ସୁରୁଖୁରୁରେ କର୍ମଟି ନିର୍ବାହ କରି ପାରିଥିଲେ, ତାହା ନୁହେଁ । ଦୁଇଜଣ ୟୁରୋପୀୟ କର୍ମଚାରୀ, ହିଗିନ୍‌ସ୍ ଏବଂ ଲିଣ୍ଟନ୍ ଗୁଳି ଶବ୍ଦ ଶୁଣିବା ମାତ୍ରେ ଦୌଡ଼ି ଆସିଥିଲେ । ହିଗିନ୍‌ସ୍ କାନାଇକୁ ଏବଂ ଲିଣ୍ଟନ୍ ସତ୍ୟେନ୍‌କୁ କାବୁ କରିବାକୁ ଚେଷ୍ଟା କରିଥିଲେ । ଦୁହେଁ ଭୂପତିତ ହୋଇଥିଲେ । ହିଗିନ୍‌ସ୍‌ର ଗୋଟାଏ ବୁଢ଼ା ଅଙ୍ଗୁଳିର ଉପରିଭାଗ କାନାଇର ଗୁଳିରେ ଉଡ଼ିଗଲା ।

''ଇନ୍ଦୁପ୍ରକାଶ'' (ମୁମ୍ବାଇ) ମନ୍ତବ୍ୟ ଦେଲା ଯେ ରୁଷ୍ ଓ ସ୍ପେନିସ୍ ବିପ୍ଳବୀମାନଙ୍କ ତୁଳନାରେ କାନାଇ ଓ ସତ୍ୟେନ୍ ଅଧିକ ଭାବାକୁଳ ସାହସୀ । ଦୁହେଁ କର୍ମରେ ଓ ପ୍ରତିଶୋଧରେ କ୍ଷିପ୍ର, ଦୁଇ ଜଣ ବଳବାନ୍ ୟୁରୋପୀୟ ୱାର୍ଡେନ୍‌କୁ ଧରାଶାୟୀ କରି ରାଜସାକ୍ଷୀ କବଳରୁ ବନ୍ଦୀମାନଙ୍କୁ ସୁରକ୍ଷା ଦେବାରେ କୁଶଳୀ ![୩]

ବିପ୍ଳବୀମାନଙ୍କ ଆଦର୍ଶକୁ ସେ ପତ୍ରିକା ଏମିତି ଭାବରେ ଉପସ୍ଥାପନ କଲା : ''ବରଂ ଅଧଡଜନ ବଦ୍-ଫିଳେହି ୟୁରୋପୀୟ ବର୍ତ୍ତି ଯାଆନ୍ତୁ, କିନ୍ତୁ ବିଶ୍ୱାସଘାତକକୁ ପଳାଇ ଯିବାର ସୁଯୋଗ ଦିଆଯାଇ ପାରେନା ।''[୪]

ବନ୍ଦୀମାନଙ୍କୁ ଅଲଗା ଅଲଗା କକ୍ଷମାନଙ୍କରେ ତାଲାବଦ୍ଧ କରିବା ଅନ୍ତେ କାରାଗାର ପରିସରରେ ନିରବତା ବିରାଜମାନ କଲା । କେତେଜଣ କର୍ମଚାରୀ ଦଣ୍ଡିତ ହେଲେ, କିନ୍ତୁ ମାସ ମାସ ଧରି ବହୁ ସଂଖ୍ୟକ ଉଚ୍ଚପଦାଧିକାରୀଙ୍କ ନୟନମାନଙ୍କରୁ ସୁଖନିଦ୍ରା ଶୋଷିନେଲା ଆତଙ୍କ । ବିଚାରାଳୟ ଓ ସଂପୃକ୍ତ ସଂସ୍ଥା ଚତୁର୍ଦିଗକୁ ଘେରି ରଖିଲା ସନ୍ଦେହ ଓ ଅନିଶ୍ଚୟତା ।

୧୯୦୮ ନଭେମ୍ବର ୧୨ ତାରିଖ ସଂଖ୍ୟା 'ଟାଇମ୍ସ୍'(ଲଣ୍ଡନ) ଜଣାଇଲା : ''ଭୟ ପ୍ରଦର୍ଶକ ପତ୍ରମାନ କଲିକତାରେ ବିତରିତ ହେଉଛି । ସରକାରୀ ଓକିଲ ୟାର୍ଡ଼ଲେ ନର୍ଟନଙ୍କ ପାଖକୁହିଁ ସବୁଠାରୁ ଅଧିକ ସଂଖ୍ୟାରେ ସେସବୁ ଆସୁଛି ।''(୪)

ୟାର୍ଡ଼ଲେ ନର୍ଟନ ନିଜେ ଲେଖିଛନ୍ତି : ''ସରକାରୀ ଓକିଲଙ୍କ ଅସ୍ତିତ୍ୱ ଉଡ଼ାଇ ଦିଆଯିବ ବୋଲି ପ୍ରଥମ ପତ୍ର ପାଇ ସେଦିନ ବିଚାରକାର୍ଯ୍ୟ ସମାପ୍ତ ହୁଅନ୍ତେ ମୁଁ ବାରୀନ୍ଦ୍ର ପାଖକୁ ଯାଇ ତାଙ୍କୁ ପଚାରିଲି, ସେ ମୋତେ ନିଃଶେଷ କରିଦେବା ପ୍ରସ୍ତାବ ସମର୍ଥନ କରୁଛନ୍ତି କି ? ସେ ସୌଜନ୍ୟ ପ୍ରଦର୍ଶନ ସହକାରେ କହିଲେ, ମୋର ତିଷ୍ଠି ରହିବାରେ ତାଙ୍କର ବ୍ୟକ୍ତିଗତ ଆପତ୍ତି ନଥିଲେ ମଧ୍ୟ ବିପ୍ଳବୀମାନଙ୍କ ଦୃଷ୍ଟିକୋଣରୁ ମୁଁ ଅନ୍ୟାୟର ପ୍ରତିନିଧି ଏବଂ ସେ ମୋ ନିଧନରେ ଦୁଃଖିତ ହେଲେ ମଧ୍ୟ ସେଦିଗରେ କୌଣସି କର୍ମକୁ ସେ ନିଷେଧ କରିପାରିବେ ନାହିଁ ।''(୬)

ବାରୀନ୍ଦ୍ର କୁମାର ଆହୁରି ମଧ୍ୟ ଜଣାଇଲେ କି ନର୍ଟନ ବିପ୍ଳବୀମାନଙ୍କ ପାଇଁ ତୁଚ୍ଛ, ସେମାନେ ପ୍ରଧାନ ସେନାପତି ବା ବଡ଼ଲାଟଙ୍କୁ ଯଥାସମୟରେ ଶେଷ କରିବାରେ ଆଗ୍ରହୀ । ନର୍ଟନ କହିଲେ ବ୍ରିଟେନ୍‌ରେ ସେଭଳି ପଦ ପାଇଁ ଉପଯୁକ୍ତ ପ୍ରାର୍ଥୀଙ୍କର ଅଭାବ ଘଟିବ ନାହିଁ । ଉତ୍ତରରେ ବାରୀନ୍ଦ୍ର କୁମାର ଜଣାଇଲେ କି ଦିନେ ନା ଦିନେ ଶୂନ୍ୟ ପଦମାନ ପୂରଣ କରିବା ନିମନ୍ତେ ପ୍ରାର୍ଥୀଙ୍କ ଅଭାବ ପଡ଼ିବହିଁ ପଡ଼ିବ ! କିଛି କାଳ ପରେ ଦିଲ୍ଲୀରେ ଲର୍ଡ ହାର୍ଡ଼ିଞ୍ଜ୍‌ଙ୍କ ଉପରେ ଆକ୍ରମଣ ପ୍ରମାଣ କଲା ଯେ ବାରୀନ୍ଦ୍ର ଅତ୍ୟୁକ୍ତି କରୁ ନଥିଲେ ।

ବିପ୍ଳବୀମାନେ ନର୍ଟନ୍‌ଙ୍କ ପାଖକୁ ବିନା ଡାକଟିକଟରେ ଚିଠିମାନ ପଠାଇବାକୁ ଆରମ୍ଭ କରନ୍ତେ ସେଗୁଡ଼ିକୁ ସେ ଗ୍ରହଣ କରିବାକୁ ନାସ୍ତି କଲେ । କିନ୍ତୁ ତାଙ୍କ ''ଦକ୍ଷିଣ ହସ୍ତ'' ରୂପେ କାର୍ଯ୍ୟ କରୁଥିବା ଶାମ୍‌ସୁଲ୍ ଆଲାମ ନିଜ ପକେଟରୁ ଖର୍ଚ୍ଚକରି ସେସବୁ ସଂଗ୍ରହ କରୁଥା'ନ୍ତି । ହାଇକୋର୍ଟ ବାରନ୍ଦାରେହିଁ ଦିନେ ଶାମ୍‌ସୁଲ୍ ଗୁଳିବିଦ୍ଧ ହୋଇ ପ୍ରାଣ ଦେଲେ ।

ହର୍ଷଭରେ କାନାଇ ଘୋଷଣା କଲେ ଗୋସାଇଁର ନିଧନ ନିମନ୍ତେ ସେ ଏକାହିଁ ଦାୟୀ, ସତ୍ୟେନ୍ ନୁହନ୍ତି । ପରିଣତି ସମ୍ପର୍କରେ ସେ ସଂପୂର୍ଣ୍ଣ ସଚେତନ ।

କ୍ଷିପ୍ର ବିଚାରରେ ଉଭୟଙ୍କୁ ମିଳିଲା ପ୍ରାଣଦଣ୍ଡ । ସତ୍ୟେନ୍‌ଙ୍କୁ ରକ୍ଷା କରିବା ନିମନ୍ତେ କାନାଇ ଦେଇଥିବା ବିବୃତି ପ୍ରତି ସମ୍ମାନ ଦେଇ ସତ୍ୟେନ୍‌ଙ୍କ ତରଫରୁ ଆବେଦନ କରାଗଲା । ପାଞ୍ଚଜଣ ଜୁରିରୁ ତିନିଜଣ ତାଙ୍କ ସପକ୍ଷରେ ମତ ଦେଲେ ମଧ୍ୟ । କିନ୍ତୁ ତାଙ୍କ ପ୍ରାଣଦଣ୍ଡ କାଏମ ରହିଲା ।

୧୯୦୮ ମସିହା ନଭେମ୍ବର ୧୦ ତାରିଖ ଦିନ ସକାଳ ପାଞ୍ଚଟାରୁ ଛଅଟା ଭିତରେ କାରା ପରିସର ଭିତରେ କାନାଇଙ୍କୁ ଫାଶୀ ଦିଆଗଲା । ସେ ଘଟଣାର ସାକ୍ଷୀ ରୂପେ ତଥା ଅନ୍ୟମାନଙ୍କଠାରୁ ତଥ୍ୟ ସଂଗ୍ରହ କରି ଉପେନ୍ଦ୍ର ଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଲେଖିଥିବା ବିବରଣୀ ଉପରେ ଦୃଷ୍ଟି ଦିଆଯାଉ । (ସଂକ୍ଷେପିତ । ବନ୍ଧନୀଭୁକ୍ତ ଅଂଶ ଏହି ଲେଖକର ।) :

''ସେ (କାନାଇ) କାରାଗାର ଡାକ୍ତରଙ୍କୁ ତାଙ୍କୁ ଭୋର ତିନିଟା ବେଳେ ନିଦରୁ ଉଠାଇ ଦେବାକୁ ଅନୁରୋଧ କରିଥିଲା – ଯେହେତୁ ପ୍ରାୟ ଚାରିଟା ବେଳେ ତା' ନିଦ ତୁଟେ । ଡାକ୍ତର ତା' ଶାନ୍ତିପୂର୍ଣ୍ଣ ନିଦ ଭାଙ୍ଗିବାକୁ ଚାହୁ ନଥିଲେ । ସେ ନିଜେ କିନ୍ତୁ ଉଠିପଡ଼ିଲା ଏବଂ ଗାଧୁଆ-ପାଧୁଆ କରି ପ୍ରାର୍ଥନା ଶେଷ କଲା । ତା'ପରେ ଗୀତା ଏବଂ ଭାଗବତରୁ କିଛି କିଛି ପଢ଼ିସାରି ତାକୁ ଫାଶୀ ମଞ୍ଚକୁ ନେଇଯିବା ନିମନ୍ତେ ପ୍ରସ୍ତାବ ଦେଲା । ପାଞ୍ଚଟା ବାଜିବାକୁ ଆହୁରି ଅଧଘଣ୍ଟାଏ ଥିଲା, କିନ୍ତୁ ମୃତ୍ୟୁପଥିକ ବନ୍ଦୀର ଶେଷଇଚ୍ଛା ପାଳନ କରିବାକୁ ହୁଏ ।

''ମୁଁ ରାତିରେ ଶୋଇ ପାରି ନଥିଲି । ପାଞ୍ଚଟା ବାଜିବାର କିଛି ସମୟ ପୂର୍ବରୁ ଆମେ କାରାଗାରରେ ଉପନୀତ ହେଲୁଁ । ସେତେବେଳକୁ ସେଠାରେ ଅନେକେ ସମବେତ ହୋଇ ସାରିଥିଲେ । ସେମାନଙ୍କ ଭିତରେ ଥିଲେ ଯତୀନ୍ ମୁଖାର୍ଜି (ପରେ ବାଘା ଯତୀନ୍ ରୂପେ ବିଖ୍ୟାତ), ରାସବିହାରୀ ବୋଷ, ନରେନ୍ ଭଟ୍ଟାଚାର୍ଯ୍ୟ (ପରେ ଏମ୍. ଏନ୍. ରାୟ ଭାବରେ ବିଖ୍ୟାତ) ଏବଂ ବିପିନ ବିହାରୀ ଗାଙ୍ଗୁଲି (ଯେଉଁ ବିପ୍ଳବୀ ନେତାଙ୍କ ସ୍ମୃତିରେ କଲିକତାରେ ପୂର୍ବରୁ ବହୁ ବଜାର ଷ୍ଟ୍ରିଟ୍ ନାମରେ ବିଦିତ ରାସ୍ତାର ନାମକରଣ ହୋଇଛି) । କାନାଇର ବଡ଼ଭାଇ ଆଶୁତୋଷ ଦତ୍ତଙ୍କୁ ସାହଚର୍ଯ୍ୟ ଦେଉଥା'ନ୍ତି ଅମରେନ୍ଦ୍ର ଚଟ୍ଟୋପାଧ୍ୟାୟ (ଯେଉଁ ଯୁବ ବିପ୍ଳବୀ ପରବର୍ତ୍ତୀ ବର୍ଷ ଶ୍ରୀଅରବିନ୍ଦଙ୍କର ଉତ୍ତରପଡ଼ାଠାରେ ଅଭ୍ୟର୍ଥନାର ଆୟୋଜନ

କରିଥିଲେ) । କାନାଇର ମୃତଦେହ ଗ୍ରହଣ କରିବାର ଅନୁମତି ପାଇଥିଲେ ଆଶୁତୋଷ ବାବୁ ।

''କାରାଧକ୍ଷ ଜଣେ ଆୟାର୍ଲାଣ୍ଡବାସୀ । କାନାଇର ନିର୍ଭୀକତା ତାଙ୍କୁ ମୁଗ୍ଧ କରିଥାଏ । ଫାଶୀ ମଞ୍ଚ ଆରୋହଣ କରି କାନାଇ ପରୀକ୍ଷା କରିବା ରୀତିରେ ରଜ୍ଜୁକୁ ଟାଣିଲା । ତା'ପରେ ତଳକୁ ଆସି ଉପସ୍ଥିତ ବ୍ୟକ୍ତିମାନଙ୍କ ସହ ଖୁସି ମନରେ କଥାବାର୍ତ୍ତା କଲା । ପାଞ୍ଚଟା ବାଜିଲା । ସେ ନିଜ ଚଷମା ବାହାର କରି ଡାକ୍ତରଙ୍କୁ ହସ୍ତାନ୍ତର କଲା ଓ କହିଲା, 'ମୋ ଭାଇକୁ ଦେଇ ଦେବେ ।'

''ମୃତ୍ୟୁ ଘଣ୍ଟି ବାଜିଲା । କାନାଇ ସମାପ୍ତି ଲଭିଲା ।

''କବାଟ ଦେଇ ଉଙ୍କିମାରି ଦେଖୁଥିଲି ଭିତରେ ସଭିଏଁ କାର୍ଯ୍ୟବ୍ୟସ୍ତ । କାରାଧକ୍ଷ, ଜେଲର୍ ଏବଂ ଡାକ୍ତର – ସଭିଏଁ ରୁମାଲ ଯୋଗେ ଆଖି ପୋଛି କାଗଜପତ୍ର କାମ ଶେଷ କରିବା ନିମନ୍ତେ ଟେବୁଲ ପାଖରେ ଉପବିଷ୍ଟ ଥା'ନ୍ତି । କଳା ରୁମାଲ ଆନ୍ଦୋଳିତ କରି କେତେଜଣ ୟୁରୋପୀୟ ମହିଳା ଚାଲିଗଲେ । ତା'ପରେ ଡାକ୍ତର ଆଶୁତୋଷ ବାବୁଙ୍କ ପାଖକୁ ଆସି ଉଦ୍‌ଗତ ଅଶ୍ରୁ ରୋକି କହିଲେ, 'କିଛି ମନେ କରିବେ ନାହିଁ । ଜୀବିକା ପାଇଁ ମୋତେ କାମ କରିବାକୁ ପଡୁଛି ।...'

''ଆଶୁବାବୁ ବିଷଣ୍ଣ ଭାବରେ ସାନ୍ତ୍ୱନା ଦେଇ କହିଲେ, 'ଆପଣ ତ ଦାୟୀ ନୁହନ୍ତି !'

ଡାକ୍ତର କହିଲେ, ''ବହୁତ ଫାଶୀ ମୋତେ ଦେଖିବାକୁ ପଡ଼ିଛି । କିନ୍ତୁ ଏମିତି ମୁଁ ଦେଖି ନାହିଁ କି ଦେଖିବି ନାହିଁ । ମୁଁ ଧନ୍ୟ ।' ଦୀର୍ଘ ନିଃଶ୍ୱାସ ନେଇ ସେ ପୁଣି କହିଲେ, 'ମୃତ୍ୟୁ ଦଣ୍ଡ ଘୋଷଣା ପରେ ଦିନ କେତୋଟି ସେ ଯେମିତି ଆନନ୍ଦଭରେ ବିତାଉ ଥା'ନ୍ତି, ୟୁରୋପୀୟ ବା କୌଣସି ଜାତିର କୌଣସି ବନ୍ଦୀ ସେମିତି କରିବାର ଦେଖି ନାହିଁ । ସେ ଗାଢ଼ ନିଦରେ ଶୋଇ ଠିକ୍ ତିନିଟା ବେଳେ ଉଠି ସ୍ନାନ ପରେ ପ୍ରାର୍ଥନା କଲେ ଓ ଗୀତା ତଥା ଭାଗବତ ପାଠ କଲେ । ନିର୍ଭୀକ, ଦୃଢ଼ ପଦକ୍ଷେପରେ ସେ ଫାଶୀମଞ୍ଚ ଆରୋହଣ କଲେ ।'

''ତତ୍ପରେ ଡାକ୍ତର କାନାଇର ଚଷମା ଆଶୁତୋଷ ବାବୁଙ୍କୁ ଦେଲେ ଓ କହିଲେ, 'ଆପଣଙ୍କୁ ଦେବାକୁ ସେ ମୋତେ ନିର୍ଦ୍ଦେଶ ଦେଇଥିଲେ ।'

''ଆମେ ସ୍ତବ୍ଧ ହୋଇ ସେ କଥାବାର୍ତ୍ତା ଶୁଣୁଥାଉଁ ।

''ସାତଟା ବେଳେ କାରାକର୍ତ୍ତୃପକ୍ଷ କାନାଇର ଦେହ ହସ୍ତାନ୍ତର କଲେ । ଜନ-ସମାବେଶରୁ ଉଠିଲା ପ୍ରବଳ ବନ୍ଦେ ମାତରମ୍ ଧ୍ୱନି । ଅନେକେ ପୁଷ୍ପସ୍ତବକ ଓ ମାଳା ଆଣିଥା'ନ୍ତି । ସହୀଦଙ୍କ କଳେବର ସେସବୁ ଯୋଗେ ସଜ୍ଜିତ କରାଗଲା । ଶବାଧାର ବହନ କରିବାକୁ ଉତ୍ସୁକ ଥିଲେ ଅନେକେ ।

''ଶୋଭାଯାତ୍ରା ଆରମ୍ଭ ହେଲା (କାଳୀଘାଟ ନିକଟସ୍ଥ କେଓଡ଼ତଲା ଶ୍ମଶାନ ଅଭିମୁଖେ) ସ୍ୱଦେଶୀ ସଙ୍ଗୀତ ସହଯୋଗେ । ହଜାର ହଜାର ଲୋକ ଶୋଭାଯାତ୍ରାରେ ସାମିଲ ହେଲେ । ସେଦିନ କାଳୀଘାଟର ଦୋକାନସବୁର ଯାବତୀୟ ଫୁଲ, ଚନ୍ଦନ ଏବଂ ସିନ୍ଦୁର ବିକ୍ରି ହୋଇଯାଆନ୍ତେ ଦେବୀଙ୍କ ପୂଜାରେ ଅସୁବିଧା ଉପୁଜି ଥିଲା । ପୁରୁଷ ଓ ନାରୀମାନଙ୍କ ପାଇଁ ଦୁଇ ଭିନ୍ନ ଧାଡ଼ି କଲେ ସ୍ୱେଚ୍ଛାସେବକମାନେ । କିନ୍ତୁ ସେ ଗହଳିରେ ଶୃଙ୍ଖଳା ଆଣିବା ହେଲା ଅସମ୍ଭବ । ଶ୍ମଶାନରେ ପହଞ୍ଚିବା ବେଳକୁ ଦିନ ସାଢ଼େ ଏଗାର । (ସମବେତ ଚାନ୍ଦାରେ କ୍ରୀତ) ଚନ୍ଦନ କାଠସ୍ତୁପ ଉପରେ ଶାୟିତ ବଙ୍ଗଦେଶର ବିପ୍ଳବୀ ରାଜପୁତ୍ର ଘୃତସ୍ନାନ କରି ଦଗ୍ଧ ହେବା ବେଳକୁ ଦ୍ୱିପ୍ରହର ।''(୭)

ସେ ଅନୁଷ୍ଠାନର ବହୁ ବିବରଣୀ ଭିତରୁ ଆଉ ଗୋଟିଏ ଉପରେ ଦୃଷ୍ଟି ଦିଆଯାଉ, ''ଦାହ ଉତ୍ତାରୁ ଲୋକେ ଭସ୍ମରାଶି ଭିତରୁ ଛୋଟ ଛୋଟ ଅସ୍ଥିଖଣ୍ଡ ସ୍ମାରକୀ ଭାବରେ ସଂଗ୍ରହ କରିନେଲେ । ଭସ୍ମ ଗଙ୍ଗାରେ ବିସର୍ଜନ ହୋଇପାରିଲା ନାହିଁ – ଯେହେତୁ ଲୋକେ ରୁପା ଡବା ସମେତ ନାନା ପ୍ରକାର ଆଧାରରେ ସବୁତକ ଗୋଟାଇ ନେଲେ । ଦୂର-ଦୂରାନ୍ତରକୁ ପ୍ରେରଣ କରିବା ନିମନ୍ତେ ଅଳ୍ପ ଅଳ୍ପ ଭସ୍ମ କାଗଜ ପୁଡ଼ିଆରେ ବନ୍ଦ କରାଗଲା । ଫୁଲ-ବିକ୍ରେତାମାନେ ବିନାମୂଲ୍ୟରେ ଫୁଲ ତକ ଓଜାଡ଼ି ଦେଇ (ଦାହସ୍ଥଳ ଉପରେ) ସେମାନଙ୍କ ଶ୍ରଦ୍ଧା ଜ୍ଞାପନ କରୁଥା'ନ୍ତି ।

''ଅପରାହ୍ଣରେ କଲେଜ ସ୍କୋୟାରଠାରୁ ଏକ ଶୋଭାଯାତ୍ରା ଆରମ୍ଭ ହେଲା । ମହିଳାମାନଙ୍କ ସମବେତ ଶଙ୍ଖଧ୍ୱନିରେ ବାତାବରଣ ପ୍ରକମ୍ପିତ ହେଉଥାଏ । ଜଣେ ବୃଦ୍ଧବ୍ୟକ୍ତି ଆବୃତ୍ତି କଲେ :

''Forget the love of all that is dear,
Forget the World's worry and care,
Close in sleep thy shining eyes !
Where no darkness prevails or no tear,
Where glory decks the hero's bier,
Up Kanai, up to Paradise !.''(୮)

ବିପ୍ଳବୀମାନଙ୍କୁ ଜନସାଧାରଣ କେତେ ଗଭୀର ଶ୍ରଦ୍ଧା

କରୁଥିଲେ ? ଏହାର ଉତ୍ତର ମିଳିବ 'ଟାଇମ୍‌ସ୍' (ଲଣ୍ଡନ) ୧୯୦୮ ନଭେମ୍ବର ୧୨ ତାରିଖ ସଂଖ୍ୟାରୁ :

''ମନେହୁଏ, ପ୍ରଥମେ ଯେଉଁ ସମ୍ବାଦ ମିଳିଥିଲା, ତାହାଠୁଁ ବହୁ ଅଧିକ ଗମ୍ଭୀର ଥିଲା କାନାଇର ଶେଷକୃତ୍ୟର ପରିବେଶ । ଏହା ଥିଲା ଅଭୂତପୂର୍ବ । ହଜାର ହଜାର ଲୋକ କାନାଇର ମୁହଁକୁ ଦେଖୁଥିଲେ – ତାକୁ ହତ୍ୟା କରାଯାଇଛି, ଏହି ଦୃଷ୍ଟିକୋଣରୁ । ପରଦାନସୀନ୍ ମହିଳାମାନେ ବନ୍ଦ ଗାଡ଼ିଯୋଗେ ଶ୍ମଶାନକୁ ଯାଉଥା'ନ୍ତି । ଶ୍ମଶାନଘାଟରେ ଶହ ଶହ ଟଙ୍କା ଚାନ୍ଦା ଉଠିଲା ଚିତାକୁ ମୂଲ୍ୟବାନ୍ ଇନ୍ଧନ ଯୋଗେ ଗୌରବୋଜ୍ଜ୍ୱଳ କରିବା ନିମନ୍ତେ । ସୁନା ଓ ରୁପା ପାତ୍ରମାନଙ୍କରେ ଭସ୍ମ ସଂଗୃହୀତ ହେଉଥାଏ । କ୍ଷୁଦ୍ର କ୍ଷୁଦ୍ର ଅସ୍ଥିଖଣ୍ଡମାନ ଦୂରଦୂରାନ୍ତରକୁ ପଠାଇବା ନିମନ୍ତେ ରଖାହେଲା ।''(୯)

ନଭେମ୍ବର ୧୪ ତାରିଖ 'ଟାଇମସ୍'ରେ ପ୍ରକାଶ ପାଇଲା : ''ଆଂଗ୍ଲୋ-ଇଣ୍ଡିଆନ୍ ସମ୍ବାଦପତ୍ରମାନେ କାନାଇର ଶବ ଶୋଭାଯାତ୍ରା ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି ।... (ବଙ୍ଗଦେଶର) ବିଶିଷ୍ଟ ସମ୍ବାଦପତ୍ର 'ବସୁମତି' ଜଣାଇଛି ଯେ ଶୋଭାଯାତ୍ରା ଉପରେ ଲୋକେ ମୁଦ୍ରା ଓ ଶସ୍ୟ ବର୍ଷା କରୁଥିଲେ । ମହିଳାମାନଙ୍କ ଦାବିକୁ ସମ୍ମାନ ଦେଇ କାନାଇର ମୁଖମଣ୍ଡଳ ଅନାବୃତ ରଖାଯାଇଥାଏ ଏବଂ ପ୍ରାୟ ପ୍ରତି ତୃତୀୟ ଘର ଆଗରେ ଶବାଧାରକୁ କିଛି ସମୟ ନିମନ୍ତେ ରହିବାକୁ ପଡୁଥାଏ ।

''ଷ୍ଟେଟ୍‌ସମ୍ୟାନ୍ ଖୁବ୍ କଡ଼ା ଭାବରେ ଏ ଶୋଭାଯାତ୍ରାକୁ ନିନ୍ଦା କରିଛି । ସେ କାଗଜ ଲେଖିଛି, 'ଏଭଳି ଶୋଭାଯାତ୍ରା ଗୋଟାଏ ନୂଆ ଅସ୍ୱସ୍ତିକର ଘଟଣା । ହିଂସାଧର୍ମୀ ବିପ୍ଳବୀମାନଙ୍କ ପ୍ରତି ବିପୁଳ ସଂଖ୍ୟକ ଲୋକଙ୍କର ଏଭଳି ଖୋଲା ସହାନୁଭୂତି ପ୍ରଦର୍ଶନର ଏହାହିଁ ପ୍ରଥମ ଦୃଷ୍ଟାନ୍ତ ।'

''ଷ୍ଟେଟ୍‌ସମ୍ୟାନ୍ ରାଜଭକ୍ତମାନଙ୍କୁ ଚେତାଇ ଦେଇଛି ଯେ ସେମାନେ ଜାଗି ନଉଠିଲେ ସେମାନଙ୍କ ଅସ୍ତିତ୍ୱ ଅଛି ବୋଲି ଜଣାପଡ଼ିବ ନାହିଁ । ଜନମତ ଯଦି ଏବେଠାରୁ ଏଭଳି ବିଶୃଙ୍ଖଳାକୁ ନିନ୍ଦା ନକରେ ତେବେ ସରକାର ଏହା ଦମନ କରିବାକୁ ବାଧ୍ୟ ହେବେ ଏବଂ ଯେକୌଣସି ରୀତିରେ ତାହା କରିପାରନ୍ତି ।''(୧୦)

ବିସ୍ମିତ ଓ ଭୟଭୀତ ସରକାର ସ୍ଥିର କଲେ ଯେ ସତ୍ୟେନ୍‌ର ଦେହ କାରାଗାର ପରିସରରେହିଁ ଦାହ କରାଯିବ । ୧୯୦୮ ମସିହା ନଭେମ୍ବର ୨୧ ତାରିଖ ପ୍ରଭାତରେ ସେ କାମଟି ସେମାନେ କରିଦେଲେ ମଧ୍ୟ । ବିପ୍ଳବୀମାନଙ୍କର ଜଣେ ମିତ୍ର ଏ. ସି. ରାୟ ଅନ୍ୟ କେତେଜଣଙ୍କ ସହ କାରା ଫାଟକ ଆଗରେ ଉପସ୍ଥିତ ଥିଲେ । ସେ ଲେଖିଛନ୍ତି :

''ଧଳା ପୋଷାକ ପରିହିତ ଜଣେ ସାହେବ, ପୁଲିସ ସୁପରିନ୍‌ଟେଣ୍ଡେଣ୍ଟ, ମୋ ପାଖକୁ ଆସି କହିଲେ, 'ଏଥର ତୁମେ ଯାଇପାର । ସବୁ ଶେଷ । ସତ୍ୟେନ୍ଦ୍ର ବୀର ଭଳି ମୃତ୍ୟୁବରଣ କଲେ । କାନାଇଠୁଁ ଅଧିକ ।' ତା'ପରେ ଜଣେ ସର୍ଜେଣ୍ଟ୍ ଆସି ମୋତେ ଜଣାଇଲେ, 'ମୁଁ ଯେତେବେଳେ ସତ୍ୟେନ୍‌ଙ୍କ କୋଠରିକୁ ଗଲି ତାଙ୍କୁ ଫାଶୀମଞ୍ଚକୁ ନେଇଯିବା ସକାଶେ, ସେ ଜାଗ୍ରତ୍ ଥିଲେ । ମୁଁ କହିଲି କି ସତ୍ୟେନ୍ଦ୍ର, ପ୍ରସ୍ତୁତ ହୁଅ । ସେ ହସିଦେଇ କହିଲେ କି ମୁଁ ତ ପ୍ରସ୍ତୁତ ହୋଇରହିଛି । ସେ ସ୍ୱାଭାବିକ ଗତିରେ ଫାଶୀମଞ୍ଚକୁ ଗଲେ । ବୀର ଭଳି ମଞ୍ଚ ଆରୋହଣ କଲେ । ବାସ୍ତବିକ ସାହସୀ ଯୁବକ !''(୧୧)

ନଭେମ୍ବର ୨୦ ତାରିଖର 'ଟାଇମସ୍'ରେ ଆମେ ପଢୁ : ''ଦୈନିକ 'ଇଂଲିସମ୍ୟାନ୍'ର ବଙ୍ଗୀୟ ସାମ୍ବାଦିକ ଲେଖିଛନ୍ତି, ନରେନ୍ ଗୋସାଇଁ ହତ୍ୟାର ଦ୍ୱିତୀୟ ଆସାମୀ ସତ୍ୟେନ୍ଦ୍ରଙ୍କର ଶେଷକୃତ୍ୟ କାରାଗାର ପରିସର ଭିତରେହିଁ ସମାହିତ କରିବା ନିମନ୍ତେ କର୍ତ୍ତୃପକ୍ଷଙ୍କ ସିଦ୍ଧାନ୍ତର ତୀବ୍ର ନିନ୍ଦା କରୁଛନ୍ତି ଛାତ୍ରମାନେ । ସେମାନେ କହିଛନ୍ତି ଯେ ଦିନଟି ଶୋକ ଦିବସ ରୂପେ ପାଳିତ ହେବ ଏବଂ ଯାହା ହେଲେ ମଧ୍ୟ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହେବ ଏବଂ ମହିଳାମାନେ ଦିନବ୍ୟାପୀ ଶଙ୍ଖଧ୍ୱନି କରୁଥିବେ ।(୧୨)

'ଲଣ୍ଡନ ଟାଇମସ୍'ର ୨୧ ତାରିଖ ସଂଖ୍ୟାରେ ପ୍ରକାଶିତ ଏକ ସମ୍ବାଦ :

''ବଙ୍ଗଳା ସମ୍ବାଦପତ୍ର 'ବସୁମତି' ଲେଖିଛି, 'ସତ୍ୟେନ୍‌ଙ୍କ ଫାଶୀ ବେଳେ କେହି ସ୍ୱଦେଶବାସୀ ପାଖରେ ନଥିବେ, ଥିବେ ଖାଲି ଗୋରା ଲୋକେ ! ଏହା କି ପ୍ରକାର ନ୍ୟାୟ ? ମୃତ କଳେବରର ସଂସ୍କାର ଧର୍ମବିଧି ଅନୁସାରେ ହୁଏ । ଏହା କରିବାକୁ ନଦେଇ ଆମ ଧର୍ମାଧିକାର ଉପରେ ହସ୍ତକ୍ଷେପ କରାଯାଉଛି । ଦୋଷୀକୁ ମୃତ୍ୟୁଦଣ୍ଡ ଦେବା ପରେ କର୍ତ୍ତୃପକ୍ଷଙ୍କ ଭୂମିକା ଶେଷ ହେବା କଥା ସିନା !'...

''ଆଜି ସନ୍ଧ୍ୟାରେ ଚରମପନ୍ଥୀମାନେ ସରକାରୀ ପଦକ୍ଷେପ ପ୍ରତି ତାଚ୍ଛଲ୍ୟ କରି ଫାଶୀପ୍ରାପ୍ତ ଆସାମୀର ଗୋଟାଏ ପ୍ରତୀକ ମୂର୍ତ୍ତି ବନାଇ ଶୋଭାଯାତ୍ରାରେ ଆଗାମୀ କାଲି ନଦୀ କୂଳଯାଏଁ ନେଇ ଯିବାର ଯୋଜନା କରିଥିଲେ ।

ଯାହାହେଉ ସେ କାର୍ଯ୍ୟକ୍ରମକୁ ବେଆଇନ ଘୋଷଣା କରାଗଲା ଏବଂ ରାତିଯାକ ପୁଲିସମାନେ ସହରସାରା ତଥା ସହରତଳିଯାକ ସେହି ବିଜ୍ଞପ୍ତି ପ୍ରଦର୍ଶନ କରିବା ବ୍ୟବସ୍ଥାରେ ଲାଗିଥିଲେ ।''[୧୩]

'ଟାଇମସ୍'ର ନଭେମ୍ବର ୨୩ ତାରିଖ ସଂଖ୍ୟାରେ ପ୍ରକାଶ ପାଇଲା : ''ସତ୍ୟେନ୍ଦ୍ର ଫାଶୀ ପାଇଲା ଆଜି ୨୧ ତାରିଖ ସକାଳେ । ବିରାଟ ପୁଲିସ ବାହିନୀ କାରାଗାର ଚାରିପଟେ ଜଗିଥିଲେ । ବର୍ତ୍ତମାନ ଶବଦାହ ଚାଲିଛି । କୌଣସି ଗଣ୍ଡଗୋଳର ସମ୍ବାଦ ମିଳି ନାହିଁ ।''

ସେହିଦିନର 'ଟାଇମସ୍'ରେ ବିଳମ୍ବରେ ମିଳିଥିବା ଅନ୍ୟ ଏକ ସମ୍ବାଦ ହେଲା :

''ଏକ ବିରାଟ ଜନତା — ତହିଁର ଅଧିକାଂଶ ମହିଳା — ଅପେକ୍ଷା କରୁଥିଲେ ନଦୀତୀରରେ । ସେମାନେ ଆଶା କରୁଥିଲେ ବିସର୍ଜନ ନିମନ୍ତେ ସତ୍ୟେନ୍ଦ୍ରର ଭସ୍ମାବଶେଷ ଘାଟକୁ ଆସିବ । କିନ୍ତୁ କାରାଗାର କର୍ତ୍ତୃପକ୍ଷ ଚିତାଭସ୍ମ ବାହାରକୁ ଛାଡ଼ିଲେ ନାହିଁ । ଶୁଣାଯାଏ ସତ୍ୟେନ୍ଦ୍ରଙ୍କ ମାଆ ପୁଅର ଦଣ୍ଡ ସ୍ଥଗିତ ରଖିବା ନିମନ୍ତେ (ଭାରତ ସଚିବ)ଲର୍ଡ଼ ମୋର୍ଲେଙ୍କୁ ଅନୁରୋଧ କରିଥିଲେ । କିନ୍ତୁ ବଡ଼ଲାଟଙ୍କ ସିଦ୍ଧାନ୍ତରେ ହସ୍ତକ୍ଷେପ କରିବାର କାରଣ ନାହିଁ ବୋଲି ତାଙ୍କୁ ଭାରତ ସଚିବ ଜଣାଇ ଦେଇଛନ୍ତି ।''[୧୪]

ନଭେମ୍ବର ୨୨ରେ 'ଟାଇମସ୍'କୁ ଆସିଥିବା ଏକ ସମ୍ବାଦ :

''ଗତକାଲି ସତ୍ୟେନ୍ଦ୍ରର ଫାଶୀ ଉପଲକ୍ଷେ ଦିନ ବେଳେ କୌଣସି ଉଲ୍ଲେଖଯୋଗ୍ୟ ବିକ୍ଷୋଭ ହୋଇ ନଥିଲେ ମଧ୍ୟ କଲିକତାର ଦକ୍ଷିଣାଞ୍ଚଳରେ ସନ୍ଧ୍ୟାବେଳେ ବିପୁଳ ସଂଖ୍ୟକ ଛାତ୍ର ଏକତ୍ର ହେଲେ ଏବଂ 'ବନ୍ଦେ ମାତରମ୍'ର ଏକ ନବ ସଂସ୍କରଣ ଗାନ କଲେ — ଯାହାର ବିଷୟବସ୍ତୁ ହେଲା ସେମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ପାଳନରୁ କେହି ନିବୃତ୍ତ କରିପାରିବେ ନାହିଁ ।

''ସମ୍ବାଦରେ ଆହୁରି ମଧ୍ୟ କୁହାଯାଇଛି କିପରି ଛାତ୍ରମାନେ ବିଭିନ୍ନ ସ୍ଥାନରେ ସତ୍ୟେନ୍ଦ୍ରଙ୍କ ପ୍ରତୀକ ମୂର୍ତ୍ତି ଗଢ଼ି ଶୋଭାଯାତ୍ରାରେ ନେଇଯାଇ ବିସର୍ଜନ ଦେଉଥା'ନ୍ତି ଓ ପୁଲିସ ତଡ଼ି ଆସିଲେ ଆଖି ପଲକରେ ବିଚ୍ଛୁରିତ ହୋଇଯାଇ ପୁନର୍ବାର ଅଚିରେ ଏକତ୍ର ହେଉଥା'ନ୍ତି ।''[୧୫]

କାନାଇ ଓ ସତ୍ୟେନ୍ ସହିଦ ଭାବରେ ସର୍ବତ୍ର ପୂଜିତ ହେଲେ । ଉପେନ୍ଦ୍ରନାଥ ଉଠାଇଥିବା କାନାଇଙ୍କର ଏକମାତ୍ର ଫଟୋର ମୁଦ୍ରିତ କପି ନଭେମ୍ବର ୧୨ ତାରିଖ ସକାଳଠାରୁ ଅବିରତ ବିକ୍ରି ହେବାକୁ ଲାଗିଲା । ୧୩ ତାରିଖ ଅପରାହ୍ଣରେ ପୁଲିସ ଫଟୋଚିତ୍ର ମୁଦ୍ରଣ କରୁଥିବା ପ୍ରେସ ଉପରେ ଚଢ଼ଉ କରି ଯନ୍ତ୍ରପାତି ତଥା ପାଞ୍ଚ ହଜାର ଚିତ୍ର ଜବଦ କରିବା ବେଳକୁ ପୂର୍ବ ଦେଢ଼ଦିନ ଭିତରେ ୨୩ ହଜାର ଚିତ୍ର ବିକ୍ରୀତ ହୋଇ ସାରିଥିଲା ।[୧୬]

(କ୍ରମଶଃ)

❑❑❑

## ତଥ୍ୟ ନିର୍ଦ୍ଦେଶିକା


୧. ଉଇଲିୟମ୍ ବ୍ଲେକ୍ : Jerusalem କବିତାର କିୟଦଂଶ ।
୨. ଐତିହାସିକ ଉମା ମୁଖାର୍ଜିଙ୍କ ଗବେଷଣା ତଥା ''ସତ୍ୟେନ୍ଦ୍ର ନାଥ ବସୁ'' ନାମକ ପ୍ରବନ୍ଧ; ଲେଖକ ବିଶ୍ୱଜିତ ଗଙ୍ଗୋପାଧ୍ୟାୟ । ଶୁଣ୍ୱନ୍ତୁ (ବଂଗଳା) ଜାନୁଆରୀ ୧୯୧୫ ।
୩. The Indu Prakash, ୫ ସେପ୍ଟେମ୍ବର ୧୯୦୮ । ୪. ତତ୍ରୈବ ।
୫. ମନୋଜ ଦାସ : Sri Aurobindo in the First Decade of the 20th Century; ଶ୍ରୀଅରବିନ୍ଦ ଆଶ୍ରମ ।
୬. ବିଜୟକୃଷ୍ଣ ଘୋଷଙ୍କର "The Alipore Bomb Trial"ରେ ନର୍ଟନଙ୍କ ଲିଖିତ ଭୂମିକା ।
୭. ଉପେନ୍ଦ୍ରଚନ୍ଦ୍ର ଭଟ୍ଟାଚାର୍ଯ୍ୟ : ''ଆମାର ଏଲୋମେଲୋ ଜୀବନେର୍ କୟେକ୍ଟି ଅଧ୍ୟାୟ'' (ବଙ୍ଗଳା); ମଡ଼ର୍ଣ୍ଣ ବୁକ୍ ଏଜେନ୍ସି, କଲିକତା ।
୮. କାଳିଚରଣ ଘୋଷ : The Roll Call of Honour; ବିଦ୍ୟାଭାରତୀ, କଲିକତା ।
୯. ମନୋଜ ଦାସ : Sri Aurobindo in the First Decade of the 20th Century; ଶ୍ରୀଅରବିନ୍ଦ ଆଶ୍ରମ । ୧୦. ତତ୍ରୈବ ।
୧୧. ଗିରିଜା ଶଙ୍କର ରାୟ ଚୌଧୁରୀ; ''ଶ୍ରୀଅରବିନ୍ଦ ଓ ବାଂଲାୟ ବିପ୍ଳବ ଯୁଗ''; ନବଭାରତ ପବ୍ଲିଶର୍ସ କଲିକତା ।
୧୨. Sri Aurobindo in the First Decade of the 20th Century. ୧୩. ତତ୍ରୈବ । ୧୪. ତତ୍ରୈବ । ୧୫. ତତ୍ରୈବ ।
୧୬. ଉପେନ୍ଦ୍ରଚନ୍ଦ୍ର ଭଟ୍ଟାଚାର୍ଯ୍ୟ : ''ଆମାର ଏଲୋମେଲୋ ଜୀବନେର୍ କୟେକ୍ଟି ଅଧ୍ୟାୟ'' (ବଙ୍ଗଳା); ମଡ଼ର୍ଣ୍ଣ ବୁକ୍ ଏଜେନ୍ସି, କଲିକତା । ❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## (ଷଷ୍ଠ ଅଧ୍ୟାୟ)

## ମାନବ ଓ ଜୀବନ-ସଂଗ୍ରାମ

**ଶେଖ ଅବଦୁଲ କାଶମ**

ଗୀତାର ଦୃଷ୍ଟିରେ ପାର୍ଥିବ ଜୀବନ ଗୋଟିଏ ଜଡ଼ ଶକ୍ତିର ଯାନ୍ତ୍ରିକ ଖେଳା ନୁହେଁ । ଏହା ମୂଳ ଅସତ୍‌ରୁ ସୃଷ୍ଟ କଳ୍ପନା ଓ ଶକ୍ତିଗୁଡ଼ିକର ଯାନ୍ତ୍ରିକ ଅଭିବ୍ୟକ୍ତି ମଧ୍ୟ ନୁହେଁ । ଏକ ନିର୍ବିକାର ପରାତ୍ପର ତତ୍ତ୍ୱର ଦୁଃସ୍ୱପ୍ନହିଁ ପରିଶେଷରେ ପାର୍ଥିବ ଜୀବନକୁ ଜନ୍ମ ଦେଇଛି ବୋଲି ଭାବିବା ଏକାନ୍ତ ଭ୍ରମାତ୍ମକ ଧାରଣା । ସେପରି ଧାରଣା ଗୀତାର ନାହିଁ । ଗୀତା ପ୍ରକାଶ କରେ ଯେ ଭଗବାନ୍ ସର୍ବଜ୍ଞ, ସର୍ବଶକ୍ତିମାନ୍ ଓ ସର୍ବବ୍ୟାପୀ ଏବଂ ସେ ବିଶ୍ୱାତୀତ ହୋଇ ମଧ୍ୟ ନିଜକୁ ବିଶ୍ୱ ମଧ୍ୟରେ ପ୍ରକଟ କରନ୍ତି । ଯାବତୀୟ ବିଶ୍ୱଲୀଳା ତାଙ୍କରି ଦ୍ୱାରାହିଁ ବିଧୃତ ଓ ପରିଚାଳିତ । ସେଇ ଲୀଳାକୁ କୌଣସି ମାନବ ବା ଦାନବ କ୍ଷୁଣ୍ଣ କରିପାରିବ ନାହିଁ । ଭଗବାନ୍ ହେଉଛନ୍ତି ମାୟା ଓ ପ୍ରକୃତିର ପ୍ରଭୁ; ଦାସ ନୁହନ୍ତି । ସେ ସୃଷ୍ଟି ପ୍ରତି ସମ୍ପୂର୍ଣ୍ଣ ଦାୟିତ୍ୱଶୀଳ । ସେଇ ଦାୟିତ୍ୱକୁ ସେ କାହା ଉପରେ ଲଦି ଦିଅନ୍ତି ନାହିଁ । ସେ ସାର୍ବଭୌମ ଶକ୍ତିର ଅଧିକାରୀ ଅଟନ୍ତି, ମାତ୍ର ନିର୍ମମ ବା ସ୍ୱେଚ୍ଛାଚାରୀ ନୁହନ୍ତି । ସୃଷ୍ଟ ଜୀବମାନଙ୍କୁ ସେ ସ୍ୱାଧୀନତା ଦେଇଛନ୍ତି । ଭଗବାନ୍ ଭଲ ଭିତରେ ଅଛନ୍ତି, ମନ୍ଦ ଓ ଅମଙ୍ଗଳ ଭିତରେ ବି ଅଛନ୍ତି । ସେ ଶାନ୍ତି ମଧ୍ୟରେ ଅଛନ୍ତି ଓ ସଂଘର୍ଷ ଭିତରେ ମଧ୍ୟ ଅଛନ୍ତି । ମିଥ୍ୟା ଓ ମନ୍ଦ ଉପରୁ ତାଙ୍କର ଦାୟିତ୍ୱକୁ ସେ ଖସାଇ ଦେଇ ନାହାନ୍ତି । ମାତ୍ର ଭଲ ଓ ମନ୍ଦ ପରମ ତତ୍ତ୍ୱ ନୁହନ୍ତି । ଏହା ପରିବର୍ତ୍ତନଶୀଳ ଏକ ଏକ ଅବସ୍ଥା ମାତ୍ର ।

ଭଗବାନଙ୍କ ଅସ୍ତିତ୍ୱ ତଥା ତାଙ୍କର ସର୍ବଶକ୍ତିମତ୍ତା ଓ ସର୍ବବ୍ୟାପକତା ଯଦି ବାସ୍ତବ ସତ୍ୟ ଅଟେ ତେବେ ଆମର ଯାବତୀୟ ଉଦ୍ୟମ ଓ ସାଧନାରେ ଆମକୁ ଏକ ମହାନ୍ ବିଶ୍ୱାସରୁହିଁ ଯାତ୍ରା ଆରମ୍ଭ କରିବାକୁ ହେବ । ଯେଉଁ ବିଶ୍ୱରେ ସହସ୍ରାଧିକ ଶକ୍ତି ପରସ୍ପର ସଂଘର୍ଷରତ, ଯେଉଁଠି ଜୀବନ ଦୁଃଖଯନ୍ତ୍ରଣା, ଅମଙ୍ଗଳ ଓ ବିନାଶର ହାହାକାର ମଧ୍ୟରେ ପୀଡ଼ିତ, ଭୀତତ୍ରସ୍ତ ଓ ନିଷ୍ପେଷିତ, ନିରନ୍ତର ପରିବର୍ତ୍ତନ ଓ ମୃତ୍ୟୁର ଲୀଳା ବ୍ୟତିରେକେ ଜୀବନର କଳ୍ପନା ଯେଉଁଠି କରାଯାଇପାରୁ ନାହିଁ, ସେପରି ବିଶ୍ୱରେ ବିଶ୍ୱାସକୁହିଁ ସମ୍ବଳ କରି ଜୀବନ ବଞ୍ଚିବାକୁ ହେବ । ଆମକୁ ସର୍ବଦା ମନେ ରଖିବାକୁ ହେବ ଯେ ଜଣେ ସର୍ବମୟ କର୍ତ୍ତା ଏସବୁ ଭିତରେ କ୍ରିୟାଶୀଳ ରହିଛନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଦିଗରେ ସେ ସବୁକିଛିକୁ ପରିଚାଳିତ କରି ନେଉଛନ୍ତି । ଯାହାକିଛି ଏକ ଚରମ ବିଶୃଙ୍ଖଳା ଓ ଅରାଜକତା ଭଳି ଲାଗୁଛି ତା'ରି ଭିତରେ ଏକ ଦିବ୍ୟ-ସଙ୍ଗତି ପ୍ରକାଶିତ ହେବାକୁ ଚେଷ୍ଟା କରୁଛି । ପ୍ରତ୍ୟେକ ସମସ୍ୟାର ଏକ ସମାଧାନ ନିଶ୍ଚୟହିଁ ରହିଛି । ଅଜ୍ଞାନର ଊର୍ଦ୍ଧ୍ୱରେ ପରମଜ୍ଞାନଟିଏ ରହିଛି ଯାହା ସକଳ ଅନିଶ୍ଚିତତା ଭିତରେ ନିଶ୍ଚୟତାବୋଧ ଆଣି ଦେବ, ସକଳ ଅସଙ୍ଗତି ଓ ବିରୋଧାଭାସ ଭିତରେ ସମନ୍ୱୟ ପ୍ରତିଷ୍ଠା କରିବ । ଏଥିପାଇଁ ଏକ ଶକ୍ତିଶାଳୀ ବିଶ୍ୱାସ ଆବଶ୍ୟକ ଯାହାକୁ ଶ୍ରୀଅରବିନ୍ଦ 'ଏକ ଅଟଳ ଓ ମହାନ୍ ବିଶ୍ୱାସ' (a great and difficult act of faith) ବୋଲି ଅଭିହିତ କରିଛନ୍ତି ।

ବାଇବେଲରେ ଭଗବତ୍ ସମର୍ପିତ ଏକ ଭକ୍ତ ଭଗବାନଙ୍କୁ କହୁଛନ୍ତି – ''ଯଦି ମୋତେ ତୁମେ ହତ୍ୟା କର, ତଥାପି ମୁଁ ତୁମକୁ ବିଶ୍ୱାସ କରିବି ।'' ଏପରି ଅବିଚଳ ଶ୍ରଦ୍ଧା ପୋଷଣ କରି ଜୀବନ ପଥରେ ଆଗେଇ ଯିବାକୁ ହେବ । ସଂସାରର ସକଳ ଦ୍ୱନ୍ଦ୍ୱ, ଅସଙ୍ଗତି ଓ ବିରୋଧାଭାସକୁ ସ୍ୱୀକାର କରିବା ସହ ତା'ର ସମ୍ମୁଖୀନ ହେବାକୁ ପଡ଼ିବ । ବିଶ୍ୱପ୍ରକୃତି ମଧ୍ୟରେ ନିଜକୁ କ୍ରମଶଃ ଅଭିବ୍ୟକ୍ତ କରୁଥିବା ପରମସତ୍ତାଙ୍କ ଉପରେ ଯଦି ଆମେ ବିଶ୍ୱାସ ରଖିଥିବା ତେବେ ସେ ସକଳ ଅସଙ୍ଗତି ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବାରେ ଆମକୁ ସହାୟକ ହେବେ ।

ବିଶ୍ୱ-ଜୀବନର ପ୍ରହେଳିକା ଓ ସମସ୍ୟାକୁ ସମାଧାନ ନକରି ଏକ ପଛ ଦ୍ୱାର ଦେଇ ପଳାୟନ କରିବାକୁ ଗୀତା ଆଦୌ ଚେଷ୍ଟା କରି ନାହିଁ । ଏହା ଉଦାର ହିନ୍ଦୁ ଧର୍ମର ଆଦର୍ଶକୁ ଅନୁସରଣ କରି କହିଛି ଯେ ଯୁଦ୍ଧ ଭଳି ଭୟଙ୍କର ବିନାଶ ମଧ୍ୟରେ ବି ଭଗବାନ୍ ରହିଛନ୍ତି । ଭଗବାନ୍ ଏକ ପକ୍ଷରେ ସକଳ ଜଗତର

ସ୍ରଷ୍ଟା ଓ ପ୍ରଭୁ, ସକଳ ପ୍ରାଣୀଙ୍କର ଶରଣ ଓ ସୁହୃଦ୍ ଏବଂ ଅନ୍ୟ ପକ୍ଷରେ ସେ ଦୁଷ୍ଟଦଳନକାରୀ ଏବଂ କାଳ ରୂପେ ମହା-ସଂହାରକର୍ତ୍ତା । କୁରୁକ୍ଷେତ୍ରରେ ଶ୍ରୀକୃଷ୍ଣ ଘୋଷଣା କରିଛନ୍ତି –

''କାଳୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧୋ
ଲୋକାନ୍ ସମାହର୍ତ୍ତୁମିହ ପ୍ରବୃତ୍ତଃ ।''
(ଗୀତା, ୧୧/୩୨)

''ମୁଁ ସମସ୍ତ ଲୋକର କ୍ଷୟକାରୀ ବର୍ଦ୍ଧିତ କାଳ । ବର୍ତ୍ତମାନ ମୁଁ ଏ ସମସ୍ତଙ୍କୁ ସଂହାର କରିବା ପାଇଁ ଆଗେଇ ଆସିଛି ।''

ସୁତରାଂ ଭୟଙ୍କର ପରିବର୍ତ୍ତନ ଓ ବିନାଶର ଲୀଳାକୁ ଦେଖି ଆମେ ଭୟଭୀତ ଓ ବିବ୍ରତ ହେବା ଉଚିତ ନୁହେଁ । ଶ୍ରୀକୃଷ୍ଣଙ୍କ ପରାମର୍ଶ ଥିଲା –

''ମା ବ୍ୟଥିଷ୍ଠା ଯୁଧସ୍ୱ ଜେତାସି ରଣେ ସପତ୍ନାନ୍ ।''
(ଗୀତା, ୧୧/୩୪)

ଅର୍ଥାତ୍ ''ବ୍ୟଥିତ ହୁଅ ନାହିଁ । ଯୁଦ୍ଧ କର । ଯୁଦ୍ଧରେ ତୁମେ ଶତ୍ରୁମାନଙ୍କୁ ଜୟ କରିବ ।''

ଯୁଦ୍ଧ ଓ ସଂଘର୍ଷରୁ ନିଜକୁ ଅପସାରିତ କରି ନେଇ ଅନ୍ୟ ଏକ ଜଗତରେ ଶାନ୍ତି ଖୋଜିବା କଦାପି ସ୍ପୃହଣୀୟ ନୁହେଁ । ବରଂ ଯୁଦ୍ଧର ସମ୍ମୁଖୀନ ହୋଇ ତା' ଉପରେ ବିଜୟ ଲାଭ କରିବାହିଁ ଭଗବତ୍ ନିର୍ଦ୍ଦେଶିତ ଯଥାର୍ଥ ମାର୍ଗ । ଉଭୟ ନୈତିକ ଓ ଭୌତିକ ସ୍ତରରେ ଯୁଦ୍ଧର ଆବଶ୍ୟକତାକୁ ଗୀତା ସ୍ୱୀକାର କରିଛି ।

ଶ୍ରୀଅରବିନ୍ଦ କହନ୍ତି ଯେ ଗୀତା ଯେଉଁ ଯୁଗରେ ରଚିତ ହୋଇଥିଲା ସେ ଯୁଗରେ ଯୁଦ୍ଧ ମନୁଷ୍ୟ ଜୀବନର ଏକ ଆବଶ୍ୟକୀୟ ଅଙ୍ଗ ଥିଲା । ସମାଜରେ ଶାନ୍ତି ପ୍ରତିଷ୍ଠା ଲାଗି ଯୁଦ୍ଧ ଓ ହିଂସାର ଆହ୍ୱାନକୁ ଲୋକମାନେ ଏଡ଼ି ଦେଇପାରୁ ନଥିଲେ । ମହାଭାରତ ଯୁଦ୍ଧର ବହୁ ହଜାର ବର୍ଷ ପରେ ମଧ ମନୁଷ୍ୟ ସମାଜ ଏହି ଯୁଦ୍ଧର ଆବଶ୍ୟକତାକୁ ଛାଡ଼ି ପାରି ନାହିଁ । ଆଧୁନିକ କାଳ ପର୍ଯ୍ୟନ୍ତ ସଭ୍ୟତାର ଏତେ ବିକାଶ ଘଟିବା ପରେ ମଧ ବିଶ୍ୱଜନୀନ ଶାନ୍ତି, ମୈତ୍ରୀ ଓ ସଦିଚ୍ଛାର ତତ୍ତ୍ୱଟି ମାନବ ଜୀବନକୁ ଅଧିକାର କରି ନାହିଁ । ନୈତିକ, ସାମାଜିକ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ବିଚାର କଲେ ବିଶ୍ୱ-ଶାନ୍ତିର ଉପଯୁକ୍ତ ପରିବେଶ ଏପର୍ଯ୍ୟନ୍ତ ସୃଷ୍ଟି ହୋଇ ନାହିଁ । ସାଲିସ, ମେଣ୍ଟ ସ୍ଥାପନ ଓ ସାମୟିକ ବୁଝାମଣା ଦ୍ୱାରା ଯୁଦ୍ଧକୁ କିଛି କାଳ ପାଇଁ ଟାଳି ଦିଆଯାଉଛି । ମାତ୍ର ଯୁଦ୍ଧର ଆଶଙ୍କା ସବୁବେଳେ ରହିଛି । ଆଧୁନିକ ମନୁଷ୍ୟର ପ୍ରକୃତିରେ ପରିବର୍ତ୍ତନ ହୋଇ ନାହିଁ । ଦେଶ ଦେଶ ମଧ୍ୟରେ ଘୃଣା ଓ ଶତ୍ରୁଭାବ ଲାଗି ରହିଛି । ବିଶ୍ୱବ୍ୟାପୀ ଶାନ୍ତି ସ୍ଥାପନ ପାଇଁ ଯୁଦ୍ଧକୁହିଁ ଏକ ଅନିବାର୍ଯ୍ୟ ଉପାୟ ରୂପେ ଅବଲମ୍ବନ କରାଯାଉଛି । ରାଜନୈତିକ ବନ୍ଦୋବସ୍ତ ଓ ବାର୍ତ୍ତାଳାପ ଦ୍ୱାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଲାଗି ଉଦ୍ୟମ କରାଯାଉଛି ସତ, ମାତ୍ର ତାହା ସୁଦୃଢ଼ ଓ ସ୍ଥାୟୀ ହୋଇପାରୁ ନାହିଁ ।

ଶ୍ରୀଅରବିନ୍ଦ ଆଶା ପ୍ରକାଶ କରନ୍ତି ଯେ ଏକ ସୁଦିନ ନିଶ୍ଚୟ ଆସିବ ଯେଉଁ ଦିନ ମନୁଷ୍ୟଜାତି ଆଧ୍ୟାତ୍ମିକ, ନୈତିକ ଓ ସାମାଜିକ ଦୃଷ୍ଟିରୁ ବିଶ୍ୱବ୍ୟାପୀ ଶାନ୍ତିର ରାଜତ୍ୱ ନିମିତ୍ତ ପ୍ରସ୍ତୁତ ହୋଇ ଉଠିବ । କିନ୍ତୁ ସେହି ଭଲ ଦିନ ଯେପର୍ଯ୍ୟନ୍ତ ଆସି ନାହିଁ ସେପର୍ଯ୍ୟନ୍ତ ଯୁଦ୍ଧର ଆବଶ୍ୟକତା ରହିଥିବ ଏବଂ ପ୍ରତ୍ୟେକ ମନୁଷ୍ୟକୁ ଆପଣାର ପ୍ରକୃତି ଓ କର୍ମରେ ଯୋଦ୍ଧା ହେବାକୁ ପଡ଼ିବ । ଯେକୌଣସି ବ୍ୟାବହାରିକ ଦର୍ଶନ ଶାସ୍ତ୍ର ବା ଧର୍ମ ଏହି ଆବଶ୍ୟକତାକୁ ଅବଶ୍ୟ ସ୍ୱୀକାର କରିବ ।

ମନୁଷ୍ୟ-ଜୀବନରେ ଯଦି ଯୁଦ୍ଧ ଓ ସଂଘର୍ଷ ଅପରିହାର୍ଯ୍ୟ, ତାହାହେଲେ ଏହାକୁ ଆଧ୍ୟାତ୍ମିକ ଜୀବନ ସହିତ କିପରି ସମନ୍ୱିତ କରାଯାଇ ପାରିବ, ଏହା ହେଲା ଏକ ଗଭୀର ପ୍ରଶ୍ନ ଯାହା ଉପରେ ଗୀତା ଆଲୋକପାତ କରିଛି । ଗୀତାର ଉପଦେଶ ଅର୍ଜୁନଙ୍କ ଭଳି ଜଣେ କ୍ଷତ୍ରିୟଙ୍କୁ ଦିଆଯାଇଛି ଯାହାଙ୍କ ଜୀବନର ଧର୍ମ ହେଲା ଯୁଦ୍ଧ ଓ ଦେଶରକ୍ଷା । ସମାଜରେ ଯେଉଁମାନେ ଦୁର୍ବଳ ଓ ନିର୍ଯ୍ୟାତିତ ଥିଲେ, ଯେଉଁମାନେ ଅନ୍ୟ କାର୍ଯ୍ୟରେ ନିଯୁକ୍ତ ହୋଇଥିବା ଦୃଷ୍ଟିରୁ ନିଜକୁ ସୁରକ୍ଷିତ କରିପାରୁ ନଥିଲେ ସେହି ସମସ୍ତଙ୍କୁ ସୁରକ୍ଷା ପ୍ରଦାନ କରିବା ଥିଲା କ୍ଷତ୍ରିୟର ମୁଖ୍ୟ ଦାୟିତ୍ୱ । ଜଗତରେ ନ୍ୟାୟ ଓ ଧର୍ମକୁ ସୁପ୍ରତିଷ୍ଠିତ କରିବା ନିମିତ୍ତ କ୍ଷତ୍ରିୟ ଯୁଦ୍ଧ କରୁଥିଲା । ପ୍ରାଚୀନ ଭାରତୀୟ ସଂସ୍କୃତିରେ ସ୍ୱଭାବ, ପ୍ରବୃତ୍ତି ଓ ମନୋଭାବ ଅନୁସାରେ ବ୍ୟକ୍ତିମାନଙ୍କୁ ବିଭିନ୍ନ କର୍ମରେ ନିଯୁକ୍ତ କରାଯାଉଥିଲା । ବିଚାର ଓ ଜ୍ଞାନ, ଯୁଦ୍ଧ ଓ ରାଜ୍ୟଶାସନ, ଉତ୍ପାଦନ ଓ ବଣ୍ଟନ, ଶ୍ରମ ଓ ସେବା – ସମାଜର କର୍ତ୍ତବ୍ୟକୁ ଏହି ଚାରିଭାଗରେ ବିଭକ୍ତ କରାଯାଇଥିଲା । ସେହି ବିଭିନ୍ନ କର୍ମରେ ନିଯୁକ୍ତ ହୋଇଥିବା ବ୍ୟକ୍ତିମାନଙ୍କୁ ଯଥାକ୍ରମେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରରୂପେ ନାମିତ କରାଯାଇଥିଲା । କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜର ସାମାଜିକ କର୍ତ୍ତବ୍ୟ ପାଳନ କରିବା ସହିତ ଆଧ୍ୟାତ୍ମିକ ଉନ୍ନତି ସାଧନ କରିବା ଥିଲା ସେତେବେଳର ଶ୍ରେଷ୍ଠ ଆଦର୍ଶ । ବ୍ୟକ୍ତିର ସ୍ୱଭାବ ଅନୁଯାୟୀ ଯେଉଁ ପ୍ରକାର କର୍ମ ତା'ର ଆଧ୍ୟାତ୍ମିକ ଉନ୍ନତିରେ ସହାୟକ ହେବ ସେହିପରି କର୍ମରେ ତାକୁ ନିଯୁକ୍ତ କରାଯାଉଥିଲା ।

ଆଧୁନିକ ଚିନ୍ତାଧାରା ମନୁଷ୍ୟକୁ ଏକ ସାମାଜିକ ସତ୍ତା ରୂପେ ବିବେଚନା କରୁଛି ମାତ୍ର ପ୍ରାଚୀନ ଭାବଧାରା ମନୁଷ୍ୟକୁ ମୂଳତଃ ଏକ ଆଧ୍ୟାତ୍ମିକ ସତ୍ତାରୂପେ ବିଚାର କରୁଥିଲା ।

ପ୍ରାଚୀନ ଭାରତର ବର୍ଣ୍ଣବ୍ୟବସ୍ଥା ଦ୍ୱାରା ଯୁଦ୍ଧର ଉତ୍ପାତ ଓ ଅନର୍ଥ କମ୍ ହେଉଥିଲା । କାରଣ କେବଳ କ୍ଷତ୍ରିୟ ଜାତିର ଲୋକେ ଯୁଦ୍ଧରେ ଭାଗ ନେଉଥିଲେ । ସମାଜର ଅନ୍ୟ ଜାତିର ଲୋକମାନେ ଖୁବ୍ କମ୍ କ୍ଷତିଗ୍ରସ୍ତ ହେଉଥିଲେ ଏବଂ ସେମାନଙ୍କ ଦୈନନ୍ଦିନ ବୃତ୍ତିଗତ କାର୍ଯ୍ୟରେ କମ୍ ବାଧା ଉପୁଜୁଥିଲା । ଆଧୁନିକ କାଳରେ ଯୁଦ୍ଧ ହେଲେ କେବଳ ସୈନିକମାନେ ନୁହନ୍ତି ସାଧାରଣ ଲୋକମାନଙ୍କ ଉପରେ ମଧ୍ୟ ଆକ୍ରମଣ କରାଯାଉଛି । ସମାଜର ସବୁ ବର୍ଗର ଲୋକ (ଯଥା : କବି, ଦାର୍ଶନିକ, ପୁରୋହିତ, ପଣ୍ଡିତ, ବ୍ୟବସାୟୀ, ଶିଳ୍ପୀ ଇତ୍ୟାଦି)ଙ୍କୁ ଯୁଦ୍ଧର ଘନଘଟା ଭିତରକୁ ଠେଲି ଦିଆଯାଉଛି । ଶ୍ରୀଅରବିନ୍ଦ ଲେଖିଛନ୍ତି ଯେ ଆଧୁନିକ ଯୁଗରେ ରାଷ୍ଟ୍ରରକ୍ଷାର ଅତ୍ୟଧିକ ପାଗଳାମି ଯୋଗୁଁ ଜାତୀୟ ଆତ୍ମହତ୍ୟାର ପଥ ପରିଷ୍କାର କରିଦିଆଯାଉଛି । ମାତ୍ର ପ୍ରାଚୀନ ବ୍ୟବସ୍ଥାରେ ଯୁଦ୍ଧ ସୁନିୟନ୍ତ୍ରିତ ହୋଇଥିଲା । ଯୁଦ୍ଧରେ ମଧ୍ୟ କେତେକ ନିୟମ ଓ ଶୃଙ୍ଖଳା ରହିଥିଲା । ଗୋଟାଏ ଉଚ୍ଚ ଆଦର୍ଶକୁ ଅନୁସରଣ କରି କ୍ଷତ୍ରିୟମାନେ ଯୁଦ୍ଧ କରୁଥିଲେ । ସେମାନଙ୍କ ଭିତରେ ସାହସ, ଶକ୍ତି, ନିୟମାନୁବର୍ତ୍ତିତା, ସହଯୋଗିତା, ଶୌର୍ଯ୍ୟ ପ୍ରଭୃତି ବିବିଧ ସଦ୍‌ଗୁଣ ବିକଶିତ ହେଉଥିଲା । ଯୁଦ୍ଧ କାର୍ଯ୍ୟ ଦ୍ୱାରା ସ୍ୱାଭାବିକ ଭାବେ ସେମାନଙ୍କ ନୈତିକ ଓ ଆଧ୍ୟାତ୍ମିକ ଉନ୍ନତି ଘଟୁଥିଲା । ସେମାନେ ଯୁଦ୍ଧ କ୍ଷେତ୍ରରେ ନିଷ୍ଠୁର ଓ ପଶୁତୁଲ୍ୟ ବ୍ୟବହାର ନକରି ଉଦାର ଓ ଉନ୍ନତଭାବ ପ୍ରଦର୍ଶନ କରୁଥିଲେ । ପ୍ରାଚୀନ କାଳରେ ଯୁଦ୍ଧ କିପରି ବୀରପୁରୁଷ ଗଢ଼ିବାରେ ସାହାଯ୍ୟ କରୁଥିଲା ତାହାର ବଳିଷ୍ଠ ଉଦାହରଣ ହେଲା ୟୁରୋପରେ ନାଇଟ୍, ଭାରତରେ କ୍ଷତ୍ରିୟ ଏବଂ ଜାପାନରେ ସାମୁରାଇ ଜାତି । ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି ଯେ ମାନବଜାତିର ବିବର୍ତ୍ତନ ଧାରାର ଯଦି ଯଥାର୍ଥ ବିଚାର କରାଯାଏ, ତେବେ ଅତୀତରେ ଯୁଦ୍ଧ ଦ୍ୱାରା ଯେ ମାନବଜାତିର କଲ୍ୟାଣ ସାଧିତ ହୋଇଛି ତାହା ଅସ୍ୱୀକାର କରିହେବ ନାହିଁ ।

ସମଗ୍ର ମାନବ-ଜୀବନର ପରିପୂର୍ଣ୍ଣତା ପାଇଁ ଯେଉଁ ସଦ୍‌ଗୁଣଗୁଡ଼ିକ ଆବଶ୍ୟକ ତନ୍ମଧ୍ୟରେ କ୍ଷତ୍ରିୟ ଧର୍ମର ଅନେକ ଗୁଣ ଅନ୍ତର୍ଭୁକ୍ତ । ସାହସ, ବୀରତ୍ୱ, ଯୋଦ୍ଧୃଭାବ, କର୍ମପ୍ରବଣତା, ପ୍ରଖର ଉଦ୍ୟମଶୀଳତା ପ୍ରଭୃତି କ୍ଷତ୍ରିୟୋଚିତ ଗୁଣ ପ୍ରତ୍ୟେକ ମନୁଷ୍ୟର ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ଗଠନ ପାଇଁ ଅପରିହାର୍ଯ୍ୟ । ମନୁଷ୍ୟ ଜୀବନର ଉଭୟ ବାହ୍ୟ ଓ ଆଭ୍ୟନ୍ତରୀଣ କ୍ଷେତ୍ରରେ ଦ୍ୱନ୍ଦ୍ୱ ଓ ସଂଘର୍ଷର ନୀତିଟି କାର୍ଯ୍ୟ କରୁଛି । ଯୁଦ୍ଧ ହେଉଛି ସେହି ନୀତିଟିର ଏକ ବାହ୍ୟିକ ପ୍ରକାଶ । ମାତ୍ର ମନୁଷ୍ୟ ଭିତରେ ଆଉ ଏକ ସମ୍ଭାବନା ରହିଛି ତାହା ହେଉଛି ଆନ୍ତର ଶାନ୍ତି ଓ ନିରବତା ଏବଂ ପ୍ରକୃତି ଉପରେ ପ୍ରଭୁତ୍ୱ । ଯୁଦ୍ଧର ତତ୍ତ୍ୱଟି ଏହାର ବିରୋଧ କରେ । ମନୁଷ୍ୟ ମଧ୍ୟରେ ଯୋଦ୍ଧାଟିଏ ରହିଛି ଯିଏ ସକଳ ବାଧାବିଘ୍ନକୁ ପରାଭୂତ କରି ଆଗକୁ ମାଡ଼ିଯିବା ପାଇଁ ଚାହେ । ସେ ଲକ୍ଷ୍ୟ ପୂରଣ ପାଇଁ ବା ଆଦର୍ଶର ପ୍ରତିଷ୍ଠା ପାଇଁ ଶରୀରର ଧ୍ୱଂସକୁ ମଧ୍ୟ ଖାତିର କରେ ନାହିଁ । ଅନ୍ୟ ପକ୍ଷରେ ମନୁଷ୍ୟର ଅନ୍ତରରେ ଆଉ ଏକ ବ୍ୟକ୍ତିତ୍ୱ ରହିଛି ଯିଏ ଶାନ୍ତିଲାଭ ନିମନ୍ତେ ଉଚ୍ଚ ଅଭୀପ୍ସା ପୋଷଣ କରେ । ସେ ବାହାରେ ଅହିଂସାକୁ ଆଦର କରେ; ଦ୍ୱନ୍ଦ୍ୱ, କୋଳାହଳକୁ ପସନ୍ଦ କରେ ନାହିଁ । ବିବିଧ ପ୍ରକାରର ଶକ୍ତିର ମିଳନ ଓ ସଂଘର୍ଷ, ପରସ୍ପରର ଧ୍ୱଂସ ସାଧନ ଓ ନିରବଚ୍ଛିନ୍ନ ପରିବର୍ତ୍ତନଶୀଳ ମେଣ୍ଟମାଣ୍ଟ (adjustment) ଦ୍ୱାରା ଜଗତ୍ ଆଗକୁ ଗତି କରି ଯାଉଛି । ଆମେ ଆଶା କରିବା ଦିନେ ସକଳ ଦ୍ୱନ୍ଦ୍ୱ ଓ ବିରୋଧର ଅବସାନ ଘଟିବ ଏବଂ ନ୍ୟାୟ, ସତ୍ୟ ଓ ଧର୍ମକୁ ଆଧାର କରି ସବୁରି ଭିତରେ ପୂର୍ଣ୍ଣ ସମନ୍ୱୟ ଓ ସାମଞ୍ଜସ୍ୟ ପ୍ରତିଷ୍ଠିତ ହେବ । ସକଳ ବିରୋଧ ଭିତରେ ସାମଞ୍ଜସ୍ୟର ସୂତ୍ରଟିଏ କେଉଁଠି ନିହିତ ରହିଛି, ଗୀତା ତାହାହିଁ ଖୋଜିବାକୁ ଚାହେ । ସେହି ସୂତ୍ର ମାଧ୍ୟମରେ ଏକ ବୃହତ୍ତର ସାମଞ୍ଜସ୍ୟ ଓ ଦ୍ୱନ୍ଦ୍ୱାତୀତ ଅବସ୍ଥାରେ ପହଞ୍ଚି ହେବ ।

ଗୀତା ସାଂଖ୍ୟଦର୍ଶନକୁ ଗ୍ରହଣ କରି ପ୍ରକାଶ କରେ ଯେ ପାର୍ଥିବ-ପ୍ରକୃତି ପ୍ରଧାନତଃ ତିନୋଟି ଗୁଣ ଯଥା ସତ୍ତ୍ୱ, ରଜଃ ଓ ତମଃ ଦ୍ୱାରା ଗଠିତ । ପ୍ରତ୍ୟେକ ମନୁଷ୍ୟର ପ୍ରକୃତି ମଧ୍ୟ ଏହି ତିନୋଟି ଗୁଣ ଦ୍ୱାରା ଗଠିତ । ମନୁଷ୍ୟ ମଧ୍ୟରେ ଯେଉଁ ଗୁଣର ପ୍ରଭାବ ଅଧିକ ସେ ସେହି ଗୁଣ ଅନୁଯାୟୀ ଜୀବନ-ଯୁଦ୍ଧର ସମ୍ମୁଖୀନ ହୁଏ । ବିଶ୍ୱପ୍ରକୃତି ମଧ୍ୟରେ ଏହି ତିନୋଟି ଗୁଣ ପ୍ରଭୁତ୍ୱ ପାଇଁ ପରସ୍ପର ସଂଘର୍ଷରତ । ଏହି ଗୁଣର ପ୍ରଭାବରୁ ମୁକ୍ତ ହେବା ଅତ୍ୟନ୍ତ ଦୁଃସାଧ୍ୟ । ସାଧନା ଦ୍ୱାରା କେହି କେହି ଏହି ଗୁଣତ୍ରୟର ପ୍ରଭାବରୁ ମୁକ୍ତ ହୋଇଯା'ନ୍ତି ଏବଂ ତା'ର ପରିଣାମ ହୁଏ ନିର୍ବାଣରେ ପ୍ରବେଶ । ମାତ୍ର ଆଉ କେହି ଉଚ୍ଚତର ସାଧନା ଦ୍ୱାରା ଏହି ଗୁଣତ୍ରୟକୁ ଅତିକ୍ରମ କରି ଊର୍ଦ୍ଧ୍ୱକୁ ଉଠିଯା'ନ୍ତି, ତାହା ହେଉଛି ତ୍ରିଗୁଣାତୀତ ଅବସ୍ଥା ।

ସତ୍ତ୍ୱଗୁଣ ହେଲା ସମତା, ଜ୍ଞାନ, ପ୍ରକାଶ ବା ଆଲୋକ

ଓ ସନ୍ତୋଷ । ରଜୋଗୁଣ ହେଲା ତୃଷ୍ଣା, କର୍ମପ୍ରବଣତା, ଉତ୍ତେଜନା ଓ ସଂଘର୍ଷଶୀଳ ସ୍ୱଭାବ । ଅଜ୍ଞାନତା, ଆଳସ୍ୟ, ନିଷ୍କ୍ରିୟତା, ନିଶ୍ଚେଷ୍ଟତା ହେଲା ତମୋଗୁଣର ଲକ୍ଷଣ । ତମୋଗୁଣବିଶିଷ୍ଟ ବ୍ୟକ୍ତିମାନେ ପାର୍ଥିବ ପ୍ରକୃତିର ବିଭିନ୍ନ ଶକ୍ତି ଦ୍ୱାରା ଆକ୍ରାନ୍ତ ହେଲେ ମଧ୍ୟ ତାହା ବିରୋଧରେ ଯୁଦ୍ଧ କରିପାରନ୍ତି ନାହିଁ, ସହଜରେ ସେହି ଶକ୍ତିଗୁଡ଼ିକର ଅଧୀନସ୍ଥ ହୋଇପଡ଼ନ୍ତି । ସେମାନଙ୍କ ଭିତରେ କର୍ମପ୍ରବୃତ୍ତି, ଆଲୋକୋନ୍ମୁଖୀ ଉଦ୍ଦୀପନା ଓ ଉଦ୍ୟମଶୀଳତା ନଥାଏ । କୌଣସି ଉଚ୍ଚ ଆଦର୍ଶର ଆହ୍ୱାନ ଶୁଣି ଜୀବନ-ଯୁଦ୍ଧରେ ଜୟଲାଭ କରିବା ସକାଶେ ସେମାନଙ୍କ ସ୍ପୃହା ନଥାଏ । ସେମାନେ ଗତାନୁଗତିକ ଚିନ୍ତାଧାରାକୁ ନେଇ ଯେକୌଣସି ପ୍ରକାରେ ବଞ୍ଚିରହିବା ଲାଗି ଚାହାନ୍ତି । ଅନ୍ୟ ପକ୍ଷରେ ଯେଉଁମାନେ ପ୍ରଧାନତଃ ରାଜସିକ ପ୍ରକୃତିର ବ୍ୟକ୍ତି ସେମାନେ ଉତ୍ସାହର ସହିତ ଜୀବନ-ଯୁଦ୍ଧକୁ ଡେଇଁ ପଡ଼ନ୍ତି । କର୍ମ ଓ ସଂଗ୍ରାମ ସେମାନଙ୍କୁ ଆନନ୍ଦ ଦିଏ । ସେଥିରେହିଁ ସେମାନଙ୍କ ଆତ୍ମବିକାଶ ସାଧିତ ହୋଇଥାଏ । ସେମାନେ ପାର୍ଥିବ ଶକ୍ତିଗୁଡ଼ିକୁ ନିଜ ସ୍ୱାର୍ଥ ସାଧନ ପାଇଁ ଉପଯୋଗ କରନ୍ତି । ଜୟଲାଭ କରିବା, ଭୋଗ କରିବା ଓ ପ୍ରଭୁତ୍ୱ ଲାଭ କରିବା ସକାଶେ ରାଜସିକ ବ୍ୟକ୍ତିମାନେ ସବୁବେଳେ ପ୍ରୟାସ କରିଥା'ନ୍ତି । ସୁଖସମୃଦ୍ଧି ଓ ଯଶୋଲାଭ ଦିଗରେ ସେମାନଙ୍କ ଶକ୍ତିସାମର୍ଥ୍ୟ ନିୟୋଜିତ ହୋଇଥାଏ । ଆଉ ସତ୍ତ୍ୱଗୁଣବିଶିଷ୍ଟ ବ୍ୟକ୍ତିମାନେ ଦ୍ୱନ୍ଦ୍ୱ ଭିତରେ ଧର୍ମ, ନୀତି, ସାମଞ୍ଜସ୍ୟ, ଶାନ୍ତି ଓ ସୁଖର ସନ୍ଧାନ କରନ୍ତି । ସେମାନେ ଯୁଦ୍ଧ ଚାହାନ୍ତି ନାହିଁ, ଅନ୍ତର ଭିତରେ ଶାନ୍ତି ଚାହାନ୍ତି । ଜୀବନ ଓ ସଂସାର ପ୍ରତି ସେମାନଙ୍କର ରହିଥାଏ ଅନାସକ୍ତ ଭାବ । ସେମାନେ ନିଃସ୍ୱାର୍ଥପର ଓ ପରୋପକାରୀ ହୋଇଥା'ନ୍ତି । ପୃଥିବୀରେ ଶାନ୍ତି, ପ୍ରେମ ଓ ସମତା ପ୍ରତିଷ୍ଠା କରିବା ସକାଶେ ସେମାନେ ପ୍ରଯତ୍ନ କରନ୍ତି ।

ନିଜ ଅନୁଭବରୁ ମନୁଷ୍ୟ ଏକଦା ଜାଣିପାରେ ଯେ ପ୍ରକୃତିର ତ୍ରିଗୁଣ ଦ୍ୱାରା ତା'ର ଜୀବନ-ସମସ୍ୟାର ସମାଧାନ ସମ୍ଭବ ହେଉ ନାହିଁ । ତେଣୁ ସେ ଏହାକୁ ଛାଡ଼ି ଅଥବା ଏହାର ଊର୍ଦ୍ଧ୍ୱରେ କୌଣସି ସମାଧାନ ଚାହେଁ । ସେତେବେଳେ ତା' ସମ୍ମୁଖରେ ଦୁଇଟି ପନ୍ଥା ଦେଖାଯାଇପାରେ । ପ୍ରଥମଟି ହେଲା, ଏ ଅବସ୍ଥାରୁ ପଳାୟନ କରି ଏପରି ଏକ ଅବସ୍ଥାରେ ଉପନୀତ ହେବା ଯେଉଁଠି ତ୍ରିଗୁଣର କ୍ରିୟା ପାଇଁ କୌଣସି ଅବକାଶ ନଥିବ । ଅର୍ଥାତ୍ ଏହା ସକଳ କର୍ମରୁ ନିବୃତ୍ତିର ଅବସ୍ଥା, ଏକ ଅଖଣ୍ଡ ଶାନ୍ତିର ଅବସ୍ଥା । ଦ୍ୱିତୀୟ ପନ୍ଥା ହେଲା, ତ୍ରିଗୁଣର ଊର୍ଦ୍ଧ୍ୱକୁ ଉଠିଯିବା ବା ତ୍ରିଗୁଣ ଉପରେ ପ୍ରଭୁତ୍ୱ ଲାଭ କରିବା, କର୍ମ ଭିତରେ ଥାଇ ମଧ୍ୟ ତ୍ରିଗୁଣର ପ୍ରଭାବରୁ ମୁକ୍ତ ହୋଇ ରହିବା । ଏ ଅବସ୍ଥାରେ ଏକ ସମଧିକ ସ୍ଥିରତା ଓ ମହତ୍ତର ସ୍ଥିତି (a dominant calm and superior existence) ପ୍ରାପ୍ତ ହୁଏ । ପ୍ରଥମଟି ହେଲା ସନ୍ନ୍ୟାସର ମାର୍ଗ, ପୃଥିବୀ ଓ କର୍ମକୁ ବର୍ଜନ କରିବାର ମାର୍ଗ । ଦ୍ୱିତୀୟଟି ହେଲା ସମତା (equanimity)ର ଏକ ଉଚ୍ଚତର ସ୍ଥିତି ଯେଉଁଠି ଆସକ୍ତି ଓ କାମନାକୁ ପ୍ରତ୍ୟାଖ୍ୟାନ କରାଯାଏ, ନିମ୍ନ-ପ୍ରକୃତିର ଦାବି ଓ କ୍ରିୟା-ପ୍ରତିକ୍ରିୟା ଉପରେ ପ୍ରଭୁତ୍ୱ ଲାଭ କରାଯାଏ । କୁରୁକ୍ଷେତ୍ରରେ ଅର୍ଜୁନ ପ୍ରଥମ ମାର୍ଗ ଅର୍ଥାତ୍ ସନ୍ନ୍ୟାସର ମାର୍ଗକୁ ଚୟନ କରିଥିଲେ । ସେ ଯୁଦ୍ଧ ରୂପକ କର୍ମକୁ ପ୍ରତ୍ୟାଖ୍ୟାନ କରିଥିଲେ । ମାତ୍ର ଦିବ୍ୟଗୁରୁ ଶ୍ରୀକୃଷ୍ଣ ତାଙ୍କୁ ସମତାର ମାର୍ଗ ଅବଲମ୍ବନ କରିବାକୁ ଉପଦେଶ ଦେଇଥିଲେ । ସଂସାର, ଜୀବନ ଓ କର୍ମର ବାହ୍ୟ ପ୍ରତ୍ୟାଖ୍ୟାନ ନକରି ଅନ୍ତରରେ ଏକ ଉଚ୍ଚତର ଅବସ୍ଥା ପ୍ରାପ୍ତ କଲେ ସମସ୍ୟାର ସମାଧାନ ହେବ ବୋଲି ଶ୍ରୀକୃଷ୍ଣ ସ୍ପଷ୍ଟ କରି ଦେଇଥିଲେ । ଶ୍ରୀଅରବିନ୍ଦଙ୍କ ଭାଷାରେ, "But it is to an inner superiority and not to the physical renunciation of life and action that he is called by the voice of the divine Teacher."

(*Essays on the Gita*, p. 54)

ଅର୍ଜୁନ ଥିଲେ କ୍ଷତ୍ରିୟ । ସେ ଜଣେ ରାଜସିକ ମନୁଷ୍ୟ ଯାହାଙ୍କ ପ୍ରକୃତି ଭିତରେ ଯୁଦ୍ଧ ଲଢ଼ିବାର ପ୍ରବୃତ୍ତି ପ୍ରବଳ ମାତ୍ରାରେ ରହିଥିଲା । ମାତ୍ର ସେ ସାତ୍ତ୍ୱିକ ଆଦର୍ଶକୁ ଅନୁସରଣ କରୁଥିବାରୁ ତାଙ୍କୁ ଜଣେ ଶୁଦ୍ଧ ସଂସ୍କାରଯୁକ୍ତ ସାତ୍ତ୍ୱିକଭାବାପନ୍ନ ରାଜସିକ ମନୁଷ୍ୟରୂପେ ଅଭିହିତ କରାଯାଇପାରିବ । ତାଙ୍କର କ୍ଷତ୍ରିୟ ସ୍ୱଭାବ ଜାଣିଥିଲା ଯେ ଯୁଦ୍ଧରୁ ଆନନ୍ଦ ମିଳିବ । ତେଣୁ ସେ ଅସୀମ ଉଲ୍ଲାସ ଓ ଉତ୍ସାହ ସହ କୁରୁକ୍ଷେତ୍ରର ଏହି ବିରାଟ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଥିଲେ । ଧର୍ମ ଓ ନ୍ୟାୟର ସପକ୍ଷରେ ଯୁଦ୍ଧ ଲଢ଼ିବାକୁ ଯାଉଛନ୍ତି ବୋଲି ଏକ ଗୌରବବୋଧ ଓ ଶୁଦ୍ଧ ସାତ୍ତ୍ୱିକ ଆତ୍ମବିଶ୍ୱାସରେ ତାଙ୍କର ହୃଦୟ ପରିପୂର୍ଣ୍ଣ ଥିଲା । ତେଣୁ ସେ ଏହାକୁ ''ରଣ ସମୁଦ୍ୟମେ'' (a holiday of fight) ବା ''ଆନନ୍ଦଦାୟକ ଯୁଦ୍ଧରୂପକ ଉଦ୍‌ଯୋଗ'' ବୋଲି ଅଭିହିତ କରିଥିଲେ । କିନ୍ତୁ ଯେତେବେଳେ ସେ ସମ୍ମୁଖରେ ନିଜର ଆତ୍ମୀୟ-ସ୍ୱଜନ ଓ ଗୁରୁଜନଙ୍କୁ ଦେଖିବାକୁ ପାଇଲେ ହଠାତ୍ ତାଙ୍କ ଭିତରେ ଥିବା ରାଜସିକ ମନୁଷ୍ୟ ଆବୃତ ହୋଇଗଲା,

ତାଙ୍କର ଆତ୍ମବିଶ୍ୱାସ ଚୂର୍ଣ୍ଣୀଭୂତ ହେଲା ଏବଂ ମହାପାପର ଆଶଙ୍କା ଦ୍ୱାରା ସେ ହେଲେ ବ୍ୟତିବ୍ୟସ୍ତ । ତମୋଗୁଣର ଉଦ୍‌ଗିରଣ ଫଳରେ ସେ ବିସ୍ମୟ, ଶୋକ, ଭୟ, ଅବସାଦ ଓ ମୋହରେ ଅଭିଭୂତ ହୋଇପଡ଼ିଲେ । ତାଙ୍କଠାରେ ବୁଦ୍ଧିବିଭ୍ରାନ୍ତି ଦେଖାଦେଲା ଏବଂ ସେ ଅଜ୍ଞାନ ଓ ଅପ୍ରବୃତ୍ତିର ବଶୀଭୂତ ହେଲେ । ତାଙ୍କୁ ସନ୍ନ୍ୟାସର ମନୋଭାବ ମାଡ଼ି ବସିଲା । ସେ ଅନୁଭବ କଲେ ଏହି ଯୁଦ୍ଧ ଓ ହତ୍ୟାକାଣ୍ଡ, ଏହି ''ଘୋର କର୍ମ''ରେ ପ୍ରବୃତ୍ତ ହେବା ଅପେକ୍ଷା ସନ୍ନ୍ୟାସିତୁଲ୍ୟ ଭିକ୍ଷା କରି ଜୀବନଯାପନ କରିବା ବରଂ ଶ୍ରେୟସ୍କର –

''ଗୁରୂନହତ୍ୱା ହି ମହାନୁଭାବାନ୍
ଶ୍ରେୟୋ ଭୋକ୍ତୁଂ ଭୈକ୍ଷ୍ୟମପୀହ ଲୋକେ ।''

– ଗୀତା (୨/୫)

''ମହାନୁଭବ ଗୁରୁଜନମାନଙ୍କୁ ନ ମାରି ଇହଲୋକରେ ମୁଁ ଭିକ୍ଷାନ୍ନ ଭକ୍ଷଣ କରିବାକୁ ମଧ୍ୟ ଶ୍ରେୟସ୍କର ମନେ କରୁଛି ।''

ଶ୍ରୀଅରବିନ୍ଦ ତ୍ରିଗୁଣର ପ୍ରଭାବ ବିଷୟରେ ଆଲୋଚନା କରିଛନ୍ତି । ଯେତେବେଳେ ନିଷ୍ପତ୍ତି ନେବାର କଠିନ ମୁହୂର୍ତ୍ତ ଉପନୀତ ହୁଏ ଏବଂ ବ୍ୟକ୍ତିର ପ୍ରକୃତିରେ ତାମସିକ ଗୁଣ ପ୍ରଭାବଶାଳୀ ହୋଇଯାଏ ସେତେବେଳେ ତା' ମନରେ ଦେଖାଦିଏ ଭୟ, ବିରକ୍ତି ଓ ବିତୃଷ୍ଣା । ସେ ସମାଜ-ଜୀବନ ନିମନ୍ତେ ନିଜକୁ ଅକ୍ଷମ ଓ ଅଯୋଗ୍ୟ ବୋଲି ମଧ୍ୟ ମନେ କରିପାରେ । ଫଳରେ ସେ ସଂସାର ପ୍ରତି ଘୃଣା ଓ ବୈରାଗ୍ୟ ଅନୁଭବ କରି ସନ୍ନ୍ୟାସ ଗ୍ରହଣ କରିପାରେ । କିନ୍ତୁ ବ୍ୟକ୍ତିର ତାମସିକତା ଯଦି ରାଜସିକ ଗୁଣ ଦ୍ୱାରା ପରିଚାଳିତ ହୁଏ ତାହାହେଲେ ସେ ଅନୁଭବ କରେ କ୍ଲାନ୍ତି, ଅନାଗ୍ରହ, ଅସନ୍ତୋଷ ଓ ନୈରାଶ୍ୟ । ସମ୍ଭାବ୍ୟ ପରିଣାମ ପାଇଁ ସେ ଶୋକ ପ୍ରକାଶ କରେ ଏବଂ କର୍ତ୍ତବ୍ୟ ସମ୍ପାଦନ କରିବାକୁ ମନା କରିଦିଏ । ଅର୍ଜୁନଙ୍କ କ୍ଷେତ୍ରରେ ଏପରି ଘଟିଛି ।

ବ୍ୟକ୍ତିର ରଜୋଗୁଣ ଯଦି ସତ୍ତ୍ୱଗୁଣ ଦ୍ୱାରା ପ୍ରଭାବିତ ହୁଏ, ତେବେ ସେ ସଂସାରରୁ ଯାହା ପାଇଥା'ନ୍ତା ତା'ଠାରୁ ଅଧିକ କିଛି ପାଇବାକୁ ଇଚ୍ଛା କରେ । ସେ ତା'ର ବୌଦ୍ଧିକ ସ୍ତରରେ ସଂସାରର ଅସତ୍ୟତାକୁ ଉପଲବ୍ଧି କରେ ଏବଂ ସନ୍ନ୍ୟାସ ପ୍ରତି ଆକର୍ଷିତ ହୋଇଯାଏ । ସେ ସକଳ ବାଧା, ବନ୍ଧନ, ମୋହ ଓ ଆସକ୍ତିରୁ ମୁକ୍ତ ହୋଇଯିବାକୁ ଚାହେ । ଯଦି ବ୍ୟକ୍ତିର ଚେତନା ଟିକିଏ ଉଚ୍ଚତର ସ୍ତରରେ ଥିବ ତେବେ ସେ ସତ୍ତ୍ୱଗୁଣର ପ୍ରଭାବରେ କାଳାତୀତ, ଅନନ୍ତ ଓ ନାମରୂପହୀନ ଶାନ୍ତିର ଅନୁଭୂତି ଲାଭ କରିବାକୁ ତଥା ସଂସାର ବର୍ଜନ କରିବାକୁ ଅଭିଳାଷ ପୋଷଣ କରେ । ସୁତରାଂ କର୍ତ୍ତବ୍ୟ ଓ ସଂସାରକୁ ବର୍ଜନ କରିବାର ଅଭିପ୍ରାୟ ବ୍ୟକ୍ତି ଉପରେ ପ୍ରଭାବ ବିସ୍ତାର କରିଥିବା ଗୁଣ ଉପରେ ନିର୍ଭର କରେ ।

ଶ୍ରୀଅରବିନ୍ଦଙ୍କ ମତରେ ଅର୍ଜୁନଙ୍କର ସଂସାର ପ୍ରତି ଯେଉଁ ବୈରାଗ୍ୟ ଜନ୍ମିଥିଲା ତାହା ଥିଲା ସତ୍ତ୍ୱ-ରାଜସିକ ମନୁଷ୍ୟର ତାମସିକ ବୈରାଗ୍ୟ । ଦିବ୍ୟଗୁରୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତାମସିକତାର ଅନ୍ଧକାର ପଥ ଦେଇ ସନ୍ନ୍ୟାସୀ ଜୀବନର ଶାନ୍ତି ଓ ପବିତ୍ରତା ଆଡ଼କୁ ନେଇଯାଇ ପାରିଥା'ନ୍ତେ ଅଥବା ଅର୍ଜୁନଙ୍କ ତାମସିକ ବୈରାଗ୍ୟକୁ ପରିଶୁଦ୍ଧ କରି ସାତ୍ତ୍ୱିକ ସନ୍ନ୍ୟାସର ଉଚ୍ଚ ଅବସ୍ଥାକୁ ନେଇଯାଇ ପାରିଥା'ନ୍ତେ । କିନ୍ତୁ ଏ ଦୁଇଟି ମାର୍ଗ ଭିତରୁ କୌଣସିଟିକୁ ସେ (ଶ୍ରୀକୃଷ୍ଣ) ଗ୍ରହଣ କଲେ ନାହିଁ । କାରଣ ତାମସିକ ବୈରାଗ୍ୟ କିଂବା ସନ୍ନ୍ୟାସ ପ୍ରତି ଆକର୍ଷଣ ଏ ଦୁଇଟି ମଧ୍ୟରୁ କୌଣସିଟି ଅର୍ଜୁନଙ୍କ ଆତ୍ମାର ବିକାଶରେ ସହାୟକ ହୋଇ ନଥା'ନ୍ତା । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କର୍ମ କରିବାକୁ ଉପଦେଶ ଦେଲେ । ତାଙ୍କର ସ୍ପଷ୍ଟ ମତ ଥିଲା ଯେ ଯୁଦ୍ଧ ଭଳି ଭୀଷଣ କର୍ମ ହେଲେ ମଧ୍ୟ ତାହା ଅବଶ୍ୟ କରଣୀୟ । ସେ ତାଙ୍କର ପ୍ରିୟ ଶିଷ୍ୟଙ୍କୁ ଆଉ ଏକ ପ୍ରକାର ସନ୍ନ୍ୟାସ, ଆଭ୍ୟନ୍ତରୀଣ ତ୍ୟାଗ (inner renunciation)ର ପଥ ଦେଖାଇଦେଲେ । ଏହାହିଁ ଥିଲା ଅର୍ଜୁନଙ୍କ ସମସ୍ୟାର ଯଥାର୍ଥ ସମାଧାନ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇ ଦେଲେ ଯେ ବିଶ୍ୱଶକ୍ତି ଓ ବିଶ୍ୱପ୍ରକୃତି ଉପରେ ଅନ୍ତରାତ୍ମା ପ୍ରଭୁତ୍ୱ ଲାଭ କରିପାରେ ଏବଂ ଆତ୍ମାର ଶାନ୍ତି, ଚେତନା ଓ ସମତାର ଶକ୍ତି ଦ୍ୱାରା ସଂସାରରେ ଯେକୌଣସି କର୍ମ ଦିବ୍ୟଭାବରେ କରାଯାଇପାରେ ।

ଜୀବନ-ଯୁଦ୍ଧରେ ଗୀତାର ଯେଉଁ ଶିକ୍ଷାଟି ଏକାନ୍ତ ଅନୁସରଣୀୟ ତାହା ଶ୍ରୀଅରବିନ୍ଦ ନିମ୍ନ ବାକ୍ୟରେ ପ୍ରକାଶ କରିଛନ୍ତି –

''Not a physical asceticism, but an inner askesis is the teaching of the Gita.''

(*Essays on the Gita,* p. 56)

ଅର୍ଥାତ୍ ''ବାହ୍ୟ ସନ୍ନ୍ୟାସ ନୁହେଁ, ଆନ୍ତର ତପସ୍ୟା (କାମନା, ବାସନା ଓ ଆସକ୍ତିର ତ୍ୟାଗ)ହିଁ ଗୀତାର ଶିକ୍ଷା ।''

(କ୍ରମଶଃ)

❑❑❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୭୧)

### ଅସୁର ବିନାଶିନି ମାତଃ :

ଗତ ଅଧ୍ୟାୟରେ ଆମେ ଆଶ୍ରମରେ ପୂଜା ଉତ୍ସବ ପାଳନର ଇତିବୃତ୍ତି ସମ୍ବନ୍ଧେ ଯଥାସାଧ ସମୀକ୍ଷା କରିଛୁ; ଏ ଅଧ୍ୟାୟରେ ଏହିସବୁ ପୂଜାଦିନରେ ଲୋକଚକ୍ଷୁର ଅନ୍ତରାଳରେ ଘଟୁଥିବା ଘଟଣା ବା ଏସବୁ ଦିନର ନିଗୂଢ଼ ତାତ୍ପର୍ଯ୍ୟ ସମ୍ବନ୍ଧେ କିଛିଟା ଉଲ୍ଲେଖ କରିବୁ । ପ୍ରକାଶ ଥାଉ କି ଏସବୁ ଗତିବିଧି ସୂକ୍ଷ୍ମ ଭୌତିକ ସ୍ତରରେ ଘଟିଥାଏ ।

ପ୍ରୀତି ଦାସଗୁପ୍ତଙ୍କର ସ୍ମୃତିଚାରଣରୁ ଉଦ୍ଧୃତି : ''ପ୍ରତିବର୍ଷ ପୂଜା (ବୀରାଷ୍ଟମୀ)ର କେତୋଟି ଦିନ ପୃଥିବୀପୃଷ୍ଠରେ ମା ନିଜକୁ ମା ଦୁର୍ଗା ରୂପରେ ପ୍ରକାଶ କରନ୍ତି ଏବଂ ଅସୁରମାନଙ୍କ ସହିତ ଯୁଦ୍ଧ କରି ଜୟୀ ହୁଅନ୍ତି । ଏହା କେବଳ ଗୋଟିଏ ପ୍ରାଚୀନ କାହାଣୀ ନୁହେଁ । ମା ନିଜେ ଥରେ ପ୍ଲେ-ଗ୍ରାଉଣ୍ଡର ସାନ୍ଧ୍ୟ କ୍ଲାସରେ ଅସୁରମାନଙ୍କ ସହିତ ଯୁଦ୍ଧ କରିବାର କାହାଣୀ ଆମମାନଙ୍କୁ କହିଥିଲେ । ଖୁବ୍ ଚିତ୍ତାକର୍ଷକ ସେହି କାହାଣୀ । ଆମେ ତାଙ୍କ ପାଖକୁ ଘୁଞ୍ଚିଯାଇ ତାଙ୍କର ଖୁବ୍ ନିକଟରେ ତାଙ୍କୁ ଘେରି ବସିଥିଲୁ ।...

''ଆଉ ଥରେ ସେହି କ୍ଲାସରେ ମା କହିଥିଲେ : 'ତୁମେମାନେ ନିଶ୍ଚୟ ଜାଣ ଯେ ପ୍ରତ୍ୟେକ ବର୍ଷ ଦୁର୍ଗାଙ୍କୁ ଅସୁର ବଧ କରିବାକୁ ହୁଏ । ପ୍ରତ୍ୟେକ ବର୍ଷ ଦୁର୍ଗାଙ୍କୁ ନୂତନ କରି ଯୁଦ୍ଧକୁ ଓହ୍ଲାଇବାକୁ ହୁଏ । ଏହାର ଯେମିତି ଆଦି-ଅନ୍ତ ନାହିଁ । ପୃଥିବୀପୃଷ୍ଠରେ ଅସୁରମାନଙ୍କର ରାଜତ୍ୱ ଓ ଆଧିପତ୍ୟ ଶେଷ ନହେବା ପର୍ଯ୍ୟନ୍ତ ଏମିତି ଭାବରେ ଯୁଦ୍ଧ ଚାଲିଥିବ । ଯେତେବେଳେ ଅସୁରଗଣ ସମ୍ପୂର୍ଣ୍ଣରୂପେ ପୃଥିବୀରୁ ବିତାଡ଼ିତ ବା ନିଶ୍ଚିହ୍ନ ହେବେ ସେତେବେଳେ ଆଉ ଯୁଦ୍ଧର ଆବଶ୍ୟକତା ରହିବ ନାହିଁ । କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ମଣିଷମାନଙ୍କ ମଧ୍ୟରେ ଆସ୍ପୃହା-ଅଗ୍ନି ଉଦ୍ଦୀପ୍ତ ନହୋଇଛି, ବିବେକ-ବୋଧ ତୀକ୍ଷ୍ଣ ନହୋଇଛି, ମଣିଷମାନଙ୍କର ନିଷ୍ଠା ପରୀକ୍ଷା କରିବା ପାଇଁ ଏ ଅସୁରଗଣ ପୃଥିବୀପୃଷ୍ଠରେ ରହିଥିବେ । ଏମିତି ଦିନ ଆସିବ ଯେତେବେଳେ ମଣିଷ ପାଇଁ ଆଉ ପରୀକ୍ଷାର ଆବଶ୍ୟକତା ନଥିବ, ମଣିଷର ନିଷ୍ଠା ହୋଇଉଠିବ ଶୁଦ୍ଧ, ପବିତ୍ର ଏବଂ ସ୍ୱୟଂସ୍ଥିତ । ସେତେବେଳେ ଅସୁରଗଣ ଏଇ ପୃଥିବୀରୁ ଦୂରେଇ ଯିବାକୁ ବାଧ ହେବେ । ତା'ପରେ ଦୁର୍ଗାଙ୍କୁ ଆଉ ପ୍ରତିବର୍ଷ ଅସୁରମାନଙ୍କ ସହିତ ଯୁଦ୍ଧ କରିବାକୁ ପଡ଼ିବ ନାହିଁ ।' ''

(ଅବିସ୍ମରଣୀୟ ମୁହୂର୍ତ୍ତ, ପୃ. ୧୭୩)

ଏବେ କଥାପ୍ରସଙ୍ଗରେ ମା ତାଙ୍କର ଜନୈକ ଶିଷ୍ୟଙ୍କୁ ପ୍ରକାଶ କରିଥିବା କେତୋଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ମନୋମୁଗ୍ଧକର ଘଟଣାସବୁ ସମ୍ବନ୍ଧେ ବର୍ଣ୍ଣନା କରିବୁ —

୨ ଅଗଷ୍ଟ ୧୯୬୧ରେ ମା ବର୍ଣ୍ଣନା କରିଛନ୍ତି : ''କେବଳ ଭାରତବର୍ଷର ଐତିହ୍ୟ ବା ପରମ୍ପରାରେ ନୁହେଁ, ଅନ୍ୟାନ୍ୟ ଦେଶ ତଥା ଧର୍ମ-ସମ୍ପ୍ରଦାୟରେ ଅଧିମାନସର ଦେବଦେବୀଗଣ ଅଦ୍ଭୁତ ଭାବରେ ବ୍ୟବହାର କରିଥା'ନ୍ତି । ଏହାର ଏକମାତ୍ର କାରଣ ହେଉଛି ସେମାନଙ୍କର ଚୈତ୍ୟସତ୍ତା ନଥାଏ ।...''

***ଶିଷ୍ୟ :*** *ଦେବଦେବୀମାନେ କ'ଣ ଭଗବାନଙ୍କ ସମ୍ବନ୍ଧେ ସଚେତ ନୁହନ୍ତି ?*

**ଶ୍ରୀମା :** ମୋର ପ୍ରିୟ ସନ୍ତାନ, ତେବେ ଶୁଣ, ସେମାନେ ସେମାନଙ୍କର ନିଜସ୍ୱ ଦେବତ୍ୱ ସମ୍ବନ୍ଧେ ଜାଗ୍ରତ୍ ଏବଂ ସର୍ବୋପରି କେବଳ ସେତିକି ମାତ୍ର । ସେମାନେ ଭଗବାନଙ୍କ ସହିତ ଯୁକ୍ତ, କିନ୍ତୁ ମୁଁ ମୋର ଅଭିଜ୍ଞତାରୁ ଜାଣିଛି ଯେ 'ସମର୍ପଣ' ସମ୍ବନ୍ଧେ ସେମାନଙ୍କର ବିନ୍ଦୁଏ ମାତ୍ର ଧାରଣା ନାହିଁ ।

ମୋର ଏକ ଚିତ୍ତାକର୍ଷକ ଅଭିଜ୍ଞତା ହୋଇଥିଲା । ଯେତେଦୂର ସମ୍ଭବ ମୋର ମନେହୁଏ ୧୯୫୮ ପରେ । ପୂଜାଦିନମାନଙ୍କରେ ଦେବୀଗଣ ମୋ ପାଖକୁ ଆସନ୍ତି — ସେମାନେ କିନ୍ତୁ ମୋ ଶରୀରରେ ଅନୁପ୍ରବେଶ କରି ତା' ମଧ୍ୟରେ ନିଜକୁ ଆବଦ୍ଧ କରି ରଖନ୍ତି ନାହିଁ, କିନ୍ତୁ ସେମାନେ ଆସନ୍ତି, ମୋ ସାମନାରେ ପ୍ରକଟ ହୁଅନ୍ତି ଓ ନିଜକୁ ପରିପ୍ରକାଶ କରନ୍ତି ।

ସେ ଯାହାହେଉ, ମୋର ମନେହୁଏ ଗତ ବର୍ଷ ୧୯୫୯ ମସିହା ପୂଜାରେ ଦୁର୍ଗା ଆସିଲେ (ସେ ପ୍ରତିଥର ପୂଜାର କିଛିଦିନ ପୂର୍ବରୁ ଆସନ୍ତି, ଏଇ ଆବହାଉଆରେ ରହିଥା'ନ୍ତି, ସେ ଉପସ୍ଥିତ ଥା'ନ୍ତି, ଯେପରି ମୋ ସାଥିରେ ଏ ଦିଗରୁ ସେ ଦିଗକୁ ପଦଚାରଣ କରୁଛନ୍ତି) ଉପର ମହଲାରେ ଧ୍ୟାନ ସମୟରେ ମୁଁ

ତାଙ୍କ ସହିତ ସଂପୃକ୍ତ ରହିଥାଏ । ପରମେଶ୍ୱରଙ୍କଠାରେ ପୂର୍ଣ୍ଣ ସମର୍ପିତ ହୋଇ ରହିଲେ ନବସୃଷ୍ଟି ନିମିତ୍ତ ନିଜ ଭିତରକୁ ଯେଉଁ ନୂତନ ଦିବ୍ୟଶକ୍ତିର ଅବତରଣ ଘଟେ, ସେସମୟରେ ମୁଁ ସେହି ନୂତନ ଶକ୍ତିଶାଳୀ ଦିବ୍ୟଶକ୍ତିର ପ୍ରତିଭୂ ଥିଲି, ଏବେ ବି ରହିଛି । ଏବଂ ମୁଁ ଦୁର୍ଗାଙ୍କୁ ସେଦିନ 'ସମର୍ପଣ'ର ଅତିବାସ୍ତବ କ୍ରିୟାରେ ଅଂଶ ଗ୍ରହଣ କରାଇଲି । 'ପରମ'ଙ୍କ ସହିତ ସଂଯୁକ୍ତ ଓ ସାଯୁଜ୍ୟ ଲାଭ କରିବାରେ ଯେଉଁ ପରମାନନ୍ଦର ସ୍ୱାଦ ମିଳେ ମୁହୂର୍ତ୍ତକ ଭିତରେ ଆଶ୍ଚର୍ଯ୍ୟଜନକ ଭାବରେ ସେ ସେହି ତୀବ୍ର ଅନୁଭୂତି ଲାଭ କଲେ ଏବଂ ସେ କହିଉଠିଲେ, 'ଏଇ ମୁହୂର୍ତ୍ତରୁହିଁ ମୁଁ ହେଉଛି ପରମେଶ୍ୱରଙ୍କର ଏକ ଭକ୍ତ ।'

ଏହା ଅତ୍ୟନ୍ତ ମନୋମୁଗ୍ଧକର ଥିଲା । ସମର୍ପିତ ହୋଇ ରହିବାରେ ଯେଉଁ ଦୁର୍ଜୟ ମହାଶକ୍ତି, ଏକ ବିଶ୍ୱଗତ ମହାଶକ୍ତି, ଏକ ଶାଶ୍ୱତ ଓ ଦୁର୍ଜୟ ଦିବ୍ୟଶକ୍ତି – ଦୁର୍ଗାଙ୍କର ଏହି ଅନୁଭୂତି ଏଥି ପୂର୍ବରୁ କେବେ ବି ହୋଇ ନଥିଲା । ସେ କେବଳ ନିଜସ୍ୱ ଶକ୍ତିର ଅନୁଭୂତି ଲାଭ କରିଥିଲେ, ଏବଂ ପରମେଶ୍ୱରଙ୍କଠାରୁ ଦିବ୍ୟ-ଆଦେଶ ଗ୍ରହଣପୂର୍ବକ ଆଜ୍ଞା ପାଳନ କରିବାରେ ଅଭ୍ୟସ୍ତ ଥିଲେ ମାତ୍ର, କିନ୍ତୁ ତା' ଥିଲା ସ୍ୱୟଂଚାଳିତ ଓ ସ୍ୱତଃସ୍ଫୂର୍ତ୍ତ । କିନ୍ତୁ ସମର୍ପିତ ହୋଇଉଠିବା ପରେ, ମୁହୂର୍ତ୍ତକ ମଧ୍ୟରେ ପରମେଶ୍ୱରଙ୍କର ଏକ ସଚେତ ଓ ଇଚ୍ଛାକୃତ, ଆତ୍ମଜ୍ଞାନସମ୍ପନ୍ନ ଯନ୍ତ୍ରୀ ବା ମାଧ୍ୟମ ହୋଇଉଠିବାର ପରମାନନ୍ଦ ସେ ପ୍ରଥମ କରି ଲାଭ କଲେ । ବାସ୍ତବରେ, ବାସ୍ତବରେ ଏହା ଅତ୍ୟନ୍ତ ମନୋମୁଗ୍ଧକର ଥିଲା ।

(Mother's Agenda, Vol. 2, P. 297-98)

୨୫ ଅକ୍ଟୋବର ୧୯୬୦ରେ ମା ବର୍ଣ୍ଣନା କରିଛନ୍ତି : ''ମୁଁ ଠିକ୍ ସ୍ମରଣରେ ଆଣିପାରୁ ନାହିଁ, ଦୁର୍ଗାପୂଜା ପୂର୍ବରୁ କି ପରେ, ନା, ପୂଜା ପରେ, ମୁଁ ଏକ ଗଭୀର ଏକାଗ୍ରତାରେ ନିମଗ୍ନ ରହିଥିବା ବେଳେ ବାସ୍ତବ ପକ୍ଷରେ ମୁଁ ଦେଖିଲି ଏକ ଶକ୍ତିଶାଳୀ ଓ ବିପଜ୍ଜନକ ରାକ୍ଷସୀ ଶକ୍ତି ଏହି ପୂଜା ଉତ୍ସବରେ ସମ୍ପୃକ୍ତ ରହିଛି । ଏବଂ, ତା'ପରେ ମୁଁ ଯେତେବେଳେ ଜପ ସକାଶେ ଉପର ମହଲାକୁ ଯାଇ ପଦଚାରଣ କରିବାକୁ ଆରମ୍ଭ କଲି, (ମୁଁ ଏହି ରାକ୍ଷସୀ ଶକ୍ତିର ଖେଳା ସମ୍ବନ୍ଧରେ ଭାବିଥିଲି ଏବଂ ଏ ସମ୍ବନ୍ଧେ କିଛି ଗୋଟିଏ କରିବାକୁ ହେବ ବୋଲି ଚେଷ୍ଟା ଚଳାଇଥିଲି) ତତ୍‌କ୍ଷଣାତ୍ ମୁଁ ଦୁର୍ଗାଙ୍କୁ ଦେଖିଲି, ଶୁଭ୍ରଜ୍ୟୋତିଃରେ ଜାଜ୍ୱଲ୍ୟମାନ ବର୍ଚ୍ଛାକୁ ଉର୍ଦ୍ଧ୍ୱକୁ ଉତ୍ତୋଳିତ କରି ମୋ ସମ୍ମୁଖରେ ସେ ଉଭା ହୋଇଥିଲେ । ଯେଉଁ ଶୁଭ୍ରଜ୍ୟୋତିଃର ବର୍ଚ୍ଛା ଆସୁରିକ ଶକ୍ତିର ବିନାଶ ଘଟାଇଥାଏ, ଏବଂ ସେ ସେହି ବର୍ଚ୍ଛାକୁ ଏକତ୍ର ଗୋଷ୍ଠୀବଦ୍ଧ ହୋଇ ରହିଥିବା ଦଳେ କୃଷ୍ଣବର୍ଣ୍ଣ ଲୋକଙ୍କ ମଧ୍ୟକୁ ତୀରବେଗରେ ନିକ୍ଷେପ କଲେ ।

''କିନ୍ତୁ ପରେ ପରେ ଏକ ଭୟଙ୍କର ପ୍ରତିକ୍ରିୟା ସୃଷ୍ଟି ହେଲା । ପ୍ରାୟ ଦିନତମାମ ମୁଁ ଅସୁସ୍ଥ ହୋଇପଡ଼ିଲି – ଏକେବାରେ ଅସୁସ୍ଥ ନୁହେଁ, ଯେମିତି ଦୁଇ ବର୍ଷ ପୂର୍ବରୁ ହୋଇଥିଲି ।

''ଏବଂ, ତା'ରି ପ୍ରଭାବରୁ ମୁଁ, ଯିଏକି କେବେ ବି ବାନ୍ତି କରେ ନାହିଁ, ଭୟଙ୍କର ଭାବରେ ବାନ୍ତି କରିବାକୁ ଲାଗିଲି । ଭିତରେ ଯାହାକିଛି ଥିଲା ସବୁ ବାହାରି ଆସିଲା । ଏବେ କିନ୍ତୁ ଗତ ଦୁଇ ବର୍ଷ ଅପେକ୍ଷା ଅଧିକ ଅନୁଭୂତି ଲାଭ କରିଥିଲି, ତେଣୁ ମୁଁ ଅବସ୍ଥାଟିକୁ ବେଶ୍ ସୁଧାରି ନେଲି ଏବଂ ଯେଉଁ ପଦକ୍ଷେପ ନେବାର ଥିଲା ସେଇଟିକୁ ଦୃଢ଼ ଭାବରେ ନେଇଥିଲି, କିନ୍ତୁ ଦୁର୍ଭାଗ୍ୟବଶତଃ ଆଶ୍ରମରେ ଏହି ଆସୁରିକ ଶକ୍ତିର ପ୍ରଭାବ ଘନକୃଷ୍ଣ ମେଘ ସଦୃଶ ଛାଇ ହୋଇ ରହିଥିଲା, ଅଶାନ୍ତି ବିରାଜମାନ କରିଥିଲା ।''

(Mother's Agenda, Vol. 1, P. 450-51)

୮ ଅଗଷ୍ଟ ୧୯୬୨ରେ ମା ବର୍ଣ୍ଣନା କରିଛନ୍ତି : ''... ଉଦାହରଣସ୍ୱରୂପ ୧୯୨୦ରେ ସୂକ୍ଷ୍ମଭୌତିକ ସ୍ତରରେ ଘଟିଥିବା ମୋର ଏକ ଅନୁଭୂତି କଥା ତୁମକୁ କହିବି – ଏହା ପ୍ରତୀକାତ୍ମକ କିନ୍ତୁ ସମଗ୍ର ପୃଥିବୀ ବ୍ୟାପୀ ଏକ ପାର୍ଥିବ କ୍ରିୟା । ଏହା ଏପରି ଏକ ସୂକ୍ଷ୍ମଦର୍ଶନ ଯେଉଁଠି ପ୍ରତ୍ୟେକ ଦେଶ ଏକ ପ୍ରତୀକାତ୍ମକ ସତ୍ତା (entity) ଦ୍ୱାରା ପ୍ରତିନିଧିତ୍ୱ କରୁଥିଲେ ଏବଂ ନିଜ ନିଜ କ୍ଷେତ୍ରରେ ବା ଦେଶରେ ଏକ ନିର୍ଦ୍ଦିଷ୍ଟ ଧରଣର ଆତଙ୍କ, କହିବାକୁ ଗଲେ ସନ୍ତ୍ରାସ (terror) ସୃଷ୍ଟି କରୁଥିଲେ । ଦେଶସକଳର ସେହି ସମାବେଶରେ ସନ୍ତ୍ରାସ ସୃଷ୍ଟି କରିବାର ଏକ ନିର୍ଦ୍ଦିଷ୍ଟ ଅଭିପ୍ରାୟ ସମ୍ବନ୍ଧେ ପ୍ରତ୍ୟେକ ଦେଶ ନିଜକୁ ଅଭିବ୍ୟକ୍ତ କରିବାକୁ ଚେଷ୍ଟା କରୁଥିଲା । ଏବଂ ସେମାନଙ୍କର ସେହି ସମଗ୍ର ପରିକଳ୍ପନା ମୋର ଚକ୍ଷୁ ସାମନାରେହିଁ ଘଟୁଥିଲା, ଅବଶ୍ୟ ସୂକ୍ଷ୍ମଜଗତରେ । ଆଉ ମୋର ବେଶ୍ ସ୍ମରଣରେ ଅଛି ଯେ ଏହା ଥିଲା ଅତ୍ୟନ୍ତ ସକ୍ରିୟ ବା ସଚେତନ, ଦୀର୍ଘ ଏବଂ ପୁଙ୍ଖାନୁପୁଙ୍ଖ ସୂକ୍ଷ୍ମଦର୍ଶନ ଯାହାକି ଭୌତିକ ଘଟଣା ଅପେକ୍ଷା ତୀବ୍ର ଓ ବାସ୍ତବ ଥିଲା । ଏସବୁର ଅନ୍ତଃସ୍ଥଳକୁ ଏକେବାରେ ଧ୍ୱଂସ କରିବା ସକାଶେ ବା ଏସବୁର ମୂଳଉତ୍ସକୁ ଏକେବାରେ ଉତ୍ପାଟନ କରିଦେବା ସକାଶେ ମୋର କରଣୀୟ ସଂଗ୍ରାମ (ମୁଁ ଏ ସମ୍ବନ୍ଧେ ବିଶେଷ କିଛି କହୁ ନାହିଁ, କାରଣ ପୁଙ୍ଖାନୁପୁଙ୍ଖ

ଭାବରେ ଠିକ୍ ଠିକ୍ ନକହି ପାରିଲେ ଏହା ତା'ର ଯଥାର୍ଥ ମୂଲ୍ୟ ହରାଇବ, ଆଉ ସେସବୁକୁ ଏବେ ସ୍ମରଣରେ ଆଣିପାରୁ ନାହିଁ) ସମାପ୍ତ କରି ଯେତେବେଳେ ଫେରି ଆସିଲି ସେତେବେଳେ ଏକ ସମ୍ପୂର୍ଣ୍ଣ ଦୃଢ଼ ପ୍ରତ୍ୟୟ ସହିତ କହି ପାରିଲି : 'ପୃଥିବୀପୃଷ୍ଠରେ ସନ୍ତ୍ରାସ ଉପରେ ବିଜୟ ହାସଲ କରାଯାଇଛି ।' ଅବଶ୍ୟ ଆକ୍ଷରିକ ଅର୍ଥରେ ଏହା ସତ୍ୟ ବୋଲି ବିବେଚିତ ହେବ ନାହିଁ, କାରଣ ଏବେ ବି ବହୁ ସଂଖ୍ୟକ ବ୍ୟକ୍ତି ସନ୍ତ୍ରାସରେ ସନ୍ତୁଳିତ ହେଉଛନ୍ତି, କିନ୍ତୁ ଏକଥା ସତ୍ୟ ଯେ ଏକ ନିର୍ଦ୍ଦିଷ୍ଟ ଧରଣର ସନ୍ତ୍ରାସକୁ ତା'ର ମୂଳଉତ୍ସରୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରି ଦିଆଯାଇଛି (undermined) । ଯେଉଁ ସନ୍ତ୍ରାସଟି ଏବେ ବି ଘଟି ଚାଲିଛି, ତା' ଚାଲୁ ରହିବ ଏବଂ କ୍ରମଶଃ କ୍ଳାନ୍ତ ଓ ନିଃଶେଷିତ ହୋଇଉଠିବ, କିନ୍ତୁ ଯେଉଁ ସନ୍ତ୍ରାସର ଉପଦ୍ରବ ଅଧିକରୁ ଅଧିକ ବଢ଼ିବାକୁ ଚେଷ୍ଟା ଚଳାଉଥିଲା ଏବଂ ପାର୍ଥିବ ଜୀବନରେ ଆଧିପତ୍ୟ ବିସ୍ତାର କରିବାକୁ ଆଗଭର ହେଉଥିଲା, ସେଇଟି ଧୀରେ ଧୀରେ ଉଦାସୀନ ହୋଇଯାଇଛି ଏବଂ ପରିଶେଷରେ ନିଃଶେଷ ହୋଇ ଯିବାକୁ ବାଧ ।

''ମୋର ସମାନ ଧରଣର ଅନୁଭୂତି ଥିଲା ଦୁର୍ଗାଙ୍କର (ଅସୁର ବିନାଶିନି) ଦିନରେ, ଶ୍ରୀଅରବିନ୍ଦ ସେତେବେଳେ ସଶରୀରରେ ଥା'ନ୍ତି । (ଏହି ଦୁର୍ଗାପୂଜା ଦିନରେ ଦୁର୍ଗା ଏକ ଅସୁରକୁ ଦମନ କରନ୍ତି, ତା' ଉପରେ ବିଜୟ ହାସଲ କରନ୍ତି କିନ୍ତୁ ସଂହାର କରନ୍ତି ନାହିଁ ।) ସେ ଯାହାହେଉ ପ୍ରତି ବର୍ଷ ଏକ ନିର୍ଦ୍ଦିଷ୍ଟ ଧରଣର ଆସୁରିକ ଶକ୍ତିକୁ, ତା'ର ମୂଳଉତ୍ସକୁ ଦୁର୍ଗା ବଶୀଭୂତ କରନ୍ତି । (ମୋର ଏହି ଅଭିଜ୍ଞତା କେବେ ବି ମନଃସ୍ତରର ନୁହେଁ । ଏହା ହଠାତ୍ ଆସେ, ଏବଂ **ପରେ ପରେହିଁ** ମୁଁ ହୃଦୟଙ୍ଗମ କରେ, ଓ ! ଏହା ଦୁର୍ଗାଙ୍କ ଦିନ), ଏବଂ ପ୍ରତିଥର ମୁଁ ଶ୍ରୀଅରବିନ୍ଦଙ୍କୁ ଜଣାଉଥିଲି, 'ଦେଖନ୍ତୁ, ଆଜି ଅମୁକ ବା ସମୁକ ଶକ୍ତିକୁ ତା'ର ମୂଳଉତ୍ସରୁ ଉଚ୍ଛେଦ କରାଯାଇଛି ।' ଏହି ପ୍ରକାରେ ଦୁର୍ଗାଙ୍କ ଶକ୍ତି ଆସୁରିକ ଶକ୍ତିସବୁ ଉପରେ କ୍ରିୟା କରି ବିଜୟ ହାସଲ କରନ୍ତି ।...

''ପୁଣି ସମାନ ଧରଣର ଅଭିଜ୍ଞତା ଲାଭ ହୋଇଥିଲା (ମୋର ଯେତେଦୂର ଧାରଣା ୧୯୦୪ରେ) ଯେତେବେଳେ ଚେତନା ଓ ଅନ୍ଧକାରର ଅସୁର (Asura of Consciousness and Darkness) ମୋ ନିକଟରେ ନିଜକୁ ସମର୍ପଣ କରି ରୂପାନ୍ତରିତ ହୋଇ ଉଠିଥିଲା । ସେ ମୋତେ କହିଥିଲା, 'ମୋର ଅସଂଖ୍ୟ, ଅସଂଖ୍ୟ ଉଦ୍ଭୂତ ରୂପ (emanations) ରହିଛନ୍ତି, ସେମାନେ ଜୀବନ୍ତ ରହି କ୍ରିୟା କରି ଚାଲିଥିବେ, କିନ୍ତୁ ଏବେ ସେମାନଙ୍କର ମୂଳଉତ୍ସଟି ଶୁଷ୍କ ହୋଇଗଲା ।' ''

(Mother's Agenda, Vol. 3, P. 305-06)

୧୧ ଅକ୍ଟୋବର ୧୯୬୭ରେ ମା ବର୍ଣ୍ଣନା କରିଛନ୍ତି : ''ଆଜି ସକାଳେ ଦୁର୍ଗାଙ୍କ ସହିତ ସାକ୍ଷାତ୍ ହେଲା । ଏଥର କିନ୍ତୁ ଏକ ଚିତ୍ତାକର୍ଷକ ଘଟଣା ଘଟିଲା । ସେ ମୋତେ ତାଙ୍କର ଦୃଷ୍ଟିକୋଣ ସମ୍ବନ୍ଧେ ବୁଝାଇଲେ । ସେ କେମିତି ବିଦ୍ୟମାନତା (existence) ଓ ଜୀବନ-ଶୈଳୀ ସମ୍ବନ୍ଧେ ଅନୁଭୂତି ଲାଭ କରିଛନ୍ତି, ସେ ସମ୍ବନ୍ଧେ ବୁଝାଉ ଥିଲେ ।

''ଏହା ପୂର୍ବରୁ ମୁଁ ଯେତେବେଳେ ପୂଜା-ଦର୍ଶନ ନିମନ୍ତେ ତଳ ମହଲାକୁ ଓହ୍ଲାଇ ଯାଉଥିଲି, ସେ କେବଳ ମୋ ସହିତ ତଳକୁ ଯେ ଓହ୍ଲାଇ ଆସୁଥିଲେ ତା' ନୁହେଁ, ସେ କିନ୍ତୁ ପୂରା ଦର୍ଶନ ସମୟତକ ସେଠାରେ ଉପସ୍ଥିତ ରହୁଥିଲେ । ଗତ ବର୍ଷ (୧୯୬୬) ସେ ଯେତେବେଳେ ଆସିଥିଲେ, ମୁଁ ତାଙ୍କୁ କହିଥିଲି, 'ଖୁବ୍ ଭଲ କଥା, ଏହା ଖୁବ୍ ଭଲ କଥା, ତୁମେ ତୁମର ସାର୍ବଭୌମିକ, ଜଗତବ୍ୟାପୀ ଉତ୍ସବ ପାଳନ କରିବାରେ ବେଶ୍ ସୁନ୍ଦର ଭାବରେ କୃତକାର୍ଯ୍ୟ ହୋଇଛ; କିନ୍ତୁ ତୁମେ କିଛି ଗୋଟିଏ ବସ୍ତୁ ଏବେ ବି ଲାଭ କରି ନାହଁ, ବାକୀ ରହିଯାଇଛି... ।' ତା'ପରେ ମୁଁ ତାଙ୍କୁ ପୂର୍ଣ୍ଣ ସଚେତନତା ଏବଂ ଏକାଗ୍ରତା ସହିତ ପରମ ସଂକଳ୍ପ-ଶକ୍ତି ସହିତ ସଦାସଂଯୁକ୍ତ ରହିବାର ତାତ୍ପର୍ଯ୍ୟ ସମ୍ବନ୍ଧେ ବୁଝାଇ ଦେଇଥିଲି । ସେ ବୁଝିଗଲେ ଓ ସମର୍ଥନ ବି ଜଣାଇଲେ । ଏବଂ ଏହି ବର୍ଷକ ଭିତରେ ସେ ନିଶ୍ଚିତ ରୂପେ ସେ ବିଷୟରେ ଚେଷ୍ଟା ଚଳାଇଛନ୍ତି, କାହିଁକି ନା, ଆଜି ସକାଳେ ସେ ମୋତେ ଆସି ଯେତେବେଳେ ଦେଖା କଲେ, ସେ ବେଶ୍ ପରିବର୍ତ୍ତିତ ହୋଇଥିବାର, ବିଶେଷ କରି ବୁଝାମଣାରେ ସେ ବେଶ୍ ପରିବର୍ତ୍ତିତ ହୋଇ ଉଠିଥିଲେ ଏବଂ ସେ ମୋତେ ସବୁ କଥା ବୁଝାଇ କହିଲେ ।

''ତା'ପରେ ମୁଁ ତାଙ୍କୁ ପାର୍ଥିବ ମାନବିକ ସ୍ୱଭାବ ବା ପ୍ରକୃତି ଏବଂ ତା'ର ଶାରୀରିକ ସାମର୍ଥ୍ୟହୀନତା ସମ୍ବନ୍ଧେ କହିଲି । ସେଇଠୁ ସେ କହିଲେ, 'ଆମର ଏଇ ଶରୀରରେ – ଊର୍ଦ୍ଧ୍ୱଲୋକରେ ଆମ ସମସ୍ତଙ୍କ ଶରୀରରେ – କିଛି ଗୋଟାଏ ବସ୍ତୁର ଅଭାବ ରହିଛି, ଆଉ ତା' ପାଇ ବି ପାରିବୁ ନାହିଁ । ସେଇଟି ହେଉଛି ସର୍ବଦା ଭଗବାନଙ୍କର ଏକ ଦିବ୍ୟ-ଉପସ୍ଥିତି, ସଦା-ସାନ୍ନିଧ୍ୟ, ତାଙ୍କ ସହିତ ଏକ ଦିବ୍ୟ-ସମ୍ପର୍କ, 'ସାଯୁଜ୍ୟ', 'ତାଦାତ୍ମ୍ୟ' ଲାଭ କରିବାର ସମ୍ଭାବନା ।

''ଏସବୁ କଥା ସେ ଏଥି ପୂର୍ବରୁ, ଗୋଟିଏ ବର୍ଷ ପୂର୍ବରୁ, କେବେ କଳ୍ପନାରେ ବି ଆଣି ପାରି ନଥିଲେ । ଏବଂ ଏବେ ସେ ଏକଥା ଏମିତି ତୀବ୍ରତାର ସହିତ, ଏମିତି ପ୍ରଗାଢ଼ତାର ସହିତ, ଏମିତି ହୃଦ୍‌ବୋଧର ସହିତ ଏବଂ ଏମିତି ତାତ୍ପର୍ଯ୍ୟର ସହିତ କହି ପାରିଥିଲେ । ଆଉ ତାଙ୍କର ସେଇ ଅସାଧାରଣ ବିସ୍ମୟକର ଜ୍ୟୋତିର୍ମୟ ବାକ୍‌ଶକ୍ତିରେ – ଅର୍ଥାତ୍ ତାଙ୍କ ଶରୀରର ପ୍ରତିଟି କୋଷାଣୁରେ ଦିବ୍ୟ-ସାନ୍ନିଧ୍ୟର ସମ୍ଭାବନା ଅନୁଭୂତ ହେଉଥିଲା ଏବଂ ମୁହୂର୍ତ୍ତକ ମଧ୍ୟରେ ମଣିଷର ଯାବତୀୟ ଦୁଃଖକଷ୍ଟ, ଦୁର୍ବିପାକସବୁ କୁଆଡ଼େ ଉଭେଇଗଲା ।

''ଆଜି ସକାଳଟି ପ୍ରକୃତରେ ଖୁବ୍ ଚିତ୍ତାକର୍ଷକ ଥିଲା । ଉପର ମହଲାରେ ମୁଁ ସଫାସୁତୁରା କରୁଥିବା ବେଳେ ସେ ମୋ ସହିତ ରହିଥିଲେ ଏବଂ କହିଲେ, 'ଦେଖ, ତୁମେ ଏହିସବୁ କାମ କରି ଚାଲିଛ, କିନ୍ତୁ ମିନିଟିଏ ପାଇଁ, ଗୋଟିଏ ସେକେଣ୍ଡ ପାଇଁ ବି ନୁହେଁ, ତୁମେ ପରମ ବିସ୍ମୟଙ୍କ ସହିତ ତୁମର ସମ୍ପର୍କ ହରାଉ ନାହଁ ! ଏବଂ ଆମେ, ଆମ ନିଜ ନିଜ ଶକ୍ତିରେ ସ୍ୱୟଂ ସମ୍ପୂର୍ଣ୍ଣ ରହିଥିଲେ ମଧ୍ୟ, ତୁମମାନଙ୍କ ସଦୃଶ ଏଇସବୁ ଜାଗତିକ ନଗଣ୍ୟ ଦୁଃଖକଷ୍ଟ ନଥାଇ ବି, ତୁମମାନଙ୍କ ସଦୃଶ କୌଣସି ପ୍ରତିବନ୍ଧକ ବା ବାଧାବିପତ୍ତି ନଥାଇ ବି, ଆମେ ଆମ ସତ୍ତାର ଧାରାରେ ଜୀବନ ଧାରଣ କରିବାରେ ଏମିତି ଅଭ୍ୟସ୍ତ ହୋଇଉଠିଛୁ ଯେ ଏହି ଅଭୂତପୂର୍ବ କଥାର ତାତ୍ପର୍ଯ୍ୟ ସମ୍ବନ୍ଧେ କେବେ ଭାବି ବି ନାହୁଁ, ଯାହାକି ଏକେବାରେ ସୁସ୍ପଷ୍ଟ ଓ ଅନିବାର୍ଯ୍ୟ ମଧ୍ୟ ।'

''ତା'ପରେ କିଞ୍ଚିତ୍ ହାସ୍ୟମୁଖରେ କହିଲେ, 'ଆମେ କେବେ ବି ଭଗବାନଙ୍କ ସମ୍ବନ୍ଧେ ଚିନ୍ତା କରୁ ନାହିଁ, କାହିଁକି ନା ଆମେହିଁ ତ ଭଗବାନ୍ ।... ତେଣୁ ଆମ ଭିତରେ ଅଗ୍ରଗତି କରିବାର ଯେଉଁ ଦୃଢ଼ସଂକଳ୍ପ, ସେଇଟି ନଥାଏ, ଅଧିକରୁ ଅଧିକ ଉନ୍ନତ ହୋଇ ଉଠିବାରେ, ଆହୁରି ଅଧିକ ଉନ୍ନତ ହେବାରେ ଯେଉଁ ଏଷଣା, ତା' ଆମର ନଥାଏ । ଆମେ ସମ୍ପୂର୍ଣ୍ଣତଃ ଏସବୁଥିରୁ ବଞ୍ଚିତ ।'

''ଅବଶ୍ୟ ଏସବୁ କଥାବାର୍ତ୍ତା ଆନ୍ତର ଚେତନାରେ, ସୂକ୍ଷ୍ମ ଚେତନାରେ ଭାବର ଆଦାନ-ପ୍ରଦାନ ଘଟୁଥିଲା, କୌଣସି ଭାଷାରେ ନୁହେଁ, ଅତ୍ୟନ୍ତ ସରଳ ସ୍ୱାଭାବିକ ଭାବରେ, ସ୍ୱତଃସ୍ଫୂର୍ତ୍ତ ଭାବରେ । ଏପରିକି ଏସବୁ କଥାବାର୍ତ୍ତା ହେଉଥିବା ବେଳେ ମୁଁ ତାଙ୍କ ମନୋଯୋଗ ଆକର୍ଷଣ ପୂର୍ବକ ପଚାରିଲି, 'ଲୋକମାନେ ତୁମକୁ ଏଇ ଯେଉଁସବୁ ଧାରାରେ ପୂଜା ଆରାଧନା କରୁଛନ୍ତି, ସେସବୁଥିରୁ ତୁମେ ଆନନ୍ଦ ପାଅ କି ?' ସେ ସେଇଠୁ କହି ଉଠିଲେ, 'ନା, ଏଥିରେ ମୋର ଆଗ୍ରହ ନଥାଏ ।' ସେ ଏଥିରେ ବେଶ୍ ଅଭ୍ୟସ୍ତ, କିନ୍ତୁ ଆଗ୍ରହ ନଥାଏ ।''...

(Mother's Agenda, Vol. 8, P. 333-34)

''କିନ୍ତୁ ଦେବଦେବୀମାନଙ୍କର ଦିବ୍ୟ-ଅହଂ ଥାଏ ।... ଯେତେବେଳେ ସେମାନେ ସେମାନଙ୍କର ଦିବ୍ୟ-ଅହଂକୁ ପରିତ୍ୟାଗ କରିବେ, ଯେତେ ଯେତେ ଏହି ଅହଂର ପରିତ୍ୟାଗ କରାଯାଉଥିବ, ତା'ହେଲେ ବୁଝିବାକୁ ହେବ ଯେ ସୃଷ୍ଟିରେ ପ୍ରକୃତରେ ଏକ ମହାନ୍ ଆଶ୍ଚର୍ଯ୍ୟଜନକ ରୂପାନ୍ତର ସାଧିତ ହେବ । ମୁଁ ମୋର ସୂକ୍ଷ୍ମ ଦୃଷ୍ଟିରେ ଚିତ୍ରପ୍ରତିମା ସଦୃଶ ପରିଷ୍କାର ଦେଖିପାରୁଛି ଯେ ପୃଥିବୀ ପେଣ୍ଡୁ ସଦୃଶ ମା ଦୁର୍ଗାଙ୍କର ବାହୁପାଶରେ କୋଳାଗ୍ରତ ହୋଇ ରହିଛି ।''...

(ତତ୍ରୈବ : P. 337-38)

୧୯ ଅକ୍ଟୋବର ୧୯୬୭ରେ ମା କହିଛନ୍ତି, ''ବର୍ତ୍ତମାନ ହେଉଛି ପୂଜାର ସମୟ । ଦୁର୍ଗା ପୂଜା ଗଲା, ଏବେ କାଳୀ ପୂଜା ଆସୁଛି । ଏହିସବୁ ପ୍ରଚଣ୍ଡ ଦିବ୍ୟ-ଶକ୍ତି ସାମାନ୍ୟତମ ତ୍ରୁଟିବିଚ୍ୟୁତି ଦେଖିଲେ ଆକ୍ରମଣ କରିବା ସକାଶେ ସଦାଜାଗ୍ରତ୍, ସଦାପ୍ରସ୍ତୁତ । କୃତଜ୍ଞତାପୁଟରେ ମଣିଷ ଏହିସବୁ ଶକ୍ତି ପ୍ରତି ଉନ୍ମୁକ୍ତ ରହିବା ଉଚିତ, ଅତି ଯତ୍ନର ସହିତ ଏଥିପ୍ରତି ଘୃଣାକ୍ଷରରେ ଘୃଣାମିଶ୍ରିତ କ୍ରୋଧ ବା କୋପ ରହିବା ଉଚିତ ନୁହେଁ... ନଚେତ୍ ପୂରା ଧ୍ୱଂସ ହୋଇଯିବ ।... ପରମୋଚ୍ଚ ଦିବ୍ୟ-ଚେତନା ସବୁକିଛିକୁ ପରମ ଦିବ୍ୟହାସ୍ୟରେ ଅବଲୋକନ କରୁଛନ୍ତି ।''

(ତତ୍ରୈବ : P. 348)

୫ ଅକ୍ଟୋବର ୧୯୬୮ରେ ମା ବର୍ଣ୍ଣନା କରିଛନ୍ତି : ''ଦୁର୍ଗାପୂଜା ଦିନ ମୋ ରୁମ୍‌ରୁ ମୁଁ ପାଖ ରୁମ୍‌କୁ (ମ୍ୟୁଜିକ୍ ରୁମ୍, ଯେଉଁଠି ମା ଲୋକମାନଙ୍କୁ ସାକ୍ଷାତ୍ କରୁଥିଲେ) ଯାଇଥିଲି । ପ୍ରଥମ ଥର ସକାଶେ ମୁଁ ମୋ ରୁମ୍‌ରୁ ବାହାରକୁ ଆସିଥିଲି । ଯେମିତି ସେହି ରୁମ୍‌କୁ ପ୍ରବେଶ କଲି, ମୁଁ କିଛି ଗୋଟାଏ ଅନୁଭବ କଲି, ଏକ ଆସନ୍ନ ଆକ୍ରମଣ । ତେଣୁ ମୁଁ ମୋ ଚେୟାରରେ ବସିଲି, ନିଜକୁ ଏକେବାରେ ସ୍ଥିର, ନିଃସ୍ତବ୍ଧ, ଶାନ୍ତ ରଖିଲି ଏବଂ ସାଧାରଣତଃ ଏମିତି ପରିସ୍ଥିତିରେ ମୁଁ ଯାହା କରିଥାଏ, ପରମପ୍ରଭୁଙ୍କୁ ଆବାହନ କଲି, ଯଦ୍ଦ୍ୱାରା ସେ ତାଙ୍କର ଦିବ୍ୟ-ଜ୍ୟୋତିଃରେ ସମଗ୍ର କକ୍ଷଟିକୁ ଭରପୂର କରିଦେବେ । ଏବଂ ମୁଁ ଦେଖିପାରିଲି ଦୁର୍ଗାହିଁ ତାଙ୍କର ମହିମମୟ ସୁବର୍ଣ୍ଣ ଜ୍ୟୋତିଃରେ ଆବିର୍ଭୂତା ହେଲେ... ଶ୍ରଦ୍ଧା, ଭକ୍ତି ଓ ଉତ୍ସର୍ଗର ଜ୍ୟୋତିର୍ମୟୀ ସୌନ୍ଦର୍ଯ୍ୟର ଏକ ଅପରୂପ ମହିମା । ସେ ତାଙ୍କର ବିଶାଳ

ମହିମାନ୍ୱିତ ରୂପରେ ଦଣ୍ଡାୟମାନ ହୋଇଥିଲେ । ଏହା ଚମତ୍କାର ଥିଲା, ଅତ୍ୟନ୍ତ ଚମତ୍କାର । ଏବଂ ସମଗ୍ର ସକାଳଟି ବେଶ୍ ସୁରୁଖୁରୁରେ ବିତିଗଲା । ତା'ପରେ ପୁଣି ଉପରଓଳି ରାକ୍ଷସୀ ଶକ୍ତିର ଖେଳା ଆରମ୍ଭ ହୋଇଗଲା ।

***ଶିଷ୍ୟ :*** *ମା, ସେହି ରାକ୍ଷସୀ ଶକ୍ତିର ପ୍ରତିନିଧିତ୍ୱ କରୁଥିବା ସତ୍ତାମାନଙ୍କୁ ତୁମେ ଆକ୍ରମଣ କରି ପାରନ୍ତ ନାହିଁ ?*

**ଶ୍ରୀମା :** ମୁଁ ସେମାନଙ୍କ ଉପରେ ଆକ୍ରମଣ କରିପାରିବି ନାହିଁ । (ଦୁଇ ହାତ ପ୍ରସାରିତ କରି) ଆଗରୁ କରୁଥିଲି, କିନ୍ତୁ ଏବେ ନୁହେଁ, ଆଉ ନୁହେଁ !

ମୁଁ ସେମାନଙ୍କୁ ଦେଖିଲେ ହସେ ।

ମୁଁ ସେମାନଙ୍କୁ କୁହେ, 'ଆସ, ଆସ, ଏମିତି କରି କ'ଣ ଲାଭ ?'

ଆକ୍ରମଣ ନକରିବା ସକାଶେ ଦୁର୍ଗାଙ୍କୁ ବି ମୁଁ ଶିଖାଇ ଦେଇଛି ।

ତେଣୁ ଏଇ କିଛି ଦିନ ଭିତରେ ମୁଁ ଆଶା କରୁଛି ଅବସ୍ଥା ଭଲ ଆଡ଼କୁ ଆସିଯିବ ।''

(Mother's Agenda, Vol. I, P. 257)

୧୭ ଡିସେମ୍ବର ୧୯୫୮ରେ ଶ୍ରୀମା କହିଥିଲେ : ''ତୁମେ ଯେତେବେଳେ ଦୁର୍ଗାଙ୍କୁ ଆରାଧନା କର, ସେତେବେଳେ ତାଙ୍କରି ମାଧ୍ୟମରେ ତୁମେ ମୋତେହିଁ ଆରାଧନା କର; ତୁମେ ଯେତେବେଳେ ଶିବଙ୍କୁ ଆରାଧନା କର, ତାଙ୍କରି ମାଧ୍ୟମରେ ତୁମେ ମୋତେହିଁ ଆରାଧନା କର ଏବଂ ପରିଶେଷରେ ଦେଖିବାକୁ ଗଲେ, ଆମର ପୂଜା, ଆରାଧନା, ପ୍ରାର୍ଥନା ସବୁକିଛି ପରମେଶ୍ୱରଙ୍କ ଉଦ୍ଦେଶ୍ୟରେହିଁ ସମ୍ପାଦିତ ହୋଇଥାଏ । ମୋର ସମ୍ପୂର୍ଣ୍ଣ ପ୍ରେମ ସହ ।''

(ତତ୍ରୈବ)

ପ୍ରକାଶ ଥାଉକି ପରବର୍ତ୍ତୀ କାଳରେ ଶ୍ରୀମା 'ଦୁର୍ଗା ସ୍ତୋତ୍ର'କୁ ଫରାସୀ ଭାଷାରେ ଅନୁବାଦ କରିଥିଲେ ।

ପରିଶେଷରେ ଶ୍ରୀମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ ଆମମାନଙ୍କୁ ଏକ ଅଭିନବ ମନ୍ତ୍ର ଦେଇଛନ୍ତି : 'ଓଁ ଆନନ୍ଦମୟି ଚୈତନ୍ୟମୟି ସତ୍ୟମୟି ପରମେ ।'

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: office@ayurlabsindia.com

# କାଳର ମାପ

## ନଳିନୀକାନ୍ତ ଗୁପ୍ତ

''......ବସରେ କି କାଲେର ମାପ ?''

— ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ

(ବର୍ଷରେ କ'ଣ କାଳର ମାପ ?)

ଗୋଟାଏ କଥା ଘଟିଲା, ତା'ପରେ ଘଟିଲା ଆଉ ଗୋଟାଏ । ଆମମାନଙ୍କର ସ୍ୱାଭାବିକ ଧାରଣା ଓ ବିଶ୍ୱାସ ଏଇୟା ଯେ, ଯେଉଁ କଥା ଆଗରେ ତା' ସର୍ବଦା ଆଗରେହିଁ ଘଟେ ଆଉ ଯେଉଁ କଥା ପରେ ତା' ସର୍ବଦା ପରେହିଁ ଘଟେ । ଏହି ପାରମ୍ପର୍ଯ୍ୟର ସମ୍ବନ୍ଧ କେବେ ବି ଓଲଟା କରି ହେବନି । ତୁମ ଗାଲରେ ଚାପୁଡ଼ାଟାଏ ମାରିଲି, ତୁମେ ଧରାଶାୟୀ ହୋଇ ପଡ଼ିଲ; ଏ ଘଟଣା କେବେହେଲେ ଏପରି ହୋଇ ପାରିବନି ଯେ, ତୁମେ ଆଗେ ଧରାଶାୟୀ ହେଲ, ପରେ ଚାପୁଡ଼ାଟା ଆସି ତୁମ ଗାଲରେ ପଡ଼ିଲା ।

ବାସ୍ତବରେ ଦୁଇଟି କଥା ଏକ ସଙ୍ଗରେହିଁ ଘଟେ, କିନ୍ତୁ ଆମମାନଙ୍କ ନିକଟରେ ତାହା ବୋଧ ହୁଏ ପରେ ପରେ — ଏପ୍ରକାର ଉଦାହରଣ ଆମେମାନେ ଜାଣୁ । ବିଦ୍ୟୁତ୍ ଆଉ ମେଘ ଗର୍ଜନ, ଧୋବାର ଲୁଗା କାଚିବା,— ଯାହା ଦେଖି ଓ ଶୁଣି ହୁଏ — ଘଟଣାଟି ଘଟିଥାଏ ଏକ ସଙ୍ଗରେ, କିନ୍ତୁ ବୋଧ ହୁଏ ପରେ ପରେ । ଅନ୍ୟ ପ୍ରକାରର ଉଦାହରଣଟିଏ ଏଠାରେ ଦେବା — ଦୁଇଟି ସ୍ଥାନରେ ଦୁଇଟି ଆଲୋକ ଜଳି ଉଠିଲା । ଧର ଗୋଟିଏ କଲିକତାରେ ଆଉ ଅନ୍ୟଟି ଶିଲଂରେ । ଠିକ୍ ଏଇ ଦୁଇଟିର ମଝିରେ ଢାକାରେ ଜଣେ ବସି ଦେଖୁଥା'ନ୍ତି । ସେ ଦେଖିଲେ ଦୁଇଟି ସ୍ଥାନରେ ଏକ ସଙ୍ଗେ ଆଲୋକଟି ଜଳି ଉଠିଲା । କିନ୍ତୁ କଲିକତାରେ ଯିଏ ବସି ଦେଖୁଛନ୍ତି ସେ କେଉଁ ଭଳି ଦେଖିବେ ? ସେ ଦେଖିବେ କଲିକତାରେ ଆଗେ ଆଲୋକଟି ଜଳିଲା ଆଉ ପରେ ଶିଲଂରେ ଜଳିଲା । ପୁଣି ଶିଲଂରେ ଯେ ବସି ଦେଖୁଛନ୍ତି ସେ ଦେଖିବେ ଆଗେ ଶିଲଂରେ ଆଲୋକଟି ଜଳିଲା ଆଉ ପରେ କଲିକତାରେ ଜଳିଲା । ଏ ତିନୋଟି ମଧ୍ୟରେ କେଉଁ ଘଟଣାଟି ଠିକ୍ ? ତିନିଟିହିଁ ସମାନ ସତ୍ୟ ଘଟଣା । ଏଥିରୁ ଗୋଟିଏ ସତ୍ୟ, ଅନ୍ୟ ଗୋଟିକ ସତ୍ୟ ନୁହେଁ — ଏପରି କହିଲେ ଚଳିବନି । ତା'ହେଲେ ଆମେ ଏଇ ସିଦ୍ଧାନ୍ତରେ ଉପନୀତ ହେଲୁ ଯେ, ଆଗ-ପର ବୋଲି ଅପରିବର୍ତ୍ତନୀୟ ସମ୍ବନ୍ଧ କିଛି ନାହିଁ । ଯେଉଁ କଥା ଗୋଟାଏ ସ୍ଥାନରୁ ଆଗେ, ଅନ୍ୟ ସ୍ଥାନରୁ ତାହା ପରେ, ପୁଣି ତୃତୀୟ ଏକ ସ୍ଥାନରୁ ତାହା ଯୁଗପତ୍ ବା ଏକ ସଙ୍ଗେ । ଏଇ ପାର୍ଥକ୍ୟ ନିର୍ଭର କରେ ଦର୍ଶକ ରହିଥିବା ସ୍ଥାନ ଉପରେ । କାରଣ ଆଲୋକର ଏକ ନିର୍ଦ୍ଦିଷ୍ଟ ଗତି ରହିଛି ଏବଂ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନରେ ପହଞ୍ଚିବା ଲାଗି ତାକୁ ସମୟ ଲାଗେ । ସୁତରାଂ ଯେଉଁ ସ୍ଥାନ ଯେତେ ଦୂରରେ — ଆଲୋକକୁ ସେହି ସ୍ଥାନକୁ ଯିବା ପାଇଁ ସେତେ ବେଶୀ ସମୟ ଆବଶ୍ୟକ ହୁଏ । ଏସବୁ ଉଦାହରଣରେ ଦର୍ଶକ ସ୍ଥିର ହୋଇ ରହିଛି, ସବୁକିଛି ଏକ ସ୍ଥିର କ୍ଷେତ୍ର ମଧ୍ୟରେହିଁ ଘଟୁଛି; ତେଣୁ ଏଥିରେ ଜଟିଳତା ବେଶୀ କିଛି ନାହିଁ । କିନ୍ତୁ କଥାଟା ଜଟିଳ ହୋଇ ଉଠେ ସେତେବେଳେ, ଯେତେବେଳେ ଦେଖୁ ଆଲୋକ ବି ଗତି କରୁଛି (ଅର୍ଥାତ୍ ଆଲୋକର ଉତ୍ପତ୍ତି ସ୍ଥାନ) ଏବଂ ଦର୍ଶକ ମଧ୍ୟ ଗତି କରୁଛନ୍ତି — ପୁଣି ଜଣେ ଦର୍ଶକ ନୁହେଁ, ବହୁ ଦର୍ଶକ ।

ଧର, ଗୋଟିଏ ରେଳଗାଡ଼ି ଚାଲୁଛି । ରେଳ ଧାରଣା ପାଖରେ ଦି'ଜଣ ଡକାୟତ ଠିଆ ହୋଇଛନ୍ତି — ଗାଡ଼ିଟା ଯେତେ ଲମ୍ବା ସେହି ଅନୁସାରେ ସେମାନେ ପରସ୍ପରଠାରୁ ଦୂରରେ । ଜଣେ ଗୁଳି କଲା ଇଞ୍ଜିନ-ଚାଳକଙ୍କୁ ଆଉ ଅନ୍ୟ ଜଣକ ଗାର୍ଡ଼ଙ୍କୁ । ଟ୍ରେନ୍‌ର ଠିକ୍ ମଝି ଡବାରେ ବସିଥିବା ଜଣେ ମାରୁଆଡ଼ୀ ଭଦ୍ରଲୋକ ଶୁଣିଲେ ଦୁଇଟିଯାକ ଶବ୍ଦ ଏକ ସଙ୍ଗରେ । ତା'ହେଲେ ତୁମେ ହୁଏତ କହିବ, ଡକାୟତ ଦି'ଜଣ ଏକ ସଙ୍ଗରେ ଗୁଳି ମାରିଛନ୍ତି । କିନ୍ତୁ ସେହି ସମୟରେ ଗୁମୁଟିବାଲା ଜଣେ ଥିଲା ଲାଇନର ପାଖରେ, ଡକାୟତ ଦି'ଜଣଙ୍କର ଠିକ୍ ମଝିରେ । ସେ ଶୁଣିଲା ଯେଉଁ ଗୁଳିଟା ଗାର୍ଡ଼ ଉପରେ ଲାଗିଲା । ଗାଡ଼ିଟି ଚାଲିଥାଏ ଗାର୍ଡ଼ଙ୍କ ଆଡ଼ୁ ଡ୍ରାଇଭରଙ୍କ ଆଡ଼କୁ । ସୁତରାଂ ଯେଉଁ ଗୁଳିରେ ଗାର୍ଡ଼ ନିହତ ହେଲେ ସେହି ଶବ୍ଦ ମାରୁଆଡ଼ୀ ଭଦ୍ରଲୋକଙ୍କ ପାଖରେ ପହଞ୍ଚିବାକୁ ବେଶୀ ଦୂର ଯିବାକୁ ହେବ ଏବଂ ସମୟ ବି ବେଶୀ ଲାଗିବ ଯେଉଁ ଗୁଳିରେ ଡ୍ରାଇଭର ନିହିତ ହେଲେ ତା' ଅପେକ୍ଷା । ସୁତରାଂ ଗୁମୁଟିବାଲାଙ୍କ କଥା ଠିକ୍ ଆଉ ମାରୁଆଡ଼ୀ ଭଦ୍ରଲୋକଙ୍କ କଥା ବି ଠିକ୍ । ଏ କ୍ଷେତ୍ରରେ ବି କହି ହେବନି ଯେ, ଜଣଙ୍କର କଥା ଠିକ୍ ଆଉ ଅନ୍ୟ ଜଣଙ୍କ କଥା ବେଠିକ୍ ।

ଗତି ଓ କାଳର ଯେଉଁ ଗୋଳମାଳିଆ ସମ୍ବନ୍ଧ ତା'ର ଆଉ ଗୋଟିଏ ଉଦାହରଣ ନିଆଯାଉ ।* ଗୋଟିଏ 'ରନିଂ ଟ୍ରାକ୍' ବା ଦୌଡ଼-ମଣ୍ଡଳୀ । ଦୁଇ ଜଣ ଦୌଡ଼ୁଛନ୍ତି ଦୁଇଟି ଲାଇନ ବା ଅଙ୍କିତ ରେଖାଧରି – ଜଣେ ଭିତରେ ଆଉ ଜଣେ ବାହାରେ । କହିବା ବାହୁଲ୍ୟ ବାହାରର ପରିଧିଟି ଦୀର୍ଘତର, ଭିତରଟି ଅପେକ୍ଷାକୃତ ଛୋଟ । ଦି'ଜଣ ଦୌଡ଼ାଳୀ ଧାଉଁଚନ୍ତି ସମାନ ଭାବେ, କେହି ଆଗେ, କେହି ପରେ ନୁହେଁ । ଭିତରର ଲୋକଟି ଧାଉଁଛନ୍ତି ଘଣ୍ଟାକୁ ୮ ମାଇଲ ବେଗରେ, ସମାନ ତାଳ ରଖିବା ପାଇଁ ବାହାରର ଲୋକଙ୍କୁ ଧାଇଁବାକୁ ପଡ଼ୁଛି ଆହୁରି ୮ ମାଇଲ ବେଗରେ । ଦୂରରେ ଠିଆହୋଇ ତୁମେ ଦେଖୁଛ । ତୁମେ ତା'ହେଲେ ମନେ କରିବ, ଦ୍ୱିତୀୟ ବ୍ୟକ୍ତି ଜଣକ ଦୌଡ଼ୁଛନ୍ତି ଘଣ୍ଟାକୁ ୧୬ ମାଇଲ ହିସାବରେ । କିନ୍ତୁ ବାସ୍ତବରେ ତାହା ହୁଏ ନାହିଁ । କିପରି ? ଆଚ୍ଛା ଧର, ତୁମ ପାଖରେ ରହିଛି ଗୋଟିଏ ଘଡ଼ି ଆଉ ଭିତରର ଲାଇନ ଧରି ଯିଏ ଦୌଡ଼ୁଛନ୍ତି ତାଙ୍କ ପାଖରେ ଅଛି ଗୋଟିଏ ଘଡ଼ି ତଥା ବାହାରର ଲାଇନ ଧରି ଯିଏ ଦୌଡ଼ୁଛନ୍ତି ତାଙ୍କ ପାଖରେ ବି ଅଛି ଘଡ଼ିଟିଏ । ତିନୋଟି ଘଡ଼ିରେହିଁ ସମାନ ସମୟ ଏବଂ ଚାଲନ୍ତି ବି ଠିକ୍ ଠିକ୍ । ଭିତରର ଲାଇନରେ ଯିଏ ଦୌଡ଼ୁଛନ୍ତି ତାଙ୍କର ବେଗ ଘଣ୍ଟାକୁ ଆଠ ମାଇଲ, ଅର୍ଥାତ୍ ମିନିଟରେ ୭୦୪ ଫୁଟ । ତୁମ ଘଡ଼ି ଅନୁସାରେ ତୁମେ ଠିକ୍ ଏକ ମିନିଟ ଦେଖିଲ, ଟିପି ରଖିଲ ଲୋକଟି କେତେଦୂର ଗଲେ – ୭୦୪ ଫୁଟ । ସେହି ଲୋକଟି ବି ଦୌଡ଼ୁ ଦୌଡ଼ୁ ନିଜର ଘଡ଼ି ଦେଖି ମନେ ରଖିଲେ ଏକ ମିନିଟରେ ୭୦୪ ଫୁଟ । ସେ ଦେଖିଲେ ଦ୍ୱିତୀୟ ବ୍ୟକ୍ତିଜଣକ ଯିଏ ଘଣ୍ଟାକୁ ଆଉ ୮ ମାଇଲ ବେଗରେ ଦୌଡ଼ୁଛନ୍ତି ସେ ଏଇ ଏକ ମିନିଟରେ କେତେଦୂର ଗଲେ – ତାଙ୍କଠାରୁ ସିଏ ୭୦୪ ଫୁଟ ଆଗେଇ ଗଲେ, ଏଥିରେ ସନ୍ଦେହ ନାହିଁ । ବର୍ତ୍ତମାନ ତୁମେ ଯିଏ ଭୂମିରେ ଛିଡ଼ା ହୋଇଛ, ସେଠାରୁ ଦେଖିବ, ଦ୍ୱିତୀୟ ବ୍ୟକ୍ତିଟି ଏକ ମିନିଟରେ ୭୦୪ + ୭୦୪ = ୧୪୦୮ ଫୁଟ ଯାଇଛି । ବାସ୍ତବ ପକ୍ଷରେ ମାପି ଦେଖିଲେ ପାଇବ ତା'ଠାରୁ କମ୍ – ଅତି ସାମାନ୍ୟ କମ୍ ହେଲେ ବି କମ୍ । ଏହାର କାରଣ ଗତି ସହିତ ଘଡ଼ିର କଣ୍ଟାର ମାପ ବି ବଦଳିଯାଏ – ଦୁଇଟି ଘଡ଼ିରେ ଏକା ସମୟ ଦେଖାଏନି ।

କଥାଟା ଆଉ ଟିକିଏ ଭଲକରି ବୁଝିବାର ଚେଷ୍ଟା କରାଯାଉ । ଆଇନଷ୍ଟାଇନ୍‌ଙ୍କର ନିଜର ଏକ ଉଦାହରଣ । ଗୋଟାଏ ଚଳମାନ ଘର – ମନେ କର, ଟ୍ରେନ୍‌ର ଡବା । ଡବା ଭିତରେ ଜଣେ ବସି ଦେଖୁଛନ୍ତି, ଆଉ ବାହାରେ ରାସ୍ତା କଡ଼ରେ ଜଣେ ଠିଆ ହୋଇ ଦେଖୁଛନ୍ତି । ବର୍ତ୍ତମାନ ଡବାର ଠିକ୍ ମଝିରୁ ଦୁଇଟି ଆଲୋକରଶ୍ମି ଗାଡ଼ିର ଆଗ-ପଛ ଦୁଇ ଆଡ଼କୁ ଅର୍ଥାତ୍ ବିପରୀତ ପାର୍ଶ୍ୱର କାଛ ଉପରେ ପଡ଼ିଲା । ଭିତରର ଦର୍ଶକ ଦେଖିବ ଦୁଇଟିର ଆଲୋକରଶ୍ମି ଏକ ସଙ୍ଗେ କାଛ ଉପରେ ପଡ଼ିଛି କାରଣ କାଛ ଦୁଇଟି ଆଲୋକର କେନ୍ଦ୍ରରୁ ସମାନ ଦୂରରେ ଏବଂ ଆଲୋକର ଗତିବେଗ ସବୁ ଆଡ଼କୁ ସମାନ । କିନ୍ତୁ ବାହାରର ଦର୍ଶକଜଣକ ଦେଖିବେ କ'ଣ ? ସେ ଦେଖିବେ ଆଲୋକ କେନ୍ଦ୍ର ସ୍ଥିର ନୁହେଁ – ତାହା ଗତି କରୁଛି ଗାଡ଼ିର ବେଗରେ, ଆଗେଇ ଚାଲୁଛି ଗାଡ଼ିର ସାମନା କାଛ ଆଡ଼କୁ ଆଉ ଦୂରେଇ ଦୂରେଇ ଯାଉଛି ଗାଡ଼ିର ପଛ ପାଖର କାଛ ଆଡ଼ୁ । ସୁତରାଂ ଗାଡ଼ିର ସାମନା କାଛ ଆଡ଼କୁ ଯେଉଁ ଆଲୋକ ତାହା ଆଗେ ଯାଇ ପହଞ୍ଚିବ ସେହି ସାମନାର କାଛରେ । ଗାଡ଼ିର ପଛପଟ କାଛ ଆଡ଼କୁ ଯେଉଁ ଆଲୋକ ପଡ଼ୁଛି ତାହା ସେଠାରେ ପହଞ୍ଚିବ ପରେ । ତା'ହେଲେ ଦେଖାଗଲା, ଭିତରର ଦର୍ଶକଙ୍କ ପାଖରେ ଯେଉଁ ଦୁଇଟି କଥା ଘଟୁଛି ଏକସଙ୍ଗେ, ବାହାରର ଦର୍ଶକଙ୍କ ପାଖରେ ତାହା ଆଗ ପଛ ହୋଇ । ଏହା ପ୍ରଚଳିତ ଧାରଣା ଏବଂ ପ୍ରାଚୀନତମ ବୈଜ୍ଞାନିକ ସିଦ୍ଧାନ୍ତର ସମ୍ପୂର୍ଣ୍ଣ ବିପରୀତ କଥା । କାରଣ, ତଦନୁସାରେ ଯାହା ଯୁଗପତ୍ ତାହା ସଦାସର୍ବଦା ଯୁଗପତ୍ ବା ଏକସଙ୍ଗେ – ପାରମ୍ପର୍ଯ୍ୟ ହେଲା ଅଟଳ, ଅଚଳ ନିୟମ । କାଳ କଥାଟି ସ୍ୱୟଂସିଦ୍ଧ, ତା'ର ଧାରା ବସ୍ତୁ-ଘଟଣା-ଅବସ୍ଥା ନିରପେକ୍ଷ ।

କାଳର ରହସ୍ୟ ତଳେଇ ଦେଖିବା ଆବଶ୍ୟକ । ଆମେ ସମୟର ନିର୍ଦ୍ଦେଶ କରିଥାଉ ଘଡ଼ିର କଣ୍ଟାର ଗତି ଦେଖି; ଅର୍ଥାତ୍ ଗୋଟିଏ କଣ୍ଟାକୁ ଦେଖି କହୁ ମିନିଟ-କଣ୍ଟା; ତା'ର ଅଗ୍ରଭାଗ ଘଡ଼ିଟିର ପୂରା ମଣ୍ଡଳଟିକୁ ଘୂରି ଆସିଲେ (୩୬୦ ଡିଗ୍ରୀ ଚାଲିବା ପାଇଁ) ସେ ଯେତେଟା ସମୟ ବ୍ୟୟ କରେ ଆମେ ତା'ର ନାମ ଦେଉ ଏକଘଣ୍ଟା । ଏଥିପାଇଁ ତା'ର ଦରକାର ଏକ ନିର୍ଦ୍ଦିଷ୍ଟ ବିଶେଷ ବେଗରେ ଚାଲିବା । ଏହି ବିଶେଷ ବେଗର ଅର୍ଥ କ'ଣ ? ଆମେ ତାହା ଏହି ଭାବେ ଠିକ୍ କରି ନେଇଛୁ – ସୂର୍ଯ୍ୟର ଚାରିପଟେ ପୃଥିବୀକୁ ଘୂରିବା ପାଇଁ (ଅଥବା

* ଏଇ ଦୁଇଟି ଉଦାହରଣ ମୂଳତଃ ବର୍ଟ୍ରାଣ୍ଡ୍ ରସେଲ୍‌ଙ୍କଠାରୁ ଗୃହୀତ ।

ବାହ୍ୟଦୃଷ୍ଟିରେ ଆକାଶର ଏକ ସ୍ଥିର ବିନ୍ଦୁରୁ ଘୂରି ପୁଣି ସେହି ବିନ୍ଦୁ ପାଖକୁ ସୂର୍ଯ୍ୟ ଫେରିଯିବା ପାଇଁ) ଯେଉଁ କାଳ ଅତିବାହିତ ହେଲା ତା'ର ନାମ ଆମେ ଦେଉ ଏକ ବର୍ଷ । ଏଇ ଅବକାଶ ବା ବ୍ୟବଧାନକୁ ଭାଗ ଭାଗ କରି ଇଚ୍ଛା ଅନୁସାରେ ନାମ ଦେଉ ମାସ ଆଉ ଘଣ୍ଟା । କିନ୍ତୁ ଏଇ ଯେଉଁ ବର୍ଷର ମାପ ତାହା ଅଟଳ, ଅଚଳ ବା ଅପରିବର୍ତ୍ତନୀୟ କିଛି ନୁହେଁ । କାରଣ ଧର, ବୃହସ୍ପତି ଗ୍ରହରେ ଯେଉଁମାନେ ଅଛନ୍ତି ସେମାନଙ୍କ କଥା । ସେମାନଙ୍କ ବର୍ଷ ଅର୍ଥାତ୍ ସୂର୍ଯ୍ୟଙ୍କ ଚାରିପଟେ ଥରେ ଘୂରିଆସିବା ପାଇଁ ଯେଉଁ ସମୟ ଲାଗେ ତାହା ହେଲା ଆମର ୧୨ ବର୍ଷ । ସୁତରାଂ ସେଠାରେ ସମୟ ଚାଲେ ଅତି ମନ୍ଥର ଗତିରେ । ବୃହସ୍ପତିର ଘଡ଼ି ଆଉ ଆମ ପୃଥିବୀର ଘଡ଼ି ସମତାଳରେ ଚାଲି ପାରିବ ନାହିଁ । ପୁଣି ବୁଧ ଗ୍ରହ ସୂର୍ଯ୍ୟକୁ ପ୍ରଦକ୍ଷିଣ କରେ ଆମର ଦିନ ହିସାବରେ ୮୮ ଦିନରେ । ସୁତରାଂ ସେଠାକାର ସମୟ ସଂକ୍ଷିପ୍ତ ଆଉ ଚାଲେ ଦ୍ରୁତ । ତା'ପରେ ପୃଥିବୀ ନିଜ ଚାରିପଟେ ଥରେ ଘୂରି ଆସିବା ପାଇଁ ଯେତେ ସମୟ ନିଏ ତାକୁ ଆମେ କହୁ ଗୋଟିଏ ଦିନ (ଅର୍ଥାତ୍ ଦିନ-ରାତି ମିଶି) ଏବଂ ତାକୁ ଆମେ ଭାଗ କରୁ ୨୪ ଭାଗରେ । ପ୍ରତ୍ୟେକ ଭାଗର ନାମ ଦେଉ ଘଣ୍ଟା । ପୂର୍ବକାଳରେ ପ୍ରାଚୀନମାନେ ଦିନରାତିକୁ ଭାଗ କରୁଥିଲେ ଅଷ୍ଟ ପ୍ରହର ବା ୧୦୦ ଦଣ୍ଡରେ । କିନ୍ତୁ ବୁଧ ଗ୍ରହ ତା' ନିଜ ଚାରିପଟେ ଅତି ଧୀର ମନ୍ଥର ବେଗରେ ଘୂରେ । ତା'ର ଗୋଟିଏ ଦିନ ଆମର ଏକ ବର୍ଷ ସହ ସମାନ ।

ଏଥିରୁ ପ୍ରମାଣ ମିଳେ ଯେ, ସମୟର ମାପ ଏକ ଆପେକ୍ଷିକ ବସ୍ତୁ । ପୃଥିବୀର ଘଣ୍ଟା, ବୃହସ୍ପତିର ଘଣ୍ଟା, ମଙ୍ଗଳର ଘଣ୍ଟା ବା ବୁଧର ଘଣ୍ଟା ସମାନ ନୁହେଁ । ତୁମର ମିନିଟ ଆଉ ମୋର ମିନିଟ ଏକ ନୁହେଁ । ପ୍ରତ୍ୟେକ ବସ୍ତୁର ନିଜସ୍ୱ ସ୍ଥିତି ଓ ଗତି ଉପରେ ତା'ର ସମୟ ନିର୍ଭର କରେ । ଏହା ସତ୍ୟ ସିନା, ହେଲେ ଏଇ ପାର୍ଥକ୍ୟ ଅତି ସାମାନ୍ୟ – ସେଥିରେ କାମ ଚଳାଇ ନେବାରେ କୌଣସି ଅସୁବିଧା ହୁଏନି । କିନ୍ତୁ କାମ ଚଳାଇନେବା ତଥ୍ୟ ଓ ବୈଜ୍ଞାନିକ ସତ୍ୟ ଏକ ନୁହେଁ । ପରସ୍ପରର ତୁଳନା କରି ପାର୍ଥକ୍ୟଟା ଆମେ କଷି ଦେଖିପାରୁ ସତ, କିନ୍ତୁ ସେଥିରେ ସମୟର ନିରପେକ୍ଷ ଅସ୍ତିତ୍ୱ ପ୍ରମାଣିତ ହୁଏନି; ପ୍ରମାଣିତ ହୁଏ ବିପରୀତ ସତ୍ୟ । ତା'ଛଡ଼ା ଏପରି ପରିସ୍ଥିତି ବି ଅସମ୍ଭବ ନୁହେଁ, ଯେଉଁଠି ତୁଳନା ସମ୍ଭବ ହୁଏନି – ଯେଉଁଠି କାଳବୈପରୀତ୍ୟ ଉପଲବ୍ଧି ମଧ୍ୟ ହୁଏନି । ଅବକାଶ – ତାହା ଦେଶର ହେଉ ବା କାଳର ହେଉ – ନିର୍ଭର କରେ ଗତି ଉପରେ । ଯେଉଁ ମାପକାଠି ଦ୍ୱାରା ଦୈର୍ଘ୍ୟ ମପାଯାଏ ତା'ର ଗତି ପରିବର୍ତ୍ତନ କଲେ ଦେଖିବାକୁ ମିଳିବ ତା'ର ବେଗ-ବୃଦ୍ଧି ସହିତ ତାହା ଛୋଟ ହୋଇ ଚାଲିଛି – ଶେଷରେ ଆଲୋକର ବେଗରେ ଚାଲିଲେ ମାପକାଠିର ଦୈର୍ଘ୍ୟ ଶୂନ୍ୟ ହୋଇଯିବ । ସେହିଭଳି ଘଡ଼ି ଯଦି ଚାଲେ, ତାହା ଯେତେ ବେଗରେ ଚାଲିବ ତା'ର ଘଣ୍ଟା-ମିନିଟ ସେତେ ବିଳମ୍ବିତ ହେବ । ଶେଷରେ ଆଲୋକ ବେଗରେ ଚାଲିଲେ ତା'ର ସମୟ ଥମିଯିବ – Time must have a stop ?

କାଳର ଏଇ ଲୀଳା-ଚାତୁର୍ଯ୍ୟ ସମ୍ବନ୍ଧରେ ଗୋଟିଏ ସୁପ୍ରାଚୀନ କାହାଣୀ ରହିଛି । ସେଇ ଗପଟି କହି ଏଇ ପ୍ରବନ୍ଧର ଉପସଂହାର କରିବି ।

ଦୁଇଜଣ ସାଧୁ ନଦୀକୁ ସ୍ନାନ କରିବାକୁ ଯାଇଛନ୍ତି । ଦି'ଜଣହିଁ ପାଖାପାଖି ଓହ୍ଲାଇଲେ । ଜଣେ ପାଣିରେ ବୁଡ଼ ଦେଲେ – କିନ୍ତୁ ଏ କ'ଣ ? ବୁଡ଼ିଯାଇ ସେ କେଉଁଠାକୁ ଚାଲିଆସିଲେ ? ଇଏ କେଉଁ ଦେଶ ? ସେ ଆସ୍ତେ ଆସ୍ତେ ଚାଲିଲେ ପ୍ରାନ୍ତର ପାର ହୋଇ – ସବୁ ଅଜଣା, ଅଜ୍ଞାତ, ଅପରିଚିତ । ଗୋଟିଏ ଗାଆଁରେ ଆସି ପହଞ୍ଚିଲେ । କ୍ରମେ ଲୋକମାନଙ୍କ ସଙ୍ଗରେ ସାକ୍ଷାତ୍ ହେଲା, ଆଳାପ ପରିଚୟ ହେଲା । ଯେତେବେଳେ ରହିବାକୁ ହେବ, ପଚାରିଉଚାରି କିଛି କାମ ବି କଲେ, ଘର ବି କଲେ । କ୍ରମେ କ୍ରମେ ଭୁଲିଗଲେ ଅତୀତ ଜୀବନର କଥା । ତା'ପରେ ବାହା ବି ହେଲେ । ବାହା ହେବା ପରେ ପିଲାପିଲି ବି ହେଲେ । ସମୟକ୍ରମେ ନାତିନାତୁଣୀଙ୍କ ମୁହଁ ବି ଦେଖିଲେ । ଇତିମଧ୍ୟରେ ବୟସ ବେଶ୍ ଗଡ଼ିଯାଇଛି । ବୃଦ୍ଧ ବୟସରେ ଭଗବତ୍ ନାମଜପ ଓ ସ୍ନାନ-ଆହ୍ନିକ କରିବା ପାଇଁ ସେ ନଦୀକୂଳରେ ପହଞ୍ଚିଲେ । ପାଣିରେ ବୁଡ଼ ଦେଲେ । ମୁଣ୍ଡ ଉଠାଇବା ବେଳକୁ ସେ କେଉଁଠି ? ସ୍ୱପ୍ନ ସଦୃଶ, ମନେ ହେଲା – ସେଇ ପୁରୁଣା ଜାଗାରେ, ଆଉ ତାଙ୍କ ପାଖରେ ପାଣିରେ ତାଙ୍କର ସେଇ ପୁରାତନ ସାଧୁ ସାଙ୍ଗ ।

ବିମୂଢ଼, ବୁଦ୍ଧିହୀନ ହୋଇ ପଚାରିଲେ – ''ତୁମେ ଏବେ ବି ଏଇଠି ? ମୁଁ ତଳକୁ ଚାଲି ଯାଇନି ?'' ସାଧୁ-ସାଙ୍ଗ ଉତ୍ତର ଦେଲେ ଟିକିଏ ଆଶ୍ଚର୍ଯ୍ୟାନ୍ୱିତ ଭାବେ – ''କ'ଣ ହେଲା ? ତୁମେ ତ ବୁଡ଼ିଲ ଆଉ ଉଠିଲ, ଅଧମିନିଟ ବି ପାଣି ଭିତରେ ରହିନ !''

[ମୂଳ ବଙ୍ଗଳା ରଚନାବଳୀ, ସପ୍ତମ ଖଣ୍ଡରୁ ଅନୂଦିତ]

ଅନୁବାଦ : ରାମଚନ୍ଦ୍ର ପାଣି ❑

**କାହାଣୀ :**

# କକେସସ୍ ଉପତ୍ୟକାର ବନ୍ଦୀ

[ରୁଷିଆର ବିଶ୍ୱବିଖ୍ୟାତ ଲେଖକ **ଲିଓ ଟଲ୍‌ଷ୍ଟୟ** (୧୮୨୮-୧୯୧୦) ତାଙ୍କର ''ଯୁଦ୍ଧ ଓ ଶାନ୍ତି'' ଓ ''ଆନା କାରେନିନା'' ଭଳି ଉପନ୍ୟାସ ପାଇଁ ତଥା ତାଙ୍କ ଦାର୍ଶନିକ ଚିନ୍ତାଧାରା ନିମନ୍ତେ ଶ୍ରଦ୍ଧେୟ । କିନ୍ତୁ ତାଙ୍କର ଆଉ ଗୋଟିଏ ଧରଣର ଲେଖା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ତାହା ହେଲା ସେ ଭୂଖଣ୍ଡର ସୁପ୍ରାଚୀନ ଲୋକକଥାସବୁର ପୁନଃବିନ୍ୟାସ ଓ ତାଙ୍କ ନିଜସ୍ୱ ଶୈଳୀରେ ଉପସ୍ଥାପନ । ସେ ମନୋନୀତ କରିଥିବା କାହାଣୀଟିମାନ ଭିତରେ ଆମେ ଦେଖିପାରିବା ଜ୍ଞାନର ଏକ ଏକ ଝଲକ । ଆକ୍ଷରିକ ଅନୁବାଦ ନକରି ତାଙ୍କର ସେ କାହାଣୀମାଳାରୁ କେତୋଟିର ସଂକ୍ଷିପ୍ତ ରୂପ ''ନବପ୍ରକାଶ'' ଧାରାବାହିକ ପରିବେଷଣ କରୁଛି ।]

କେନ୍ଦ୍ର ଏସିଆର ଏକ ଦୁର୍ଦ୍ଧର୍ଷ ଉପଜାତି ହେଲେ ତାତାର୍ । ତୁର୍କ ଓ ମଙ୍ଗୋଲ, ଉଭୟ ଏ ଉପଜାତିର ଅନ୍ତର୍ଭୁକ୍ତ ।

ଏ କାହାଣୀର ପଟଭୂମି ଊନବିଂଶ ଶତାବ୍ଦୀ । ସେତେବେଳେ କୃଷ୍ଣ ସାଗର (Black Sea)ରୁ କାସ୍ପିଆନ୍ ସାଗର ଯାଏ ବିସ୍ତୃତ କକେସସ୍ ପର୍ବତମାଳା ପାଦଦେଶର ଗୋଟାଏ ମୁଲକରେ ରୁଷଦେଶୀ ଓ ତାତାରମାନଙ୍କ ଭିତରେ ବାରଂବାର ସଂଘର୍ଷ ହେଉଥାଏ ।

ରୁଷଦେଶୀ ସୈନ୍ୟ ବାହିନୀର ଗୋଟାଏ ଦଳ ପୁରୁଣା ଦୁର୍ଗଟିଏ ଦଖଲ କରି ରହିଥା'ନ୍ତି ସେହି ପାର୍ବତ୍ୟ ମୁଲକରେ । ସେ ଦଳରେ ଥାଏ ଇଭାନ୍ ନାମକ ଯୁବକ । ବହୁ ଦୂର ଗାଁରେ ଏକୁଟିଆ ରହୁଥାଏ ତା'ର ମା । ଦିନେ ମା'ଠାରୁ ଆସିଲା ଚିଠି : ''ପୁଅ, ତୋତେ କେବେଠାରୁ ଦେଖି ନାହିଁ । ମୋର ଉମର ବହୁତ ହେଲାଣି । କେବେ ସେପୁରକୁ ଚାଲିଯିବି ଜାଣେନା । ମୋର ପ୍ରବଳ ଇଚ୍ଛା ତୋତେ ବାହା କରେଇ ଦେଇ ଯିବି । ଭଲ କନ୍ୟାଟିଏ ପାଇଛି । ଶୀଘ୍ର ଚାଲିଆ ।''

ପ୍ରସ୍ତାବଟି ଇଭାନ୍‌କୁ ମନ୍ଦ ଲାଗିଲା ନାହିଁ । ସେ ଛୁଟି ପାଇଁ ଦରଖାସ୍ତ କଲା ଓ ତାହା ମଞ୍ଜୁର ହେଲା ।

ତାତାର୍‌ମାନଙ୍କ କବଳରୁ ବର୍ତ୍ତି ନିରାପଦରେ ଯାତ୍ରା କରିବା ନିମନ୍ତେ ସେତେବେଳେ ରୁଷଦେଶୀମାନେ ଗୋଟାଏ ଶିବିରରୁ ପନ୍ଦର କୋଡ଼ିଏ ମାଇଲ ଦୂରବର୍ତ୍ତୀ ଅନ୍ୟ ଶିବିରକୁ ସପ୍ତାହରେ ଥରେ ଆଠ ଦଶଜଣ ଏକତ୍ର ଯାଉଥିଲେ । ସକ୍ଷମମାନେ ଘୋଡ଼ା ଚଢୁଥିଲେ ଓ ବୁଢ଼ା ଲୋକେ ତଥା ମହିଳା ଓ ପିଲାମାନେ ସମସ୍ତଙ୍କ ଜିନିଷପତ୍ର ବୋଝେଇ ହୋଇଥିବା ଘୋଡ଼ା ଗାଡ଼ିରେ ସେମାନଙ୍କୁ ଅନୁଧାବନ କରୁଥିଲେ । ଦେହରକ୍ଷୀ ସୈନ୍ୟ କେତେଜଣ ମଧ୍ୟ ଘୋଡ଼ାଗାଡ଼ି ସହ ରହୁଥିଲେ ।

ସେମିତି ଏକ ଦଳରେ ସାମିଲ ହୋଇ, ଘୋଡ଼ା ଚଢ଼ି ଇଭାନ୍ ବାହାରି ପଡ଼ିଲା ଦିନକର ସକାଳେ । ସନ୍ଧ୍ୟା ସୁଦ୍ଧା ସେମାନେ ପରବର୍ତ୍ତୀ ଶିବିରରେ ପହଞ୍ଚିଯିବେ । ସେମିତି ରହି ରହି ତିନି ଦିନ ପରେ ଇଭାନ୍ ନିଜ ଗାଁ ପାଖ ଶିବିରରେ ପହଞ୍ଚିଯିବ ।

ଘୋଡ଼ାଟି ତା'ର ଚମତ୍କାର । ଗତି ତା'ର କ୍ଷିପ୍ର । କିନ୍ତୁ କ'ଣ ହେବ, ତାକୁ ଅନୁଧାବନ କରୁଥିବା ଗାଡ଼ି ଓ ଦେହ-ରକ୍ଷୀମାନେ ପଛରେ ପଡ଼ି ଯାଉଥା'ନ୍ତି । ଫଳରେ ଇଭାନ୍‌କୁ କିଛି କିଛି ଦୂର ଯାଇ ଅପେକ୍ଷା କରିବାକୁ ପଡୁଥାଏ ।

କ୍ରମେ ସେ ପାଷାଣମୟ ମୁଲକ ଭୀଷଣ ତାତି ଉଠିଲା । ମୁଣ୍ଡ ଉପରେ ପ୍ରଖର ସୂର୍ଯ୍ୟ । କୁସ୍ତିଲିନ୍ ନାମରେ ଆଉ ଜଣେ ଘୋଡ଼ସବାର ସୈନିକ ଇଭାନ୍ ପାଖକୁ ଲାଗି ଆସି କହିଲା, ''ଆରେ ଭାଇ, ମୁଁ ଆଉ ବାରଂବାର ଅପେକ୍ଷା କରି ପାରୁ ନାହିଁ । ମୋଠି ବନ୍ଧୁକ ଅଛି । ଭୟ କ'ଣ ? ଚାଲ ଆମେ ଦୁହେଁ ଅଗ୍ରସର ହେବା । ଏମିତି ଗତିରେ ଗଲେ ଗାଡ଼ି ଓ ଅନ୍ୟମାନେ ରାତି ଅଧା ହେବା ପୂର୍ବରୁ ଗନ୍ତବ୍ୟ ସ୍ଥାନରେ ପହଞ୍ଚି ପାରିବେ ନାହିଁ ।''

ଇଭାନ୍‌କୁ କଥାଟି ଯୁକ୍ତିଯୁକ୍ତ ଲାଗିଲା । କିନ୍ତୁ ସେ କହିଲା, ''ମୁଁ ଏ ଛୋଟ ପାହାଡ଼ ଉପରକୁ ଯାଇ ଥରେ ଚାରିଆଡୁ ଆଖି ବୁଲାଇ ଆଣେ । ଯଦି ପ୍ରାନ୍ତର ଭିତରେ ତାତାର୍‌ମାନେ ଥିବେ...''

''ଆରେ ଭାଇ, ସମୟ ନଷ୍ଟ କରି ଲାଭ ନାହିଁ । ମୋଠି ବନ୍ଧୁକ ଦେଖିଲେ ସେମାନେ ପାଖ ମାଡ଼ିବେ ନାହିଁ । ଆମେ ବି ଘୋଡ଼ା ଛୁଟାଇ ଦେବା ।''

କୁସ୍ତିଲିନ୍ ଏତିକି କହିଛି, ଦେଖିବା ବେଳକୁ ପାହାଡ଼

ସେପାରିରୁ ମାଡ଼ି ଆସିଲେ ତିରିଶ ଜଣ ସରିକି ଘୋଡ଼ସବାର ତାତାର୍ । କୁସ୍ତିଲିନ୍ ତତ୍‌କ୍ଷଣାତ୍ ତା’ ନିଜ ଘୋଡ଼ା ବୁଲାଇ ସେମାନେ ବାହାରି ଆସିଥିବା ପ୍ରଥମ ଶିବିର ଆଡ଼େ ପଳାଇବାକୁ ଲାଗିଲା । କେତେଜଣ ତାତାର୍ ତା’ ପଛରେ ଘୋଡ଼ା ଛୁଟାଇଲେ । ଆଉ କେତେଜଣ ଇଭାନ୍ ଆଡ଼କୁ ମାଡ଼ି ଆସିଲେ । ତହିଁରୁ ଜଣକ ହାତରେ ଥିଲା ବନ୍ଧୁକ । ଇଭାନ୍ ନିଜ ତରବାରି ବାହାର କରି ଧମକ ଦେଲା, ‘‘ସାବଧାନ !’’ କିନ୍ତୁ ବନ୍ଧୁକଧାରୀ ତତ୍‌କ୍ଷଣାତ୍ ତା’ ଘୋଡ଼ା ଉପରକୁ ଗୁଳି ଚଳାଇ ଦେଲା । ତୀବ୍ର ଓ ମର୍ମନ୍ତୁଦ ହ୍ରେଷାରବ ଛାଡ଼ି ଘୋଡ଼ା ତଳେ ପଡ଼ିବା ବେଳେ ଅଧାଅଧି ଇଭାନ୍ ଉପରେହିଁ ଚାପି ହୋଇଗଲା । ତାତାର୍‌ମାନେ ଆସି ଇଭାନ୍‌କୁ ମାଡ଼ି ବସିଲେ ଓ ତା’ ଗୋଡ଼ ହାତ ବାନ୍ଧି ପକାଇଲେ । ଜଣେ ଲାଲ କୁର୍ତ୍ତାବାଲା ତାତାର୍ ପଛରେ ଘୋଡ଼ା ଉପରେ ଇଭାନ୍‌କୁ ବସାଇ ଦିଆଗଲା ଏବଂ ଖଣ୍ଡିଏ ଚମଡ଼ା ଦଉଡ଼ି ଯୋଗେ ତାକୁ ସେ ଲୋକଟିର ଅଣ୍ଟା ସହିତ ବାନ୍ଧି ଦିଆଗଲା । ସେହି ଅବସ୍ଥାରେ ତାକୁ ବେଦମ୍ ମାଡ଼ ମଧ୍ୟ ଦିଆଗଲା ।

ସୂର୍ଯ୍ୟାସ୍ତ ପୂର୍ବରୁ ସେମାନେ ଗୋଟାଏ ପାହାଡ଼ ପାଖ ଗାଁରେ ପହଞ୍ଚି ଗଲେ । ଇଭାନ୍‌ର ମନେ ହେଲା ଗାଁଟି ଛୋଟ; ପାହାଡ଼ର ଅଧାଅଧି ଉପରଯାଏ ଛୋଟ ଛୋଟ ଘର । ଲାଲ କୁର୍ତ୍ତାବାଲା ଲୋକଟିର ନାମ ଅବ୍‌ଦୁଲ୍ ଓ ବର୍ତ୍ତମାନ ଇଭାନ୍ ତାହାରି ସମ୍ପତ୍ତି । ଗୋଟାଏ ସନ୍ତସନ୍ତିଆ ବଖରା ଭିତରକୁ ତାକୁ ପ୍ରାୟ ଠେଲି ଦିଆଗଲା । ତା’ ଗୋଡ଼ରେ ପିନ୍ଧାଇ ଦିଆଗଲା ଲୁହା ଶିକୁଳି । ସେଥିରେ ଚାବି ପଡ଼ିଲା । ସେ ଚାଲି ପାରିବ, କିନ୍ତୁ ଦୌଡ଼ିବା ଅର୍ଥାତ୍ ପଳାଇବା ହେବ ଅସମ୍ଭବ ।

‘‘ତୁମ ଘୋଡ଼ାକୁ ମାରି ଯିଏ ତୁମକୁ ବନ୍ଦୀ କଲା, ମୁଁ ତା’ଠାରୁ ତୁମକୁ କିଣି ଆଣିଛି !’’ ଅବ୍‌ଦୁଲ୍ କହିଦେଲା । ଇଭାନ୍ ଖାଲି ଅଙ୍ଗଭଙ୍ଗୀ ଯୋଗେ ଜଣାଇଲା, ତାକୁ ଭୀଷଣ ଶୋଷ ।

‘‘ଦିନା !’’ ଡାକ ପକାଇଲା ଅବ୍‌ଦୁଲ୍ ଏବଂ ତା’ ନିଜ ଭାଷାରେ କିଛି ନିର୍ଦ୍ଦେଶ ଦେଲା । କେଇ ନିମେଷ ପରେ ଗୋଟାଏ ପାଣିଭର୍ତ୍ତି ପାତ୍ର ଧରି ଦୌଡ଼ି ଆସିଲା ବାର ତେର ବର୍ଷର ଝିଅଟିଏ । ବଡ଼ ବଡ଼ ଆଖିରେ ସେ ଅବାକ୍ ହୋଇ ବନ୍ଦୀକୁ ଦେଖୁଥାଏ । ଖୁବ୍ କମନୀୟ ତା’ର ମୁହଁଟି । ବୁଝି ହେଲା, ସେ ଅବ୍‌ଦୁଲ୍‌ର ଝିଅ ।

‘‘ଶୁଣ ଇଭାନ୍ ! ତୁମ ଘରକୁ ଚିଠି ଲେଖ । ସେମାନେ ତିନିହଜାର ମୁଦ୍ରା ପଠାଇଲେ ତୁମକୁ ମୁକ୍ତି ମିଳିବ । ନହେଲେ ତୁମକୁ ମରିବାକୁ ପଡ଼ିବ – ଚାବୁକ ମାଡ଼ ଖାଇ ଖାଇ । ତାହାହିଁ ନିୟମ ।’’

‘‘ବୁଢ଼ୀ ମା’ଟିଏ ଛଡ଼ା ମୋର ଆଉ କେହି ନାହିଁ କି ଆମ ଗାଁରେ ତିନି ହଜାର ମୁଦ୍ରା ଜୀବନରେ ଦେଖିଥିବା ଗୃହସ୍ଥ ଜଣେ ମଧ୍ୟ ନାହାନ୍ତି !’’ ଜଣାଇଲା ଇଭାନ୍ ।

ଅବ୍‌ଦୁଲ୍ ଉଚ୍ଚ କଣ୍ଠରେ କାହାକୁ ଡାକିଲା ଓ କିଛି କହିଲା । ଅଳ୍ପ ସମୟ ପରେ ସେ ଲୋକଟି ଆଉ ଜଣେ ବନ୍ଦୀକୁ ଠେଲି ଠେଲି ସେଠାକୁ ନେଇ ଆସିଲା । ଇଭାନ୍ ଆଶ୍ଚର୍ଯ୍ୟ ହୋଇ ଦେଖିଲା, ସେ ଆଉ କେହି ନୁହେଁ, କୁସ୍ତିଲିନ୍ ।

‘‘ଏ ବନ୍ଦୀ ତିନି ହଜାର ମୁଦ୍ରା ପାଇଁ ତା’ ଘରକୁ ଚିଠି ପଠାଇଛି !’’ ଜଣାଇଲା ଅବ୍‌ଦୁଲ୍ ।

‘‘ହୋଇପାରେ । କିନ୍ତୁ ମୁଁ ସେମିତି ଲେଖି ପାରିବି ନାହିଁ । ଲେଖିଲେ ବି କିଛି ଲାଭ ହେବ ନାହିଁ । ଆମ ଛୋଟିଆ ଘରକୁ ଲାଗି ରହିଥିବା ବାଡ଼ି ଖଣ୍ଡିକ ବିକି ମୋ ମାଆ ଖୁବ୍ ବେଶୀରେ ପାଞ୍ଚ ଶହ ଯୋଗାଡ଼ କରି ପାରିବ !’’ ଅବିଚଳ କଣ୍ଠରେ କହିଲା ଇଭାନ୍ ।

‘‘ଚଳିବ ନାହିଁ ।’’ ଅବ୍‌ଦୁଲ୍ ତରଫରୁ ଆଉ ଜଣେ ତାତାର୍ ଉତ୍ତେଜିତ ଭାବରେ କହିଲା । ‘‘ଅବ୍‌ଦୁଲ୍ ଦୁଇ ଶହ ମୁଦ୍ରା ଦେଇ ତୁମକୁ କିଣିଛି । ତିନି ହଜାର ପାଇଁ ଲେଖ, ନହେଲେ ମର ।’’

‘‘ବେଶ୍ । ମୋତେ ମାରି ଦେଇପାର । ମୁଁ ପ୍ରସ୍ତୁତ ।’’ ଦୃଢ଼କଣ୍ଠରେ କହିଲା ଇଭାନ୍ ।

ଅବ୍‌ଦୁଲ୍ ଅନ୍ୟମାନଙ୍କ ସହ କିଛି ପରାମର୍ଶ କରି ଜଣାଇଲା, ‘‘ଆଚ୍ଛା, ତୁମେ ଚିଠି ଲେଖ ।’’ ତା’ ନିର୍ଦ୍ଦେଶରେ ଦିନା କାଗଜ ଓ କାଳି କଲମ ଆଣି ଦେଲା । ସେ ଚିଠି ଲେଖିଲା – ମିଛ ଠିକଣାରେ । ସେ ଜାଣେ ବିଚରା ମା ସେମିତି ସର୍ତ୍ତ ପାଳନ ପାଇଁ ଅକ୍ଷମ । ତା’ଛଡ଼ା ନିଜ ଦୁର୍ଦ୍ଦଶା ସେ ମାଆକୁ ଜଣାଇବାକୁ ଚାହୁ ନଥିଲା ।

ଅବ୍‌ଦୁଲ୍‌କୁ ଚିଠି ଧରାଇ ଦେଲା ଇଭାନ୍ ଓ କହିଲା, ‘‘ଏ ବନ୍ଦୀ ଜଣକୁ ବି ମୋ ପାଖରେ ରହିବାକୁ ଦିଅ । ଆଉ ଆମକୁ ଟିକିଏ ଭଲ ଭାବରେ ଖାଇବାକୁ ଦେଉଥିବ ।’’

ହସି ଦେଲା ଅବ୍‌ଦୁଲ୍ । ‘‘ରାଜପୁତ୍ର ଭଳି ଖୁଆଇବା !’’ ସେତିକି ବେଳେ ଜଣେ ଟୋକା ଆସି ଗୋଟାଏ କଳ ଘଣ୍ଟା ଅବ୍‌ଦୁଲ୍‌କୁ ଦେଖାଇ କହିଲା, ‘‘ଏଇଟା ପୁଣି ଅଚଳ ହୋଇ ଯାଇଛି ।’’

''ମୋ ମନ୍ଦ କପାଳ । ଗାଁରେ ଏହି ଗୋଟାଏ ବୋଲି ଘଣ୍ଟା !'' ଅବ୍‌ଦୁଲ୍ କପାଳରେ ହାତ ମାରିଲା ।

''ମୋତେ ଦେଲ !'' କହିଲା ଇଭାନ୍ । ଖୁସି ହୋଇ ଅବ୍‌ଦୁଲ୍ ଯନ୍ତ୍ରଟି ତା' ହାତକୁ ବଢ଼ାଇ ଦେଲା । ଇଭାନ୍ ଛୁରୀଟିଏ ମାଗି ତାକୁ ଖୋଲିଲା । କଳକବ୍‌ଜା ପରୀକ୍ଷା କଲା । ଝିଅ ଦିନା ଅବାକ୍ ହୋଇ ପାଖରେ ଆଣ୍ଠୁମାଡ଼ି ବସି ଦେଖୁଥାଏ । ଅଧ ଘଣ୍ଟାଏ ଭିତରେ ଘଣ୍ଟାଟି ଟିକ୍ ଟିକ୍ କଲାମାତ୍ରେ ଝିଅଟିର ଆନନ୍ଦ କିଏ ଦେଖିବ ! ଅବ୍‌ଦୁଲ୍ ମଧ୍ୟ ବହୁତ ଖୁସି ହୋଇଗଲା ।

ଇଭାନ୍ ଛୋଟିଆ-ମୋଟିଆ ଅନେକ ବିଦ୍ୟାରେ ପାରଙ୍ଗମ ଥାଏ । ଟିକିଏ କମ୍ ଉଚ୍ଚତାରେ ଥିବା ଗୋଟାଏ ନାଳରେ ତାକୁ ଗାଧୋଇବାର ଅନୁମତି ମିଳିଥାଏ । ସେଠାରୁ ସେ କିଛି କାଦୁଅ ସଂଗ୍ରହ କରି ଗଢ଼ିଲା ଗୋଟାଏ ଛୋଟିଆ କଣ୍ଢେଇ ।

ପରଦିନ ଦିନା ''ରାଜପୁତ୍ର-ଯୋଗ୍ୟ'' ଆହାର – ପୁଳାଏ ଶକ୍ତ ମୋଟା ରୋଟି ଏବଂ ଛେଳି ଦୁଧରୁ ପ୍ରସ୍ତୁତ ସାମାନ୍ୟ କଠିନ ଛେନା ଧରି ଆସନ୍ତେ ସେ ତାକୁ ସେ କଣ୍ଢେଇଟି ଉପହାର ଦେଲା ।

ସେମିତି କଣ୍ଢେଇ ଦିନା ତା'ର କୌଣସି ଥିଲାବାଲା ବନ୍ଧୁବାନ୍ଧବ ଘରର ପିଲାଙ୍କ ପାଖରେ ହୁଏତ ଦେଖିଥିବ । ସେ ପିଲାଏ ତାହା ଦୂର ବଜାରରୁ ପଇସା ଦେଇ କିଣିଥିବେ । ତା' ପରିଚିତ ଲୋକଟାଏ ସେଭଳି ଚମତ୍କାର ବସ୍ତୁ ବନାଇ ଦେଇପାରେ, ଏହା ତା' ପାଇଁ ଥିଲା ଏକାଧାରରେ ଏକ ଆବିଷ୍କାର ଓ ବିସ୍ମୟ ! ସେ ଡେଇଁ ଡେଇଁ ପଳାଇଲା । କିଛି ସମୟ ପରେ ଇଭାନ୍ କୋଠରି ଭିତରୁ ଦେଖିଲା, ଗାଁର ଛଅ ସାତଜଣ ପିଲା ଦିନାକୁ ଘେରି ଯାଇ ସେ ବିସ୍ମୟ ଦେଖୁଛନ୍ତି ।

ସେଦିନ ଇଭାନ୍ ଓ କୁସ୍ତିଲିନ୍‌କୁ ଖାଦ୍ୟ ଦେବା ବେଳେ ଦିନା ନିଜ ପୋଷାକ ଭିତରୁ ଅଧିକା ମେଞ୍ଚାଏ ଶକ୍ତ ଛେନା ବାହାର କରି ଚଟାପଟ ଥୋଇ ଦେଇ ପଳାଇଲା । ଇଭାନ୍ ବୁଝିଲା, ସେତକ ସେ ଅନ୍ୟମାନଙ୍କ ଅଗୋଚରରେ ଆଣିଛି ।

ଦିନ ପରେ ଦିନ ବିତି ଯାଉଥାଏ । ଇଭାନ୍ ପ୍ରତି ଅବ୍‌ଦୁଲ୍ ତଥା ଅନ୍ୟମାନଙ୍କର ସମ୍ଭ୍ରମ ଭାବ ବଢ଼ୁଥାଏ । ଖାଲି ଜଣେ ବୁଢ଼ା ତାତାର୍ ତାକୁ ଦେଖିବା ମାତ୍ରେ ଛେପ ପକାଏ, ତା' ନିଜ ଭାଷାରେ ଗାଳିଗୁଲଜ କରେ । ବୁଢ଼ା କାହିଁକି ତା' ଉପରେ ଏମିତି ଖପା ବୋଲି ଅବ୍‌ଦୁଲ୍‌କୁ ପଚାରି ସେ ଶୁଣିଲା ତା' ଇତିହାସ । ରୁଷଦେଶୀଙ୍କ ସହ ଲଢ଼େଇରେ ବୁଢ଼ାର ସାତ ପୁଅ ମରିଥିଲେ । ଅଷ୍ଟମ ପୁଅଟି ଶତ୍ରୁର ଶରଣ ପଶିଲା । ବୁଢ଼ା ମଧ୍ୟ ଆତ୍ମ-ସମର୍ପଣ କଲା । କିନ୍ତୁ ଦିନେ ପଳାୟନର ସୁଯୋଗ ଆସନ୍ତେ ବୁଢ଼ା ସେ ପୁଅଟିକୁ ନିଜେ ହତ୍ୟା କରି ପଳାୟନ କଲା । ସମ୍ଭବତଃ ଭୀରୁ ପୁଅକୁ ସେହି ଦଣ୍ଡ ଦେବା ନିମନ୍ତେ ବୁଢ଼ା ଆତ୍ମ-ସମର୍ପଣ କରିଥିଲା । ବୁଢ଼ାର ଦୃଢ଼ ମତ, ଏ ଦୁଇ ବନ୍ଦୀଙ୍କୁ ଅବିଳମ୍ବେ ହତ୍ୟା କରାଯିବା ଉଚିତ ।

ଦିନେ ଅବ୍‌ଦୁଲ୍‌ର ଜଣେ କୁଟୁମ୍ବକୁ ଭୀଷଣ ଜ୍ୱର ହେଲା । ପାଞ୍ଚ ଦିନ ବିତିଗଲା । ଜ୍ୱର ଦୂର ହେଲା ନାହିଁ । ''ତୁମକୁ କିଛି ଔଷଧ ଜଣା ? ଆମ ବୈଦ୍ୟଙ୍କୁ ଜଣାଥିଲା; ସେ ଆଉ ନାହାନ୍ତି ।'' ଅବ୍‌ଦୁଲ୍ ପରାମର୍ଶ କଲା ଭଳି ଭଙ୍ଗୀରେ ଇଭାନ୍‌କୁ ପ୍ରଶ୍ନ କଲା ।

''ଜଣା । ପାହାଡ଼ ଉପରେ ସେମିତି ଗୁଳ୍ମ ମିଳେ । ମୁଁ ଗଲେ ଚିହ୍ନି ପାରିବି ।'' କହିଲା ଇଭାନ୍ ।

ପୁଅ ସହ ଇଭାନ୍‌କୁ ପାହାଡ଼ ଉପରକୁ ଯିବାର ଅନୁମତି ଦେଲା ମାଲିକ । କିନ୍ତୁ ତା' ପାଦର ଶିକୁଳି ସେମିତି ରହିଲା । ଯାହାହେଉ, ପାହାଡ଼ ଚଢ଼ିବା ଭିତରେ ଇଭାନ୍ ବୁଝିପାରିଲା ଯେ ବନ୍ଧନ ସତ୍ତ୍ୱେ ସେ କିଞ୍ଚିତ୍ କ୍ଷିପ୍ର ଗତିରେ ଚାଲିବା ସମ୍ଭବ । ପାହାଡ଼ ଉପରକୁ ଯାଇ ଗୁଳ୍ମ ଖୋଜିବା ଆଳରେ ସେ ଚତୁର୍ଦ୍ଦିଗକୁ ଦୃଷ୍ଟିପାତ କରି ନିଜ ଶିବିରର ଅବସ୍ଥିତି ନିରୂପଣ କରି ନେଲା । ଶିଳାମୟ ପ୍ରାନ୍ତର ଭିତରେ ରହିଛି ଗୋଟିଏ ଘନ ଜଙ୍ଗଲ । ତାହାରି ଭିତର ଦେଇ ଗଲେ ସହଜରେ କେହି ଦେଖି ପାରିବେ ନାହିଁ ।

କୌଣସି ଗୋଟାଏ ଗୁଳ୍ମରୁ ମୁଠିଏ କୁନି କୁନି ପତ୍ର ତୋଳି ସେ ବାହୁଡ଼ି ଆସିଲା । ସେ ପତ୍ର ଉପରେ ମନ୍ତ୍ର ବୋଲିବା ଭଳି ଅଭିନୟ କରି ତାକୁ ପାଣିରେ ମିଶାଇଲା ଓ ରୋଗୀକୁ ପିଆଇଲା । ହୁଏତ ସ୍ୱାଭାବିକ ଭାବରେ ଜ୍ୱର ଛାଡ଼ିବା ସମୟ ଆସିଯାଇଥିଲା । ପରଦିନ ରୋଗୀ ସୁସ୍ଥ ଅନୁଭବ କଲା !

ଗାଁର ସମସ୍ତେ ଖୁସି ହେଲେ । କିନ୍ତୁ ରାଗରେ ଫାଟି ପଡ଼ିଲା ସେ ବୁଢ଼ା ! ବନ୍ଦୀକୁ କିଛି ଅଜବ ବିଦ୍ୟା ଜଣା । ତାକୁ ତୁରନ୍ତ ମାରି ପକାଇବା ଉଚିତ – ଏହାହିଁ ତା'ର ଜିଦି ।

କିନ୍ତୁ ଅବ୍‌ଦୁଲ୍ କହିଲା ଇଭାନ୍‌କୁ, ''ମୋର ଇଚ୍ଛା ତୁମକୁ ବରାବର ଏଠି ରଖିବି । କିନ୍ତୁ ଯେତେବେଳେ କଥା ଦେଇଛି ସେତେବେଳେ ଅର୍ଥ ଆସିଯିବା ମାତ୍ରେ ଅବଶ୍ୟ ତୁମକୁ ମୁକ୍ତି ଦେବି ।''

ପ୍ରାୟ ଦୁଇ ମାସ ବିତିଗଲାଣି । ଇଭାନ୍ ପୁଣି ଥରେ

ମିଛ ଚିଠି ଲେଖିଲା । କିନ୍ତୁ ମନରେ ତା'ର ପଳାୟନ ନିମନ୍ତେ ତୀବ୍ର ବ୍ୟାକୁଳତା । କୁସ୍ତିଲିନ୍ କିନ୍ତୁ ସବୁସମୟ ଉଦାସ ଭାବରେ ଶୋଇ ରହିଥାଏ । ଇଭାନ୍ ଅବଶ୍ୟ ତା' ସହ ଗପସପ ହୋଇ ତାକୁ ତାଜା ରଖିବାକୁ ଚେଷ୍ଟା କରୁଥାଏ ।

ଥରେ ଦୁଇଦିନ ଦୁଇରାତି ଧରି ହେଲା ପ୍ରବଳ ବର୍ଷା । ଦୁଇ ବନ୍ଦୀଙ୍କ କୋଠରିର କାନ୍ଥର ଗୋଟାଏ କୋଣ ଏଡ଼େ ସନ୍ତସନ୍ତିଆ ହୋଇଗଲା ଯେ ଇଭାନ୍ ଚେଷ୍ଟା କରି ଦେଖିଲା, ଗର୍ତ୍ତଟିଏ ଖୋଳି ବାହାରିଯିବା ସମ୍ଭବ ହେବ ।

''ଏମିତି ସୁଯୋଗ ଆଉ ନଆସିପାରେ । ଚାଲ, ପଳାଇବା ।'' ସେ କୁସ୍ତିଲିନ୍‌କୁ ପ୍ରସ୍ତାବ ଦେଲା । କୁସ୍ତିଲିନ୍ ଅବଶ୍ୟ ଉତ୍ସାହ ଦେଖାଇଲା ନାହିଁ, କିନ୍ତୁ ରାଜି ହେଲା ।

ରାତିର ପ୍ରଥମ ପ୍ରହର । ପଲ୍ଲିଗ୍ରାମ ନିସ୍ତବ୍ଧ । ଦୁହେଁ ଗର୍ତ୍ତରୁ ନିଷ୍କ୍ରାନ୍ତ ହେଲେ । ଅବ୍‌ଦୁଲ୍‌ର କୁକୁର ଭୁକିବାକୁ ଆରମ୍ଭ କରୁଥିଲା, କିନ୍ତୁ ଇଭାନ୍ ଯାଇ ତାକୁ ଆଉଁଶି ପକାଇଲା । ପୂର୍ବରୁ ମଝେ ମଝେ ଇଭାନ୍ ତାକୁ ନିଜ ରୋଟି ଓ ଛେନାରୁ ଅଳ୍ପ ଅଳ୍ପ ଦେଇ ବଶ କରିଥାଏ ।

ଦୁହେଁ ପ୍ରାନ୍ତର ଭିତରକୁ ଅବତରଣ କଲେ ଓ ଜଙ୍ଗଲ ମୁହାଁ ଚାଲିବାକୁ ଲାଗିଲେ । ଜଙ୍ଗଲ ଭିତରେ ପ୍ରବେଶ କରିବା ଅନ୍ତେ ଇଭାନ୍ ନିଶ୍ଚିନ୍ତ ହେଲା । ଏଣିକି ସେମାନଙ୍କୁ ଠାବ କରିବା ସହଜ ହେବ ନାହିଁ ।

କିନ୍ତୁ ଦେଖା ଦେଲା ନୂତନ ସମସ୍ୟା । କୁସ୍ତିଲିନ୍ ସେ ଶିକୁଳି ବନ୍ଧା ଗୋଡ଼ ଯୋଗେ ଆଉ ପ୍ରାୟ ଅଗ୍ରସର ହୋଇପାରିଲା ନାହିଁ । ସେ ବାରଂବାର କହିଲା, ''ତୁମେ ଯାଅ । ମୋ ଭାଗ୍ୟରେ ଯାହାଥିବ ମୁଁ ତାହା ସାମନା କରିବି ।''

''ତୁମକୁ ଛାଡ଼ି ଦେଇ ପଳାଇବା ମୋ ପକ୍ଷରେ ଅସମ୍ଭବ !'' କହିଲା ଇଭାନ୍ ଏବଂ ତାକୁ ନିଜ ପିଠିରେ ବହନ କରି ଜଙ୍ଗଲ ଅତିକ୍ରମ କରିବାକୁ ଚେଷ୍ଟା କଲା । କୁସ୍ତିଲିନ୍ ମୋଟା; ଇଭାନ୍‌ର ଗତି ଅତ୍ୟନ୍ତ ମନ୍ଥର ହେଲା ।

ଭୋର ହୋଇ ଆସୁଥିଲା । ବଣ ବାହାରେ ଶୁଭିଲା ଘୋଡ଼ାଙ୍କ ଟାପୁ ଶବ୍ଦ । ଦୁହେଁ ଗୋଟାଏ ବୁଦା ଆଢୁଆଳରେ ଲୁଚିଗଲେ । କିନ୍ତୁ ପରେ ପରେ ଆଉ ଦଳେ ତାତାର୍ ଆସିଲେ ସାଥିରେ ଶିକାରୀ କୁକୁର ଧରି । ଅବିଳମ୍ବେ କୁକୁର ପଳାତକ ଦୁହିଁଙ୍କୁ ଠାବ କଲା । ତାତାର୍‌ମାନେ ଦୁହିଁଙ୍କୁ ବନ୍ଧାବନ୍ଧି କରି ବଣ ବାହାରକୁ ଘୋଷାରି ଆଣିବା ବେଳକୁ କେତେ ଜଣ ଗ୍ରାମବାସୀ ସହ ଅବ୍‌ଦୁଲ୍ ଆସି ସେଠାରେ ପହଞ୍ଚି ଗଲା ।

ବନ୍ଦୀ ଦୁହିଁଙ୍କୁ ଧରିଥିବା ତାତାର୍‌ମାନେ ବୋଧହୁଏ କିଛି ଅର୍ଥ ବିନିମୟରେ ସେ ଦୁହିଁଙ୍କୁ ଅବ୍‌ଦୁଲ୍‌କୁ ହସ୍ତାନ୍ତର କଲେ । ଦୁଇଜଣ ଅଶ୍ୱାରୋହୀଙ୍କ ପଛରେ ଦୁହିଁଙ୍କୁ ବାନ୍ଧି ସେମାନେ ଗାଁରେ ପହଞ୍ଚି ବନ୍ଦୀମାନଙ୍କୁ ତଳକୁ ଓହ୍ଲାଇ ଦେବା ମାତ୍ରେ ଯିଏ ପାରିଲା ସିଏ ଦୁହିଁଙ୍କ ଉପରକୁ ଟେକା ଫିଙ୍ଗିଲା ।

ସେ କ୍ରୋଧୀ ବୁଢ଼ା ଆସି ଚିତ୍କାର କରି କହିଲା, ''ଆଉ ମୁହୂର୍ତ୍ତେ ଡେରି କରନା । ପିଟି ପିଟି ମାରିଦିଅ ।''

ଅବ୍‌ଦୁଲ୍ ବିରକ୍ତ ହୋଇ କହିଲା, ''ମାରିଦେବା ତ ସହଜ, କିନ୍ତୁ ମୁଁ ଦୁହିଁଙ୍କ ବାବଦରେ ଯେଉଁ ଅର୍ଥ ଦେଇଛି ? ଠିକ୍ ଅଛି । ଆଉ ପନ୍ଦର ଦିନ ଅପେକ୍ଷା କରିବି । ମୋ ପ୍ରାପ୍ୟ ନପାଇଲେ ତୁମ ପରାମର୍ଶ କାର୍ଯ୍ୟକାରୀ କରାଯିବ ।''

ଏଣିକି ଅବ୍‌ଦୁଲ୍ ଆଉ ଇଭାନ୍ ଆଡ଼କୁ ଅନାଉ ନଥାଏ । ଅଦୂରରେ ଗୋଟାଏ ବେଶ୍ ଗଭୀର କୂଅ ଭଳି ପ୍ରଶସ୍ତ ଗର୍ତ୍ତ ଥାଏ । ଦୁହିଁଙ୍କୁ ମୋଟା ଦଉଡ଼ିରେ ବାନ୍ଧି ତହିଁ ଭିତରକୁ ଅବନମିତ କରାଗଲା । ''ଏଣିକି ଏହାହିଁ ତୁମର ରାଜପ୍ରାସାଦ ।'' କେହି ଜଣେ କହିଲା ଅଟ୍ଟହାସ୍ୟ ସହକାରେ ।

ଇଭାନ୍ ନିଜ ପାଇଁ ଯେତିକି ନୁହେଁ, କୁସ୍ତିଲିନ୍ ପାଇଁ ସେତିକି ବିମର୍ଷ ବୋଧ କଲା । ଦିନକରେ ଥରେ ମାତ୍ର କିଛି ରୋଟି ଓ ପାଣି ବାଲ୍‌ଟି ଯୋଗେ ତଳକୁ ଖସାଇ ଦିଆ ଯାଉଥାଏ । ଦୁହେଁ ଚୁପ୍‌ଚାପ୍ ବସି ରହିଥା'ନ୍ତି । ଇଭାନ୍ ଖାଲି ମଝେ ମଝେ ଆକାଶକୁ ଅନାଉଥାଏ – କିଛି ଭରସା ପାଇଁ; କିଛି ଅପ୍ରତ୍ୟାଶିତ ସହାୟତା ପାଇଁ ।

ଦିନେ ସେମିତି ଅନାଇଥିଲା ବେଳେ ସେ ଦେଖିଲା ଏକ ଅଶ୍ରୁ ସଜଳ ସୁନ୍ଦର ମୁହଁ । ଦିନା । ସେ ପୁଳାଏ ଶକ୍ତ ଛେନା ତଳକୁ ପକାଇଦେଲା । ପରଦିନ ମଧ୍ୟ ସେ ତାହାହିଁ କଲା ଓ ମୃଦୁ କଣ୍ଠରେ ଇଭାନ୍‌କୁ ଲକ୍ଷ୍ୟ କରି କହିଲା, ତୁମ ବନ୍ଧୁ ଘରୁ ଖବର ଆସିଛି, ସେମାନେ ଶୀଘ୍ର ଅର୍ଥର ବ୍ୟବସ୍ଥା କରୁଛନ୍ତି । ତା' ପାଇଁ ଅପେକ୍ଷା କରାଯିବ । କିନ୍ତୁ ତୁମକୁ ମାରି ପକାଇବେ ।

ଦିନା ଆଖି ପୋଛିଲା ।

''ମୋ ଟିକି ଭଉଣୀ ! ତୁମ ଚାଳି ଉପରେ ଖଣ୍ଡିଏ ଲମ୍ବା ବାଉଁଶ ରହିଛି । ତୁମେ ଆଜି ରାତିରେ ଅଳ୍ପ ସମୟ ସକାଶେ ସେ ଖଣ୍ଡିକ ନେଇ ଆସି ପାରନ୍ତ ନାହିଁ ?''

''ନା, ନା । ପାରିବି ନାହିଁ । ସେମାନେ ମୋତେ ବି ମାରି ପକାଇବେ !'' କହି ଝିଅଟି ପଳାଇଗଲା ।

ଦୀର୍ଘଶ୍ୱାସ ଛାଡ଼ି ବସିରହିଲା ଇଭାନ୍ । ରାତିର ପ୍ରଥମ ପ୍ରହର । ହଠାତ୍ ସେ ଦେଖିଲା, ଉପରୁ ବାଉଁଶ ଖଣ୍ଡିକ ଧୀରେ ଧୀରେ ଅବନମିତ ହେଉଛି । ଝାପ୍‌ସା ଦିଶୁଛି ଝିଅଟିର ମୁହଁ । ସେ ଧୀର କଣ୍ଠରେ କହିଲା, ''ବାଉଁଶ ଖଣ୍ଡିକ କାନ୍ଥ ଦେହରେ ଆଉଜାଇ ଚାପି ଧରିଥିବ ।''

ତା'ପରେ ସେ କୁସ୍ତିଲିନ୍‌କୁ କୁଣ୍ଢାଇ ଧରି କହିଲା, ''ଆଶା, ତୁମେ ଶୀଘ୍ର ମୁକ୍ତ ହେବ । କିନ୍ତୁ ମୋ ବାବଦରେ କଦାଚ କିଛି ଅର୍ଥ ଆସିବାର ସମ୍ଭାବନା ନାହିଁ ।''

କୁସ୍ତିଲିନ୍ ଆବେଗପୂର୍ଣ୍ଣ କଣ୍ଠରେ କହିଲା, ''ବିଳମ୍ବ କରନା ।''

ବାଉଁଶ ଧରି ଧରି ଉପରକୁ ଉଠିଗଲା ଇଭାନ୍ । ତତ୍‌କ୍ଷଣାତ୍ ଦିନା ସେ ଖଣ୍ଡିକ ବାହାର କରିନେଇ ଯଥା ସ୍ଥାନରେ ଥୋଇଦେଇ ଇଭାନ୍‌କୁ ଧରାଇଦେଲା ଖଣ୍ଡିଏ କନାରେ ବନ୍ଧା ହୋଇଥିବା ଛେନା ଓ ଆଉ କିଛି ଖାଦ୍ୟ ।

''ମୋ ସୁନା ଭଉଣୀ, ତୁମ ଋଣ ମୁଁ ଜୀବନରେ ଶୁଝି ପାରିବି ନାହିଁ !'' ଥର ଥର କଣ୍ଠରେ କହିଲା ଇଭାନ୍ ।

''ଯାଅ ଶୀଘ୍ର !'' ଦିନା ତାକୁ ପ୍ରାୟ ଠେଲି ଦେଲା । ସେ କିଛି ଦୂର ତଳକୁ ଯାଇ ଖଣ୍ଡିଏ ପଥର ଉପରେ ବସି ନିଜ ଶିକୁଳି ଭାଙ୍ଗିବାର ଚେଷ୍ଟା କଲା । ଦିନା ମଧ୍ୟ ଆସି ଖଣ୍ଡିଏ ପଥର ଟେକା ସେ ତାଲା ଉପରେ ବାଡ଼େଇଲା । କିନ୍ତୁ ଚେଷ୍ଟା ହେଲା ନିଷ୍ଫଳ ।

ଦିନା ମୁଣ୍ଡରେ ଥରେ ହାତ ବୁଲାଇ ଦେଇ ଇଭାନ୍ ତଳକୁ ଗଲା ଯେତେ କ୍ଷିପ୍ର ଗତିରେ ସମ୍ଭବ । ଶେଷଥର ପାଇଁ ଉପରକୁ ଅନାଇ ଦେଖିଲା, ଦିନା ସେମିତି ଠିଆ ହୋଇରହିଛି । କିଛି ସମୟ ପରେ ଆଉ ଥରେ ଅନାଇ ଅନ୍ଧକାର ଯୋଗୁଁ ଆଉ କିଛି ଦେଖିପାରିଲା ନାହିଁ ।

ସେ ଗତି କ୍ଷିପ୍ର କଲା ଯଥାସମ୍ଭବ । ପାହାଡ଼ ଏବଂ ଗାଁ ପଛରେ ରହିଗଲା । ସେ ପ୍ରବେଶ କଲା ଜଙ୍ଗଲ ଭିତରେ । ବାଟ ବାରିବା ସହଜ ନୁହେଁ । ତେବେ ଆକାଶରେ ଖଣ୍ଡିଆ ଜହ୍ନ ତାକୁ କିଛି ସାହାଯ୍ୟ କଲା । ବଣ ଅତିକ୍ରମ କରିବା ବେଳକୁ ପ୍ରଭାତ ।

ଅଦୂରରେ ତା'ର ସୁପରିଚିତ ଦୁର୍ଗ । ପ୍ରାଚୀର ସାମନାରେ ପନ୍ଦର କୋଡ଼ିଏ ଜଣ ରୁଷ ସୈନ୍ୟ ଅଗ୍ନିକୁଣ୍ଡକୁ ଘେରି ବସିଛନ୍ତି । ସେ ଦୌଡ଼ିବାକୁ ଚେଷ୍ଟା କଲା । ହଠାତ୍ ଦେଖିଲା, ପାଞ୍ଚ ଛଅଜଣ ତାତାର୍ ଘୋଡ଼ସବାର ତା' ଆଡ଼େ ମାଡ଼ି ଆସୁଛନ୍ତି ।

''ଭାଇମାନେ ! ମୋତେ ରକ୍ଷା କର ! ଭାଇମାନେ !'' ସେ ସମ୍ମୁଖବର୍ତ୍ତୀ ଅଗ୍ନିକୁଣ୍ଡ ଆଡ଼େ ହାତ ବଢ଼ାଇ ଚିତ୍କାର କଲା । ରୁଷ ସୈନ୍ୟମାନେ ଉଠି ପଡ଼ିଲେ ଓ ଟିକିଏ ଦ୍ୱିଧା କରି ତା' ଆଡ଼େ ଦୌଡ଼ିଲେ । ତାତାର୍‌ମାନେ ମଧ୍ୟ ପାଖେଇ ଆସୁଛନ୍ତି; ନିମେଷକ ଭିତରେ ତାକୁ କବ୍‌ଜା କରି ନେବେ । କିନ୍ତୁ ରୁଷ ସୈନ୍ୟମାନେ ସେମାନଙ୍କ ଆଡ଼େ ବନ୍ଧୁକ ଉଞ୍ଚାଇଲେ ଓ ଧମକ ଦେଲେ : ''ଖବରଦାର !'' ଅଗତ୍ୟା ପଳାଇ ଗଲେ ସେମାନେ ।

ଇଭାନ୍ ତଳେ ପଡ଼ିଗଲା । ତାକୁ ସୈନ୍ୟମାନେ ଟେକି ନେଇଗଲେ ନିଆଁ ପାଖକୁ । କିଏ ତା' ଦେହରେ ହାତ ବୁଲାଇ ଦେଲା ତ କିଏ ଶିବିର ଭିତରୁ ଗରମ ଦୁଧ ଆଣି ପିଆଇଲା । ଅନ୍ୟମାନେ ଅସ୍ତ୍ର ଯୋଗେ ତା' ପାଦରୁ ଶିକୁଳି କାଟି ବାହାର କରି ଦେଲେ ।

''ଇଭାନ୍ !'' ଚିହ୍ନିଲେ ସେମାନେ । ସେମାନଙ୍କ କପ୍ତାନ ବି ଆସି ଇଭାନ୍‌ର ଅଭିବାଦନ ଗ୍ରହଣ କଲେ । ତା' ପୋଷାକପତ୍ର ପରିବର୍ତ୍ତନ କରି, ଉତ୍ତମ ରୂପେ ଖିଆପିଆ କରାଇ ଶୁଣିଲେ ତା' କାହାଣୀ ।

''ବିଭା ହେବାକୁ ଗାଁ ମୁହାଁ ଯାଉଥିଲି !'' ସେ ହସି ହସି କହିଲା !

''ଆରେ ଭାଇ, ଯିବ, ଯିବ ! ସମୟ ଆସିବ ।'' ମିତ୍ରମାନେ ତା' ପିଠି ଥାପୁଡ଼େଇ ଦେଇ କହିଲେ ।

କୁସ୍ତିଲିନ୍ ଯଥା ସମୟରେ ମୁକ୍ତି ପାଇବାର ଖବର ପାଇ ଇଭାନ୍ ଆନନ୍ଦିତ ହେଲା ।

(*କାହାଣୀ ଭାବରେ ଉପସ୍ଥାପିତ ହୋଇଥିଲେ ମଧ୍ୟ ଏଥିରେ ବର୍ଣ୍ଣିତ ଘଟଣାସବୁ ସେ ସମୟରେ ପ୍ରାୟତଃ ଘଟୁଥିଲା ସେ ମୂଳକରେ । ଏ ରଚନାରେ ଇଭାନ୍‌ର ଚରିତ୍ର ମାଧ୍ୟମରେ ଧୈର୍ଯ୍ୟ, ବନ୍ଧୁ ପ୍ରତି କର୍ତ୍ତବ୍ୟ ବୋଧ ତଥା ଅଦମିତ ସାହସର ପରାକାଷ୍ଠା ପ୍ରତିପାଦିତ କରିବା ତଥା ପ୍ରତିକୂଳ ଓ ଅପ୍ରତ୍ୟାଶିତ ପରିସ୍ଥିତିରେ ମଧ୍ୟ କିପରି ମାନବିକ ସହାନୁଭୂତିର ଦୃଷ୍ଟାନ୍ତ ମିଳିପାରେ – 'ଦିନା' ଚରିତ୍ର ମାଧ୍ୟମରେ ତତ୍କାଳୀନ ବାସ୍ତବ ଘଟଣାର ପଟ୍ଟଭୂମିରେ ତାହା ଦର୍ଶାଇବା ଲେଖକଙ୍କର ଆଭିମୁଖ୍ୟ ।*)

(ସଂକ୍ଷେପିତ ପୁନଃ ବିନ୍ୟାସ : ଦେବପ୍ରିୟ)

❑❑❑

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୫୫)

## ସାହାନା ଦେବୀ

**ସାହାନା :** ମା ଗୋ, ମୋ ମନଟା କେମିତି ଅଶାନ୍ତ ଲାଗୁଥିଲା,– 'ମ'ର 'ମନୋଭାବ' ଏବଂ ବ୍ୟବହାରର ଘଟଣାଗୁଡ଼ିକର କଥା କେବଳ ମୁଣ୍ଡରେ ଘୂରୁଥିଲା ଏବଂ ଆଜି ବି ଘୂରୁଛି । ନିହାତି ମାନସିକ; ଘଟଣାଟିକୁ ମୁଁ ଠିକ୍ ଭାବେ ବୁଝିଛି ଏବଂ ଦେଖି ମଧ ପାରୁଛି । ମୋତେ ଯେ ଆଘାତ ଲାଗିଛି ଅବା ଆଶ୍ଚର୍ଯ୍ୟ ଲାଗୁଛି – ଏସବୁ କିଛି ନୁହେଁ, ବରଂ ଶାନ୍ତ ଏବଂ ସିଧାସଳଖ ଭାବେ ଘଟଣାଟିକୁ ଦେଖିପାରୁଛି । କିନ୍ତୁ ଶାରୀରିକ ମନ ଏଇ ସମସ୍ତ ଘଟଣାଟିକୁ ନେଇ ଯେମିତି ଅତ୍ୟଧିକ ହଟ୍ଟଗୋଳ କରିବାରେ ଲାଗି ପଡୁଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏମିତି ହେବା ଉଚିତ ନୁହେଁ – ତୁମେ ଯେତେବେଳେ ଗୋଟିଏ ବିଷୟ ଅବା ଚିନ୍ତାର ଭଲମନ୍ଦକୁ ପରିଷ୍କାର ରୂପେ ବୁଝି ପାରିଛ ସେତେବେଳେ ତୁମର ଇଚ୍ଛାଶକ୍ତି ରହିବା ଉଚିତ ଯାହା ସମ୍ପୂର୍ଣ୍ଣ ରୂପେ ତାକୁ ତୁମ ଚେତନାରୁ ବାହାର କରିଦେବ ।

(୦୭.୦୫.୩୫)

**ସାହାନା :** ଯେତେବେଳ ପର୍ଯ୍ୟନ୍ତ ମୁଁ ଦେଖେ ଅବା ବୁଝିପାରେ ଯେ କଥାଟା ତୁମକୁ ଜଣାଇବା ଆବଶ୍ୟକ ଅଥଚ କହିବାକୁ ଠିକ୍ ଇଚ୍ଛା କରେନା, ସେତେବେଳେ ତୁମର ଆଲୋକ ଓ ଶକ୍ତିକୁ ଅଧିକ ପରିମାଣରେ ସେଇ ଜାଗାରେ ଉତାରି ଆଣିବା ନିମନ୍ତେ ବିଶେଷ ଭାବରେ ତୁମକୁ କଥାଟିକୁ କହିଦେବା ପାଇଁ ମୁଁ ଜୋର୍ ଦିଏ । ଏଇ ପ୍ରକାରେ ଜୋର୍ ଦେଇ କହିବାଟା କ'ଣ ମନର ପ୍ରକ୍ରିୟା ମା ? କହିବା ପୂର୍ବରୁ ଲୁଚାଇବା ପାଇଁ ଇଚ୍ଛା କଲେ ମଧ କହିଦେବା ପରେ ତୃପ୍ତି ଏବଂ ଆରାମବୋଧ କରିହୁଏ, ତାହା ଜୋର୍ କରି କହିବା ହେଉ ଅବା ଯେମିତି ଭାବେ କହିବା ହେଉ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ନିଶ୍ଚିତ ରୂପେ ଠିକ୍ । ଏହା କରିବା ଏକ ମାନସିକ ନିୟମ ନୁହେଁ, ବରଂ ଏହା ଆସିଥାଏ ଚୈତ୍ୟସତ୍ତାରୁ ।

**ସାହାନା :** ମା ଗୋ, ମନ ସମ୍ବନ୍ଧରେ ଆଉ ଏକ ଆଲୋଚନା କେଉଁଠି ହୋଇଥିଲା ବିଶେଷ କରି ତୁମର ଆମମାନଙ୍କ ମନର ଗତିବୃତ୍ତିକୁ ବର୍ଜନ କରିବାକୁ କହିବା ବିଷୟରେ । ମୁଁ ତୁମକୁ ଏ ବିଷୟରେ କ'ଣ ଅନୁଭବ କରିଛି କହିଛି, ଏବଂ ସବୁ ଜଣାଇଛି । ଆଉ ସାମାନ୍ୟ କିଛି ଏଠାରେ ମଧ ଜଣାଉଛି । ମନର ସ୍ୱାଭାବିକ କ୍ରିୟାକୁ ମୁଁ ଅନୁଭବ କରିପାରୁଛି, ମାତ୍ର ଏହା ସତ୍ୟବୃତ୍ତି କି ନୁହେଁ – ମୁଁ ବରଂ ଅନୁଭବ କରେ ଲୋକେ ଯାହାକୁ ମନ ବା ବୁଦ୍ଧିଗତ ମନ କହନ୍ତି ତାହା ହେଉଛି କେବଳ ଶାରୀର ମନରହିଁ ବୃତ୍ତି (କାହିଁକି ନା ସୀମିତ ମନହିଁ ତ କେବଳ ଯେତେସବୁ ସନ୍ଦେହାତ୍ମକ ଜିନିଷର ସୃଷ୍ଟି କରେ, ତାହା ନୁହେଁ କି ମା ?) ଏହା ତ ପରିଷ୍କାର, କ୍ରିୟାହୀନ, ନିର୍ବାକ ମନ ନୁହେଁ ଯାହା ଉଚ୍ଚ ବୋଧିମନ ବା ଉଚ୍ଚତର ଜିନିଷର ସତ୍ୟ ଅଭିବ୍ୟକ୍ତି ବା ଜ୍ଞାନର ଆସନ ହୋଇପାରେ । ତୁମେ ଯେତେବେଳେ ମନର ଗତିବିଧିକୁ ବର୍ଜନ କରିବା କଥା କୁହ, ମୋର ମନେ ହୁଏ ତାହା ଏଇ ସୀମିତ ଶାରୀର ମନର ସନ୍ଦେହ ବା ଅନ୍ଧକାରାଚ୍ଛନ୍ନତା ସୃଷ୍ଟି କରିବାର ବୃତ୍ତିଟିର କଥାହିଁ କୁହ – ତାହା ନୁହେଁ କି ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମେ ଅତ୍ୟନ୍ତ ସଠିକ ଉତ୍ତର ଦେଇଛ ।

**ସାହାନା :** ବାକ୍ ସଂଯମ ବିଷୟରେ ଏକଦା ଶ୍ରୀଅରବିନ୍ଦଙ୍କୁ ଲେଖିଥିଲି ଯେ, ''ଏ ଦିଗରେ ମୁଁ କିଛି କରି ପାରୁନି, ଏହାର ପ୍ରୟୋଜନୀୟତା ଏକାନ୍ତ ରୂପେ ଅନୁଭବ କରିବା ସତ୍ତ୍ୱେ ଲକ୍ଷ୍ୟ କରୁଛି ଯେ ତାହା ଠିକ୍ ରୂପେ ହେଉ ନାହିଁ । ଯାହା ଫଳରେ କେତେ ଯେ ଅପ୍ରୀତିକର, ଅବାଞ୍ଛିତ ଘଟଣାସବୁ ଘଟିଥାଏ ଯେଉଁଥିପାଇଁ ମନୋମାଳିନ୍ୟ ତ ଘଟୁଛି, ମୂଲ୍ୟ ବି କମ୍ ଦେବାକୁ ହେଉନି, ଯାହାକି ଘଟୁଛି ନାନା ପ୍ରକାରର ବିଶେଷ ଆଲୋଚନା ସମୟରେ । ଅଥଚ କେଉଁ ଭାବରେ ଏସବୁଥିରୁ ନିଜକୁ (ଏବଂ ଅନ୍ୟମାନଙ୍କୁ ମଧ) ରକ୍ଷା କରାଯାଇପାରେ, ସେଇ ଆତ୍ମ-ସଂଯମର ସତ୍ୟ ଶିକ୍ଷାର ପଥରେ ମୁଁ ଚାଲିବାକୁ ଚାହେ, ସେଇ ପଥ ଆପଣ ଦେଖାଇ ଦିଅନ୍ତୁ ଏବଂ ସେଇ ପଥରେ ଚାଲିବାକୁ ଯେପରି ସକ୍ଷମ ହୁଏ ଏହି ପ୍ରାର୍ଥନା ଆପଣମାନଙ୍କ ଶ୍ରୀଚରଣରେ ।''

**ଶ୍ରୀଅରବିନ୍ଦଙ୍କ ପତ୍ର :** ... ଏହିସବୁ ଆଲୋଚନା ଯାହା ପ୍ରାୟହିଁ ସଂଘର୍ଷ ଏବଂ ଭୁଲ୍ ବୁଝାମଣାର ଉତ୍ସ, ଏହା ଏକେବାରେ ନିଶ୍ଚିତ ।

ସାଧନାର ଦୃଷ୍ଟିକୋଣରୁ ସମ୍ଭବତଃ ଯାହା ସବୁଠାରୁ ଭଲ ହୋଇପାରେ ତାହା ହେଉଛି ଏହି ଯେ, ଏହିସବୁ କ୍ଷେତ୍ରକୁ ଚୈତ୍ୟିକ ଆତ୍ମଶିକ୍ଷାର ସୁଯୋଗ ହିସାବରେ ଏବଂ ବାର୍ତ୍ତାଳାପର ବ୍ୟାପାରରେ ଯାହାକିଛି ଆନ୍ତର-ଚେତନା ଏବଂ ବାହ୍ୟ ସତ୍ତାର ଗତିବିଧି ମଧ୍ୟରେ ସମ୍ପୂର୍ଣ୍ଣ ସାମଞ୍ଜସ୍ୟ ଆଣିବାରେ ବାଧା ସୃଷ୍ଟି କରେ ତାକୁ ଜୟ କରିବାର ଲକ୍ଷ୍ୟ ହିସାବରେ ଗ୍ରହଣ କରିବା ।... ତା'ଛଡ଼ା ଏହିସବୁ ପରିବେଶରେ ଯେ ଆତ୍ମସଂଯମ ବାଞ୍ଛନୀୟ ଏବଂ ଏହି ଆଲୋଚନା ମଧ୍ୟରେ ଯାହା ଗ୍ରହଣୀୟ ତାହା ହେଉଛି :

(୧) କଥା କହିବାର ଆବେଗରେ ଯେପରି ନିଜକୁ ଅତିମାତ୍ରାରେ ଜାହିର କରି ବା ବିଚାର ନକରି ତତ୍କ୍ଷଣାତ୍ କିଛି ନ କୁହ । କିନ୍ତୁ ସବୁ ସମୟରେ ସଚେତନଭାବେ ସଂଯମର ସହ କଥା କହିବ ଏବଂ ଯାହା ଆବଶ୍ୟକ ଏବଂ ଯାହା କହିଲେ ସାହାଯ୍ୟ ମିଳିବ ତାହା କହିବ ।

(୨) ସବୁ ତର୍କ, ବିବାଦ ବା ଅତି ଉତ୍ତେଜନାପୂର୍ଣ୍ଣ ଆଲୋଚନା ଏଡ଼ାଇ ଚାଲିବ ଏବଂ ଯାହା କହିବାକୁ ହେବ ସେତିକି କେବଳ କହି ସେହିଠାରେହିଁ ତାହା ଶେଷ କରିବ । ତୁମେ କେବଳ ଠିକ୍ ଏବଂ ଆଉ ସମସ୍ତେ ଭୁଲ୍ – ଏହା ଉପରେ ଜୋର୍ ଦେବା ଉଚିତ ନୁହେଁ, ଯାହା କୁହାଯିବ ତାହା କେବଳ ମାତ୍ର ଆଲୋଚ୍ୟ ବିଷୟର ସତ୍ୟତା ନିର୍ଣ୍ଣୟର ସହାୟକ ହିସାବରେ କୁହାଯିବ ।

(୩) କଥା କହିବାର ଧାରା ଏବଂ ଭାଷା ଖୁବ୍ ଶାନ୍ତ, ଧୀର ହେବ – ତା' ଉପରେ କୌଣସି ଜୋର୍ ଦେବ ନାହିଁ ।

(୪) ଅନ୍ୟମାନେ ଯଦି ଉତ୍ତେଜିତ ହୁଅନ୍ତି ଏବଂ ବିତର୍କ କରନ୍ତି ସେଥିରେ ବି ତୁମେ କିଛି ମନେ କରିବ ନାହିଁ, କିନ୍ତୁ ସ୍ଥିର ଓ ଅବିଚଳିତ ରହିବ ଏବଂ ସମସ୍ତ ଘଟଣାଟି ଯେପରି ପୁଣି ସହଜ ହୋଇଯାଏ ତା' ନିମନ୍ତେ ସହାୟକ କଥାଟିକୁହିଁ କହିବ ।

(୫) ଯଦି ପରଚର୍ଚ୍ଚା ହୁଏ ଓ ତୀକ୍ଷ୍ଣ ସମାଲୋଚନା ହୁଏ (ବିଶେଷ କରି ସାଧକମାନଙ୍କ ସମ୍ବନ୍ଧରେ) ସେଥିରେ ଯୋଗ ଦେବ ନାହିଁ – କାରଣ ଏସବୁ ଜିନିଷ କୌଣସି ଭାବେ ସାହାଯ୍ୟ କରେ ନାହିଁ ବରଂ ତାହା ଚେତନାକୁ ଉଚ୍ଚସ୍ତରରୁ ନିମ୍ନସ୍ତରକୁ ନେଇ ଆସେ ।

(୬) ଯାହା କହିଲେ ଅନ୍ୟମାନଙ୍କୁ ଆହତ କରେ ବା ଆଘାତ ଦିଏ ତାହା ଏଡ଼ାଇ ଚାଲିବ ।

ହୁଏତ ତୁମେ ଏସବୁ କରିବାକୁ ଚେଷ୍ଟା କରିଛ, ଯଦି ତାହା ହୁଏ ତା'ହେଲେ ଲକ୍ଷ୍ୟ କରିବ ତୁମେ କେତେଦୂର ସଫଳ ଓ ସିଦ୍ଧ ହୋଇଛ ଆତ୍ମ-ସଂଯମରେ ।

ଯଦି ତା' ସତ୍ତ୍ୱେ ବି କେହି ଭୁଲ୍ ବୁଝେ ଅବା କ୍ଷୁବ୍ଧ ହୁଏ ତା'ହେଲେ ସେ କ୍ଷେତ୍ରରେ ଆଉ କିଛି କରିବାର ନାହିଁ ।

(୧୪. ୬. ୩୫)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑



## ୨୦୧୯ ବର୍ଷସୂଚୀ (Calendar)ରେ ପରିବେଷିତ ବାଣୀ

All kneels in mute devotion before this ever-renewed miracle.

ମୌନ ଭକ୍ତିଭରେ ସବୁହିଁ ନତଜାନୁ ଏହି ଚିର-ନବୀକୃତ ଚମତ୍କାର ସମ୍ମୁଖରେ ।

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୨୬)

**ମହେନ୍ଦ୍ରନାଥ ସ୍ୱାଇଁ**

### ଯନ୍ତ୍ରୀ ଓ ଯନ୍ତ୍ରର ମିଳନ ମୁହୂର୍ତ୍ତ :

''ଧ୍ୟାନ ଓ ପ୍ରାର୍ଥନା''ର ପ୍ରାର୍ଥନାଗୁଡ଼ିକୁ ଅଧ୍ୟୟନ କଲେ ମନେ ହେବ ଦିବ୍ୟଜନନୀ ଶ୍ରୀମା ପରମପ୍ରଭୁଙ୍କ ସହିତ ଅଧିକାଂଶ ସମୟରେ କଥୋପକଥନରେ ରତ ଏବଂ ସେହି କଥାବାର୍ତ୍ତାକୁ ମା ଲିପିବଦ୍ଧ କରିଛନ୍ତି ଅପୂର୍ବ ଭାଷାରେ ତାଙ୍କର ସନ୍ତାନମାନଙ୍କ ନିମନ୍ତେ । ଡିସେମ୍ବର ୮, ୧୯୧୬ର ପ୍ରାର୍ଥନାଟି ପାଠ କଲେ ପାଠକ ହୃଦୟଙ୍ଗମ କରିବେ ଯେପରି ମା'ଙ୍କ ପ୍ରାଣ ଓ ମନ ଜରିଆରେ ପ୍ରଭୁ ମନୁଷ୍ୟର ପ୍ରାଣ ଓ ମନକୁ ନିର୍ଦ୍ଦେଶ ଦେଉଛନ୍ତି ଶୃଙ୍ଖଳିତ ହେବା ପାଇଁ, କାରଣ ସେମାନେ ସୃଷ୍ଟି ହୋଇଛନ୍ତି ଯେଉଁ କାର୍ଯ୍ୟ କରିବା ପାଇଁ ସେହି ସମୟ ଉପସ୍ଥିତ ହୋଇଗଲାଣି । ପରମପ୍ରଭୁଙ୍କ ନିର୍ଦ୍ଦେଶ ଓ ମଣିଷର ମନ ଓ ପ୍ରାଣର ପ୍ରତି ନିବେଦନକୁ ମା କଥୋପକଥନ ଶୈଳୀରେ ପ୍ରକାଶ କରିଛନ୍ତି । ପ୍ରାର୍ଥନାଟିର ପ୍ରାରମ୍ଭରେ ମା କହୁଛନ୍ତି –

"THIS was our conversation today morning, O Lord: Thou didst wake up the vital being with the magic wand of Thy impulsion and say to it: 'Awake, bend the bow of thy will, for soon the hour of action will come.' "

(CWM - Vol. I, p. 324)

''ହେ ପ୍ରଭୁ ! ଆଜି ସକାଳେ ଆମର ଏହି କଥୋପକଥନ ହୋଇଥିଲା, ଆପଣ ଆପଣଙ୍କର ଯାଦୁକରୀ ଛଡ଼ିର ସ୍ପର୍ଶରେ ପ୍ରାଣ ସତ୍ତାକୁ ଜାଗ୍ରତ୍ କରାଇଲେ ଏବଂ ତାକୁ କହିଲେ, 'ହେ ପ୍ରାଣ, ଜାଗ୍ରତ୍ ହୁଅ, ଧନୁରେ ଗୁଣ ଚଢ଼ାଇ, ଆକର୍ଷିତ କରି ତାକୁ ବଙ୍କା କରିଦିଅ, କାରଣ ଖୁବ୍ ଶୀଘ୍ର କର୍ମର ମୁହୂର୍ତ୍ତ ଆସି ଉପସ୍ଥିତ ହେବ ।'''

ହଠାତ୍ ଜାଗ୍ରତ୍ ହୋଇ ପ୍ରାଣଶକ୍ତି ଉଠିବସିଲା, ସ୍ୱୟଂ ଭିଡ଼ିମୋଡ଼ି ହୋଇ ପ୍ରସାରିତ ହେଲା, ଅଳସ ଭାଙ୍ଗିଲା ଏବଂ ନିଶ୍ଚେତନା ଓ ଆଳସ୍ୟ ଯୋଗୁଁ ନିଜ ଉପରେ ବହୁ ଦିନରୁ ଜମିଥିବା ଧୂଳିକୁ ଝାଡ଼ିଝୁଡ଼ି ଦେଇ ଠିଆ ହେଲା, ତା'ର ଇନ୍ଦ୍ରିୟମାନଙ୍କର ନମନୀୟ ଭାବରୁ ସେ ଅନୁଭବ କଲା ଯେ ତଥାପି ସେ ବଳବାନ୍, ବୀର୍ଯ୍ୟବାନ୍ ଏବଂ କର୍ମ କରିବାକୁ ପ୍ରସ୍ତୁତ । ଦୃଢ଼ ବିଶ୍ୱାସର ମୂଳଦୁଆ ଉପରେ ଦଣ୍ଡାୟମାନ ହୋଇ ପ୍ରାଣ ଶକ୍ତି ସାର୍ବଭୌମ ଆହ୍ୱାନର ଉତ୍ତର ଦେଲା –

"Here I am, what dost Thou want of me, O Lord ?" (ibid)

''ହେ ପ୍ରଭୁ ! ମୁଁ ଏହିଠାରେ ଉପସ୍ଥିତ ଅଛି, ଆଦେଶ କରନ୍ତୁ ମୁଁ ଆପଣଙ୍କର କି ସେବାରେ ଲାଗି ପାରିବି ?'' ପ୍ରାଣ ଆଉ ଗୋଟିଏ ଶବ୍ଦ ଉଚ୍ଚାରଣ କରିବା ପୂର୍ବରୁ ମନ ହସ୍ତକ୍ଷେପ କଲା ଏବଂ ଆଗକୁ ଆସି ବିନୀତଭାବ ପ୍ରଦର୍ଶନ ପୂର୍ବକ ମସ୍ତକ ଅବନତ କରି ପ୍ରଭୁଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ନିବେଦନ କଲା, "Thou knowest, O Lord, that I am surrendered to Thee and that I try my best to be a faithful and pure intermediary of Thy supreme Will." (ibid)

''ହେ ପ୍ରଭୁ ! ଆପଣ ଜାଣିଛନ୍ତି ଯେ, ମୁଁ ଆପଣଙ୍କ ପାଖରେ ସମର୍ପିତ ଏବଂ ମୁଁ ମୋର ସକଳ ଶକ୍ତି ଖଟାଇ ଚେଷ୍ଟା କରି ଚାଲିଛି ଆପଣଙ୍କର ସର୍ବୋତ୍ତମ ଇଚ୍ଛାର ଏକ ବିଶ୍ୱସ୍ତ ଏବଂ ବିଶୁଦ୍ଧ ମାଧ୍ୟମଟିଏ ହେବା ପାଇଁ ।''

ମନ ଏତିକିରେ ସନ୍ତୁଷ୍ଟ ହୋଇ ରହି ନାହିଁ । ପୃଥିବୀ ଏବଂ ପୃଥିବୀ ଉପରେ ବାସ କରୁଥିବା ମନୁଷ୍ୟମାନଙ୍କର ମନ ଓ ପ୍ରାଣ-ଶକ୍ତି ବିଶ୍ୱବ୍ରହ୍ମାଣ୍ଡ ପରି ବିଶାଳ, ବ୍ୟାପକ, ପୃଥିବୀରେ ପରିବ୍ୟାପ୍ତ ହେଲେ ବି ସେମାନେ କିପରି ଜଡ଼ ବା ପଦାର୍ଥର ବନ୍ଧନ ଭିତରେ ପଡ଼ି ଛଟପଟ ହେଉଛନ୍ତି ସେହି ସମସ୍ତ କଥାକୁ ମନ ପ୍ରଭୁଙ୍କ ନିକଟରେ ଉପସ୍ଥାପନ କରିଛି । ଦିବ୍ୟଜନନୀ ସ୍ୱକୀୟ ଅମୃତମୟ ଶବ୍ଦମାନଙ୍କ ଦ୍ୱାରା ଏହି ସମସ୍ତ କଥାର ପ୍ରତିଛବି ପ୍ରଦାନ କରିଛନ୍ତି ଉକ୍ତ ପ୍ରାର୍ଥନାଟିରେ । ତାହା ଏହିପରି –

''ମନ କହି ଚାଲିଛି, କିନ୍ତୁ ମୁଁ ଯେତେବେଳେ ପୃଥିବୀ ଉପରକୁ ମୋର ଦୃଷ୍ଟି ଫେରାଏ, ଦେଖେ, ମଣିଷମାନେ ଯେତେ ମହାନ୍ ହେଲେ ମଧ୍ୟ ସେମାନଙ୍କର କର୍ମକ୍ଷେତ୍ର ଭୀଷଣ

ଭାବରେ ସୀମାବଦ୍ଧ । ମଣିଷଟିଏ ତା'ର ମନ ଭିତରେ, ଏପରିକି ତା'ର ପ୍ରାଣସତ୍ତା ଭିତରେ ବିଶ୍ୱବ୍ରହ୍ମାଣ୍ଡ ପରି ବିଶାଳ, ବ୍ୟାପକ କିଂବା ଅତି କମ୍‌ରେ ପୃଥିବୀ ସହିତ ଏକାକାର । କିନ୍ତୁ ସେ କର୍ମ କରିବାକୁ ଅଗ୍ରସର ହେବା ମାତ୍ରକେ ସାଂସାରିକ କର୍ମ ବା ବସ୍ତୁ ଜଗତର ସୀମିତ କ୍ରିୟାକଳାପ ମଧ୍ୟରେ ବାନ୍ଧି ହୋଇ ରହିଯାଏ । ତା'ର କର୍ମକ୍ଷେତ୍ରର ପରିସର ଏବଂ କର୍ମଫଳ ଅତ୍ୟନ୍ତ କ୍ଷୁଦ୍ର ଓ ସୀମିତ ହୋଇଯାଏ । ପୁନଶ୍ଚ ସେହି ମଣିଷଟି ଏକ ନିର୍ଦ୍ଦିଷ୍ଟ ଧର୍ମର ସଂସ୍ଥାପକ ହୋଇଥାଉ ଅଥବା ରାଜନୈତିକ ସଂସ୍କାରକ ହୋଇଥାଉ, କର୍ମର ବିଶାଳ ସୌଧ ନିର୍ମାଣ ସମୟରେ ସିଏ ଖଣ୍ଡିଏ ଛୋଟ ପଥର ଅଥବା ଇଟାର ଭୂମିକା ଗ୍ରହଣ କରିଥାଏ । ପୁନଶ୍ଚ ମାନବିକ କର୍ମଧାରା ମରୁଭୂମିର ବାଲୁକାପୂର୍ଣ୍ଣ ପ୍ରାନ୍ତରରେ ମସ୍ତକ ଉତ୍ତୋଳନ ପୂର୍ବକ ଦଣ୍ଡାୟମାନ ଗୋଟିଏ ପ୍ରକାଣ୍ଡ ବାଲୁକାସ୍ତୁପ । କିନ୍ତୁ ମଣିଷଟି ସ୍ତୁପର ମାତ୍ରାରେ କ୍ଷୁଦ୍ର ବାଲିକଣାଟିଏ ସଦୃଶ ପ୍ରତିଭାତ ହୋଇଥାଏ ।'' ମା ଏଠାରେ "...a grain of sand in the immense dune of human activities." ବୋଲି ଉଲ୍ଲେଖ କରିଛନ୍ତି । ମାନବର କର୍ମ ପରିସର ଏତେ ବ୍ୟାପକ ଏବଂ ବିଶାଳ ଯେ ତାହାକୁ ପ୍ରକାଣ୍ଡ ବାଲୁକା ସ୍ତୁପ ସହ ତୁଳନା କରାଯାଇପାରେ, କିନ୍ତୁ ମଣିଷ ଭିତରେ ତାହା ଗୋଟିଏ କ୍ଷୁଦ୍ର ବାଲୁକାକଣା ବା ଧୂଳିକଣାଟିଏ ପରି ।

ମନ ପୁନଶ୍ଚ ମନୁଷ୍ୟ ସମ୍ପର୍କରେ ଅନ୍ୟ ଏକ ମନ୍ତବ୍ୟ ପ୍ରକାଶ ପୂର୍ବକ ପ୍ରଭୁଙ୍କ ସମ୍ମୁଖରେ କହି ଚାଲିଛି, "So I do not see any realisable action worthy of the whole being's concentrating on it and making it its purpose of existence." (ibid)

''...ସମଗ୍ର ସତ୍ତାକୁ ଏକାଗ୍ର କରି ତାକୁ ତା'ର ସ୍ଥିତି ସମ୍ପର୍କରେ ଜଣାଇବା ପାଇଁ କାର୍ଯ୍ୟ କରିବା ବା ତାକୁ ତା'ର ସ୍ଥିତି ନିମନ୍ତେ ଉପଯୁକ୍ତ କରି ଗଢ଼ି ତୋଳିବା ପାଇଁ ଯେଉଁ କାର୍ଯ୍ୟ କରାଯିବ, ସେଥିରୁ କିଛି ଅନୁଭୂତି ସମ୍ପନ୍ନ ଫଳ ପ୍ରାପ୍ତ ହେବ ବୋଲି ମୁଁ (ମନ) ଦେଖିପାରୁ ନାହିଁ ।''

ପ୍ରାଣଶକ୍ତି ସମ୍ପର୍କରେ ମଧ୍ୟ ମନ ମନ୍ତବ୍ୟ ପ୍ରକାଶ କରିବାରେ ପଶ୍ଚାତ୍‌ପଦ ହୋଇ ନାହିଁ । ପ୍ରଭୁଙ୍କ ନିକଟରେ ଏକ ପ୍ରଶ୍ନ ଉପସ୍ଥାପନ କରି ମନ କହୁଛି,

"The vital being delights in adventure; but should it be allowed to fling itself into some lamentable adventure unworthy of an instrument conscious of Thy Presence?"

(CWM, Vol. I, p. 324-325)

''ପ୍ରାଣଶକ୍ତି ଦୁଃସାହସିକପୂର୍ଣ୍ଣ କାର୍ଯ୍ୟରେ ଆନନ୍ଦ ଅନୁଭବ କରେ; କିନ୍ତୁ ତାକୁ ପଶ୍ଚାତ୍ତାପରେ ପରିପୂର୍ଣ୍ଣ ଅନୁପଯୁକ୍ତ ଦୁଃସାହସିକ କାର୍ଯ୍ୟ ଭିତରକୁ ସ୍ୱୟଂ ଲମ୍ଫ ପ୍ରଦାନ କରିବାକୁ ଅନୁମତି ପ୍ରଦାନ କରାଯିବା ଉଚିତ ହେବ କି ?''

ପ୍ରଭୁ ଉତ୍ତର ଦେଲେ, ''ଭୟ କର ନାହିଁ'' ।

"The vital being will not be allowed to set itself in motion, it will not be asked of thee to contribute all the effort of thy organising faculties, except when the action proposed is vast and complete enough to fully and usefully employ all the qualities of the being."

(CWM - Vol. I, p. 325)

ପ୍ରଭୁ ମନକୁ ସତର୍କ କରାଇ ଦେଇ ପୁନଶ୍ଚ କହୁଛନ୍ତି, ''ପ୍ରାଣ ସତ୍ତାକୁ ସ୍ୱୟଂ କ୍ରିୟାଶୀଳ ହେବା ପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ, ତୁମକୁ (ମନକୁ) ମଧ୍ୟ ତୁମର ସକଳ ସାଙ୍ଗଠନିକ ବିଭାଗଗୁଡ଼ିକ ସହ ସମସ୍ତ ପ୍ରକାର କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ କୁହାଯିବ ନାହିଁ, ଯଦି ପ୍ରସ୍ତାବିତ କାର୍ଯ୍ୟଟି ବିଶାଳ ଏବଂ ସ୍ୱୟଂ ସମ୍ପୂର୍ଣ୍ଣ ହୋଇଉଠେ ଏବଂ ସାମଗ୍ରିକ ଭାବରେ ଆବଶ୍ୟକତା ଅନୁସାରେ ସତ୍ତାର (ପ୍ରାଣ ସତ୍ତାର) ସମସ୍ତ ଗୁଣଗୁଡ଼ିକୁ ବିନିଯୋଗ କରାଯିବ, ଅନ୍ୟଥା ଏହା କରାଯିବ ନାହିଁ ।''

ପ୍ରଭୁ ମନକୁ ପ୍ରାଣ ଉପରେ ହୁକୁମ ଜାରି କରିବାକୁ ପ୍ରଶ୍ରୟ ଦେଇ ନାହାନ୍ତି । ମନର ଗତି ଉପରେ ଅଙ୍କୁଶ ଲଗାଇ ତା'ର କାର୍ଯ୍ୟପନ୍ଥା ସ୍ଥିର କରିଦେଇଛନ୍ତି । ପୁନଶ୍ଚ ପ୍ରଭୁ ମନକୁ କହୁଛନ୍ତି – ''What exactly this action will be, thou wilt know when it comes to thee. But I am warning thee even now so that thou mayst be prepared not to reject it.'' (ibid)

''ଏହି ପ୍ରକ୍ରିୟାଟି କେଉଁ ପ୍ରକାରର ହେବ ତୁମେ ତାହା ଜାଣିପାରିବ ଯେତେବେଳେ ତାହା ତୁମ ପାଖକୁ ଆସିବ । କିନ୍ତୁ ବର୍ତ୍ତମାନ ମୁଁ ତୁମକୁ ସାବଧାନ କରିଦେଉଛି, ଯାହାଫଳରେ ତୁମେ ସେହି କାର୍ଯ୍ୟକୁ ତ୍ୟାଗ ନକରିବା ନିମନ୍ତେ ପ୍ରସ୍ତୁତ ହୋଇ ରହିପାରିବ ।''

ପୁନଶ୍ଚ ଉଭୟ ମନ ଓ ପ୍ରାଣକୁ ସାବଧାନ କରିଦେଇ ପ୍ରଭୁ କହୁଛନ୍ତି, ''କ୍ଷୁଦ୍ର, ସ୍ଥିର, ଧରାବନ୍ଧା ଏବଂ ଶାନ୍ତିପୂର୍ଣ୍ଣ ଜୀବନ ଅତିବାହିତ କରିବାର ସମୟ ଆଉ ରହିବ ନାହିଁ । ତାହା ସ୍ଥାନରେ ଆସିବ ପ୍ରଚେଷ୍ଟା, ବିଷାଦ-ସଂକୁଳ, ଅପ୍ରତ୍ୟାଶିତ, ଅସୁରକ୍ଷା ଭିତରେ ଦୁଃସାହସିକ ଜୀବନ ନିର୍ବାହ କରିବାର ସ୍ପୃହା । କିନ୍ତୁ ସେ ସମସ୍ତ ଭିତରେ ରହିବ ଗଭୀରତାର ଭାବ । ତୁମ ଦୁହିଁଙ୍କୁ ଏହି ଭୂମିକା ନିର୍ବାହ କରିବା ପାଇଁ ସୃଷ୍ଟି କରାଯାଇଛି । ବହୁ ବର୍ଷ ଧରି ଏହିସବୁ କଥାକୁ ସମ୍ପୂର୍ଣ୍ଣ ଭୁଲିଯିବାର ଭାବକୁ ତୁମେମାନେ ଗ୍ରହଣକରି ନେଇଥିଲ, କାରଣ ସମୟ ଆସି ନଥିଲା ଏବଂ ତୁମେ ମଧ୍ୟ ପ୍ରସ୍ତୁତ ହୋଇ ନଥିଲ, ବର୍ତ୍ତମାନ ଉଠ, ଜାଗ୍ରତ୍ ହୁଅ, ସଚେତନ ହୁଅ କାରଣ ଏହାହିଁ ହେଉଛି ତୁମର ପ୍ରକୃତ ଭୂମିକା ଏବଂ ଏଥିପାଇଁ ତୁମର ସୃଷ୍ଟି ।''

ଦିବ୍ୟ-ଜନନୀ ଶ୍ରୀମା ପୃଥିବୀପୃଷ୍ଠରେ ଅବତାର ନେଇଛନ୍ତି ପରମପ୍ରଭୁଙ୍କ କାର୍ଯ୍ୟ ସମ୍ପାଦନ ନିମନ୍ତେ । ସୁତରାଂ ମା'ଙ୍କ ପ୍ରାଣସତ୍ତା ଓ ମନଃସତ୍ତାକୁ ଆଧାର କରି ପ୍ରଭୁ ପ୍ରତ୍ୟେକ ମଣିଷର ପ୍ରାଣ ଓ ମନକୁ ସାବଧାନ କରି ଦେଇଛନ୍ତି, ଗତାନୁଗତିକ ପନ୍ଥାରେ ଅଗ୍ରସର ନହୋଇ, କ୍ଷୁଦ୍ର, ସହଜିଆ ଭାବ ପରିତ୍ୟାଗ କରି ଭବିଷ୍ୟତର କଠିନ ସମୟକୁ ସମ୍ମୁଖୀନ ହେବା ପାଇଁ, ଜାଗ୍ରତ୍ ହୋଇ ରହିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଦିବ୍ୟଜନନୀ ପରମ ପଭୁଙ୍କର ସେହି ସମସ୍ତ ଉକ୍ତିକୁ ଡିସେମ୍ବର ୮, ୧୯୧୬ ପ୍ରାର୍ଥନାଟି ମାଧ୍ୟମରେ ପ୍ରତ୍ୟେକ ମଣିଷର ମନ ଓ ପ୍ରାଣ ନିକଟରେ ବାଢ଼ି ଦେଇଛନ୍ତି ।

ପରମ ପଭୁଙ୍କ ନିର୍ଦ୍ଦେଶ ଶ୍ରବଣ କଲା ମାତ୍ରେ 'ପ୍ରାଣଶକ୍ତି' ପ୍ରଥମେ ସଚେତନ ହୋଇଉଠିଛି । ତା'ର ସହଜାତ ଉତ୍ସାହ ନେଇ କହିଉଠିଛି, ''ହେ ପ୍ରଭୁ ! ମୁଁ ପ୍ରସ୍ତୁତ, ଆପଣ ମୋ ଉପରେ ଆସ୍ଥା ସ୍ଥାପନ କରିପାରନ୍ତି ।'' ଅପେକ୍ଷାକୃତ ଭୀରୁ ଓ ଦୁର୍ବଳ 'ମନ' ଯଦିଓ ଅଧିକ ବିଶ୍ୱସ୍ତ, ପ୍ରଭୁଙ୍କ ସମ୍ମୁଖରେ ନିବେଦନ କରି କହିଲା, ''ହେ ପ୍ରଭୁ, ଆପଣ ଯାହା ଇଚ୍ଛା କରିବେ ମୁଁ ତାହାହିଁ ହୋଇଉଠିବି । ଆପଣ ଭଲଭାବରେ ଜାଣିଛନ୍ତି ଯେ ମୁଁ ସମ୍ପୂର୍ଣ୍ଣ ରୂପେ ଆପଣଙ୍କର । କିନ୍ତୁ ହେ ପ୍ରଭୁ, ଆପଣ ଯେଉଁ କାର୍ଯ୍ୟ କରିବାକୁ ଇଚ୍ଛା କରୁଛନ୍ତି ମୁଁ ସେଥିପାଇଁ ଯୋଗ୍ୟ ହୋଇପାରିବି ତ ? ସକଳ କାର୍ଯ୍ୟକୁ ସଙ୍ଗଠିତ କରିବାକୁ 'ପ୍ରାଣଶକ୍ତି'ର ଯେଉଁ କ୍ଷମତା ଅଛି ମୋତେ ସେହି ଶକ୍ତି ପ୍ରାପ୍ତ ହେବ ତ ?'' ଏହାହିଁ ମନର ସ୍ୱାଭାବିକ ପ୍ରଶ୍ନବାଚୀ ।

ମନର ନିବେଦନର ପ୍ରତ୍ୟୁତ୍ତରରେ ପ୍ରଭୁ କହିଛନ୍ତି – ''ଏହି କାର୍ଯ୍ୟ ପାଇଁ ତୁମକୁ ପ୍ରସ୍ତୁତ କରିବାକୁ ବର୍ତ୍ତମାନ ମୁହୂର୍ତ୍ତରେ ମୁଁ କାର୍ଯ୍ୟରତ; ଏହି କାରଣରୁ ତୁମକୁ ନମନୀୟ ଏବଂ ସମୃଦ୍ଧ କରିବା ନିମନ୍ତେ ଏକ ଶୃଙ୍ଖଳା ଭିତର ଦେଇ ଗତି କରାଉଛି । କୌଣସି କଥାରେ ବ୍ୟସ୍ତ ବିବ୍ରତ ହୁଅ ନାହିଁ : ଆବଶ୍ୟକତା ଅନୁସାରେ ଶକ୍ତି ପ୍ରଦାନ କରାଯାଉଛି । ତୁମକୁ ଯେ କେବଳ ଏକ ସୀମା ଭିତରେ ରଖାଯାଇଛି ସେତିକି ନୁହେଁ, ଏପରିକି ପ୍ରାଣସତ୍ତା ପରି ଅଳ୍ପ ଅଳ୍ପ କାର୍ଯ୍ୟ କରିବା ପାଇଁ, ଯେତେବେଳେ ଏହା ବ୍ୟବହାରରେ ଲାଗିଥାଏ ସେତିକିବେଳେ ଜିନିଷ ବା ଘଟଣାମାନଙ୍କୁ ଅନୁମତି ପ୍ରଦାନ କରାଯାଇଥାଏ ପ୍ରସ୍ତୁତ ହେବା ପାଇଁ – ଯେଉଁ ସମୟ ଆବଶ୍ୟକ ତାକୁ ସଜାଡ଼ି ରଖିବା ନିମନ୍ତେ, କେବଳ ଏହି କାରଣରୁ ନୁହେଁ, ମୁଁ କହୁଛି, ତୁମେ ତୁମର କର୍ମକ୍ଷେତ୍ରରେ ନିଜର ସ୍ୱରୂପ ସହିତ ତାଳମେଳ ବା ସାମଞ୍ଜସ୍ୟ ରକ୍ଷାକର । ଏହି ସକଳ ପ୍ରକାର କ୍ଷୁଦ୍ରତାସବୁର ବାହାରେ ରହିବାକୁ ତୁ ଅକ୍ଷମ ନୁହଁ । ମୁଁ ତୋତେ (ମନକୁ) ଅନାଦି କାଳରୁ ନିଯୁକ୍ତି ପ୍ରଦାନ କରିଛି ଏହି ପୃଥିବୀ ଉପରେ ମୋର ସ୍ୱତନ୍ତ୍ର ପ୍ରତିନିଧି ଭାବରେ, କେବଳ ଅଦୃଶ୍ୟ ଓ ଗୋପନ ଭାବରେ ନୁହେଁ, କିନ୍ତୁ ମନୁଷ୍ୟମାନଙ୍କର ଚକ୍ଷୁ ସମକ୍ଷରେ, ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରିବା ପାଇଁ ଏବଂ ତୋତେ ଯେଉଁଥିପାଇଁ ସୃଷ୍ଟି କରାଯାଇଛି, ତୁ ତାହାହିଁ ହୋଇଉଠିବୁ ।''

ପ୍ରାର୍ଥନାଟିର ଶେଷଭାଗରେ ମା ନିଜର ଅନୁଭବକୁ ପ୍ରକାଶ କରିଛନ୍ତି ଅପୂର୍ବ ଭାଷାରେ; ସବୁଦିନ ପରି ପରମ ପ୍ରଭୁଙ୍କ ଦିବ୍ୟସ୍ୱରର ଗଭୀରତା ନିସ୍ତବ୍ଧ ହୋଇଗଲା ପରେ ମା କହୁଛନ୍ତି, ''ହେ ପ୍ରଭୁ ! ଆପଣଙ୍କର ପ୍ରେରଣାଦାୟୀ, ଚମତ୍କାର ଏବଂ ସର୍ବଶକ୍ତିମୟ ଆଶୀର୍ବାଦ ମୋତେ ସମ୍ପୂର୍ଣ୍ଣ ଆବୃତ କରି ରଖିଛି ।'' ଦିବ୍ୟଜନନୀ ଆନନ୍ଦମୟୀ, ପ୍ରେମମୟୀ ମା ପରମ ପ୍ରଭୁଙ୍କଠାରୁ ପ୍ରାପ୍ତ ସକଳ ଦିବ୍ୟ-ସମ୍ପତ୍ତିକୁ ଯେପରି ପ୍ରତ୍ୟେକଙ୍କ ହାତରେ ଧରାଇ ଦେଇଛନ୍ତି ।

ପ୍ରାର୍ଥନାଟିର ଶେଷ ବାକ୍ୟଟିରେ ମା କହୁଛନ୍ତି,

''And for a moment the Master and the instrument were but one: the Unique, eternal, infinite.'' (CWM - Vol. I, p. 326)

''ଏବଂ ଗୋଟିଏ ମୁହୂର୍ତ୍ତ ପାଇଁ ଯନ୍ତ୍ରୀ (ପ୍ରଭୁ) ଏବଂ ଯନ୍ତ୍ର ଏକ ହୋଇ ଯାଇଛନ୍ତି : ଅଦ୍ୱିତୀୟ, ଚିରନ୍ତନ, ଅନନ୍ତ ।''

(କ୍ରମଶଃ)

❑❑❑

# ପୁନର୍ମିଳନ

## ଗଣେଶ ପ୍ରସାଦ କର ଶର୍ମା

(ଅଥର୍ବ ବେଦର ୬୬ ସୂକ୍ତ)

ସୃଷ୍ଟିର ପ୍ରଥମ ବେଳା –
ଦେବୋତ୍ଥାନ ମୁହୂର୍ତ୍ତର ଶାଶ୍ୱତ ଲଗନ,
ପ୍ରଭାହୀନ ମହାକାଶ ଗ୍ରହ-ଚନ୍ଦ୍ର-ତାରା
ସୌରପ୍ରଭା-ପ୍ରଦୀପିତ ସସାଗରା ଧରା
ଚତୁର୍ଦ୍ଦିଗୁ ଉଚ୍ଚାରିତ ହେଉଥିଲା ପବିତ୍ର ଓଁକାର,
ସାଗରର ଉର୍ମିମାଳା ଉଚ୍ଛକିତ କରୁଥିଲା ତା' ସହିତ ସୁପ୍ତ-ବସୁନ୍ଧରା
ପୂର୍ବାଶା-ତମସା ଚିରି ଦିବ୍ୟଉଷା ଆସୁଥିଲା ନଇଁ ।
ସେବେଳେ ସେ ମାହେନ୍ଦ୍ର ବେଳାରେ
ଚାଲୁଥିଲେ ପାଖାପାଖି ସହଯାତ୍ରୀ ଦୁଇ,
ସେ ଦୁହିଁଙ୍କ ଲକ୍ଷ୍ୟ କିନ୍ତୁ ଜଗତରେ କେହି ଜାଣେ ନାହିଁ ।
ଜଣେ ଥିଲେ ମାନବାତ୍ମା, ଆନ ଥିଲେ ସ୍ୱୟଂ ପରମାତ୍ମା –
ସତେ ଅବା ବ୍ରହ୍ମାଣ୍ଡର ଦୁଇ ପ୍ରିୟ ସହୋଦର !
ଉଦ୍ଭାସିତ ହେଉଥିଲେ ଉଷାଙ୍କର ଦିବ୍ୟ-ଆଲୋକରେ !!
ଦୁହେଁ ଥିଲେ ଆବଦ୍ଧିତ ଶାଶ୍ୱତ ପ୍ରେମରେ !!!
ଦିବ୍ୟାନନ୍ଦେ ହୋଇ ଆତ୍ମହରା ।
ଦୁହେଁ ବସିଥିଲେ ପୁଣି ଏକ ନାବେ
ଚିରି ଚିରି ସାଗରର ନୀଳ ଉର୍ମିମାଳା ।
ହଠାତ୍ ଆସିଲା ଏକ ଅଘଟଣ – ଅଣଚାଶେ ବହି ପ୍ରଭଞ୍ଜନ,
ମାନବାତ୍ମା ହୋଇଲା ବିଚ୍ୟୁତ –
କୁଜ୍ଝଟିକା ଅନ୍ତରାଳେ ଛପି ଗଲେ ଚିନ୍ମୟ ଅଚ୍ୟୁତ ।
ବିଷୟାସକ୍ତ ମାନବ ହେଲା କକ୍ଷଚ୍ୟୁତ ।
ତତ୍‌ପରେ ଆସିଲା ମାଡ଼ି ଯେତେସବୁ ପ୍ରସ୍ତ ପ୍ରସ୍ତ ସଂଶୟ ପରଦା,
ଅସଂଖ୍ୟ ଦୁର୍ଗତି ଆଉ ଝଡ଼ଝଞ୍ଜା ଯେତେ ବିଭୀଷିକା,
ରୋଗ-ଶୋକ-ପରିତାପ-ବ୍ୟଞ୍ଜନା ସକଳ –
ଅସହାୟେ ମାନବାତ୍ମା କରିଲା ରୋଦନ –
'କେବେ କ'ଣ ଭେଟିବି ମୁଁ ମୋର ସେଇ ପ୍ରିୟ ପ୍ରାଣଧନ ?'
ଅନ୍ତରାତ୍ମା ଦୃପ୍ତସ୍ୱରେ କରିଲା ଆହ୍ୱାନ –
ତୋ ଅଜ୍ଞତା ହୋଇ ତୋ ବଇରୀ
ତୋତେ ଆଜି ଏ ପ୍ରକାର କଲା ହତଶିରୀ



ଯଦି ତୁ ଛିଣ୍ଡାଇ ପାରୁ ତୋର ଯେତେ ବିଷୟର ଊର୍ଣ୍ଣନାଭୀ ଡୋରି
ତାଙ୍କ ପଦ ଅନୁସରି କରୁ ଆତ୍ମ-ସମର୍ପଣ
ସେ ପରମ ତୁହି ଅକିଞ୍ଚନ
ଆଧାତ୍ମିକ ସାଧନାରେ ହେଉ ତୁ ମଗନ,
କଦାଚିତ୍ ତାଙ୍କ ସହ ହେବ ତୋ ମିଳନ –
ତୁ ଜଗତ ସେ ମହାଜୀବନ,
ଚରାଚର ଜଗତର ଦିବ୍ୟ-ପରଂଧାମ । ❑

# ସାକ୍ଷୀ

## ସୁଦର୍ଶନ ଦାସ

ମୁଁ ଯଦି ଜାଣିପାରିଥା'ନ୍ତି
ମୋ ଯାତ୍ରାପଥର ଶେଷ ପର୍ଯ୍ୟାୟରେ
ଅପେକ୍ଷା କରିଛି
ମୋ ସତ୍ତାର ଅସୀମ ପ୍ରଶାନ୍ତି
ତେବେ କିଆଁ
ଡର ଓ ଅବିଶ୍ୱାସର ପ୍ରବଞ୍ଚନାରେ
ମୋ ଅକଳ୍ପନୀୟ ରୂପକୁ ମରୀଚିକା ଭାବନ୍ତି ?

କେଉଁ କାଳରୁ ବାହାରିଛି
ଚେତନାର ପର୍ଯ୍ୟାଲୋଚନା କରିବାରେ
ବାରଂବାର ହୁଏ କିନ୍ତୁ ବନ୍ଦୀ
ଜନ୍ମ-ମୃତ୍ୟୁର କାରାଗାରେ ।



ଜାଣେନା କେବେ ମୁକୁଳିବି ଏ
ଅଳସ ମଧୁର ଭ୍ରମ ଜାଲରୁ
କେବେ ଜ୍ଞାନ-ଦିଗ୍‌ବଳୟର ଇସାରାରେ
ଅହଂ ତ୍ୟଜି
ସେ ଦିଗରେ ହେବି ଅବିଚଳ ଯାତ୍ରୀ ।

ହେ ସାଥୀ ମୋ ସତ୍ତାର !
ହେ ସାକ୍ଷୀ ମୋର ପୂର୍ବ, ବର୍ତ୍ତମାନ ଓ ପରର !
ଖୋଲିଦେ ତୋ ନିଗୂଢ଼ ଦୁଆର
ଦେଖିନିଏ ମୋ ଶାଶ୍ୱତ ଐଶ୍ୱର୍ଯ୍ୟ । ❑

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୧୬)

## କାଳଯବନର ଇତି

## ମନୋଜ ଦାସ

[**କାହାଣୀ ଏଯାବତ୍ :** ମଥୁରାର ଦାନବ ରାଜା ଶୁଣିଥାଏ ଏକ ଦୈବବାଣୀ । ଭଉଣୀ ଦେବକୀଙ୍କ ଅଷ୍ଟମ ସନ୍ତାନ ହାତରେ ହେବ ତା'ର ନିଧନ । ତେଣୁ ଦେବକୀ ସନ୍ତାନଟିଏ ଜନ୍ମ ଦେବା ମାତ୍ରେ ସେ ତାକୁ ମାରି ପକାଉଥାଏ । ତେବେ ତା' ଅଗୋଚରରେ ଅଷ୍ଟମ ସନ୍ତାନଟି ଯାଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ବଢ଼ୁଥାଏ । କିନ୍ତୁ ଅଚିରେ କଂସର ସନ୍ଦେହ ହେଲା, କୃଷ୍ଣ ନାମଧାରୀ ସେହି ଶିଶୁହିଁ ହେବ ତା'ର କାଳ । ଶିଶୁଟିକୁ ମାରିଦେବା ନିମନ୍ତେ ସେ ଜଣକ ପରେ ଜଣେ ଦାନବ, ଦାନବୀଙ୍କୁ ପ୍ରେରଣ କଲା । ସେମାନେ ନାନା ଛଦ୍ମବେଶରେ ଗଲେ, କିନ୍ତୁ ସଭିଏଁ ମଲେ । ତେବେ ଗୋପପୁରରେ ନିରବଚ୍ଛିନ୍ନ ଭାବରେ ନାନାଦି ଅମଙ୍ଗଳଜନକ ଘଟଣା ଘଟନ୍ତେ ସେ ଜନପଦର ଅଭିଭାବକମାନେ ବସତି ଅଦୂରବର୍ତ୍ତୀ ଏକ ମନୋରମ ଉପତ୍ୟକାକୁ ଉଠାଇ ନେଲେ । ସେଇଠାରେ, ଯମୁନା ତୀରବର୍ତ୍ତୀ କଦମ୍ବମୂଳରେ ବାଳକ କୃଷ୍ଣଙ୍କର ବହୁ ନୂତନ ପ୍ରତିଭାର ସ୍ଫୁରଣ ହେଲା । କଂସ-ପ୍ରେରିତ ଏକ ପରେ ଏକ ଛଦ୍ମବେଶୀ ଦାନବ ତାଙ୍କ ହାତରେ ପ୍ରାଣ ଦେଲେ । ଅବଶେଷରେ ନାରଦଙ୍କ ପରାମର୍ଶ ଅନୁସାରେ କଂସ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ମଥୁରାକୁ ନିମନ୍ତ୍ରଣ କରି ଆଣି ପ୍ରୟୋଜନ ହେଲେ ସ୍ୱହସ୍ତରେ ନିଧନ କରିବାକୁ ସ୍ଥିର କଲା । କିନ୍ତୁ ସେ ଦିଗରେ ତା'ର ଯାବତୀୟ ବ୍ୟବସ୍ଥା ବ୍ୟର୍ଥ ହେଲା ଓ ସେ ସ୍ୱୟଂ ମଞ୍ଚରୁ ଭୂପତିତ ହୋଇ ପ୍ରାଣତ୍ୟାଗ କଲା । ଅତଃପର କୃଷ୍ଣ, ବଳରାମ ଅବନ୍ତୀକୁ ପ୍ରେରିତ ହେଲେ ଏବଂ ଋଷି ସନ୍ଦୀପନଙ୍କ ଗୁରୁକୁଳରେ ଶିକ୍ଷା ସମାପନ କଲେ । ତା'ପରେ...]

ଅବନ୍ତୀରୁ ମଥୁରାକୁ ପ୍ରତ୍ୟାବର୍ତ୍ତନ କଲେ କୃଷ୍ଣ ଏବଂ ବଳରାମ । ଦୁହେଁ ଆନନ୍ଦିତ । ତତୋଽଧିକ ଆନନ୍ଦିତ ମଥୁରା-ପୁରୀର ଜନସାଧାରଣ ।

କିନ୍ତୁ ଦେଖା ଦେଲା ଏକ ନୂତନ ବିପଦ । କଂସର ଶ୍ୱଶୁର, ମଗଧର ରାଜା ଜରାସନ୍ଧ ତା' ଜାମାତାର ନିଧନର ପ୍ରତିଶୋଧ ନେବା ନିମନ୍ତେ ଦୃଢ଼ ପରିକର ହେଲା । ଜାମାତା ଗୋଟିକ ଯେ ଆପଣା ଦୁଷ୍କୃତିରୁ ପ୍ରାଣ ହରାଇଲା, ସେ ତଥ୍ୟ ପ୍ରତି ତା'ର ଭ୍ରୂକ୍ଷେପ ନଥିଲା ।

ଜରାସନ୍ଧର ଜନ୍ମ ବୃତ୍ତାନ୍ତ ବିଚିତ୍ର । ତା' ପିତା ବୃହଦ୍ରଥଙ୍କୁ ଜଣେ ସନ୍ଥ ଗୋଟିଏ ଯାଦୁକରୀ ଫଳ ପ୍ରଦାନ କରିଥିଲେ । କୌଣସି ନାରୀ ସେ ଫଳ ଭକ୍ଷଣ କଲେ ତାଙ୍କଠାରୁ ଜାତ ହେବ ପ୍ରଚଣ୍ଡ ବୀର ପୁତ୍ର । ରାଜା ବୃହଦ୍ରଥଙ୍କର କିନ୍ତୁ ଥିଲେ ଦୁଇ ରାଣୀ । ସେ ଫଳ ଗୋଟିକୁ ଦୁଇ ଫାଳ କରି ଦୁଇ ରାଣୀଙ୍କୁ ଖୁଆଇଲେ । ପରିଣାମ ହେଲା, ଦୁଇ ରାଣୀ ଫାଳେ ଫାଳେ ଜନ୍ମ ଦେଲେ ଗୋଟିଏ ସନ୍ତାନ । ବିବ୍ରତ ରାଜା ସେ ଅନର୍ଥକ ଦୁଇ ଫାଳ ଶିଶୁକୁ କୌଣସି ନିର୍ଜନ ସ୍ଥାନରେ ପରିତ୍ୟାଗ କରନ୍ତେ ତାହା ଜରା ନାମ୍ନୀ ଜଣେ ଅଲୌକିକ ଗୁଣବତୀ ଦାନବୀର ଦୃଷ୍ଟିଗୋଚର ହେଲା । ପରିତ୍ୟକ୍ତ ଦୁଇ ଫାଳକୁ ଏକତ୍ର କରି ସେ ଦାନବୀ ଏକ ସ୍ୱୟଂସମ୍ପୂର୍ଣ୍ଣ ଏକାଙ୍ଗ ଶିଶୁରେ ପରିଣତ କଲା ଓ ଶିଶୁଟି ରାଜନବରକୁ ପ୍ରତ୍ୟାବର୍ତ୍ତନ କଲା । ଜରା ଦ୍ୱାରା ସନ୍ଧିଯୁକ୍ତ ହୋଇଥିବା ହେତୁ ନାମ ହେଲା ତା'ର ଜରାସନ୍ଧ । ସେ ଶିଶୁ ବାଳୁତ କାଳରୁ ବନିଗଲା ପ୍ରବଳ ଯୋଦ୍ଧା । ସେ ଯେତିକି ବଡ଼ ହେଉଥାଏ ସେତିକି ମାତ୍ରାରେ ପ୍ରବଳତର ଓ ଦୁର୍ଦ୍ଦାନ୍ତ ଯୋଦ୍ଧାରେ ପରିଣତ ହେଉଥାଏ ।

ଯଥା ସମୟରେ ରାଜା ହେବା ସଙ୍ଗେ ସଙ୍ଗେ ସେ ବାରଂବାର ଯୁଦ୍ଧଯାତ୍ରା କରି ପ୍ରତିବେଶୀ ରାଜ୍ୟସବୁ ନିର୍ମମଭାବେ ଛାରଖାର କଲା; ସଙ୍ଗେ ସଙ୍ଗେ ରାଜାମାନଙ୍କୁ ବନ୍ଦୀ କରି ଆଣି ଏକ ଦୁର୍ଗ କାରାଗାରରେ ରଖୁଥାଏ ।

ତା' ଉପରେ ପ୍ରଚଣ୍ଡ ଆକ୍ରମଣ କଲେ ମଧ୍ୟ କେହି ତାକୁ ମାରିପାରନ୍ତି ନାହିଁ । କାରଣ ସେ ବର ଲାଭ କରିଥିଲା — ଯଦି କେହି କେବେ ତାକୁ ଦୁଇ ଫାଳ କରିବାକୁ ସକ୍ଷମ ହେବ,

ତେବେ ଯାଇ ସେ ମରିବ । ତା'ର ସେ ମୃତ୍ୟୁ ରହସ୍ୟ ସଚରାଚର କେହି ବା କେମିତି ଜାଣନ୍ତେ ?

ଜରାସନ୍ଧ ମଥୁରା ଆକ୍ରମଣ କରି ରାଜ୍ୟକୁ ଧ୍ୱସ୍ତବିଧ୍ୱସ୍ତ କରିବାର ଯୋଜନା କରୁଥିବାର ସମ୍ବାଦ ପାଇଲେ କୃଷ୍ଣ । ଲୋକଙ୍କର ସୁଖ ଶାନ୍ତି ବିପନ୍ନ ହେବ, ଏହା ସେ ଚାହୁ ନଥିଲେ । ଦୂରବର୍ତ୍ତୀ ସମୁଦ୍ରକୁ ଲାଗି ଏକ ଜନହୀନ ସୁନ୍ଦର ସବୁଜ ଭୂଖଣ୍ଡର ସନ୍ଧାନ ସେ ପାଇଥିଲେ ।

ମଥୁରାର ଅଧିବାସୀମାନଙ୍କୁ ସେ ଦ୍ୱାରାବତୀ ନାମରେ ସଦ୍ୟ ପରିଚିତ ସେହି ନୂତନ ଉପନିବେଶରେ ସ୍ଥାନିତ କରିବାରେ ଲାଗିଲେ ।

ସେ ବ୍ୟବସ୍ଥା ସମ୍ପୂର୍ଣ୍ଣ ହେବା ପୂର୍ବରୁ ଅବଶ୍ୟ ଜରାସନ୍ଧ ମଥୁରା ଆକ୍ରମଣ କଲା — ଅଠର ଥର । କିନ୍ତୁ ସେ ପ୍ରତିଥର ପରାଭୂତ ହେଲା — କୃଷ୍ଣଙ୍କ କୌଶଳରେ ପରିଚାଳିତ ମଥୁରାର ସୈନ୍ୟବାହିନୀ ଦ୍ୱାରା ।

ସେ କିଛିଦିନ ନିଶ୍ଚେଷ୍ଟ ରହିଲା । ତେବେ ପରାଜୟର ଅପମାନ ତାକୁ ଅଧିକ ହିଂସ୍ର କରିଥାଏ । ସେ କାଳଯବନ ନାମକ ଜଣେ ଭୀଷଣ ଯୁଦ୍ଧ-କୁଶଳୀ, ଉଦ୍ଦଣ୍ଡ ଯୋଦ୍ଧା ରାଜାର ସହାୟତା କାମନା କଲା ।

କାଳଯବନ ମଥୁରା ଉପକଣ୍ଠରେ ପହଞ୍ଚିବା ବେଳକୁ ସେ ରାଜ୍ୟର ପ୍ରାୟ ସମସ୍ତ ପ୍ରଜା ଦ୍ୱାରାବତୀ ବା ଦ୍ୱାରକାରେ ଯାଇ ବସତି ସ୍ଥାପନ କରି ସାରିଥା'ନ୍ତି । କୃଷ୍ଣ ମଥୁରା ନଗରୀର ପ୍ରବେଶ ତୋରଣ ଆଗରେ କାଳଯବନକୁ ଯେପରିକି ଅପେକ୍ଷା କରି ଦଣ୍ଡାୟମାନ ରହିଥା'ନ୍ତି ! ଗୋଟାଏ ହାତରେ ଗଦା ଏବଂ ଅନ୍ୟ ହାତରେ ଦୀର୍ଘ ତରବାରି ଧରି ଯେତେବେଳେ କାଳଯବନ କୃଷ୍ଣଙ୍କ ଆଡ଼େ ଧାବମାନ ହେଲା ସେତେବେଳେ କୃଷ୍ଣ ବୁଲି ପଡ଼ି ଦୌଡ଼ିବାକୁ ଲାଗିଲେ ।

ଶତ୍ରୁ ତେବେ ଆତଙ୍କିତ ଓ ପଳାୟମାନ ! ବିଜୟ ସୁଲଭ ଦର୍ପଭରେ ଅଟ୍ଟହାସ୍ୟ କରି କାଳଯବନ କୃଷ୍ଣଙ୍କୁ ଅନୁସରଣ କରି ଦୌଡ଼ିଲା । ଦୀର୍ଘ ସମୟ ଚାଲିଲା ସେ ଅଭିନବ ଦୌଡ଼ ପ୍ରତିଯୋଗିତା । ମଧ୍ୟେ ମଧ୍ୟେ କୃଷ୍ଣ ଗତି ଶ୍ଳଥ କରୁଥା'ନ୍ତି; ଖୁବ୍ ଉତ୍ସାହରେ କାଳଯବନ ତୀବ୍ରତର ଗତିରେ ଯାଇ ତାଙ୍କୁ ପ୍ରାୟ ତରବାରି ବା ଗଦା ଯୋଗେ ଆଘାତ କରିବା ମୁହୂର୍ତ୍ତରେ ଦେଖା ଯାଉଥାଏ ସେ ବେଶ୍ କିଛି ଦୂର ଆଗକୁ ପଳାଇ ଗଲେଣି ।

ତେବେ କାଳଯବନର ଉତ୍ସାହ ବଢ଼ିଗଲା, ଯେତେବେଳେ କୃଷ୍ଣ ଯାଇ ଗୋଟାଏ ପାହାଡ଼ ତଳିରେ ପହଞ୍ଚି ଅଟକି ଗଲେ । ପାହାଡ଼ ଚଢ଼ିବା ଥିଲା ଦୁରୂହ । କାଳଯବନ ନିଶ୍ଚିତ ହେଲା, ଏଥର ଅଚିରେ ସେ ତା' ଆୟତ୍ତ ଭିତରକୁ ଆସିଯିବେ ।

କିନ୍ତୁ କାହାନ୍ତି କୃଷ୍ଣ ? କାଳଯବନ ବାମ, ଡାହାଣ ଦୁଇ ଦିଗକୁ ତୀକ୍ଷ୍ଣ ଦୃଷ୍ଟିପାତ କଲା । ଶତ୍ରୁ ତା'ର ଅଦୃଶ୍ୟ ହୋଇଯିବ କିପରି ? ତେବେ ଯଥାଶୀଘ୍ର ତା' ବିସ୍ମୟର ଅବସାନ ହେଲା । ଆଖିରେ ପଡ଼ିଲା ଗୋଟାଏ ସୁଡ଼ଙ୍ଗର ଦ୍ୱାର । ଶତ୍ରୁ ତାହାରି ଭିତରେ ଆତ୍ମଗୋପନ କରିବା ବ୍ୟତିରେକେ ତା' ଆଗରେ ଅନ୍ୟ ପନ୍ଥା ନଥିଲା ବୋଲି ବୁଝି କାଳଯବନ ଆଉ ଥରେ ଅଟ୍ଟହାସ୍ୟ କଲା । ପ୍ରତିଧ୍ୱନି ତୋଳିଲେ ଶିଖର ଶ୍ରେଣୀ ।

କାଳଯବନ ପଶିଲା ସୁଡ଼ଙ୍ଗ ଭିତରେ । ସୁଡ଼ଙ୍ଗର ଶେଷ ପ୍ରାନ୍ତରେ ଗୋଟାଏ ପ୍ରଶସ୍ତ ଗୁମ୍ଫା । ତହିଁ ଉଭାରୁ ଖୋଲା ସବୁଜ ବଣବୁଦା ।

ଗୁମ୍ଫାର ବିପରୀତ ଦିଗରେ କିଞ୍ଚିତ୍ ସୂର୍ଯ୍ୟାଲୋକ ଥିବାରୁ ତା' ଅଭ୍ୟନ୍ତର ଅନ୍ଧକାର ନୁହେଁ । କାଳଯବନ ଦେଖିଲା ଗୋଟାଏ କୋଣରେ କେହି ଜଣେ ଶାୟିତ ।

''କୃଷ୍ଣ !'' ସେ ପାଟି କଲା । ସେ ଧ୍ୱନିରେ ଗୁମ୍ଫା ଥରି ଉଠିଲା ଭଳି ମନେ ହେଲା । କିନ୍ତୁ ଶାୟିତ ବ୍ୟକ୍ତି ହଲଚଲ ହେଲା ନାହିଁ ।

''ନିଦର ଛଳନା କରିବାର ଦରକାର କ'ଣ ? ତୋତେ ଚିରନିଦ୍ରା ଉପହାର ଦେବି । ତେବେ ନିଦ୍ରିତ ଶତ୍ରୁକୁ ହତ୍ୟା କଲା ଭଳି ଭୀରୁ ମୁଁ ନୁହେଁ । ଉଠ ନିଦ୍‌ରୁ !'' ଉଚ୍ଚ କଣ୍ଠରେ ଏହା କହି କାଳଯବନ ଶାୟିତ ବ୍ୟକ୍ତିର ବକ୍ଷରେ କଲା ପଦାଘାତ ।

ଉଠି ପଡ଼ିଲେ ସେ ଅଜ୍ଞାତ ବ୍ୟକ୍ତି । ସେ ଠାବ କଲେ ପଦାଘାତ ଯୋଗେ ତାଙ୍କ ନିଦ୍ରା ତୁଟାଇ ଦେଇଥିବା ହତଭାଗ୍ୟକୁ । ତାଙ୍କ ଦୁଇ ନୟନରୁ ସ୍ଫୁରିତ ହେଲା କ୍ରୋଧାଗ୍ନି । ତତ୍‌କ୍ଷଣାତ୍ ଦୁର୍ଦାନ୍ତ କାଳଯବନ କେଇମୁଠା ପାଉଁଶରେ ପରିଣତ ହେଲା ।

ସେ ସୁପ୍ତ ବ୍ୟକ୍ତି ହେଲେ ବୀର ରାଜା ମୁଚୁକୁନ୍ଦ । ଏକଦା ସେ ଧରାପୃଷ୍ଠରେ ଦାରୁଣ ବିପ୍ଳବ ଘଟାଉଥିବା ଦାନବଗୋଷ୍ଠୀକୁ ନିପାତ କରିଥିଲେ । ଦେବତାମାନେ ତାଙ୍କୁ ବର ଯାଚିବାରୁ ସେ ମାଗି ନେଇଥିଲେ ନିଜ ଇଚ୍ଛାନୁଯାୟୀ ନିର୍ବିଘ୍ନ ସୁପ୍ତିର ସୁଯୋଗ ଏବଂ ସେଥିରେ ବ୍ୟାଘାତ ଘଟାଇବା ବ୍ୟକ୍ତିକୁ ତାଙ୍କ ଦୃଷ୍ଟିଯୋଗେ ଭସ୍ମୀଭୂତ କରିବାର ଶକ୍ତି !

କୃଷ୍ଣ କାଳଯବନର କୌଣସି କ୍ଷତି କରି ନଥିଲେ । ଆପଣାଛାଏଁ ସେ ଆସିଥିଲା ତାଙ୍କୁ ବିନାଶ କରିବା ଆଶାରେ । ହେଲା ନିଜର ବିନାଶ । କୃଷ୍ଣଙ୍କୁ ତା' ସହ ଲଢ଼ିବାକୁ ପଡ଼ିଲା ନାହିଁ ।

(କ୍ରମଶଃ) ❑

# ହାରାଧନ

## (୧୦)

ପ୍ରଭାକର (ବାଟ୍ଟୀ)ଙ୍କ ଲେଖାରୁ : ''୧୯୫୦ ମସିହା, ଦ୍ୱିତୀୟ ବିଶ୍ୱଯୁଦ୍ଧର ଅବସାନ ଏଇ ପାଞ୍ଚ ବର୍ଷ ପୂର୍ବରୁ ଘଟିଛି; ସମଗ୍ର ପୃଥିବୀ ତଥାପି ସାଧାରଣ ଅବସ୍ଥାରେ ଉପନୀତ ହୋଇନି – କୋରିଆ-ଯୁଦ୍ଧର ଆରମ୍ଭ । ତେଣୁ ପ୍ରାୟ ସମସ୍ତ ଆଶ୍ରମବାସୀ ଯୁଦ୍ଧ-ଖବର ଶୁଣିବାକୁ ବେଶ୍ ଉତ୍ସୁକ ଥା'ନ୍ତି । (ଏହାର ମୁଖ୍ୟ କାରଣ ଶ୍ରୀମାଶ୍ରୀଅରବିନ୍ଦ ଦ୍ୱିତୀୟ ବିଶ୍ୱଯୁଦ୍ଧ ସହ ଘନିଷ୍ଠ ଭାବରେ ସଂପୃକ୍ତ ଥିଲେ । ସେତେବେଳେ କେବଳ ରେଡ଼ିଓ-ସଂବାଦହିଁ ଏହି ଉତ୍ସୁକତାର ଉପଶମ କରିପାରୁଥିଲା । କିନ୍ତୁ କାହା ପାଖରେ ରେଡ଼ିଓ ? ସେତେବେଳେ ସାତ-ଆଠ ଶହ ଆଶ୍ରମବାସୀଙ୍କ ମଧ୍ୟରୁ କେହି ଜଣେ ହେଲେ ବି ବଡ଼େଇ କରି କହିପାରିବେ ନାହିଁ ଯେ 'ହଁ, ମୋର ଅଛି !' ସେତେବେଳେ ଏଇ ଧରଣର ଏକ ଯନ୍ତ୍ର ପାଖରେ ରଖି ତାକୁ ଯଥୋଚିତ ଭାବରେ ବ୍ୟବହାର କରିବାର ପ୍ରାରମ୍ଭିକ ଜ୍ଞାନ ବି କାହାରି ନଥିଲା – ଏବଂ କହିବା ବାହୁଲ୍ୟ ଅଧିକାଂଶଙ୍କ ସକାଶେ ଏହା ସାମର୍ଥ୍ୟର ବାହାରେ, ଏକେବାରେ ଅପହଞ୍ଚ ବି ଥିଲା ।

''ହାରାଧନ-ଦା କିନ୍ତୁ ଥିଲେ କତିପୟଙ୍କ ମଧ୍ୟରେ ଅନ୍ୟତମ, ଯିଏକି ନିତି ରେଡ଼ିଓ-ସଂବାଦ ଶୁଣୁଥିଲେ । କେଉଁଠୁ ? କେତେବେଳେ ? ହଁ, ପବିତ୍ର-ଦା'ଙ୍କ ରୁମ୍‌ରେ ଗୋଟିଏ ରେଡ଼ିଓ ଥିଲା ଯାହାର ସ୍ପିକର୍‌ଟି ଶ୍ରୀଅରବିନ୍ଦଙ୍କ କକ୍ଷରେ ରଖାଯାଇଥିଲା, ଶ୍ରୀଅରବିନ୍ଦ ଦ୍ୱିତୀୟ ବିଶ୍ୱଯୁଦ୍ଧର ଖବର ସିଧା ରେଡ଼ିଓରୁ ଶୁଣୁଥିଲେ । ସେହି ରେଡ଼ିଓରୁ ହାରାଧନ-ଦା ଯୁଦ୍ଧ ଖବର ଶୁଣିବାର ଅନୁମତି ପ୍ରାପ୍ତ ହୋଇଥିଲେ । ପନ୍ତୁଲୁ (ରୂପନଗୁଣ୍ଟା ପନ୍ତୁଲୁ ସୁବ୍ରମନିୟମ୍ ଥିଲେ ମୋର ଜ୍ୟେଷ୍ଠତାତ, ଦଦେଇ) ସେତେବେଳେ ସେ ବେଶ୍ ବୃଦ୍ଧ, କିନ୍ତୁ ଯୁଦ୍ଧ ଖବର ଶୁଣିବାରେ ଅତ୍ୟନ୍ତ ଆଗ୍ରହୀ ଥିଲେ । ସେ ମୋତେ ଓ ମୋ ଭାଇକୁ ନିତି ହାରାଧନ-ଦା'ଙ୍କ ପାଖକୁ ପଠାଇ ଦେଉଥିଲେ ।

''ସେତେବେଳେ ହାରାଧନ-ଦା ନିତି ଆଶ୍ରମ ଅଙ୍ଗନରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସି ଅନ୍ତେବାସୀ ଓ ଦର୍ଶନାର୍ଥୀଙ୍କୁ ସମାଧିରେ ଅର୍ପଣ କରିବା ସକାଶେ ଧୂପ ଓ ପୁଷ୍ପ ବିତରଣ କରୁଥିଲେ । ସେହି ସମାନ ଜାଗାରେ ବସି ହାରାଧନ-ଦା ସନ୍ଧ୍ୟା ପରେ ଆମ ଦୁଇ ଜଣଙ୍କୁ ଯୁଦ୍ଧ ଖବର ଶୁଣାଉଥିଲେ । ତାଙ୍କ କହିବାର ଧରଣ ଏହିପରି ଥିଲା : 'ରେଡ଼ିଓ ଏହିସବୁ କଥା ଘୋଷଣା କରିଛି' – ସମ୍ପୂର୍ଣ୍ଣ ବାର୍ତ୍ତାଟିକୁ ବର୍ଣ୍ଣନା କରୁଥିବା ବେଳେ ସେ ପ୍ରାୟ ଉକ୍ତ କଥାଟିକୁ ବେଶ୍ କେତେ ଥର ପୁନରାବୃତ୍ତି କରୁଥିଲେ । ଏବଂ ତା'ପରେ 'ସେଇ ଖବରସବୁରୁ ମୁଁ ଯାହା ବୁଝିଛି' କହି ନିଜସ୍ୱ ଦୃଷ୍ଟିଭଙ୍ଗୀ ଓ ବ୍ୟାଖ୍ୟାର ସମୀକ୍ଷା ଦେଉଥିଲେ । ଆମେ ସେତେବେଳେ ଛୋଟ ଥିଲୁ । ତାଙ୍କ ପାଖରୁ 'ଡବଲ୍ ନିଉଜ୍'କୁ ଅର୍ଥାତ୍ ରେଡ଼ିଓ ଘୋଷଣା ଏବଂ ତାଙ୍କର ସମୀକ୍ଷାକୁ ମୁଣ୍ଡରେ ଭର୍ତ୍ତିକରି ଘରକୁ ଦୌଡ଼ି ଯାଉଥିଲୁ ଆଉ ଦଦେଇଙ୍କ ଆଗରେ ବଖାଣୁ ଥିଲୁ ।

''ଥରେ ଥରେ ଯୁଦ୍ଧ ଖବର ସରିଗଲେ ହାରାଧନ-ଦା ଆମକୁ ଅତ୍ୟନ୍ତ ଆନନ୍ଦଦାୟକ, ଅସାଧାରଣ ଦୁଃସାହସିକ ଘଟଣାସବୁ, ଯାହାକୁ ସେ ଅଙ୍ଗେ ଲିଭାଇ ଥିଲେ, ସେ ସମ୍ବନ୍ଧେ ଗଳ୍ପଛଳରେ ବର୍ଣ୍ଣନା କରୁଥିଲେ । ଏସବୁ କଥା ବର୍ଣ୍ଣନା କରିବାରେ ସେ ବେଶ୍ ଧୁରନ୍ଧର ଥିଲେ ।...

''କଥିତ ଅଛି ଯେ ଫୁଲସବୁର ଅନ୍ତର୍ନିହିତ ଅର୍ଥ (ବା ନାମକରଣ) ଦେବାରେ କେତେକ ମାତ୍ରାରେ ଶ୍ରୀମା'ଙ୍କୁ ହାରାଧନ-ଦା ସାହାଯ୍ୟ କରିଥିଲେ । (କିନ୍ତୁ ଏ ସମ୍ବନ୍ଧେ ବେଶୀ କିଛି ଜାଣିବା ଏବେ ସମ୍ଭବ ନୁହେଁ ।) କିନ୍ତୁ ଏକଥା ସତ ଯେ ମା'ଙ୍କ ହସ୍ତରୁ ପ୍ରାପ୍ତ ପୁଷ୍ପଗୁଡ଼ିକୁ ସେ କଦାଚିତ୍ ଫୋପାଡୁ ନଥିଲେ । ସେସବୁକୁ ସେ ଯତ୍ନର ସହିତ ଶୁଖାଇ ଖଟ-ବିଛଣା ତଳେ ମେଲାଇ ରଖିଦେଉଥିଲେ ।

''ହାରାଧନ-ଦା ତାଙ୍କ ଜୀବନର ଶେଷ ପର୍ଯ୍ୟାୟରେ ଆଶ୍ରମର 'ଆର୍କାଇଭସ୍ ବିଭାଗ' କୋଠାର ତଳ ମହଲାରେ, 'ଭୋଜନାଳୟ'ର ଠିକ୍ ପଛକୁ ରହୁଥିଲେ । ସେ ଆଦୌ ପଣ୍ଡିଚେରୀ ବାହାରକୁ ଯାଉ ନଥିଲେ । ତାଙ୍କ ଗମନାଗମନର ଧାରାବାହିକ ରାସ୍ତା ଥିଲା କେବଳ ଦୁଇ ତିନୋଟି ରାସ୍ତା – ପ୍ରତିଦିନର ବ୍ୟତିକ୍ରମବିହୀନ ଗତିପଥଟି ଥିଲା ଏହିପରି – ଘରୁ ଭୋଜନାଳୟକୁ ଦରଜା ସାମନା ରାସ୍ତା ('ଫ୍ରାଁସୁଆ ମାର୍ତ୍ୟା'ର ରାସ୍ତା) ଦେଇ ଯାଇ ଭୋଜନ ସମାପନାନ୍ତେ ଗଣେଶ ମନ୍ଦିର ରାସ୍ତା ଦେଇ ଆଶ୍ରମକୁ ଯାଉଥିଲେ । ମନ୍ଦିର ସାମନାରେ ପହଞ୍ଚି ପାଦରୁ ଖଡ଼ମ କାଢ଼ି ଗଣେଶଙ୍କୁ ପ୍ରଣାମ ଜଣାଉଥିଲେ ।

ତା'ପରେ ଖଡ଼ମ ପିନ୍ଧି ଆଶ୍ରମକୁ ଯାଇ ଖଡ଼ମ ଖୋଲି ଆଶ୍ରମ ଭିତରେ ନିଜର ନିର୍ଦ୍ଦିଷ୍ଟ ସ୍ଥାନରେ କର୍ମରତ ରହୁଥିଲେ ଏବଂ ରାତିରେ ପୁଣି 'ଫ୍ରାଁସୁଆ ମାର୍‌ତ୍ୟା' ରାସ୍ତା ଦେଇ ଘରକୁ ଫେରୁଥିଲେ । ମଝିରେ ମଝିରେ ସମୟ ପାଇଲେ ଭୋଜନାଳୟ ସାମନା ବଡ଼ ପାର୍କକୁ ବୁଲିଯାଉଥିଲେ; ତା' ଭିତରେ ଖେଳାରତ ଆଶ୍ରମ-ପିଲାଙ୍କୁ ମଜା ଓ ଦୁଃସାହସିକ ଗଳ୍ପମାନ କହୁଥିଲେ । କ୍ୱଚିତ୍ ସମୁଦ୍ରକୂଳକୁ ଭ୍ରମଣରେ ଯାଉଥିଲେ ।

''ଅବଶ୍ୟ ଆଶ୍ରମରୁ ମୁଥିଆଲପେଟ୍‌ରେ ଥିବା ଶ୍ମଶାନ-ଭୂମିକୁ ଯିବା ରାସ୍ତାଟିକୁ ସେ ବେଶ୍ ଜାଣିଥିଲେ । କାରଣ ଆଶ୍ରମର ଅନ୍ତେବାସୀଙ୍କର ମରଡନୁକୁ ଶ୍ମଶାନକୁ ନେଇ ଦାହ କରିବା କାର୍ଯ୍ୟଟି ତାଙ୍କର ସେବା-କର୍ମ ମଧ୍ୟରୁ ଅନ୍ୟତମ ଥିଲା । ଅନ୍ତେବାସୀଙ୍କର ଶବଦାହର ଔପଚାରିକ ଭାବରେ ପ୍ରାରମ୍ଭିକ କ୍ରିୟା ସମାପନାନ୍ତେ ଉପସ୍ଥିତ ଆଶ୍ରମବାସୀ ତଥା ସମ୍ପର୍କୀୟ ବନ୍ଧୁବାନ୍ଧବଗଣ ସେଠାରେ ଅଳ୍ପ ସମୟ ରହି ଆଶ୍ରମକୁ ଫେରି ଆସୁଥିଲେ, କିନ୍ତୁ ହାରାଧନ-ଦା ସେଠାରେ ଦାହ-କାର୍ଯ୍ୟର ପ୍ରାୟ ଶେଷ ଅବଧି ରହୁଥିଲେ । ହୁଏତ ଏଇଥି ପାଇଁ ରହୁଥିଲେ,— ତାଙ୍କ ନଜରରେ କେବେ ଥରଟିଏ ପଡ଼ିଛି ଯେ ଶବଦାହରେ ସଂପୃକ୍ତ ଥିବା ସ୍ଥାନୀୟ ଶ୍ମଶାନ-କର୍ମୀଗଣ ଶବର ଚତୁଃପାର୍ଶ୍ୱରେ ଦହନ ସକାଶେ ସଜ୍ଜିକୃତ ଜାଳେଣିରୁ ଅର୍ଦ୍ଧ-ଦହନ-କ୍ରିୟା ଚାଲିଥିବା ବେଳେ କିଛି ଜାଳେଣି କାଢ଼ି ନିଅନ୍ତି, ପରବର୍ତ୍ତୀ ଶବଦାହରେ ବ୍ୟବହୃତ ହେବା ସକାଶେ ପୁଣି ବିକ୍ରି କରିବାକୁ । ଯାହା ବି ହେଉ, ସେ ସବାଶେଷରେ ଶ୍ମଶାନରୁ ଆଶ୍ରମକୁ ଫେରୁଥିଲେ । ଏବଂ ଯଦି ଫେରିବା ପଥରେ ବା ଘରକୁ ପ୍ରବେଶ କରିବା ପୂର୍ବରୁ ମୃତ ବ୍ୟକ୍ତିଙ୍କର ଦୂର ବା ନିକଟ ସମ୍ପର୍କୀୟ ବା ବନ୍ଧୁବାନ୍ଧବଙ୍କୁ ଭେଟୁଥିଲେ ତେବେ ସେମାନଙ୍କୁ ପ୍ରଣାମଟିଏ କରି ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାବରେ କହୁଥିଲେ, 'ଭଲ ଭାବରେ ଦାହ-କାର୍ଯ୍ୟ ସମାପନ ହୋଇଛି ।'

''ସମୟ ଗଡ଼ିଚାଲେ, ତା' ପାଖରେ ବଡ଼-ଛୋଟ, ଭଲମନ୍ଦର ବାଛବିଚାର କିଛି ନଥାଏ । ସମସ୍ତେହିଁ ଏଇ ଭବରଙ୍ଗ ଭୂମିରେ ନିଜ ନିଜର ଅଭିନୟ ସାରି କାଳ ବଳରେ ବାହୁଡ଼ିବେ ।

''ମୁଁ ଠିକ୍ କହି ପାରିବିନି କେବେ, କେଉଁ ରୋଗରେ ପୀଡ଼ିତ ହୋଇ ହାରାଧନ-ଦା ଅସୁସ୍ଥ ହୋଇଥିଲେ । ମୁଁ ଦିନେ ଯେତେବେଳେ ସ୍ଥାନୀୟ ଜେନେରାଲ୍ ହସ୍‌ପିଟାଲ୍‌ରେ ଚିକିତ୍ସାରେ ଥିବା କବି ନିଶିକାନ୍ତ (ଜନୈକ ମହାନ୍, ଉଚ୍ଚକୋଟୀର ଏବଂ ବେଶ୍ କୌତୁକ ପ୍ରିୟ ଆଶ୍ରମ-ଅନ୍ତେବାସୀ)ଙ୍କର ସେବା-ଶୁଶ୍ରୂଷା କରିବା ସକାଶେ ହସ୍‌ପିଟାଲ୍‌କୁ ଗଲି, ସେଇଠାରେହିଁ ନିଶିକାନ୍ତଙ୍କର ପାଖ ଖଟରେ ହାରାଧନ-ଦା'ଙ୍କୁ ଶୋଇ ଥିବାର ଦେଖିଲି । (ପ୍ରକାଶ ଥାଉ କି ସେତେବେଳେ 'ଜିପ୍‌ମର୍' ହସ୍‌ପିଟାଲ୍ ହୋଇ ନଥିଲା ।)

''ସେ ଯାହାହେଉ, ସେତେବେଳକୁ ହାରାଧନ-ଦା'ଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ଉଠିଥିଲା । ସେ କଥା କହୁ ନଥିଲେ, ସମ୍ଭବତଃ କଥା କହିପାରୁ ନଥିଲେ । ତାଙ୍କୁ ଏବଂ ତାଙ୍କ ଶେଯକୁ ମଝିରେ ମଝିରେ ପରିଷ୍କାର କରିବାକୁ ହେଉଥିଲା । ରୋଗଶଯ୍ୟାରେ ଶାୟିତ ଅବସ୍ଥାରେ ମଧ୍ୟ ନିଶିକାନ୍ତଙ୍କର ହାସ୍ୟପ୍ରିୟ ସ୍ୱଭାବ ଅକ୍ଷୁଣ୍ଣ ରହିଥାଏ । ସେ ମଜା କରି ମୋତେ କହିଲେ, 'ଆରେ ବାଙ୍ଗୀ, ହିଟ୍‌ଲର ବି ଏ ଧରଣର ସେବା-ଶୁଶ୍ରୂଷା ପାଇନି ।'

''ଖୁବ୍ ଶୀଘ୍ର ହାରାଧନ-ଦା ଆମମାନଙ୍କୁ ଛାଡ଼ି ଚାଲିଗଲେ । ତା'ପରେ ଆଶ୍ରମ-ଅଙ୍ଗନଟି ବେଶ୍ କିଛିଦିନ ଧରି ଖାଲି ଖାଲି ଲାଗିଲା । ସମୟ ସ୍ମୃତିଶକ୍ତିକୁ ଦନ୍ଥରା କରିଦିଏ । ନୂତନ ଘଟଣା, ନୂତନ ମୁଖମଣ୍ଡଳ ଆସି ହଜି ଯାଉଥିବା ମୁହୁଁଟି ସାମନାରେ ଉଭା ହୁଏ, ଶୂନ୍ୟସ୍ଥାନ ପୂରଣ ହୁଏ । ତଥାପି ଜଣେ ସତକୁ ସତ କହିପାରେ, 'କେଉଁଠି ବା କେବେ ଆଉ ଜଣେ ତାଙ୍କ ଭଳିଆ ?'

''ହାରାଧନ-ଦା'ଙ୍କର ଜୀବନଧାରା ଏବଂ ତାଙ୍କର କ୍ରିୟାକଳାପ ଏମିତି ଦେଖିବାକୁ ଗଲେ ଧୀର, ମନ୍ଥର; କମ୍ ପରିସର ଭିତରେ ତାଙ୍କର ଜୀବନ ଅତିବାହିତ । ଆପଣମାନେ କ'ଣ ତାଙ୍କୁ ପ୍ରାକ୍‌କଳନ କରି ବା ବିବେଚନା କରି ସିଦ୍ଧାନ୍ତ ନେଇ ପାରିବେ ଯେ ସେ ଅନମନୀୟ, ଦୃଢ଼ ବା କଠୋର ଥିଲେ ? କୌତୂହଳୀ ବା ଆଗ୍ରହାନ୍ୱିତ ସ୍ୱଭାବର ନଥିଲେ ? ଦୃଷ୍ଟି-ଆକର୍ଷକ ନଥିଲେ ?

''ସମୟ ସବୁବେଳେ ସମାନ ଯାଏନି । ଜୀବନର ସୁଅ ଦୁଇ କୂଳର ମଝିରେ ଧୀରେ ଧୀରେ ବହିଯାଏ । ସେହି ସମୟରେ ଏହି ଧରଣର ବ୍ୟକ୍ତିଗଣ ଅତ୍ୟନ୍ତ ନିଆରା ଥିଲେ । ସେମାନଙ୍କ ମଧ୍ୟରେ କେହି ବି ଜଣେ 'ନୀରସ ବା ବିରକ୍ତିଜନକ' ଜୀବନର ଆସ୍ୱାଦ ପାଇ ନଥିଲେ ବା ସେପରି ବ୍ୟକ୍ତିର ସାହଚର୍ଯ୍ୟ ବି ଲାଭ କରି ନଥିଲେ । ସେମାନେ କେବଳ ନିଜ ଦାୟିତ୍ୱରେ ଥିବା କର୍ତ୍ତବ୍ୟ-କର୍ମଟିରେହିଁ ମନୋନିବେଶ କରୁଥିଲେ । ସେମାନଙ୍କ ପାଖରେ ଭବିଷ୍ୟତ୍ କହିଲେ ଆଗାମୀ କାଲି ବା ଆଗାମୀ 'ଯୁଗ' । ହୁଏତ ସେମାନେ ଅନ୍ତର୍ମୁଖୀ ହୋଇ ନିଜ

ଅନ୍ତରର ନିଭୃତ ଗୁହାରେ ବାସ କରି ଜୀବନର ଅନେକ ଅମଡ଼ା ବାଟର ସନ୍ଧାନ ପାଇଥିଲେ ।

''ଆମେମାନେ ଏସବୁ ସମ୍ବନ୍ଧେ ଆଦୌ କିଛି ବିଚାର ନକରିବା ବିଧେୟ । ବରଂ ଆମେ କୌଣସି କୌଣସି ସମୟରେ ତାଙ୍କରି ସଦୃଶ ପୂର୍ବଜ ଅଗ୍ରଣୀମାନଙ୍କ ସକାଶେ ଆମର ମହାନ୍ ଉଜ୍ଜ୍ୱଳ ଅତୀତର ଛାୟାନ୍ଧକାରରେ ଛୋଟ ଦୀପଟିଏ ଜାଳି ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଥିବୁ । ସେମାନେ ଅଗ୍ରଗତିର ପାବଚ୍ଛସବୁ ଦୃଢ଼ ଭାବରେ ନିର୍ମାଣ କରିଯାଇଛନ୍ତି ଯାହାକୁ ଆମେ ପରବର୍ତ୍ତୀ କାଳରେ ଚଢ଼ିବୁ – ହୁଏତ ସେଥିରେ ଆମର ନବନିର୍ମିତ ପାହାଚଟିଏ ଯୋଡ଼ିବୁ ବୋଲି ।''

(ସମାପ୍ତ)

("Among the Not So Great" ପୁସ୍ତକରୁ ସଂଗୃହୀତ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

# ନବବର୍ଷ

## ଜ୍ୟୋସ୍ନାରାଣୀ ଦାଶ

ଚତୁର୍ଦ୍ଦିଗେ ସୌନ୍ଦର୍ଯ୍ୟର ସମ୍ଭାର ଖେଳାଇ
ତୁମେ ଆସ ନବବର୍ଷ
ପୃଥିବୀର ପୁରାତନ ଆକାଂକ୍ଷାକୁ
ପୁଣି ଥରେ ନୂଆ ରୂପେ
ଗଢ଼ିଦେବା ପାଇଁ ।
ଭ୍ରାମ୍ୟମାଣ ସମୀର ସ୍ପର୍ଶରେ
ଅନାଗତ ଆନନ୍ଦକୁ ଆହ୍ୱାନ ଜଣାଇ
ତୁମେ ଆସ ବିହଗ ନିଃସ୍ୱନେ
ବାଳସୂର୍ଯ୍ୟ କନକ କିରଣେ
ପୃଥିବୀର ନାଭିକମଳରୁ
ଉତ୍ଥିତ ହେଉଥିବା
ଗଭୀର ଆକୁତିମୟ ପ୍ରାର୍ଥନା ସଂଗୀତେ ।
ତୁମେ ଆସ ନବବର୍ଷ
ମହାଶକ୍ତି ନିୟନ୍ତ୍ରିତ ନିୟତି ଚାଳିତ
ପୃଥିବୀ ସମ୍ଭୂତ ଏଇ ଅଦିବ୍ୟ ମାନବେ
ଅଜ୍ଞାନତା, ଦୁଃଖ, ଯନ୍ତ୍ରଣାରୁ
ମୁକ୍ତ କରି ଉଠାଇ ନେବାକୁ
ଦିବ୍ୟ-ଶାଶ୍ୱତର ଦିଗେ ।
ତୁମେ ଆସ ନବବର୍ଷ
ମଣିଷର ମରଜୀବନରେ
ଭରିବାକୁ ଶାଶ୍ୱତର ଦିବ୍ୟ-ଉପଲବ୍ଧି
ବ୍ୟାକୁଳ ଅଭୀପ୍ସା ତା'ର ପୂର୍ଣ୍ଣ କରିବାକୁ
ତୁମ ଦିବ୍ୟ-ସ୍ପର୍ଶେ
ତୁମ ଦିବ୍ୟ-ଆନନ୍ଦରେ । ❑

# ତୋତ୍ତୋ-ଚାନ୍
## (୭)
## ତେତ୍‌ସୁକୋ କୁରୋୟାନାଗି

[ବିଗତ ସଂଖ୍ୟାରେ ପ୍ରକାଶିତ କାହାଣୀ ଅନୁଯାୟୀ 'ତୋମୋଏ' ସ୍କୁଲର ପ୍ରତ୍ୟେକଟି କାର୍ଯ୍ୟକ୍ରମ ତାହା ସ୍ୱୟଂ ନିର୍ବାଚିତ କାର୍ଯ୍ୟକ୍ରମ ହେଉ ଅଥବା ଶିକ୍ଷକଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ପ୍ରସ୍ତୁତ କାର୍ଯ୍ୟକ୍ରମ ହେଉ : ସେସବୁ ତୋତ୍ତୋ-ଚାନ୍‌ର ଅନୁଭୂତିରେ ନୂତନ ନୂତନ ଅଧ୍ୟାୟଟିମାନ ସଂଯୋଜିତ କରିଦେଉଥିଲା । ସେ ବିଦ୍ୟାଳୟର ଶିକ୍ଷା ଶ୍ରେଣୀଗୃହ ବା ଶିକ୍ଷା ପୁସ୍ତକ ଭିତରେ ସୀମିତ ନଥିଲା । ସେ ଶିକ୍ଷା ସୁଦୂର ପ୍ରସାରୀ । ବାସ୍ତବିକ, ତୋତ୍ତୋ-ଚାନ୍ ତଥା ତା' ଭଳି ସେ ଶିକ୍ଷାକେନ୍ଦ୍ରର କୁନି କୁନି ଶିକ୍ଷାର୍ଥୀମାନେ ହେଲେ ସେମାନଙ୍କର ଶିକ୍ଷା ଖସଡ଼ାର ରୂପକାର – ଶିକ୍ଷାପ୍ରେମୀ, ସ୍ନେହପ୍ରବଣ, ମରମୀ ପ୍ରଧାନ ଶିକ୍ଷକ ଓ ତାଙ୍କର ସହକର୍ମୀମାନେ ତାଙ୍କର ପଥପ୍ରଦର୍ଶକ, ସହଯୋଗୀ ବନ୍ଧୁ ପରି । ସ୍କୁଲରେ ପାଠାଗାର ପାଇଁ ନୂତନ ରେଳଡବା ଆସିବା କି ସ୍କୁଲ ପୋଖରୀରେ ସବୁ ପିଲା ମିଳିମିଶି ଗାଧୋଇବା; ପ୍ରାର୍ଥନା ଗୃହରେ ତମ୍ବୁ ବିଛାଇ କ୍ୟାମ୍ପ କରିବା ଅଥବା ସାହସ ପରୀକ୍ଷା କରିବା – ସବୁ କାର୍ଯ୍ୟକ୍ରମ ପଛରେ ପ୍ରଧାନ ଶିକ୍ଷକଙ୍କର ନୂତନ ଦୃଷ୍ଟିଭଙ୍ଗୀ ପିଲାଙ୍କର ଶିକ୍ଷା ଗ୍ରହଣରେ ନୂତନ ମାର୍ମିକତା ଓ ଭିନ୍ନ ସ୍ୱାଦ ଭରି ଦେଉଥିଲା । ସ୍ୱପ୍ନ ସେଠି ଆଗକୁ ପାଦ ବଢ଼ାଇବା, ଆପଣାର ସାମର୍ଥ୍ୟ ନେଇ ସଂଘର୍ଷ ସେଠି ଆତ୍ମତୃପ୍ତିର ଏକ ସ୍ୱତନ୍ତ୍ର ଅଭିବ୍ୟକ୍ତି । ଏ ସଂଖ୍ୟାରେ ପୁଣି ଶିଖିବା ଓ ଶିଖାଇବାର ଏକ ନୂତନ ଅଭିଯାନ ।...]

**ଅଭ୍ୟାସ ଘର :**

ତୋତ୍ତୋ-ଚାନ୍ ଧୀରେ ଧୀରେ ଚାଲୁଥିଲା । ରକି ବି ଧୀରେ ଧୀରେ ଚାଲିଲା । ମଝିରେ ସେ ତୋତ୍ତୋ-ଚାନ୍‌କୁ ଚାହୁଁଥାଏ । ଏଭଳି ଚାଲିର କେବଳ ଗୋଟିଏ ଅର୍ଥ ହୋଇପାରେ । ସେ ଦୁହେଁ ବାପାଙ୍କ ସଙ୍ଗୀତ ଅଭ୍ୟାସ ଘର ଭିତରକୁ ଉଣ୍ଡିବା ପାଇଁ ଚାଲିଥିଲେ । ଅନ୍ୟ ସବୁବେଳେ ତୋତ୍ତୋ-ଚାନ୍ ତା'ର ପୂରା ବେଗରେ ଦୌଡ଼ୁଥାଏ । ଏପଟ-ସେପଟ ଚାଲୁଥିବ, ଗଳି ପଡ଼ିଥିବା କିଛି ଜିନିଷ ଖୋଜୁଥିବ । ନହେଲେ ଗୋଟିଏ ପରେ ଗୋଟିଏ ବଗିଚାର ବାଡ଼ ତଳେ ଗଳି ଚାଲିଥିବ ।

ବାପାଙ୍କ ଅଭ୍ୟାସ ଘର ତାଙ୍କ ରହିବା ଘରଠୁ ପାଞ୍ଚ ମିନିଟର ବାଟ । ସେ ଥିଲେ ଗୋଟିଏ ବାଜାଦଳର ମୁଖ୍ୟ, ତେଣୁ ସେ ବେହେଲା ବଜାନ୍ତି । ତୋତ୍ତୋ-ଚାନ୍‌କୁ ସେ ତାଙ୍କର ସଙ୍ଗୀତ କାର୍ଯ୍ୟକ୍ରମକୁ ନେଇଥିଲେ । କାର୍ଯ୍ୟକ୍ରମ ସରିବା ପରେ ସଙ୍ଗୀତ ପରିଚାଳକ ତାଙ୍କ ମଞ୍ଚରୁ ଓହ୍ଲାଇ ତୋତ୍ତୋ-ଚାନ୍‌ର ବାପାଙ୍କ ସହିତ ହାତ ମିଳାଇଲେ । ଏହାପରେ ବାପା ଓ ଅନ୍ୟ ବାଦ୍ୟକାରମାନେ ଉଠି ଛିଡ଼ାହେଲେ । ଏହା ତୋତ୍ତୋ-ଚାନ୍‌ର ମନକୁ ଖୁବ୍ ପାଇଗଲା । ତୋତ୍ତୋ-ଚାନ୍ ଫୁସ୍‌ଫୁସ୍ କରି ପଚାରିଲା, ''ସେମାନେ କାହିଁକି ହାତ ମିଳେଇଲେ ?''

ମା ବୁଝେଇ ଦେଲେ ଯେ ଅର୍କେଷ୍ଟ୍ରା ଦଳ ବହୁତ ଭଲ ବଜାଇ ଥିଲେ, ତେଣୁ ପରିଚାଳକ ବାପାଙ୍କ ଜରିଆରେ ଅର୍କେଷ୍ଟ୍ରା ଦଳର ସମସ୍ତଙ୍କୁ ଧନ୍ୟବାଦ ଜଣାଇଲେ ।

ତୋତ୍ତୋ-ଚାନ୍ ଅଭ୍ୟାସ ଘରକୁ ଯିବାକୁ ଭଲପାଇବାର କାରଣ ହେଉଛି ସ୍କୁଲରେ କେବଳ ସାନପିଲା ଥା'ନ୍ତି । କିନ୍ତୁ ଏଠି ବଡ଼ଲୋକମାନେ ଥା'ନ୍ତି ଓ ସେମାନେ ସବୁ ପ୍ରକାରର ବାଜା ବଜାନ୍ତି । ଏହାଛଡ଼ା ପରିଚାଳକ ରୋଜେନ୍‌ଷ୍ଟକ ବଡ଼ ମଉଜିଆ ଜାପାନୀ ଭାଷାରେ କଥା କହନ୍ତି ।

ବାପା କହୁଥିଲେ ଜୋସେଫ୍ ରୋଜେନ୍‌ଷ୍ଟକ କୁଆଡ଼େ ୟୁରୋପରେ ଜଣେ ନାମଜାଦା ପରିଚାଳକ ଥିଲେ । କିନ୍ତୁ ହିଟ୍‌ଲର୍ ବୋଲି ଜଣେ ଲୋକ ସେଠାରେ ଅନେକ ସାଙ୍ଘାତିକ କାମ କରିବାକୁ ଆରମ୍ଭ କରିଦେଲେ । ତେଣୁ ସେ ଜାଗା ଛାଡ଼ିବାକୁ ରୋଜେନ୍‌ଷ୍ଟକ ବାଧ୍ୟ ହେଲେ । ସେ ଜାପାନକୁ ପଳାଇ ଆସିଲେ ତାଙ୍କ ସଙ୍ଗୀତ ସାଧନା ଚାଲୁରଖିବା ପାଇଁ । ବାପା ରୋଜେନ୍‌ଷ୍ଟକଙ୍କୁ ବହୁତ ପ୍ରଶଂସା କରୁଥିଲେ । ପୃଥିବୀର ଅବସ୍ଥା ବିଷୟରେ ତୋତ୍ତୋ-ଚାନ୍ କିଛି ବୁଝୁ ନଥିଲା, କିନ୍ତୁ ସେତିକିବେଳେ ହିଟ୍‌ଲର୍ ଇହୁଦୀମାନଙ୍କ ଉପରେ ନାନା ଅତ୍ୟାଚାର ଆରମ୍ଭ କରି ଦେଇଥା'ନ୍ତି । ଏପରି ନ ହୋଇଥିଲେ ରୋଜେନ୍‌ଷ୍ଟକ କଦାପି ଆସି ନଥା'ନ୍ତେ । ସଙ୍ଗୀତଜ୍ଞ କୋଶାକ୍

ୟାମାଦା ଏହି ଅର୍କେଷ୍ଟ୍ରା ଦଳଟିକୁ ଆରମ୍ଭ କରିଥିଲେ । ବିଶ୍ୱପ୍ରସିଦ୍ଧ ପରିଚାଳକ ରୋଜେନ୍‌ଷ୍ଟକଙ୍କ ଚେଷ୍ଟାରେ ଏହା ଖୁବ୍ ଶୀଘ୍ର ଆଗେଇ ଯାଇପାରିଲା । ରୋଜେନ୍‌ଷ୍ଟକ ଦାବୀ କରୁଥିଲେ ଯେ ୟୁରୋପର ଗୋଟିଏ ପ୍ରଥମ ଶ୍ରେଣୀ ଅର୍କେଷ୍ଟ୍ରା ଦଳ ଭଳି ଏହି ଜାପାନୀ ଦଳଟି ବଜାନ୍ତୁ । ତେଣୁ ପ୍ରତିଥର ଅଭ୍ୟାସ ସରିଲା ପରେ ଏଭଳି ସଙ୍ଗୀତ ନପାଇବା ଯୋଗୁଁ ସେ କାନ୍ଦି ପକାଉଥିଲେ ।

''ମୁଁ ଏତେ ଚେଷ୍ଟା କରୁଛି ଅଥଚ ତୁମେମାନେ ଆଗେଇ ପାରୁ ନାହଁ ।''

ହିଦିଓ ସାଇତୋ ନାମକ ଜଣେ ସେଲୋ ବାଦକ ରୋଜେନ୍‌ଷ୍ଟକଙ୍କ ସହକାରୀ ଭାବରେ ବେଳେ ବେଳେ ପରିଚାଳନା କରୁଥିଲେ । ସେ ଭଲ ଜର୍ମାନ କହିପାରୁଥିଲେ । ସେ ସମସ୍ତଙ୍କ ତରଫରୁ କୁହନ୍ତି, ''ଆମେ ସାଧମତେ ଚେଷ୍ଟା କରୁଛୁ । ଆମର ଦକ୍ଷତା ଏତେ ଟାଣ ହୋଇ ନାହିଁ । ଆମେ କଥା ଦେଉଛୁ ଯେ ଆମେ ଜାଣିଶୁଣି ଖିଲାପ କରୁ ନାହୁଁ ।''

ଏସବୁ ଗଭୀର କଥା ତୋତ୍ତୋ-ଚାନ୍‌ର ମୁଣ୍ଡରେ ପଶୁ ନଥିଲା । କିନ୍ତୁ ବେଳେ ବେଳେ ରୋଜେନ୍‌ଷ୍ଟକଙ୍କ ମୁହଁଟା ପୂରା ଲାଲ ପଡ଼ିଯାଏ । ମନେହୁଏ ସତେ କି ତାଙ୍କ ମୁହଁରୁ ବାମ୍ପ ବାହାରି ଆସିବ । ତେବେ ସେ ଜର୍ମାନ ଭାଷାରେ ଭୀଷଣ ପାଟି କରି ଉଠନ୍ତି । ତୋତ୍ତୋ-ଚାନ୍ ସାଧାରଣତଃ ତା'ର ମନପସନ୍ଦ ଝରକାରେ ବସି ଗାଲରେ ହାତ ଭରା ଦେଇ ଦେଖୁଥାଏ । ରୋଜେନ୍‌ଷ୍ଟକ ରାଗିକରି ପାଟିକଲେ ସେ ରକି ସହ ଓହ୍ଲେଇପଡ଼େ, ସେତେବେଳେ ସେ ତଳକୁ ଖସିଆସେ । ନିଃଶ୍ୱାସ ବନ୍ଦ କରି ତଳେ ସେ ବିଲକୁଲ ଅଣନିଃଶ୍ୱାସୀ ହୋଇ ପଡ଼ୁଥାଏ ଓ ପୁଣି ଚୁପ୍‌ଚାପ୍ ବସି ରହେ ଓ ପୁଣି ବାଜା ଆରମ୍ଭ ହେବା ପାଇଁ ଅପେକ୍ଷା କରୁଥାଏ ।

କିନ୍ତୁ ସାଧାରଣ ଅବସ୍ଥାରେ ରୋଜେନ୍‌ଷ୍ଟକ ଜଣେ ଅତି ଭଲ ଲୋକ ଥିଲେ । ତାଙ୍କର ଜାପାନୀ କୁହା ଢଙ୍ଗ ଖୁବ୍ ମଜାଳିଆ ଥିଲା । କାର୍ଯ୍ୟକ୍ରମ ଭଲ ହେଲେ ସେ ତାଙ୍କର ମଜାଳିଆ ଢଙ୍ଗରେ କହିବେ, ''ବହୁତ ଭଲ କୁରୋୟାଗି-ଚାନ୍'' ବା ''ଚମତ୍କାର'' ।

ତୋତ୍ତୋ-ଚାନ୍ କେବେ ବି ଅଭ୍ୟାସ ଘର ଭିତରକୁ ଯାଉ ନଥିଲା, ଝରକାରେ ଦେଖିବାକୁ ଓ ଶୁଣିବାକୁ ତାକୁ ଭଲ ଲାଗୁଥିଲା । ତେଣୁ ମଝିରେ କିଛି ସମୟ ପାଇଁ ବନ୍ଦ କରି ସେମାନେ ବୁଲଚାଲ କଲାବେଳେ ବାପା ତାକୁ ଦେଖୁଥିଲେ ।

ସେ କହିବେ, ''ଆରେ ତୋତ୍‌ସ୍କି ! ତୁ ଏଇଠି !''

ରୋଜେନ୍‌ଷ୍ଟକ ଯଦି ତାକୁ ଦେଖିବେ ସେ ନିଜ ମଉଜିଆ ଉଚ୍ଚାରଣରେ କହିବେ, ''ଗୁଡ୍ ମର୍ଣ୍ଣିଙ୍ଗ୍'' ବା ''ଗୁଡ୍ ଡେ'' । ଯଦିଓ ଏବେ ସେ ବଡ଼ ହୋଇଗଲାଣି ତଥାପି ସେ ତାକୁ ଟେକି ନେଇ ଗେଲ କରିବେ । ଏବେ ତାକୁ ଟିକେ ଲାଜ ଲାଗୁଥିଲା । ତଥାପି ସେ ରୋଜେନ୍‌ଷ୍ଟକଙ୍କୁ ଭଲ ପାଉଥିଲା । ରୋଜେନ୍‌ଷ୍ଟକ ପତଳା ରୁପା ଫ୍ରେମ୍ ଥିବା ଚଷମା ପିନ୍ଧୁଥିଲେ । ତାଙ୍କର ଲମ୍ବା ନାକଟି ଥିଲା ଓ ସେ ବେଶୀ ଡେଙ୍ଗା ନଥିଲେ । କିନ୍ତୁ ତାଙ୍କର ମୁହଁଟି ଖୁବ୍ ସୁନ୍ଦର ଥିଲା । ସେଥିରୁ ସେ ଜଣେ କଳାକାର ବୋଲି ଜଣା ପଡ଼ୁଥିଲେ ।

ତୋତ୍ତୋ-ଚାନ୍‌କୁ ଏହି ଅଭ୍ୟାସ ଘରଟି ଭଲ ଲାଗୁଥିଲା । ଏହାର ତିଆରି ଟିକିଏ ପାଶ୍ଚାତ୍ୟ ଢଙ୍ଗରେ ଥିଲା ଓ ତାହା ଭାଙ୍ଗିରୁଜି ଆସୁଥିଲା । ସେନ୍‌ଜୋକୁ ପୋଖରୀ ପଟରୁ ପବନ ଆସି ସଙ୍ଗୀତର ଧ୍ୱନିକୁ ବହୁତ ଦୂର ଯାଏଁ ବୋହି ନେଉଥିଲା । ବେଳେ ବେଳେ ମାଛ ବିକାଳିଙ୍କ ଡାକ ବି ଏହି ସଙ୍ଗୀତ ସହିତ ତାଳ ରଖୁଥିଲା ।




**ଉଷ୍ଣପ୍ରସ୍ରବଣ ବୁଲା**

ଖରାଛୁଟି ସରିଲା ଓ ଉଷ୍ଣପ୍ରସ୍ରବଣ ବୁଲିଯିବାର ଦିନ ଆସିଲା । ପିଲାଏ ଭାବୁଥିଲେ ଯେ ଏହା ହେଉଛି ତୋମୋଏର ମୁଖ୍ୟ କାର୍ଯ୍ୟକ୍ରମ । ସାଧାରଣତଃ ମା ତୋତ୍ତୋ-ଚାନ୍‌ର କୌଣସି କଥାରେ ଆଶ୍ଚର୍ଯ୍ୟ ହେଉ ନଥିଲେ । ଦିନେ ତୋତ୍ତୋ-ଚାନ୍ ସ୍କୁଲରୁ ଫେରି କହିଲା, ''ମୁଁ ଅନ୍ୟମାନଙ୍କ ସହ ଉଷ୍ଣ ଝରଣା ବୁଲିବାକୁ ଯାଇ ପାରିବି ?'' ମା ବଡ଼ ଆଶ୍ଚର୍ଯ୍ୟ ହୋଇଗଲେ । ବଡ଼ମାନେ ଦଳ ଦଳ ହୋଇ ଉଷ୍ଣପ୍ରସ୍ରବଣ ବୁଲିଯିବା କଥା ସେ ଶୁଣିଥିଲେ; କିନ୍ତୁ ଏହି ମେଞ୍ଚଡ଼ଗୁଡ଼ା ଯିବେ କାହିଁକି ? କିନ୍ତୁ ପ୍ରଧାନ ଶିକ୍ଷକଙ୍କ ଚିଠିକୁ ପଢ଼ିବା ପରେ ସେ ଭାବିଲେ ଯେ ଏହା ଏକ ଚମତ୍କାର ଯୋଜନା । ତାଙ୍କର ଏହି ଯୋଜନାକୁ ସେ ମନେ ମନେ ବହୁତ ପ୍ରଶଂସା କଲେ । ପ୍ରକୃତରେ ଏହି ବୁଲାଟି ପିଲାଙ୍କ ପାଇଁ ସମୁଦ୍ରକୂଳିଆ ସ୍କୁଲ ହେବାକୁ ଯାଉଥିଲା । ଶିଜୁଓକାର ଇଜୁ ଉପଦ୍ୱୀପରେ ଟଏ ବୋଲି ଗୋଟିଏ ଜାଗାକୁ

ସେମାନଙ୍କର ଯିବା କଥା । ସେଠାରେ ସମୁଦ୍ର ଭିତରେ ଗୋଟିଏ ଉଷ୍ଣପ୍ରସ୍ରବଣ ଥିଲା ଯେଉଁଠି ପିଲାଏ ପହଁରି ପାରିବେ ଓ ଉଷୁମ ପାଣିରେ ଗାଧୋଇ ପାରିବେ । ତିନି ଦିନ ଓ ଦୁଇ ରାତିର ଏହି ବୁଲା । ତୋମୋଏର ଜଣେ ପିଲାର ବାପାଙ୍କର ସେଠାରେ ଗୋଟିଏ ଛୁଟି କଟେଇବା ଘର ଥିଲା, ଯେଉଁଠି ପ୍ରଥମରୁ ଷଷ୍ଠ ଯାଏଁ ସବୁ ପିଲା ରହି ପାରିବେ । ମା ରାଜି ନହେବାର କିଛି ନଥିଲା ।

ସେହିଦିନ ସବୁ ପିଲା ବାହାରିବା ଆଗରୁ ସ୍କୁଲରେ ଏକାଠି ହେଲେ ।

ପ୍ରଧାନ ଶିକ୍ଷକ ସେମାନଙ୍କୁ କହିଲେ, ‘‘ଏବେ ଆମେମାନେ ରେଳରେ ଯିବା, ପୁଣି ଜାହାଜରେ ଯିବା । ତୁମ ଭିତରୁ କେହି ଜଣେ ବି ଯେପରି ହଜି ନଯାଅ । ବୁଝୁଛ ତ ? ଆଚ୍ଛା, ଚାଲ ।’’

ସେ କେବଳ ଏତିକି ନିର୍ଦ୍ଦେଶ ଦେଲେ । ତଥାପି ଜିଉଗାଓକାରେ ଟୋୟୋକା ରେଳରେ ଚଢ଼ିଲାବେଳେ ସବୁ ପିଲା ଧୀର ସ୍ଥିର ରହିଥିଲେ । କେହି ବି ବଗି ଭିତରେ ଏଣେ ତେଣେ ଦୌଡ଼ି ନଥିଲେ । କେବଳ ପାଖାପାଖି ବସିଥିବା ପିଲାଏ ଧୀର ସ୍ୱରରେ କଥା ହେଉଥିଲେ । ତୋମୋଏ ପିଲାଙ୍କୁ କେବେ ବି କହିବାକୁ ହେଉ ନଥିଲା ଯେ ସେମାନେ ଧାଡ଼ିରେ ଚାଲିବେ, ଚୁପ୍‌ଚାପ୍ ବସିବେ ଓ ଖାଇବା ସମୟରେ ତଳେ କିଛି ପକାଇବେନି – ଇତ୍ୟାଦି ।

ସ୍କୁଲର ନିତିଦିନିଆ କାରବାର ତାଙ୍କୁ ଶିଖାଇଥିଲା ଯେ ସେମାନେ କାହାରିକୁ ପେଲାପେଲି ବା ଖରାପ ବ୍ୟବହାର କରିବେ ନାହିଁ । ସେପରି କରିବା ଅଭଦ୍ରାମୀ ଓ ଲାଜର କଥା । ତଳେ କିଛି ମଇଳା ପଡ଼ିଥିଲେ ତାକୁ ଉଠାଇନେବେ । ଅନ୍ୟମାନଙ୍କର କ୍ଷତି କଲା ଭଳି ବା କାହାକୁ ବାଧିଲା ଭଳି କିଛି କାମ ନକରିବାକୁ ସେମାନେ ସଚେତନ ଥିଲେ । ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି ଯେ ତୋତ୍ତୋ-ଚାନ୍ କିଛି ମାସ ଆଗରୁ ଶ୍ରେଣୀ ମଝିରେ ଝରକା ଦେଇ ରାସ୍ତାର ବାଜାବାଲାଙ୍କ ସହ ଗପୁଥିଲା । ତୋମୋଏରେ ପଶିବା ଦିନଠାରୁ ସେ ନିଜ ଡେସ୍କରେ ବସୁଥିଲା ଓ ନିଜ ପାଠ ଠିକ୍ ଭାବେ କରୁଥିଲା । ଆଉ ସ୍କୁଲର କୌଣସି ଶିକ୍ଷକ ଯଦି ତାକୁ ରେଳବଗି ଭିତରେ ଧୀର ସ୍ଥିର ଭାବରେ ବସିଥିବାର ଦେଖିଥା’ନ୍ତେ ତେବେ ସେ କହିଥା’ନ୍ତେ, ‘‘ଇଏ ଆଉ ଜଣେ କିଏ ହୋଇଥିବ ।’’

ନୁମାଜୁଠାରେ ସେମାନେ ଗୋଟିଏ ଜାହାଜରେ ଚଢ଼ିଲେ । ଏହା ସେମାନଙ୍କର କଳ୍ପନାର ଜାହାଜ ସହିତ ମେଳ ଖାଉଥିଲା । ଏହା ବେଶୀ ବଡ଼ ନଥିଲା । କିନ୍ତୁ ତଥାପି ସେମାନେ ବହୁତ ଖୁସି ହୋଇ ଯାଇଥିଲେ । ସେମାନେ ଡେକ୍ ସାରା ବୁଲି ଭଲ କରି ଦେଖୁଥିଲେ; କେଉଁଟା ଛୁଇଁ ଦେଖୁଥିଲେ ତ କେଉଁଠି ଓହଳି ପଡୁଥିଲେ । ଯେତେବେଳେ ଏହା ଛାଡ଼ିବାକୁ ବାହାରିଲା, ପିଲାଏ କୂଳରେ ଠିଆ ହୋଇଥିବା ଲୋକଙ୍କୁ ଦେଖି ହାତ ହଲାଇଲେ । ସେମାନେ ଅଳ୍ପ କିଛି ବାଟ ଯାଇଛନ୍ତି ବର୍ଷା ଆରମ୍ଭ ହୋଇଗଲା ଓ ସମସ୍ତେ ଭିତରକୁ ଯିବାକୁ ବାଧ୍ୟ ହେଲେ । ଦେଖୁ ଦେଖୁ ସମୁଦ୍ର ଅଶାନ୍ତ ହୋଇ ଉଠିଲା । କେତେଜଣଙ୍କ ପରି ତୋତ୍ତୋ-ଚାନ୍ ଓ ଆଉ କେତେଜଣଙ୍କୁ ବାନ୍ତି ଲାଗିଲା । ଏତିକି ବେଳେ ବଡ଼ ପୁଅପିଲା ଜଣେ ମଝିରେ ଠିଆ ହୋଇପଡ଼ି ଜାହାଜକୁ ସମ୍ଭାଳିବାର ଅଭିନୟ କଲା । ଜାହାଜଟା ଗୋଟିଏ ପଟକୁ ଢଳି ପଡ଼ିଲେ ସେ ‘ଉପ୍’ କହି ସେହି ପଟକୁ ଦୌଡ଼ିଯିବ ଓ ପୁଣି ‘ଉପ୍’ କହି ଆରମୁଣ୍ଡକୁ ଦୌଡ଼ିଯିବ ।

ଏହା ଏତେ ମଜାଳିଆ ଥିଲା ଯେ କେହି ନହସି ରହିପାରିଲେ ନାହିଁ । ଏପରିକି ଅସୁସ୍ଥ ଲାଗୁଥିବା ପିଲାମାନେ ବି ଜାହାଜ ଟଏରେ ପହଞ୍ଚିବା ଯାଏଁ ସେପରି ହସୁଥା’ନ୍ତି । ମଜା କଥା ହେଉଛି ଯେ ସେମାନେ ଜାହାଜରୁ ଓହ୍ଲାଇବା ପରେ ସେହି ବିଚରା ‘ଉପ୍’ କଲାବାଲା ପୁଅଟିର ଦେହ ଖରାପ ହେଲା । ସେତେବେଳକୁ ସବୁ ପିଲା ସୁସ୍ଥ ହୋଇ ସାରିଥା’ନ୍ତି ।

ଜଙ୍ଗଲରେ ଘେରା ସମୁଦ୍ର ମଝିରେ ଟଏ ସ୍ୱା (ସ୍ୱାସ୍ଥ୍ୟ କେନ୍ଦ୍ର) ଥିଲା ଗୋଟିଏ ଶାନ୍ତ ଓ ସୁନ୍ଦର ଗାଁଟିରେ ।

କିଛି ସମୟ ଥକା ମେଣ୍ଟାଇବା ପରେ ଶିକ୍ଷକମାନେ ପିଲାଙ୍କୁ ନେଇ ସମୁଦ୍ର କୂଳକୁ ଚାଲିଲେ । ଏହା ସ୍କୁଲର ପହଁରା ପୋଖରୀ ପରି ନଥିଲା, ତେଣୁ ସେମାନେ ପହଁରିବା ପୋଷାକ ପିନ୍ଧି ନେଲେ ।

ସମୁଦ୍ରରେ ଉଷ୍ଣପ୍ରସ୍ରବଣ ରହିବା ଏକ ଅତି ଅସ୍ୱାଭାବିକ କଥା । ଏହାକୁ ସମୁଦ୍ରରୁ ଅଲଗା କରିବା ପାଇଁ କିଛି ଚିହ୍ନ ନଥିଲା । ଉଷ୍ଣପ୍ରସ୍ରବଣ ଥିବା ଜାଗାରେ ବସି ପଡ଼ିଲେ ବେକ ଯାଏଁ ଉଷୁମ ପାଣି ଆସି ଯାଉଥିଲା । ଗରମ ପାଣି କୁଣ୍ଡ ଭିତରେ ବସିଲା ଭଳି ବଢ଼ିଆ ଲାଗୁଥିଲା । ତୁମେ ଯଦି ସେଠାରୁ ସମୁଦ୍ରକୁ ଯିବାକୁ ଚାହିଁଲ ତେବେ ବାସ୍ ପନ୍ଦର ପାଦ କଡ଼େଇ କଡ଼େଇ ଚାଲ । ଆସ୍ତେ ଆସ୍ତେ ପାଣି ଥଣ୍ଡା ଲାଗିବ । ଦୂରକୁ ଦୂରକୁ ଗଲେ ଆହୁରି ଥଣ୍ଡା ଓ ତୁମେ ଜାଣିବ ଯେ ତୁମେ ଏବେ ସମୁଦ୍ର ପାଣିରେ । ତେବେ, କିଛି ସମୟ ସମୁଦ୍ରରେ ପହଁରି ଥଣ୍ଡା

ଲାଗିଲେ ତୁମେ କ'ଣ କରିବ ନା ପୁଣି ଉଷ୍ଣପ୍ରସ୍ରବଣ ପାଖକୁ ଆସି ବେକଯାଏଁ ଗରମ ପାଣିରେ ବସିଯିବ । ଏହା ଠିକ୍ ଘର ଗାଧୁଆ ଭଳି ଲାଗୁଥିଲା । ଆଉ କି ମଉଜିଆ ଦେଖା ଯାଉଥିଲା ସତେ ! ସମୁଦ୍ରରେ କିଛି ପିଲା ଗାଧୁଆ ଟୋପି ପିନ୍ଧି ପହଁରୁଥିଲେ । କିନ୍ତୁ ଉଷ୍ଣପ୍ରସ୍ରବଣ ପାଖରେ ଥିବା ପିଲାଏ ଗାଧୁଆକୁଣ୍ଡ ଭିତରେ ବସିଲା ଭଳି ଗୋଲ ହୋଇ ବସି ନିଜ ନିଜ ଭିତରେ ମଜା ଗପ କରୁଥା'ନ୍ତି । ଯେ କେହି ଦେଖିଲେ ବି ଭାବିଥା'ନ୍ତା, ''କାହିଁକି ସାନ ଛୁଆମାନେ ଉଷ୍ଣପ୍ରସ୍ରବଣ ଭିତରେ ଥିଲା ବେଳେ ଠିକ୍ ବଡ଼ ଲୋକଙ୍କ ଭଳି ବସିରହନ୍ତି ।''

ସେ ସମୟରେ ଜାଗାଟି ଏତେ ନିଛାଟିଆ ଥିଲା ଯେ ଲାଗୁଥିଲା ଯେପରି ଏହା ତାଙ୍କର ଘରୋଇ ସମୁଦ୍ର କୂଳ । ଆଉ ପିଲାମାନେ ଏହି ଅସାଧାରଣ ଉଷ୍ଣପ୍ରସ୍ରବଣ-ସମୁଦ୍ର ଗାଧୁଆକୁ ପୂରା ମାତ୍ରାରେ ଉପଭୋଗ କଲେ । ପାଣିରେ ବୁଡ଼ି ବୁଡ଼ି ସନ୍ଧ୍ୟାରେ ଘରକୁ ଫେରିଲା ବେଳକୁ ତାଙ୍କର ଆଙ୍ଗୁଠି ସବୁ ପାଣିରେ ବତୁରି ଶେତା ପଡ଼ିଯାଇଥାଏ ।

ରାତିରେ ଶୋଇଲା ବେଳେ ବଡ଼ ପିଲାମାନେ ପାଳି କରି ଭୂତ ଗପ କୁହନ୍ତି । ତୋତ୍ତୋ-ଚାନ୍ ଓ ଅନ୍ୟ ପ୍ରଥମ ଶ୍ରେଣୀ ପିଲାମାନେ ଏତେ ଡରି ଯାଉଥିଲେ ଯେ ସେମାନେ କାନ୍ଦି ଉଠୁଥିଲେ । ଆଖିରୁ ଲୁହ ବୋହୁଥିଲା ବେଳେ ବି ସେମାନେ ପଚାରି ପକାଉଥିଲେ, ''ସେଇଠୁ କ'ଣ ହେଲା ?''

ସ୍କୁଲ ଭିତରେ କ୍ୟାମ୍ପ ବା ସାହସ ପରୀକ୍ଷାଠାରୁ ଟିଏ ସ୍ତରରେ ଏହି ତିନି ଦିନିଆ ରହଣି ବେଶ୍ ଅଲଗା ଓ ବାସ୍ତବିକ-ଜୀବନ ଅନୁଭୂତି ଥିଲା ।

ଏଠାରେ ସେମାନେ ପାଳି କରି ପରିବା, ମାଛ ଆଦି କିଣିବା ପାଇଁ ଯାଉଥିଲେ । କୌଣସି ଅଚିହ୍ନା ଲୋକ ତାଙ୍କୁ ସ୍କୁଲ ବା ଘର କଥା ପଚାରିଲେ ତାଙ୍କୁ ଭଦ୍ରଭାବେ ଉତ୍ତର ଦେବାକୁ ହେଉଥିଲା । କିଛି ପିଲା ଥରେ ଜଙ୍ଗଲ ଭିତରେ ହଜିଯିବାରୁ ଅଳ୍ପକେ ରକ୍ଷା ପାଇଗଲେ । ଆଉ କେତେଜଣ ପହଁରୁ ପହଁରୁ ସମୁଦ୍ର ଭିତରକୁ ବହୁତ ବାଟ ଚାଲି ଯାଇଥିଲେ, ଫେରିବାକୁ ତାଙ୍କୁ ବହୁତ କଷ୍ଟ ହେଲା । ଅନ୍ୟମାନେ ବି ବହୁତ ବ୍ୟସ୍ତ ହୋଇ ପଡ଼ିଥିଲେ । ସମୁଦ୍ର ବାଲିରେ ପଡ଼ିଥିବା କାଚ ଖଣ୍ଡରେ କେତେ ଜଣଙ୍କ ଗୋଡ଼ ବି ଖଣ୍ଡିଆ ହୋଇ ଯାଇଥିଲା । ପ୍ରତିଥର ସେମାନେ ପରସ୍ପରକୁ ପୂରା ସାହାଯ୍ୟ କରିଥିଲେ ।

କିନ୍ତୁ ମୋଟାମୋଟି ଏହା ମଜାରେ କଟିଗଲା । ସେଠାରେ ଝିଙ୍କାରୀରେ ଭରା ଗୋଟିଏ ଜଙ୍ଗଲ ଥିଲା ଓ ସେଇଠି ଗୋଟିଏ ଦୋକାନରେ କୁଲ୍‌ଫି ମିଳୁଥିଲା । ସେମାନେ ସମୁଦ୍ରକୂଳରେ ଗୋଟିଏ ଲୋକକୁ ଭେଟିଲେ ଯିଏ ଏକଲା ଗୋଟିଏ ବଡ଼ କାଠ ଡଙ୍ଗା ତିଆରି କରୁଥିଲା । ଡଙ୍ଗାର ଆକାର ପ୍ରାୟ ଆସି ଯାଇଥିଲା । ସବୁଦିନ ସକାଳେ ପିଲାମାନେ ଆଗ ସେହି ଜାଗାକୁ ଦୌଡ଼ି ଯାଉଥିଲେ ଓ ଦେଖୁଥିଲେ ଲୋକଟି କେତେ କାମ କରିଛି । ସେ ଲୋକଟି ତୋତ୍ତୋ-ଚାନ୍‌କୁ ଖଣ୍ଡେ ଲମ୍ବା ମୋଡ଼ି-ମୋଡ଼ିକା କାଠ ଛେଲି ଦେଲା ।

ସେ ଜାଗା ଛାଡ଼ିବା ଦିନ ପ୍ରଧାନ ଶିକ୍ଷକ ପଚାରିଲେ, ''ଆଚ୍ଛା, ଗୋଟିଏ ସ୍ମରଣିକା ଫଟୋ ଉଠାଇଲେ କେମିତି ହୁଅନ୍ତା ?'' ଏପରି ଦଳ ହୋଇ ସେମାନେ ଆଗରୁ କେବେ ଫଟୋ ଉଠାଇ ନଥିଲେ । ତେଣୁ ଏହି କଥାଟି ଶୁଣି ସମସ୍ତେ ବେଶ୍ ଖୁସି ହୋଇଗଲେ । କିନ୍ତୁ ଜଣେ ଶିକ୍ଷୟିତ୍ରୀ ଫଟୋ ଉଠାଇବାକୁ ପ୍ରସ୍ତୁତ ହେଲା ବେଳକୁ କିଏ ଜଣେ ପାଇଖାନାକୁ ଯାଇଥାଏ, ଆଉ ଜଣେ ତା'ର ଜୋତା ଓଲଟା ପିନ୍ଧି ଥିବାରୁ ବଦଳାଇଲା । ଶେଷରେ ଶିକ୍ଷକ ଯେତେବେଳେ କହିଲେ, ''ସମସ୍ତେ ଏବେ ପ୍ରସ୍ତୁତ ତ ?'' ଜଣେ ଦୁଇଜଣ ଭୂଇଁରେ ଗଡୁଥା'ନ୍ତି । ଫଟୋ ଉଠା ଭଙ୍ଗିରେ ବହୁତ ସମୟଧରି ଅପେକ୍ଷା କରି ଛିଡ଼ା ହୋଇ ଏମାନେ ଥକି ପଡ଼ିଥିଲେ । ଫଟୋଟିଏ ଉଠାଇବା ପାଇଁ ଏଭଳି ବହୁତ ସମୟ ଲାଗିଗଲା ।

କିନ୍ତୁ ପଛପଟେ ସମୁଦ୍ର ଥାଇ, ପ୍ରତି ପିଲାର ମନ ମୁତାବକ ଭଙ୍ଗିର ଏହି ଫଟୋଟି ସମସ୍ତଙ୍କ ପାଇଁ ଅମୂଲ୍ୟ ଧନ ହୋଇ ରହିଲା । ତାକୁ ଥରେ ଚାହିଁଦେଲେ ଡଙ୍ଗା ଚଢ଼ା, ଉଷ୍ଣପ୍ରସ୍ରବଣ, ଭୂତ ଗପ, 'ଉପ୍' କରିଥିବା ପିଲା – ଏସବୁର ଝଲକ ଆଖି ଆଗରେ ନାଚି ଉଠୁଥିଲା । ତୋତ୍ତୋ-ଚାନ୍ ତା'ର ଏହି ପ୍ରଥମ ମଧୁର ଖରା ଛୁଟିଟିକୁ କେବେ ଭୁଲି ନାହିଁ । ସେ ସମୟରେ ଟୋକିଓରେ ତାଙ୍କ ଘର ପାଖ ପୋଖରୀରେ କ୍ରେ ମାଛ ଥିଲେ, ଆଉ ବଳଦଟଣା ଗାଡ଼ିରେ ଅଳିଆ ବୁହା ହେଉଥିଲା ।

## ନାଚ ଶିକ୍ଷା

ଖରାଛୁଟି ସରିବା ପରେ ସ୍କୁଲ ପୁଣି ଆରମ୍ଭ ହେଲା । ସ୍କୁଲରେ ଖରାଛୁଟିରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ତୋତ୍ତୋ-ଚାନ୍ ନିଜ ଶ୍ରେଣୀର ପିଲାଙ୍କ ଛଡ଼ା ସବୁ ପୁଅଝିଅଙ୍କ ସହ ସାଙ୍ଗ ହୋଇ ସାରିଥିଲା । ଆଉ ସେ ତୋମୋଏ ଗାକୁଏନ୍‌କୁ ବେଶୀ ବେଶୀ ଭଲ ପାଇଲା ।

ସାଧାରଣ ସ୍କୁଲଠାରୁ ତୋମୋଏରେ ପାଠପଢ଼ା ଅଲଗା ଧରଣର ଥିଲା । ଏହା ଛଡ଼ା ସଙ୍ଗୀତ ପ୍ରତି ମଧ୍ୟ ଏଠାରେ ଯଥେଷ୍ଟ ଅଧିକ ସମୟ ଦିଆଯାଉଥିଲା । ଏଠାରେ ସବୁ ପ୍ରକାରର ଗୀତ ଶିଖା ଯାଉଥିଲା, ଏହା ମଧ୍ୟରେ ପ୍ରତିଦିନ ଏକ ପିରିୟଡ ଥିଲା ଇଉରିଦ୍‌ମିକ୍‌ସ୍ ବା 'ତାଳ ଜ୍ଞାନ' । ତାଳ ଶିଖିବା ପାଇଁ ଏହି ବିଶେଷ ବ୍ୟବସ୍ଥା ଆରମ୍ଭ କରିଥିଲେ ଏମିଲ୍ ଜାକ୍ ଦାଲ୍‌କ୍ରୋଜ୍ । ସେ ସ୍ୱିଜରଲ୍ୟାଣ୍ଡର ଜଣେ ସଙ୍ଗୀତ ବିଶାରଦ ଥିଲେ । ତାଙ୍କର ଏହି କାମ ବିଷୟରେ ଜଣାପଡ଼ିଲା ୧୯୦୪ରେ । ଏହି ପଦ୍ଧତି ୟୁରୋପ ଓ ଆମେରିକା ସାରା ପ୍ରଚଳିତ ହୋଇଥିଲା । ଏଥିପାଇଁ ଅନେକ ତାଲିମ ଓ ଗବେଷଣା ପ୍ରତିଷ୍ଠାନ ସବୁଆଡ଼େ ଗଢ଼ିଉଠିଲା । ଏଥର ଦେଖିବା ତୋମୋଏ ଗାକୁଏନ୍‌ରେ ଦାଲ୍‌କ୍ରୋଜ୍‌ଙ୍କ ଏହି ତାଳ ଜ୍ଞାନ ବିଦ୍ୟା କିପରି ପ୍ରଚଳିତ ହେଲା ।

ତୋମୋଏ ଆରମ୍ଭ କରିବା ଆଗରୁ ପ୍ରଧାନ ଶିକ୍ଷକ ସୋସାକୁ କୋବାୟାଶି ବିଭିନ୍ନ ଦେଶରେ ପିଲାଙ୍କ ଶିକ୍ଷା ବ୍ୟବସ୍ଥା ଦେଖିବାକୁ ୟୁରୋପ ଯାଇଥିଲେ । ସେ ଅନେକ ପ୍ରାଥମିକ ସ୍କୁଲ ବୁଲି ଦେଖିଲେ ଓ ଶିକ୍ଷାବିତ୍‌ମାନଙ୍କ ସହ କଥା ହେଲେ । ପ୍ୟାରିସ୍‌ରେ ସେ ଦାଲ୍‌କ୍ରୋଜ୍‌ଙ୍କୁ ଭେଟିଲେ । ଦାଲ୍‌କ୍ରୋଜ୍ ଥିଲେ ଜଣେ ଅତି ଭଲ ସଙ୍ଗୀତକାର ଓ ଶିକ୍ଷାବିତ୍ ।

ସଙ୍ଗୀତକୁ ଖାଲି କାନରେ ନଶୁଣି ପିଲାମାନେ କିପରି ଏହାକୁ ପୂରା ମାତ୍ରାରେ ଅନୁଭବ କରିପାରିବେ, ସେ ବିଷୟରେ ଦାଲ୍‌କ୍ରୋଜ୍ ଅନେକ ଚିନ୍ତା କରିଥିଲେ । ସଙ୍ଗୀତକୁ ଅଙ୍ଗଚାଳନାର ତାଳ ଭାବରେ ଗ୍ରହଣ କରିବାକୁ ସେ ପିଲାମାନଙ୍କୁ ଶିଖାଉଥିଲେ । ଏହା ଯେପରି କେବଳ ଗୋଟିଏ ଶୁଖିଲା ଓ ନିରସ ପାଠ ହେବ ନାହିଁ ବରଂ ପିଲାର ମନକୁ ଏହା ଆଲୋଡ଼ିତ କରିବା ଦରକାର ।

ପିଲାଙ୍କର ଡିଆଁ, କୁଦା ଓ ନାଚକୁ ଲକ୍ଷ୍ୟ କରିବା ପରେ ସେ ଏସବୁ ପାଇଁ ତାଳ ଖୋଜିଲେ, ସଙ୍ଗୀତର ତାଳରେ ଅଙ୍ଗଚାଳନା ବା ବ୍ୟାୟାମକୁ ସେ ଇଉରିଦ୍‌ମିକ୍‌ସ୍ ନାଁ ଦେଲେ ।

ଦାଲ୍‌କ୍ରୋଜ୍ ସ୍କୁଲରେ ବର୍ଷେରୁ ଅଧିକ ସମୟ ରହି କୋବାୟାଶି ଏହି ପଦ୍ଧତିକୁ ଭଲ ଭାବେ ଶିଖିଥିଲେ । ଜାପାନର ଅନେକ କଳାକାର ଦାଲ୍‌କ୍ରୋଜ୍‌ଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ । ସେମାନଙ୍କ ଭିତରେ ଥିଲେ ସଙ୍ଗୀତକାର କୋଶାକ୍ ୟାମାଦା, ଜାପାନରେ ଆଧୁନିକ ନାଚର ପ୍ରବର୍ତ୍ତକ ବାକୁଇଶୀ, କାବୁକି ଅଭିନେତା ଇଚିକାବା ସାଦାନ୍‌ଜୀ (ଦ୍ୱିତୀୟ), ଆଧୁନିକ ଡ୍ରାମାର ଜଣେ ଆଗୁଆ ଲୋକ କାଓରୁ ଓସାନାଇ, ନର୍ତ୍ତକ ମିଚିଓ ଇତୋ । ଏହି ସମସ୍ତେ ଅନୁଭବ କରିଥିଲେ ଯେ ଦାଲ୍‌କ୍ରୋଜ୍‌ଙ୍କ ଶିକ୍ଷା ଅଧିକାଂଶ କଳା ପାଇଁ ଭିତ୍ତିଭୂମି ସୃଷ୍ଟି କରିପାରିବ । କିନ୍ତୁ ଏହାକୁ ପ୍ରାଥମିକ ସ୍ତରରୁ ଶିଖାଇବାରେ ସୋସାକୁ କୋବାୟାଶି ଜାପାନରେ ପ୍ରଥମ ବ୍ୟକ୍ତି ଥିଲେ ।

ତାଙ୍କ ଭାଷାରେ ଇଉରିଦ୍‌ମିକ୍‌ସ୍ ହେଉଛି ଶରୀର ଚାଳନାକୁ ସାବଲୀଳ କରିବା ପାଇଁ ଏକ ଖେଳ । ଦେହକୁ ନିୟନ୍ତ୍ରଣ କରି କାମରେ ଲଗାଇବା ପାଇଁ ମନକୁ ପ୍ରସ୍ତୁତ କରିବା ହେଉଛି ଏହି ଖେଳର ଲକ୍ଷ୍ୟ । ତାଳକୁ ବୁଝିବା ଦିଗରେ ଏହି ଖେଳ ଦେହ ଓ ମନକୁ ତାଲିମ ଦିଏ । ଇଉରିଦ୍‌ମିକ୍‌ସ୍ ଅଭ୍ୟାସ କଲେ ଜୀବନ ଛନ୍ଦମୟ ହୋଇ ଗଢ଼ିଉଠେ । ଏଭଳି ଏକ ସାବଲୀଳ ବ୍ୟକ୍ତିତ୍ୱ ପ୍ରକୃତି ସହ ତାଳ ଦେଇପାରେ ଏବଂ ଶକ୍ତ ଓ ସୁନ୍ଦର ହୁଏ ।

ପ୍ରାର୍ଥନା ଘରେ ଥିବା ଛୋଟ ମଞ୍ଚଟି ଉପରେ ପ୍ରଧାନ ଶିକ୍ଷକ ପିଆନୋ ବଜାନ୍ତି ଓ ପିଲାଏ ବାଜା ସହ ତାଳ ଦେଇ ଚାଲନ୍ତି । ଯିଏ ଯେଉଁ ଭାବରେ ଚାହିଁବ ଚାଲି ପାରିବ । କିନ୍ତୁ ସେ ଯେପରି ଅନ୍ୟ କାହା ସହ ଧକ୍କା ନହୁଏ । ତେଣୁ ସେମାନେ ପ୍ରାୟ ଗୋଲ ହୋଇ ଗୋଟିଏ ଦିଗରେ ଚାଲୁଥିଲେ ଓ ବାଜା ସହିତ ମେଳ ରଖି ହାତ ହଲାଉ ଥିଲେ । ଆଉ ପାଦକୁ ଜୋର୍‌ରେ ନବାଡ଼େଇ ହାଲୁକା କରି, ସ୍ୱାଭାବିକ ଭାବରେ ଚାଲିବା ଯଥେଷ୍ଟ ଥିଲା । ଦୁଇତାଳିଆ ବାଜା ସହିତ ସେମାନେ ହାତ ତଳ ଉପର କରି ଚାଲୁଥିଲେ । ଯଦି ଏହା ତିନି ତାଳକୁ ବଦଳି ଯାଉଥିଲା, ସେମାନେ ସେ ଅନୁସାରେ ହାତ ହଲାଇବା ସହିତ ବେଗକୁ ସେ ଅନୁସାରେ ବଦଳାଉ ଥିଲେ । ବାଜା ଅନୁସାରେ ସେମାନେ ଧୀରେ ଧୀରେ ବା ବେଗରେ ଚାଲୁଥିଲେ । ସେମାନଙ୍କୁ ଛ'ତାଳ ବାଜା ଯାଏଁ ହାତ ହଲାଇ ଚାଲିବା ଅଭ୍ୟାସ କରିବାକୁ ହେଉଥିଲା । ଚାରି ତାଳ ପର୍ଯ୍ୟନ୍ତ ଏହା ବେଶ୍ ସହଜ ଥିଲା । ହାତ ତଳକୁ, ଅଣ୍ଟାରେ ହାତ, କଡ଼କୁ ମେଲାଅ ଓ ଉପରକୁ ଟେକ, ପୁଣି ହାତ ତଳକୁ... । ପାଞ୍ଚ ତାଳର ବାଜା ପାଇଁ ହାତ ହଲାଇବାର କ୍ରମ ଥିଲା – ହାତ ତଳକୁ, ଅଣ୍ଟାରେ ହାତ, ଆଗକୁ ଟେକ, କଡ଼କୁ ମେଲାଅ, ଉପରକୁ ଟେକ, ପୁଣି ତଳକୁ... । ଆଉ ଛ'ତାଳ ପାଇଁ ତଳ – ଅଣ୍ଟା, ଆଗ, ପୁଣି ଅଣ୍ଟା କଡ଼ ଓ ଉପର ।

ତେଣୁ ତାଳ ବଦଳି ଚାଲୁଥିଲା ବେଳେ ଏହା ବେଶ୍ କଷ୍ଟ ଜଣା ପଡୁଥିଲା । ଏହା ଆହୁରି କଷ୍ଟକର ହୋଇ ପଡୁଥିଲା ଯେତେବେଳେ ପ୍ରଧାନ ଶିକ୍ଷକ କହିଲେ, ''ମୁଁ ପିଆନୋରେ

ତାଳ ବଦଳାଇଲେ ବି ମୁଁ ନ କହିବା ଯାଏଁ ତୁମେ ନିଜ ଚାଲି ବଦଳାଇବନି ।'' ଏହା କହି ସେମାନେ ଦୁଇ ତାଳ ବାଜାରେ ଚାଲୁଥିଲା ବେଳେ ପ୍ରଧାନ ଶିକ୍ଷକ ତିନି ତାଳରେ ପିଆନୋ ବଜାଇବେ । ପିଲାଏ ତିନି ତାଳ ଶୁଣିଥିଲେ ବି ତାଙ୍କୁ ଦୁଇ ତାଳରେହିଁ ଚାଲିବାକୁ ହେଉଥିଲା, ଏହା ବହୁତ କଷ୍ଟ ଥିଲା । କିନ୍ତୁ ପ୍ରଧାନ ଶିକ୍ଷକ କହୁଥିଲେ ଯେ ପିଲାର ଏକାଗ୍ରତା ବଢ଼ାଇବାରେ ଏହା ସାହାଯ୍ୟ କରିବ ।

କିଛି ସମୟ ପରେ ସେ ପାଟି କରିବେ, ''ଏଥର ତୁମେ ବଦଳାଅ ।'' ପିଲାମାନେ ସାଙ୍ଗେ ସାଙ୍ଗେ ତିନି ତାଳକୁ ଚାଲିବେ, କିନ୍ତୁ ସେମାନଙ୍କୁ ସବୁବେଳେ ସତର୍କ ରହିବାକୁ ପଡୁଥିଲା । କାହିଁକି ନା ସେମାନେ ନୂଆ ତାଳ ଧରୁ ଧରୁ ବାଜା ହୁଏତ ଆଉ ଥରେ ବଦଳି ଯାଇପାରେ । ପ୍ରଥମେ ପ୍ରଥମେ ଏଭଳି ହେଲା ବେଳେ ତାଙ୍କର ହାତ ଗୋଡ଼ ଛନ୍ଦି ହୋଇ ଯାଉଥିଲା । ସେମାନେ ପାଟି, ହାତ ଆଦି ଉପରକୁ କରୁଥିଲେ ।

''ଗୁରୁଜି, ରହନ୍ତୁ, ରହନ୍ତୁ !'' କିନ୍ତୁ ଏସବୁ ଆସ୍ତେ ଆସ୍ତେ ଅଭ୍ୟାସରେ ପଡ଼ିଗଲା ଓ ମଜାଦାର ମନେହେଲା । ଏଥିପାଇଁ ପିଲାମାନେ ନିଜ ନିଜର ନୂଆ ଉପାୟ ସବୁ ବାହାର କଲେ ।

ସାଧାରଣତଃ ପ୍ରତ୍ୟେକ ପିଲା ଅଲଗା ଚାଲୁଥିଲା । କିନ୍ତୁ ବେଳେ ବେଳେ ଦୁଇଜଣ ଏକାଠି ଚାଲିବାକୁ ଠିକ୍ କରିବେ । କିଏ ହାତ ଧରି ଚାଲିବେ ବା ଆଖି ବନ୍ଦ କରି ଚାଲିବାକୁ ଚେଷ୍ଟା କରିବେ । ସବୁକିଛି ଚାଲୁଥିଲା ବେଳେ କଥାବାର୍ତ୍ତା ବିଲକୁଲ ମନା ଥିଲା । ଶିକ୍ଷକ, ଅଭିଭାବକଙ୍କ ଆଲୋଚନା ବେଳେ ମା'ମାନେ ଝରକା ବାଟେ ପିଲାଙ୍କୁ ଦେଖନ୍ତି । ଏହା ଦେଖିବାକୁ ବେଶ୍ ସୁନ୍ଦର ଥିଲା - ପ୍ରତି ପିଲା ଆରମ୍ଭରେ ହାତ ଗୋଡ଼ ହଲାଇ ଚାଲୁଥାଏ । ବାଜା ସହ ପୂରା ତାଳ ଦେଇ ଖୁସିରେ ଡେଉଁଥାଏ ।

ମୋଟ ଉପରେ ଇଉରିଦ୍‌ମିକ୍‌ସ୍‌ର ଲକ୍ଷ୍ୟ ଥିଲା ମନ ଓ ଦେହକୁ ତାଳ ଜ୍ଞାନ ଦେବା । ଏହା ଫଳରେ ମନ ଓ ଦେହ ମଧ୍ୟରେ ଏକ ସମନ୍ୱୟ ଆସି ପାରିବ, ପିଲାର କଳ୍ପନା ଶକ୍ତି ଓ ସୃଜନଶୀଳତାର ବି ସଙ୍ଗମ ଘଟିବ ।

ତୋତ୍ତୋ-ଚାନ୍ ପ୍ରଥମ ଥର ସ୍କୁଲକୁ ଆସିଲା ବେଳେ ମା'ଙ୍କୁ ପଚାରିଥିଲା ଫାଟକ ଉପରେ ଲେଖାଥିବା 'ତୋମୋଏ'ର ମାନେ କ'ଣ ? 'ତୋମୋଏ' ହେଉଛି ଗୋଟିଏ ଅତି ପୁରୁଣା ସଙ୍କେତ । ତା'ର ଆକାର ଗୋଟିଏ 'କମା'(,) ଭଳି । ପ୍ରଧାନ ଶିକ୍ଷକ ତାଙ୍କ ସ୍କୁଲ ପାଇଁ ଏହାକୁ ନେଇ ଏକ ପାରମ୍ପରିକ ସଙ୍କେତ ଗଢ଼ିଥିଲେ । ଏଥିରେ ଧଳା ଓ କଳା ରଙ୍ଗର ଦୁଇଟି 'ତୋମୋଏ' ମିଶି ଗୋଟିଏ ପୂରା ଗୋଲ କରୁଥିଲେ ।

ଏହା ପିଲାଙ୍କ ପ୍ରତି ତାଙ୍କର ଲକ୍ଷ୍ୟ ସୂଚାଉ ଥିଲା ସମାନ ଓ ସମନ୍ୱିତ ଭାବରେ ଦେହ ଓ ମନର ବିକାଶ । ଇଉରିଦ୍‌ମିକ୍‌ସ୍ ପିଲାଙ୍କର ସ୍ୱାଭାବିକ ବିକାଶ ଦିଗରେ ଭଲ ଫଳ ଦେବ ବୋଲି ପ୍ରଧାନ ଶିକ୍ଷକ ବିଶ୍ୱାସ କରୁଥିଲେ । ତେଣୁ ତାଙ୍କ ସ୍କୁଲ ପାଠ୍ୟକ୍ରମରେ ସେ ଏହାକୁ ରଖିଥିଲେ । ଏହା ପିଲାର ବିକାଶରେ ବଡ଼ମାନଙ୍କ ପ୍ରଭାବ କମାଇ ପାରିବ ବୋଲି ସେ ଭାବୁଥିଲେ ।

ସେ ସମୟରେ ଛପାବହି ଉପରେ ଜୋର୍ ଦେଉଥିବା ଶିକ୍ଷା ପଦ୍ଧତିକୁ ପ୍ରଧାନ ଶିକ୍ଷକ ବିରୋଧ କରୁଥିଲେ । ବହିକୁ ଶିକ୍ଷାର ଆଧାର କରିବା ଫଳରେ ପିଲା ପ୍ରକୃତିଠାରୁ ଦୂରେଇ ଯାଉଛି । ଭାବଗତ ସମ୍ପର୍କ ନରହିବା ଫଳରେ ପ୍ରକୃତିକୁ ସେ ବୁଝିପାରୁ ନାହିଁ କିଂବା ସେଥିରୁ ସେ ଉଚ୍ଚତର ଉତ୍ସାହ ପାଇପାରୁ ନାହିଁ ।

କେଉଁ ଆଦିମ କାଳରୁ ଦୁନିଆର କେତେ କେତେ ମଣିଷ ବେଙ୍ଗଟିଏ ପାଣିକୁ ଡେଇଁବାର ଦେଖିଥିବେ । କିନ୍ତୁ କେବଳ କବି ବାଶୋ ତାକୁ ରୂପ ଦେଲେ !

''ଶୁଣ ! ବେଙ୍ଗଟିଏ
ଡେଉଁଛି ନୀରବତାର
ସେହି ପ୍ରାଚୀନ ପୋଖରୀକୁ !''

ସେହିଭଳି ଯୁଗ ଯୁଗର ବିଶ୍ୱ-ଇତିହାସରେ ବାଙ୍ଗରେ କେଟଲିର ଘୋଡ଼ଣୀ ନାଚିବା ଘଟଣା ଦେଖିବାରେ ୱାଟ୍ ପ୍ରଥମ ବ୍ୟକ୍ତି ନଥିଲେ କିଂବା ଗଛରୁ ସେଓ ଖସିବାଟା ପ୍ରଥମେ ନିଉଟନ୍ ଦେଖି ନଥିଲେ ।

ପ୍ରଧାନ ଶିକ୍ଷକ କହୁଥିଲେ ଯେ ଆମ ପାଇଁ ଉଦ୍‌ବେଗର ବିଷୟ ହେଉଛି – ଆଖି ଥାଇ ସୌନ୍ଦର୍ଯ୍ୟକୁ ନଦେଖିବା, କାନ ଥାଇ ସଙ୍ଗୀତ ନଶୁଣିବା, ମନ ଥାଇ ସତକୁ ଗ୍ରହଣ ନକରିବା, ହୃଦୟ ଥାଇ ଭାବ ନଥିବା ବା ହୃଦୟଙ୍ଗମ ନକରିବା ବା ସେଥିରେ ଆଲୋଡ଼ନ ନ ଆସିବା ଇତ୍ୟାଦି !

ତୋତ୍ତୋ-ଚାନ୍ ପାଇଁ ଡେଇଁବା ଓ ଇସାଡ଼ୋରା ଡନ୍‌କାନ ପରି ଖାଲି ପାଦରେ ଦୌଡ଼ିବା ଅତି ଆନନ୍ଦର କଥା ଥିଲା । ସେ ବିଶ୍ୱାସ କରିପାରୁ ନଥିଲା ଯେ ଏସବୁ ବି ସ୍କୁଲ ଶିକ୍ଷାର ଅଂଶ ।

(କ୍ରମଶଃ)

(ଅନୁବାଦକ : ବିନୟକୃଷ୍ଣ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ସୃଜନୀକା ଅନୁଷ୍ଠାନ, ଭୁବନେଶ୍ୱର) ❑

# ଆମ ଶରୀର

## (୧୩)

## ଭୋଳେଶ୍ୱର ଭୂୟାଁ

### ଶରୀର ରୂପାନ୍ତର ପାଇଁ ପ୍ରସ୍ତୁତି

ଶରୀର ରୂପାନ୍ତରର ଅର୍ଥ ହେଲା ମଣିଷର ଜଡ଼ ଶରୀରରେ ଦିବ୍ୟତା ପ୍ରାପ୍ତି କରିବା । ଅର୍ଥାତ୍ ଜଡ଼ରେ ଭଗବତ୍ ଚେତନାର ଅଭିବ୍ୟକ୍ତି ହେବ, ଏହି ମର ଜଗତରେ ଅମରତ୍ୱର ପ୍ରତିଷ୍ଠା ହେବ । ପୂର୍ବରୁ ଆମେ 'ଦିବ୍ୟଜୀବନ'ର ଅର୍ଥକୁ ସୀମିତ ଅର୍ଥରେ ବ୍ୟବହାର କରୁଥିଲୁ । ମଣିଷ ଜୀବନ ଦିବ୍ୟଜୀବନ ଲାଭ କରିବ । ଏହି କଥାରେ ମଣିଷର ବ୍ୟକ୍ତିତ୍ୱରୁ ଶରୀରକୁ ବାଦ୍ ଦେଇ କୁହାଯାଇଛି । କିନ୍ତୁ ଏବେ ଶରୀର ରୂପାନ୍ତର ମାଧ୍ୟମରେ ଶରୀର ମଧ୍ୟ ଦିବ୍ୟତା ପ୍ରାପ୍ତି ହେବ । ଏହାକୁହିଁ ଯଥାର୍ଥ 'ଦିବ୍ୟଜୀବନ' ପ୍ରତିଷ୍ଠା କୁହାଯିବ । ମଣିଷ ଭିତରୁ ଏକ ଦେବମାନବର ଆବିର୍ଭାବ ହେବ । ଏହାହିଁ ହେବ ପୃଥିବୀପୃଷ୍ଠରେ ଏକ ନୂତନ ଜୀବଜାତିର ଆବିର୍ଭାବ ।

ସୃଷ୍ଟିର ଆରମ୍ଭରୁ ଏହି ଜୀବଜାତିକୁ ଜନ୍ମ ଦେବା ପାଇଁ ଚେଷ୍ଟା କରାଯାଇଛି । ଏହି କାର୍ଯ୍ୟ ମୂଳରୁ ପ୍ରକୃତି ମାଧ୍ୟମରେ କରାଯାଇଛି । ପ୍ରକୃତି ଭଗବାନଙ୍କର ଏକ ଅଜ୍ଞାନ ଶକ୍ତି । ପ୍ରକୃତି ଏକ ଦିଗରେ ଗୋଟିଏ ବଡ଼ ଯନ୍ତ୍ରୀ, ବଡ଼ ଡାକ୍ତର, ବଡ଼ କଳାକାର ହୋଇପାରେ । ଏହା ଭିତରେ ଯେପରିଭାବେ ପ୍ରଳୟଙ୍କରୀ ଶକ୍ତି ରହିଛି ସେହିପରି ଭାବେ ତା' ଭିତରେ ସୃଜନ ଶକ୍ତି ମଧ୍ୟ ରହିଛି । ସେ ସର୍ବଦା ପୁରାତନ ବସ୍ତୁ, ପୁରାତନ ଜୀବଜନ୍ତୁଙ୍କୁ ଧ୍ୱଂସ କରି ନୂତନ ଜୀବଜାତି ସୃଷ୍ଟି କରେ । ଏହିପରି ଭାବରେ ବିଶ୍ୱପ୍ରକୃତି ଧ୍ୱଂସ ଓ ସୃଜନ ମାଧ୍ୟମରେ ଭଗବାନଙ୍କ ଚରମ ଲକ୍ଷ୍ୟ ଆଡ଼କୁ ଅଜାଣତରେ ଅଗ୍ରସର ହେଉଛି ଚରମ ପୂର୍ଣ୍ଣତା ଦିଗରେ – ଏହି ଦେବମାନବ ବା ଅତିମାନବର ଜୀବଜାତିକୁ ଜନ୍ମ ଦେବା ନିମନ୍ତେ ।

ଯଦିଓ ଏ ସୃଷ୍ଟିକୁ ପରିଚାଳନା କରିବା ପାଇଁ ପ୍ରକୃତି ଭଳି ଅଜ୍ଞାନ ଶକ୍ତି କାମ କରି ଆସୁଛନ୍ତି ତଥାପି ଏହାର ପଶ୍ଚାତରେ ଭଗବାନଙ୍କ ଦିବ୍ୟଇଚ୍ଛାଶକ୍ତି, ଭଗବତ୍ କୃପା କାମ କରୁଛି ସୃଷ୍ଟିର ପ୍ରାରମ୍ଭରୁ ।

ଏହି ବିଷୟରେ ଶ୍ରୀଅରବିନ୍ଦ କହୁଛନ୍ତି, "This world was not built with random bricks of Chance,"

(Savitri, p. 459)

ପୁଣି ଶ୍ରୀଅରବିନ୍ଦ କହୁଛନ୍ତି : ''ବାସ୍ତବରେ ଏହି ପୃଥିବୀ ପ୍ରକୃତିର ଏକ ଅନ୍ଧଶକ୍ତି ଦ୍ୱାରା ସୃଷ୍ଟି ହୋଇ ନାହିଁ; ଏପରିକି ନିଶ୍ଚେତନା ଭିତରେ ମଧ୍ୟ ପରମ ସତ୍ୟର ଏକ ଉପସ୍ଥିତି କ୍ରିୟା କରୁଛି; ଏହା ପଛରେ ଏକ ଶକ୍ତି ବିଦ୍ୟମାନ ରହିଛି ଯାହାକି ସବୁକିଛିକୁ ଦେଖୁଛି ଓ ଅଭ୍ରାନ୍ତ ଭାବରେ କାର୍ଯ୍ୟ କରୁଛି ।''

(ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ. ୧୧୮)

ଏହି ସୃଷ୍ଟିର ଆରମ୍ଭରେ ସବୁକିଛି ଶୂନ୍ୟ ରହିଥିଲା । ଶ୍ରୀଅରବିନ୍ଦ କହୁଛନ୍ତି :

"A fathomless zero occupied the world."

(Savitri, p. 1)

ସୃଷ୍ଟିର ପ୍ରାରମ୍ଭରେ ଭଗବାନ୍ କେବଳ ମା'ଙ୍କ ସହ ଉପସ୍ଥିତ ଥିଲେ । ଭଗବାନ୍ ନିଜେ ବହୁ ହେବା ପାଇଁ ଇଚ୍ଛା କଲେ । ସେଥିପାଇଁ ସେ ନିଜ ଭିତରୁ ଚାରି ମହାଶକ୍ତିଙ୍କୁ ସୃଷ୍ଟି କଲେ । ଏ ବିଷୟରେ ସ୍ୱୟଂ ମା ଆମମାନଙ୍କୁ ଗଳ୍ପ ଛଳରେ କହୁଛନ୍ତି – ଏହି ଚାରି ମହାଶକ୍ତିଙ୍କ ନାମ ହେଲା : Love (ପ୍ରେମ), Light (ଆଲୋକ ବା ଚେତନା), Life (ଜୀବନ) ଓ Truth (ସତ୍ୟ) । ଏହି ଚାରି ମହାଶକ୍ତିଙ୍କୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରି ସୃଷ୍ଟିର ରଚନା କାମରେ ଭଗବାନ୍ ଲଗାଇ ଦେଲେ । ସେମାନେ ନିଜ ବିଭାଗର ଯେତେସବୁ ଚେତନା ସୃଷ୍ଟି କରି ଶେଷରେ ନିଶ୍ଚେତନାର ଅନ୍ଧକାର ଗର୍ଭରେ ପୂର୍ଣ୍ଣ ଅଚେତନତାର ସହିତ ନିମଗ୍ନ ହୋଇ ରହିଲେ । ସେମାନେ ନିଜର ପୂର୍ବ ଅସ୍ତିତ୍ୱର ପୂର୍ଣ୍ଣ ବିପରୀତରେ ପରିଣତ ହେଲେ । ଅର୍ଥାତ୍ ପ୍ରେମ ଘୃଣାରେ ବା ଯନ୍ତ୍ରଣାରେ, ଆଲୋକ ଅନ୍ଧକାରରେ, ଜୀବନ ମୃତ୍ୟୁରେ ଏବଂ ସତ୍ୟ ଅସତ୍ୟରେ ପରିଣତ ହୋଇଗଲେ । ଏହାକୁ ଚେତନାର ନିବର୍ତ୍ତନ କୁହାଯାଏ ।

ବହୁ ଯୁଗ ଅତିବାହିତ ହେବା ପରେ ଭଗବାନ୍ ଯେତେବେଳେ ତାଙ୍କ ସୃଷ୍ଟ ଚାରି ମହାଶକ୍ତିଙ୍କ ଅବସ୍ଥା ଏପରି ହେବାର ଦେଖିଲେ – ସେ ମା'ଙ୍କ ଆଡ଼କୁ ଅନାଇ କହିଲେ,

'ପୁନର୍ବାର ଚେଷ୍ଟା କର' । ଏଥର କିନ୍ତୁ ମୋ ସହିତ ତୁମକୁ ସର୍ବତ୍ର ସମ୍ପର୍କିତ ରଖି ସୃଷ୍ଟି ରଚନା କରିବ । ଏଥର ମା'ଙ୍କ କୃପାରୁ ଦେବଦେବୀ ଓ ଅନ୍ୟାନ୍ୟ ସୃଜନଶୀଳ ଶକ୍ତି ଓ ବିଭୂତି ସୃଷ୍ଟି ହେଲେ ।

ପରେ ଭଗବାନଙ୍କଠାରୁ ପଞ୍ଚମ ମହାଶକ୍ତି 'ଭଗବତ୍ କୃପା' ନିସୃତ ହୋଇ ନିଶ୍ଚେତନାର ଅନ୍ଧକାର ଗହ୍ୱରରେ ପ୍ରବେଶ କରି ନିଶ୍ଚେତନାର ନିଦ୍ରା ଭଙ୍ଗ କଲା । ଯେଉଁ ଚାରି ମହାଶକ୍ତି ନିଜକୁ ପରିବର୍ତ୍ତନ କରି ଚାରି ଅସୁରରେ ପରିଣତ ହୋଇଥିଲେ ସେମାନଙ୍କର ନିଦ୍ରା ଭଙ୍ଗ ହେବା ପରେ ତାଙ୍କର ବାହୁଡ଼ା ଯାତ୍ରା ଆରମ୍ଭ କଲେ । ଏହାହିଁ ହେଲା କ୍ରମବିକାଶର ପ୍ରଥମ ପଦକ୍ଷେପ । ପ୍ରଥମ ପଦକ୍ଷେପରେ ଜଡ଼ର ସୃଷ୍ଟି ହେଲା । ଏହିପରି ଭାବରେ ଜଡ଼ରୁ ବୃକ୍ଷଲତା, ଜୀବଜନ୍ତୁ ସୃଷ୍ଟି ହେଲେ । ଶେଷରେ ମନର ଅବତରଣ ହୋଇ ମନୁଷ୍ୟ ସୃଷ୍ଟି ହେଲା । କିନ୍ତୁ ଏହାର ପରିଚାଳକ ହେଲେ ପ୍ରକୃତି ଓ ଏହି ଚାରି ଅସୁର ଶକ୍ତି । ଆସୁରିଶକ୍ତିର ପରିଚାଳନା ପ୍ରଭାବରେ ବିଶ୍ୱରେ ବିକୃତି ଭରିଗଲା । କିନ୍ତୁ ଏହି ସୃଷ୍ଟିରେ ସର୍ବତ୍ର ଭଗବତ୍ ସ୍ଫୁଲିଙ୍ଗ ଓ ମାତୃଶକ୍ତି ତଥା ଦେବଦେବୀଙ୍କ ଉପସ୍ଥିତି ରହିଥିବାରୁ ଏହି ସୃଷ୍ଟି ପୂର୍ଣ୍ଣତା ଦିଗରେ ଗତି କରିବାର ପ୍ରେରଣା ପାଇଲା । କିନ୍ତୁ ପୂର୍ଣ୍ଣତା ଦିଗରେ ଅଗ୍ରସର ହେବା ସମୟରେ ସର୍ବଦା ଏହି ଆସୁରିକ ଶକ୍ତି ସହିତ ସଂଘର୍ଷ କରିବାକୁ ପଡ଼ିଲା । ଏହାହିଁ ହେଲା ଏ ସୃଷ୍ଟିର ସଂକଟ ।

ଏହି ସଂକଟରୁ ସୃଷ୍ଟିକୁ ରକ୍ଷା କରି ତାକୁ ଯଥାର୍ଥ ପଥରେ ପରିଚାଳନା କରିବା ପାଇଁ ଭଗବାନଙ୍କୁ ବାରଂବାର ଅବତାର ରୂପରେ ଅବତରଣ କରିବାକୁ ହୋଇଛି । ସେ ଦୁଷ୍ଟଦଳନ କରି ଭଗବତ୍ ପଥର ଯାତ୍ରୀଙ୍କୁ ପଥ ଦେଖାଉଛନ୍ତି । ଯେତେଥର ଦୁଷ୍ଟଦଳନ କଲେ ମଧ୍ୟ ଅପଶକ୍ତିର ପ୍ରଭାବ ଏ ପୃଥିବୀରୁ ହ୍ରାସ ପାଇ ନାହିଁ ବରଂ କଳିଯୁଗର ଶେଷରେ ଏହାର ପ୍ରଭାବ ଶହ ଶହ ଗୁଣରେ ବଢ଼ି ଯାଇଛି । ଆବହମାନ କାଳରୁ ମଣିଷ ଏହି ଦୁଷ୍ଟଶକ୍ତିଙ୍କ କବଳରେ ପଡ଼ି ଦୁଃଖ, କଷ୍ଟ, ରୋଗ, ଯନ୍ତ୍ରଣା ତଥା ଜରା-ମୃତ୍ୟୁରେ କବଳିତ ହୋଇ ବ୍ୟାକୁଳ ଭାବରେ ଭଗବାନଙ୍କୁ ଆବାହନ କରି ଚାଲିଛି ଏହି ଯନ୍ତ୍ରଣାରୁ ମୁକ୍ତ କରି ତାକୁ ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ପ୍ରଦାନ କରିବା ନିମନ୍ତେ । ମଣିଷର ଏହି ସମୂହ ପ୍ରାର୍ଥନା ବୃଥା ଯାଆନ୍ତା କିପରି ! କଳିଯୁଗର ଶେଷରେ ସତ୍ୟଯୁଗ ବା ଅତିମାନସ ସୁବର୍ଣ୍ଣ ଯୁଗ ରଚନା କରିବା ପାଇଁ କରୁଣାମୟ ଭଗବାନ୍ ତାଙ୍କର ସମସ୍ତ ଶକ୍ତି ଓ ବିଭୂତି ନେଇ ମା'ଶ୍ରୀଅରବିନ୍ଦ ଦ୍ୱୈତ ଅବତାର ରୂପେ ଅବତରଣ କରିଛନ୍ତି । ଏହି ପୃଥିବୀରେ ଅତିମାନସ ସତ୍ୟଶକ୍ତିର ଅବତରଣ ଘଟିଛି । କିନ୍ତୁ ଏବେ ବି ଅପଶକ୍ତି ଜୀବିତ ରହିଛି । ଚାରି ଅସୁରଙ୍କ ଭିତରୁ ଦୁଇ ଅସୁରଙ୍କୁ ମା ସମାପ୍ତ କରିଛନ୍ତି । ଏ ବିଷୟରେ ମା କହୁଛନ୍ତି : ''ସେମାନେ ଚାରିଜଣ ଥିଲେ । ପ୍ରଥମ ଜଣକ (ଘୃଣା ଓ ଯନ୍ତ୍ରଣାର ଅସୁର) ରୂପାନ୍ତର ହୋଇସାରିଛି, ଅନ୍ୟ ଜଣକ (ଅନ୍ଧକାରର ଅସୁର)ଯେକି ଆପଣା ଉପରେ ମିଳାଇଯାଇଛି । ବାକି ଦୁଇଜଣ ଏବେ ବି ସକ୍ରିୟ ଅଛନ୍ତି । ଏ ଦୁଇଜଣ ଅନ୍ୟମାନଙ୍କ ତୁଳନାରେ ଅତୀବ ଭୟଙ୍କର । ଏମାନେ ଗୁପ୍ତବିଦ୍ୟାନୁଯାୟୀ ମିଥ୍ୟାର ଦେବତା (Lord of Falsehood) । ଅନ୍ୟଜଣକ ହେଲା ମୃତ୍ୟୁର ଦେବତା (Lord of Death) । ଯେପର୍ଯ୍ୟନ୍ତ ଏହି ଦୁଇ ଅସୁର ବଞ୍ଚିଥିବେ ସେପର୍ଯ୍ୟନ୍ତ ବାଧା ବିପତ୍ତି ରହିଥିବ ।''

(MCW -Vol. 4, p. 188)

ଆଜି ମା'ଶ୍ରୀଅରବିନ୍ଦ ଆମ ଗହଣରେ ସଶରୀରରେ ନାହାନ୍ତି, କିନ୍ତୁ ଉଭୟେ ଏ ପୃଥିବୀକୁ ଛାଡ଼ି ଯାଇ ନାହାନ୍ତି । ସେମାନେ ନୂତନ ସୃଷ୍ଟି ପାଇଁ ଦୁର୍ବାର ଶକ୍ତିର ସହିତ କାମ କରୁଛନ୍ତି । ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗ ସମୟରେ ମା'ଙ୍କର ଯେଉଁ ଅନୁଭୂତି ହୋଇଥିଲା ସେ ବିଷୟରେ ମା କହୁଛନ୍ତି : ''ମୁଁ ଯେତେବେଳେ (ଡିସେମ୍ବର ଆଠ ତାରିଖ ୧୯୫୦ ମସିହା) ତାଙ୍କୁ ଶରୀରକୁ ଫେରି ଆସିବା ପାଇଁ କହିଲି, ସେ ସ୍ପଷ୍ଟ ଭାବରେ ଉତ୍ତର ଦେଲେ, 'ମୁଁ ଏହି ଶରୀରକୁ ଜାଣି ଶୁଣି ଛାଡ଼ିଛି । ମୁଁ ଏହାକୁ ପୁଣି ଗ୍ରହଣ କରିବି ନାହିଁ । ମୁଁ ପୁଣି ଅତିମାନସ ଧାରାରେ ନିର୍ମିତ ପ୍ରଥମ ଅତିମାନସ ଶରୀର ରୂପେ ଅଭିବ୍ୟକ୍ତ ହେବି ।''

(MCW, Vol -13, p. 9)

ମା ପୁଣି ଜାନୁଆରୀ ୨ ତାରିଖ ୧୯୭୨ ମସିହାରେ କହୁଛନ୍ତି : ''ଯେତେବେଳେ ଶ୍ରୀଅରବିନ୍ଦ ତାଙ୍କ ଶରୀର ତ୍ୟାଗ କଲେ ସେ କହିଥିଲେ ଆମମାନଙ୍କୁ ଛାଡ଼ି ସେ ଯିବେ ନାହିଁ । ବାସ୍ତବରେ ଏହି ଏକୋଇଶ ବର୍ଷ ଭିତରେ ସେ ସର୍ବଦା ଆମ ସହିତ ରହିଛନ୍ତି, ଯେଉଁମାନେ ତାଙ୍କ ଶକ୍ତି ଓ ସହଯୋଗିତା ପାଇଁ ଗ୍ରହଣଶୀଳ ରହିଛନ୍ତି ସେହିମାନଙ୍କୁ ପରିଚାଳନା କରୁଛନ୍ତି ଓ ସାହାଯ୍ୟ କରୁଛନ୍ତି ।''

(MCW - Vol. 13, p. 17)

ପରେ ମା ପୁଣି କହୁଛନ୍ତି, ''ସେ ନିଜ ଜଡ଼ ଶରୀର

ଅପେକ୍ଷା ନିଜ ପାଇଁ ଏକ ବୃହତ୍ତର କ୍ରିୟା, ଏକ ବୃହତ୍ତର ଶକ୍ତି ବା ପ୍ରକ୍ରିୟା ଗ୍ରହଣ କଲେ । ଏହା ସହିତ କୁହାଯାଇ ପାରେ ଯେ ସେ ଏଥିପାଇଁ ତାଙ୍କ ଶରୀର ତ୍ୟାଗ କଲେ । କାରଣ ଏହା ଏହିପରି ହେବାର ଥିଲା ।''

(Agenda - Vol. 13, p. - 327)

ମା'ଙ୍କ ବିଷୟରେ ଶ୍ରୀଅରବିନ୍ଦ କହୁଛନ୍ତି :

"When most unseen, most mightily she works;"

(Savitri, p. 180)

ମା ନିଜେ ମଧ୍ୟ କହିଛନ୍ତି ଯେ ସ୍ଥୂଳ ଶରୀର ବ୍ୟତୀତ ସେ ବେଶୀ କାମ କରିପାରିବେ ।

ଏବେ ମା'ଶ୍ରୀଅରବିନ୍ଦ କ'ଣ କରୁଛନ୍ତି ସେ ବିଷୟରେ ଆମମାନଙ୍କୁ କହିବା ପାଇଁ କେହି ନାହିଁ । ତଥାପି ଆମମାନଙ୍କ କ୍ଷୁଦ୍ର ବ୍ୟକ୍ତିତ୍ୱ ଭିତରେ ତାଙ୍କ କାମର କିଛି ଆଭାସ ଆମେ ପାଉଁ ଏବଂ ତାଙ୍କ କରୁଣା ଓ ସାହାଯ୍ୟ ଅନୁଭବ କରୁ । ମା ତାଙ୍କର ସନ୍ତାନମାନଙ୍କୁ ଲାଳନପାଳନ କରିବାରେ କେବେହେଲେ ଅବହେଳା କରନ୍ତି ନାହିଁ; ମା ନିଜେ ଏବିଷୟରେ କହି ଯାଇଛନ୍ତି, ''ତୁମେ ଦେଖ, ମୋ ଶରୀରର ଅନୁଭବ ହେଲା... ମୁଁ ଯେପରି ଏ ପୃଥିବୀ ଭଳି ବିରାଟ ହୋଇଯାଇଛି ଏବଂ ସମସ୍ତଙ୍କୁ ମୋ ହସ୍ତରେ ଧାରଣ କରିଛି, ବାସ୍ତବରେ ଜଣେ ମା ତା'ର ସନ୍ତାନକୁ ଯେପରି ଧରିଥାଏ – ତଫାତ୍ ହେଲା ଏହା ସହସ୍ର ଗୁଣରେ ତା'ଠାରୁ ଭଲ ଭାବରେ ଧାରଣ କରିଥାଏ ।''

(22 July 1972)

(Agenda, Vol. 13, p. 163)

ଭଗବାନ୍ ଏ ପୃଥିବୀପୃଷ୍ଠରେ ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ପ୍ରାପ୍ତ ଏକ ଜୀବଜାତିକୁ ସୃଷ୍ଟି କରିବା ଦିଗରେ ଏତେସବୁ ପ୍ରସ୍ତୁତି କରିଛନ୍ତି । ଅଜ୍ଞାନଯୁକ୍ତ ପ୍ରକୃତି ମଧ୍ୟ ଏହି ଲକ୍ଷ୍ୟ ଦିଗରେ ଯଥାସାଧ୍ୟ ଚେଷ୍ଟା କରି ଚାଲିଛି । ମଣିଷ ଧର୍ମ, ନୈତିକତା, ଆଧ୍ୟାତ୍ମିକତା ତଥା ବିଜ୍ଞାନ ମାଧ୍ୟମରେ ସମାଜ ସୃଷ୍ଟି କରି କେତେଟା ପ୍ରସ୍ତୁତ ହୋଇଛି ? ମଣିଷ ନିଜକୁ ଏ ପୃଥିବୀପୃଷ୍ଠରେ ଶ୍ରେଷ୍ଠ ଜୀବ ବୋଲି ମନେ କରେ । କିନ୍ତୁ ବାସ୍ତବରେ ମଣିଷର ଅବସ୍ଥା କେତେକ ଦୃଷ୍ଟିରୁ ପଶୁଠାରୁ ମଧ୍ୟ ହୀନ ହୋଇପଡ଼ିଛି । ଦୁଃଖ, କଷ୍ଟ, ରୋଗ, ଯନ୍ତ୍ରଣା ଆଦି ତାକୁ ଏହି କଳିଯୁଗର ଶେଷରେ ଦୟନୀୟ କରି ରଖିଛି । ଏହାର ଅସଲ କାରଣ ହେଲା ମଣିଷ ନିଜକୁ ତଥା ନିଜର ବଡ଼ିମାକୁ ଦେଖାଇବାକୁ ଚାହେ । ସେ ସର୍ବଦା ଛଳନା କରିଆସିଛି ନିଜେ ଠିକ୍ ବୋଲି, ସତ୍ୟର ପୂଜାରୀ ବୋଲି, ଭଗବାନଙ୍କ ଭକ୍ତ ବୋଲି । କିନ୍ତୁ ବାସ୍ତବରେ ସେ ତାହା ନୁହେଁ । ଆପଣା ଆନ୍ତରିକତାଠାରୁ ସେ ବହୁ ଦୂରକୁ ଚାଲି ଯାଇଛି । ସେଥିପାଇଁ ଭଗବାନ୍ ତା' ଭିତରେ ଆତ୍ମାର ଜାଗରଣ ପାଇଁ ଆଜି ପୃଥିବୀପୃଷ୍ଠରେ ମହାମନ୍ଥନ ଆରମ୍ଭ କରିଛନ୍ତି । ତେଣୁ ଆଜି ଏ ପୃଥିବୀରେ ଖଣ୍ଡ ପ୍ରଳୟର ତାଣ୍ଡବ ଲୀଳା ଚାଲିଛି । ଏହି ମନ୍ଥନ ଫଳରେ ମଣିଷ ଭିତରେ ଜନ୍ମଜନ୍ମାନ୍ତରରୁ ଅବଚେତନାରେ ଲୁଚି ରହିଥିବା ବିକୃତି ବା ବିଷ ମଣିଷ ଚେତନାର ଉପରକୁ ଉଠି ଆସିଛି । ଏହିସବୁ ବିଷ ମଣିଷ ଭିତରୁ ବାହାରି ନଗଲା ପର୍ଯ୍ୟନ୍ତ ସେ ସତ୍ୟ ପଥକୁ ବା ଯଥାର୍ଥ ଆଧ୍ୟାତ୍ମିକ ପଥକୁ ଆସି ପାରିବ ନାହିଁ । ମନୁଷ୍ୟ ଶୁଦ୍ଧ, ପୂତ ଓ ନିର୍ମଳ ହୋଇଗଲେ ତା' ଭିତରେ ଆତ୍ମାର ବିକାଶ ହୋଇ ଭଗବତ୍ ପଥରେ ଯିବା ପାଇଁ ପ୍ରବଳ ପ୍ରେରଣା ଉଦ୍ରେକ ହେବ । ସେତେବେଳେ ସେ ମା'ଶ୍ରୀଅରବିନ୍ଦଙ୍କ କରୁଣା ପ୍ରାପ୍ତ ହୋଇ ଶରୀର ରୂପାନ୍ତର ପାଇଁ ପ୍ରସ୍ତୁତ ହେବାକୁ ଆରମ୍ଭ କରିବ ।

ଏହା ଆମ ସୌଭାଗ୍ୟ ଯେ ସ୍ୱୟଂ ଭଗବାନ୍ ଆମର ସମସ୍ତ ଭାର ଗ୍ରହଣ କରି ଆମକୁ ଆମ ଅଗ୍ରଗତିର ପଥରେ ନେଇ ଯାଉଛନ୍ତି । ଦିବ୍ୟଜନନୀଙ୍କ ଭାଷାରେ :

"The Supreme Power is taking up all the movements. It will turn them into the Truth. No effort is needed, no aid from the mind or any of the instruments, even the individual consent is no longer needed."

(MCW, Vol. 15, P. 231)

ଅର୍ଥାତ୍, ''ପରମ ଶକ୍ତି ସମସ୍ତ ଘଟଣାରେ ହସ୍ତକ୍ଷେପ କରୁଛନ୍ତି । ସେ ଏସବୁକୁ ଯଥାର୍ଥ ସତ୍ୟରେ ପରିଣତ କରିଦେବେ । ଏଥିପାଇଁ ଅନ୍ୟ କୌଣସି ଉଦ୍ୟମର ଆବଶ୍ୟକତା ନାହିଁ, ମନର କ୍ଷେତ୍ରରୁ ବା ଅନ୍ୟ କୌଣସି ଯନ୍ତ୍ରଠାରୁ କୌଣସି ସାହାଯ୍ୟର ଆବଶ୍ୟକତା ନାହିଁ, ଏପରିକି ବ୍ୟକ୍ତିଗତ ସହମତି ମଧ୍ୟ ଆଉ ଲୋଡ଼ା ନାହିଁ ।''

– ଶ୍ରୀମା

ପରିଶେଷରେ ଦିବ୍ୟଜନନୀଙ୍କ ନିକଟରେ ଏତିକି ନିବେଦନ, ତାଙ୍କରି ଇଚ୍ଛାହିଁ ପୂର୍ଣ୍ଣ ହେଉ ।

(କ୍ରମଶଃ) ❑

# ଏକାକ୍ଷରିକ ଶିକ୍ଷା

## କୁମାର ଚନ୍ଦ୍ର ମିଶ୍ର

ଯୁଗାନ୍ତରେ ପ୍ରଜାପତି ବ୍ରହ୍ମାଙ୍କର ନାମ ଥିଲା 'ବିରାଜ' । ବିରାଜ ଅର୍ଥ ହେଲା 'ଦୀପ୍ତ ପ୍ରଜ୍ଞା' । ପ୍ରଜ୍ଞା ଅର୍ଥ ବୋଧଶକ୍ତି, ଧୀଶକ୍ତି କିନ୍ତୁ ବୁଦ୍ଧି ନୁହେଁ । ପ୍ରଜ୍ଞା ଏସବୁର ଉର୍ଦ୍ଧ୍ୱରେ । ଏହାଙ୍କର ଥିଲେ ତିନିଜଣ ପୁତ୍ର : ଦେବତା, ମାନବ ଓ ଦାନବ । ସ୍ୱୟଂ ପିତା ବିରାଜ ତିନିପୁତ୍ରଙ୍କୁ ଶିଷ୍ୟ ରୂପେ ଗ୍ରହଣ କରି ଶିକ୍ଷାଦାନ କରୁଥିଲେ । ଉଭୟ ଜଡ଼ ବିଜ୍ଞାନ ଓ ଆଧ୍ୟାତ୍ମିକ ବିଜ୍ଞାନରେ ଧୁରୀଣ ପ୍ରଜାପତି ବ୍ରହ୍ମାଙ୍କଠାରୁ ଉତ୍କୃଷ୍ଟତର ଗୁରୁ ଆଉ କିଏ ବା ହୋଇପାରେ ।

ପ୍ରଥମେ ଦେବତାମାନେ ସ୍ୱତଃ ଶିକ୍ଷା ସମାପ୍ତ କରିଦେଲେ । ସେମାନେ ପିତାଙ୍କ ନିକଟକୁ ଆସି ଦୀକ୍ଷାନ୍ତମୂଳକ ଉପଦେଶଟିଏ ପ୍ରଦାନ କରିବା ପାଇଁ ଅନୁରୋଧ କଲେ । ବିରାଜ ସେମାନଙ୍କୁ ଗୋଟିଏ ଅକ୍ଷର ବା ଶବ୍ଦ ମାଧ୍ୟମରେ ବାଣୀଟିଏ ପ୍ରଦାନ କଲେ । ଗୁରୁଗମ୍ଭୀର ସ୍ୱରରେ ଉଚ୍ଚାରଣ କରି ସେ କହିଲେ : 'ଦ' । ତତ୍‌ପରେ ସେ ଦେବତାମାନଙ୍କୁ ପଚାରିଲେ – ''ଅର୍ଥ ବୁଝିଲ ତ ?'' ଦେବତାମାନେ କହିଲେ : '' 'ଦ'ର ଅର୍ଥ ଦମ୍ୟତା; ଅର୍ଥାତ୍ ନିଜକୁ ଦମନ କର, ସଂଯତ କର, ଶାସନ କର, ବଶ କର, ଅହମିକାରୁ କ୍ଷାନ୍ତ ହୁଅ, ନିବୃତ୍ତ ହୁଅ ।'' ପିତା ବିରାଜ ସନ୍ତୁଷ୍ଟ ହୋଇ କହିଲେ – ''ହଁ ତୁମେ ଯଥାର୍ଥ ଅର୍ଥଟି ବୁଝିପାରିଛ ।'' କିଛି କାଳ ଅନ୍ତେ ମାନବମାନେ ଶିକ୍ଷା ସମାପ୍ତ କରି ଗୁରୁଙ୍କ ନିକଟରେ ଉପଦେଶାତ୍ମକ ବାଣୀଟିଏ ଭିକ୍ଷା କଲେ । ସେମାନଙ୍କୁ ମଧ୍ୟ ବିରାଜ କହିଲେ : ''ମୋର ଉପଦେଶ ହେଲା – 'ଦ' । ଠିକ୍ ରୂପେ ଅର୍ଥ ବୁଝିଲ ତ ?'' ମାନବମାନେ କହିଲେ – ''ହଁ ! ବୁଝିଲୁ । 'ଦ'ର ଅର୍ଥ 'ଦତ୍ତ' ବା ଦାନଶୀଳ ହୁଅ ।'' ବିରାଜ କହିଲେ ''ହଁ ! ଠିକ୍ ବୁଝିପାରିଛ ।'' ପରିଶେଷରେ ଦାନବମାନେ ଶିକ୍ଷା ସମାପ୍ତ କରି ବିଦାୟକାଳୀନ ଉପଦେଶଟିଏ ପାଇଁ ଗୁରୁଙ୍କ ନିକଟରେ ଉପସ୍ଥିତ ହେଲେ । ବିରାଜ କହିଲେ : ''ତୁମମାନଙ୍କ ପାଇଁ ମୋର ଅନ୍ତିମ ଶିକ୍ଷା ହେଲା – 'ଦ' । ଏହାର ସଠିକ୍ ଅର୍ଥ କ'ଣ ? ଦାନବମାନେ କହିଲେ : '''ଦ'ମାନେ 'ଦୟଧ୍ୱମ୍' ଆପଣ ଆମମାନଙ୍କୁ ଦୟାବାନ୍ ହେବା ପାଇଁ ଉପଦେଶ ଦେଉଛନ୍ତି ।'' ବିରାଜ କହିଲେ : ''ହଁ ! ତୁମେ ସବୁ ଠିକ୍ ବୁଝିପାରିଛ ।'' ବୃହଦାରଣ୍ୟକ ଉପନିଷଦରେ ବର୍ଣ୍ଣିତ ଏହି ଉପାଖ୍ୟାନଟିର ତାତ୍ପର୍ଯ୍ୟ କ'ଣ ?

ମଣିଷ ମନରେ ଏକାଧାରରେ ରହିଛି ଦେବତ୍ୱ, ମାନବତ୍ୱ ଓ ଦାନବତ୍ୱ । ଏମାନେ ମନର ତିନୋଟି ଗୁଣକୁ ସୂଚିତ କରନ୍ତି, ଯଥା – ସତ୍ୱ, ରଜସ୍ ଓ ତମସ୍ । ସତ୍ତ୍ୱଗୁଣରେ ଥାଏ ସଙ୍ଗତି ଓ ଶାନ୍ତି, ରଜୋଗୁଣରେ ଥାଏ କ୍ରିୟାଶୀଳତା ଯାହା ମାନବପ୍ରକୃତିକୁ ଉଦ୍ଦୀପନାମୟ କରେ, ତମୋଗୁଣରେ ଥାଏ ସ୍ଥିରତା, ଦୃଢ଼ତା ବା ପରିବର୍ତ୍ତନ ବିମୁଖତା । ଜ୍ୟୋତିର୍ମୟ ପ୍ରଜ୍ଞା ମନର ପ୍ରତ୍ୟେକ ବିଭାବକୁ ସେହି ଏକା କଥା କହିବା ସତ୍ତ୍ୱେ ସେମାନଙ୍କର ସ୍ୱଭାବ ବା ଗୁଣଧର୍ମ ଅନୁଯାୟୀ ତାହାର ମର୍ମକୁ ଭିନ୍ନ ଭିନ୍ନ ଭାବରେ ଗ୍ରହଣ କଲେ । ସତ୍ତ୍ୱଗୁଣ ପାଇଁ 'ଦ'ର ଅର୍ଥ ହେଲା 'ଦମ୍ୟତା' ବା ଦମନ କର । ସଂଯତ ହୁଅ । ଅହମିକା ଲୋପ କରି ଶିଷ୍ଟତା, ଦମ୍ଭହୀନତା ବା ଏକ ସଲଜ୍ଜ ମନୋଭାବ ପୋଷଣ କର । ଯଦି ସତ୍ତ୍ୱଗୁଣରେ ନମ୍ରଭାବ ନଥାଏ ତେବେ ସେ ତାହାର କୃତିଯୋଗୁଁ ଗର୍ବ ଅନୁଭବ କରେ । ନିଜର ସଫଳତାରେ ସ୍ଫୀତ ହୁଏ । ଚେତନାର ନିଭୃତକୋଣରେ ସାତ୍ତ୍ୱିକ-ଅହଂ ଭାବଟି ଲୁଚି ରହିଥାଏ । ଏହା ଏତେ ସୂକ୍ଷ୍ମ ଯେ ତାହାକୁ ଠାବ କରିବା ସମ୍ଭବ ହୁଏ ନାହିଁ । ଜ୍ୟୋତିର୍ମୟ ପ୍ରଜ୍ଞା ତେଣୁ ସାତ୍ତ୍ୱିକ ଗୁଣସମ୍ପନ୍ନ ଦେବତାମାନଙ୍କୁ କହିଲେ : ''ବିନୟବୋଧ ରକ୍ଷା କର, ଶିଷ୍ଟ ହୁଅ, ଜୀବନରେ କଦାପି ଉଦ୍ଧତ ହୁଅ ନାହିଁ, ଅତିରିକ୍ତ ଆତ୍ମବିଶ୍ୱାସୀ ହୁଅ ନାହିଁ । ତେବେ ଯାଇ ସତ୍ତ୍ୱଗୁଣ ଜ୍ୟୋତିର୍ମୟ ପ୍ରଜ୍ଞାର ଏକ ସଫଳ ଯନ୍ତ୍ର ରୂପେ କାର୍ଯ୍ୟ କରିପାରିବ । ପ୍ରଜ୍ଞା ସୀମିତ ହେବ ନାହିଁ । ବିନମ୍ରତା ସମ୍ପର୍କରେ ଦିବ୍ୟଜନନୀ ଶ୍ରୀମା କହନ୍ତି : "Humility is that state of consciousness in which, whatever the realisation, you know the infinite is still in front of you." (CWM, Vol. 3, P. 175) ଏହାର ଭାବାର୍ଥ ହେଲା – ''ନମ୍ରତା ଚେତନାର ସେହି ଅବସ୍ଥା ଯେଉଁଥିରେ ଉପଲବ୍ଧି ଯାହା ହୋଇଥାଉନା କାହିଁକି, ଅନନ୍ତ ପରମସତ୍ତା ତଥାପି ତୁମ ପୁରୋଭାଗରେ ରହିଥିବା ପରି ତୁମେ ସତତ ଅନୁଭବ କରୁଥିବ ।'' ସେ ପୁଣି କହନ୍ତି : ବିନୟ ହେଉଛି

ଯୋଗସାଧନା ନିମିତ୍ତ ଆବଶ୍ୟକ ହେଉଥିବା ସର୍ବପ୍ରଥମ ଗୁଣ, କାରଣ ନିଷ୍ଠାଯୁକ୍ତ ବିନୟବୋଧ ହେଉଛି ଅହଂର ଅପରିହାର୍ଯ୍ୟ ବିଲୁପ୍ତି ପାଇଁ ଏକ ସୁନିଶ୍ଚିତ ମାର୍ଗ ।

ମାନବମାନଙ୍କ ନିମିତ୍ତ ସେହି ଏକା ଶିକ୍ଷା ଦିଆଯାଇଥିଲେ ବି ସେମାନଙ୍କ ପାଇଁ 'ଦ'ର ଅର୍ଥ ହେଲା ଦାନ କରିବା । ଦାନଶୀଳତା ବା ବଦାନ୍ୟତା କହିଲେ ଭିକ୍ଷା ଦେବା କିଂବା ଉପହାର ବଣ୍ଟନ କରିବାକୁ ବୁଝାଏ ନାହିଁ । ଏହାର ଅର୍ଥ ହେଲା ସମଗ୍ର ସୃଷ୍ଟି ପ୍ରତି ଏକ ହିତୈଷଣା ମନୋଭାବ ପୋଷଣ କରିବା । ଶତ୍ରୁ-ମିତ୍ର ନିର୍ବିଶେଷରେ ସମସ୍ତଙ୍କ ପ୍ରତି ଉଦାର ହେବା । ସମସ୍ତଙ୍କ ପ୍ରତି ଏକ ସଦିଚ୍ଛା ପୋଷଣ କରିବା । କାରଣ, ରାଜସିକ ମଣିଷ ତା'ର କ୍ରିୟାକଳାପରେ ପ୍ରତ୍ୟାଶିତ ଫଳ ନପାଇଲେ ବିଫଳ ମନୋରଥ ହୁଏ । ତା' ମନରେ ବିଷାଦ ଓ ହତାଶାର ଛାୟା ମାଡ଼ି ଆସେ । ବ୍ୟକ୍ତିର ବିଷୟ ଓ ଘଟଣାଗୁଡ଼ିକ ପ୍ରତି ବିତୃଷ୍ଣା ଭାବ ଜାଗ୍ରତ୍ ହୁଏ । ଅନ୍ୟପକ୍ଷେ ସେ ଯଦି ବ୍ୟକ୍ତି, ବିଷୟ ଓ ଘଟଣାଗୁଡ଼ିକ ପ୍ରତି ଏକ ଉଦାର ମନୋଭାବ ପୋଷଣ କରିପାରେ ତେବେ ସେ ଜୀବନରେ କଦାପି କ୍ଲାନ୍ତ ହେବ ନାହିଁ କିଂବା ବିଷାଦଗ୍ରସ୍ତ ହେବ ନାହିଁ । ରାଜସିକ କର୍ମପ୍ରବଣତାରୁ ଉତ୍ପନ୍ନ ଯାବତୀୟ ବିଫଳତା ଓ ହତାଶାକୁ ସେ ପ୍ରଶ୍ରୟ ଦେବ ନାହିଁ । ଅନ୍ୟମାନଙ୍କ ଚିନ୍ତାଧାରା, ମତାମତ ଓ କାର୍ଯ୍ୟକଳାପ ପ୍ରତି ଏକ ଉଦାର ମନୋଭାବ ପୋଷଣ କରିଥିବା ମଣିଷ ଜୀବନରେ କଦାପି ଅସୁଖୀ ହୁଏ ନାହିଁ । ରଜୋଗୁଣସମ୍ପନ୍ନ ବ୍ୟକ୍ତିଗଣଙ୍କୁ ଜ୍ୟୋତିର୍ମୟ ପ୍ରଜ୍ଞା ଉଦାରତାର ସନ୍ଦେଶ ପ୍ରଦାନ କରିଥାଏ, ଯଦ୍ଦ୍ୱାରା ସେମାନେ ସହଜରେ କ୍ଳାନ୍ତ ଓ ଶକ୍ତିହୀନ ନହୋଇ ପ୍ରଜ୍ଞାର ଯଥାର୍ଥ ସହାୟକ ଯନ୍ତ୍ର ହୋଇପାରିବେ । ଦାନଶୀଳତା ଓ ଉଦାରତା ସମ୍ପର୍କରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପ୍ରଦତ୍ତ ବାଣୀ ଦୁଇଟି ଏଠାରେ ଉଲ୍ଲେଖନୀୟ ଯାହା ଗଭୀର ମନନଯୋଗ୍ୟ ।

"It is he who wants to take who is unhappy; he who gives himself is never so."

(CWM, Vol. 4, P. 404)

ଏହାର ଭାବାର୍ଥ ହେଲା : ''ଯିଏ କେବଳ ନେବାକୁ ଚାହେ, ସେ ଅସୁଖୀ ହୁଏ; ଯିଏ ନିଜକୁ ଦେବାରେ ଲାଗିଥାଏ, ସେ କଦାପି ଅସୁଖୀ ହୁଏ ନାହିଁ ।'' ଏବଂ

"Nobleness and generosity are the soul's ethereal firmament; without them, one looks at an insect in a dungeon." (CWM, Vol.10 p. 282)

''ଆଭିଜାତ୍ୟ ଓ ଉଦାରତା ହେଉଛି ଆତ୍ମାର ସ୍ୱର୍ଗୀୟ ଗଗନ ମଣ୍ଡଳ, ସେସବୁ ବିନା ଜଣେ ହୁଏତ ଭୂଗର୍ଭସ୍ଥ ବନ୍ଦୀଶାଳାରେ ଗୋଟିଏ କୀଟକୁ ଦେଖୁଥାଏ ମାତ୍ର ।''

ଦାନବମାନେ ମନର ତାମସିକତା ବା ଜଡ଼ତାକୁ ପ୍ରତିନିଧିତ୍ୱ କରନ୍ତି । ଜଡ଼ତାର ବି ଗୁରୁତ୍ୱ ରହିଛି କାରଣ ତାହା ଦୃଢ଼ତା ଓ ସ୍ଥିରତାର ପରିଚାୟକ । କିନ୍ତୁ ସର୍ବଦା ଏପରି ସ୍ଥିତିରେ ରହିଲେ ପ୍ରଗତି ସମ୍ଭବପର ହୁଏ ନାହିଁ । ସମ୍ବେଦନାବିହୀନ ଜୀବନ ମୃତ୍ୟୁ ତୁଲ୍ୟ । ସେଥିପାଇଁ ଜଡ଼ତା ମଧ୍ୟରେ ଚେତନା ସଚଳ ହେବା ଆବଶ୍ୟକ । ଏହା ସମ୍ଭବ ହେବ ଯେତେବେଳେ ତାମସିକ ମଣିଷ ସମ୍ବେଦନଶୀଳ ହେବ । ମଣିଷ ସ୍ପର୍ଶକାତର ଓ ପ୍ରତିକ୍ରିୟାଶୀଳ ହେଲେ ସେ ତାମସିକତାରୁ ମୁକ୍ତ ହୋଇପାରିବ । ତେଣୁ ତାମସିକ ଦାନବତ୍ୱକୁ ସଚେତନ, ବିବେକୀ, ଦୟାବନ୍ତ ଓ କ୍ଷମାଶୀଳ ହେବା ନିମିତ୍ତ ଉପଦେଶ ଦିଆଯାଇଛି । ସମସ୍ତଙ୍କ ପ୍ରତି ଶୁଭେଚ୍ଛା ଓ ସଦିଚ୍ଛା ରକ୍ଷା କରି ତାହା ଜ୍ୟୋତିର୍ମୟ ପ୍ରଜ୍ଞାର ଯଥାର୍ଥ ଯନ୍ତ୍ରଟିଏ ହୋଇପାରିବ । ଏଠାରେ ଦିବ୍ୟଜନନୀଙ୍କ ପ୍ରଦତ୍ତ ବାଣୀଟିଏ ମନେ ପକାଇବା ।

"Good will for all and good will from all is the basis of peace and harmony."

(CWM, Vol-14, P. 186)

''ସଭିଙ୍କ ନିମିତ୍ତ ସଦିଚ୍ଛା ଓ ସମସ୍ତଙ୍କଠାରୁ ସଦିଚ୍ଛା – ଏହାହିଁ ଶାନ୍ତି ଓ ସଙ୍ଗତିର ଯଥାର୍ଥ ଭିତ୍ତି ।''

– ଶ୍ରୀମା

ଦମନ, ଦାନ ଓ ଦୟା (ବିନୟବୋଧ, ଉଦାରତା ଓ ସମ୍ବେଦନଶୀଳତା) – ଏ ତିନୋଟି ହେଲା ଜ୍ୟୋତିର୍ମୟ ପ୍ରଜ୍ଞା (ବିରାଜ) ଦ୍ୱାରା ମନ ପାଇଁ ଉଦ୍ଦିଷ୍ଟ ଅତି ଉପାଦେୟ ସଦ୍‌ଗୁଣତ୍ରୟ, ଯାହାକୁ ଦୈନନ୍ଦିନ ଜୀବନରେ ଆଚରଣ କଲେ ପ୍ରଜ୍ଞା କଦାପି ସୀମିତ ହେବ ନାହିଁ । ବୁଦ୍ଧି ଦ୍ୱାରା ମନ ଜ୍ୟୋତିଷ୍ମାନ୍ ହେବ । ବ୍ୟକ୍ତରୁ ଅବ୍ୟକ୍ତ ଦିଗରେ, ବିଶ୍ୱବ୍ୟାପକତାରୁ ବିଶ୍ୱାତୀତ ଦିଗରେ, ଭାବରୁ ଭାବାତୀତ ଦିଗରେ, ଅନୁଭବରୁ ଅନୁଭବାତୀତ ଦିଗରେ ବିଶ୍ୱମାନବ ପରିଚାଳିତ ହୋଇପାରିବ ।

ବଜ୍ର ଓ ବିଜୁଳି ମାଧ୍ୟମରେ ବିଶ୍ୱପ୍ରକୃତି ଯୁଗେ ଯୁଗେ ମଣିଷକୁ 'ଦ-ଦ-ଦ'ର ସେହି ଏକାକ୍ଷରୀ ଶିକ୍ଷା ଦେବା ଲାଗି ନିରନ୍ତର ପ୍ରୟାସ କରି ଚାଲିଛି ଯଦ୍ଦ୍ୱାରା ବିଶ୍ୱରେ ଶାନ୍ତି, ମୈତ୍ରୀ ଓ ସଙ୍ଗତି ପ୍ରତିଷ୍ଠିତ ହୋଇପାରିବ ।

❑❑❑

# ଚତୁର ବୀରବଲ

## ଝରଣା ଘୋଷାଲ

ଦିଲ୍ଲୀର ବାଦଶାହ ଆକବର ନିଜ ଦରବାରରେ ସମସ୍ତଙ୍କୁ ପ୍ରଶ୍ନ କଲେ : ''କହିପାରିବ କିଏ ବଡ଼ ? ମୁଁ ନା ହିନ୍ଦୁମାନଙ୍କର ଦେବତା ଇନ୍ଦ୍ର ବଡ଼ ?''

ଏହି ପ୍ରଶ୍ନର ଉତ୍ତର କେହି ଦେଇପାରିଲେ ନାହିଁ । ଶେଷରେ ବୀରବଲଙ୍କୁ ଡକା ଗଲା ।

ବୀରବଲ କହିଲେ, ''ଆପଣହିଁ ବଡ଼ ଜାଁହାପନା ।''

ଆକବର ପ୍ରଶ୍ନ କଲେ,''ମୁଁ କେଉଁ ହିସାବରେ ବଡ଼ ?''

ବୀରବଲ ଯୁକ୍ତି ଦେଖାଇଲେ । ଭଗବାନ୍ ଆପଣଙ୍କୁ ଏବଂ ଇନ୍ଦ୍ରଙ୍କୁ ସୃଷ୍ଟି କରି ତରାଜୁର ଦୁଇ ପାଖରେ ଦୁଇଜଣଙ୍କୁ ବସାଇଲେ । ଆପଣଙ୍କ ଶରୀରର ଓଜନ ଅଧିକ ଥିବା ସ୍ଥଳେ ଇନ୍ଦ୍ର ଖୁବ୍ ହାଲୁକା ଥିଲେ । ଭଗବାନଙ୍କ ତରାଜୁଟା ମଧ୍ୟ ବିଶାଳ ଥିଲା । ଆପଣ ଭାରି ହୋଇଥିବାରୁ ଆପଣଙ୍କ ପାଖଟା ପୃଥିବୀ ଆଡ଼େ ନଇଁ ଆସିଲା ଆଉ ଇନ୍ଦ୍ରଙ୍କ ପଟଟି ହାଲୁକା ଥିବାରୁ ଉପରକୁ ଉଠିଗଲା । ଏହା ଫଳରେ ସିଏ ହେଲେ ସ୍ୱର୍ଗର ରାଜା ଆଉ ଆପଣ ଦିଲ୍ଲୀର । ବର୍ତ୍ତମାନ ଆପଣ ନିଜେ ବୁଝନ୍ତୁ ଆପଣଙ୍କର ଗୁରୁତ୍ୱ କେତେ ।

ବୀରବଲଙ୍କ ଉତ୍ତରରେ ସାପ ମଲା, ଲାଠି ଭାଙ୍ଗିଲା ନାହିଁ ।

*

କଥାରେ କଥାରେ ଆକବର ଦିନେ ବୀରବଲଙ୍କୁ କହିଲେ, ''ଆସନ୍ତା କାଲି ତୁମେ ମୋ ଦରବାରରେ ଦୁନିଆର ସବୁଠାରୁ କୃତଜ୍ଞ ଆଉ ଅକୃତଜ୍ଞ ଦୁଇଜଣଙ୍କୁ ହାଜିର କରାଇବ । ଯଦି ନପାର ତାହା ହେଲେ ତୁମକୁ ଦରବାରରୁ ବାହାର କରି ଦେବି ।''

'ଯଥାଆଜ୍ଞା' କହି ବୀରବଲ ଘରକୁ ଫେରି ଆସିଲେ । କିନ୍ତୁ ଚିନ୍ତାରେ ରାତିରେ ନିଦ ହେଲା ନାହିଁ । ଏପରି ଦୁଇଟି ସ୍ୱଭାବ ଥିବା ଜୀବ ସେ କେଉଁଠାରୁ ଯୋଗାଡ଼ କରିବେ ? ବାପାଙ୍କୁ ଚିନ୍ତା କରିବାର ଦେଖି ବୀରବଲଙ୍କ ଝିଅ ଆସି ଚିନ୍ତାର କାରଣ ଜାଣିବାକୁ ଚାହିଲା । ବୀରବଲ ସବୁକଥା ଖୋଲି କହିଲେ ।

ଝିଅ କହିଲା, ''ଏଥିରେ ଚିନ୍ତା କରିବାର କିଛି ନାହିଁ । ସବୁଠାରୁ କୃତଜ୍ଞ ହିସାବରେ ତୁମେ ତୁମର ପୋଷା କୁକୁରଟିକୁ ନେଇଯାଅ । ଅକୃତଜ୍ଞ ହିସାବରେ ତୁମ ଜୋଇଁଙ୍କୁ ନେଇଯାଅ ।''

ବୀରବଲ ଝିଅର କଥା ଅନୁସାରେ ତାହା କଲେ ।

ଆକବର ବୀରବଲଙ୍କୁ କହିଲେ, ''ପ୍ରକୃତରେ ଜୋଇଁମାନେ ବଡ଼ ଅକୃତଜ୍ଞ, ସେଥିପାଇଁ ମୁଁ ତାଙ୍କୁ ପ୍ରାଣଦଣ୍ଡ ଆଦେଶ ଦେଉଛି ।''

ଏହାଶୁଣି ବୀରବଲ ହାତଯୋଡ଼ି କହିଲେ, ''ହଜୁର ଭୁଲି ଯିବେ ନାହିଁ, ଆପଣ ମଧ୍ୟ କାହାରି ଜାମାତା ।''

ଏହା ଶୁଣି ବାଦଶାହ ଦଣ୍ଡ ଦେବାରୁ କ୍ଷାନ୍ତ ରହିଲେ ।

*

ଆକବର ଦିନେ ବୀରବଲଙ୍କୁ କହିଲେ, ''ଆସନ୍ତାକାଲି ତୁମେ ମୋ ସାମନାରେ ଦଶଜଣ ମିଥ୍ୟାବାଦୀଙ୍କୁ ହାଜର କରିବ ।''

ପରଦିନ ବୀରବଲ ନଅଜଣ ଲୋକଙ୍କୁ ବାଦଶାହଙ୍କ ସାମନାରେ ଉପସ୍ଥିତ କରାଇ କହିଲେ, ''ଏମାନେ ସମସ୍ତେ ମିଥ୍ୟାବାଦୀ । ଏମାନଙ୍କ ମଧ୍ୟରେ ଓକିଲ, ପୋଲିସ, ଲେଖକ, ମଧ୍ୟସ୍ଥି (ବିବାହ ବିଷୟରେ ଯିଏ କଥାବାର୍ତ୍ତା କରନ୍ତି), ଦୋକାନୀ ଇତ୍ୟାଦି ଅଛନ୍ତି ।''

ବାଦଶାହ କହିଲେ, ''ବୀରବଲ ମୁଁ ତୁମକୁ ଦଶଜଣ ମିଥ୍ୟାବାଦୀଙ୍କୁ ଆଣିବାକୁ କହିଥିଲି, ଏମାନେ ତ ସଂଖ୍ୟାରେ ନଅଜଣ । ଆଉ ଜଣେ କୁଆଡ଼େ ଗଲେ ?''

ବୀରବଲ ତତ୍‌କ୍ଷଣାତ୍ କହିଲେ, ''ହଜୁର ଅନ୍ୟ ଜଣକ ମୁଁ ନିଜେ ।''

ବାଦଶାହ : ''କିପରି ?''

ବୀରବଲ କହିଲେ, ''ଏଇ ନଅଜଣଙ୍କୁ କାହାକୁ ନା କାହାକୁ ଖୁସି କରିବା ପାଇଁ ମିଥ୍ୟା କଥା କହିବାକୁ ହୁଏ, ହଜୁର ମୁଁ ମଧ୍ୟ ଆପଣଙ୍କୁ ଖୁସି କରିବା ପାଇଁ ମିଥ୍ୟା କଥା କହେ । ସେଥିପାଇଁ ମୁଁ ମଧ୍ୟ ମିଥ୍ୟାବାଦୀ ।''

❑❑❑

# ଜିଜ୍ଞାସୁର ପୃଷ୍ଠା

"Blessed are those who take a leap towards the Future." (ସୌଭାଗ୍ୟଶାଳୀ ବା ଧନ୍ୟ ସେହିମାନେ ଯେଉଁମାନେ ଭବିଷ୍ୟତ୍ ଅଭିମୁଖରେ ଲମ୍ଫ ଦିଅନ୍ତି ।) – ୧୯୭୧ର ନବବର୍ଷର ବାଣୀ ।

**ପ୍ରଶ୍ନ** : *ଏହି ନୂତନ ବର୍ଷର ବାଣୀ ପଢ଼ିସାରି ଜାଣିବାକୁ ଚାହୁଁଛୁ କିପରି କାର୍ଯ୍ୟ କରିବା ଦ୍ୱାରା ବ୍ୟକ୍ତି ସୌଭାଗ୍ୟଶାଳୀ ବା ଆଶୀର୍ବାଦପ୍ରାପ୍ତ ହୋଇପାରିବ ? ଭବିଷ୍ୟତ୍‌ର ସ୍ୱରୂପ କ'ଣ ହେବ ? ଲମ୍ଫ ଦେବାର ତାତ୍ପର୍ଯ୍ୟ କ'ଣ ?*

**ଉତ୍ତର** : ଏ ସମ୍ବନ୍ଧେ ଏହିପରି ବହୁତ ବ୍ୟକ୍ତି ପ୍ରଶ୍ନ କରୁଛନ୍ତି । ପୃଥକ୍ ପୃଥକ୍ ଉତ୍ତର ଦେବା ସମ୍ଭବ ନ ହେବାରୁ ଏହି ପ୍ରବନ୍ଧଟି ଲେଖା ହେଲା ।

ଭବିଷ୍ୟତ୍ ଶବ୍ଦଟି ହେଉଛି ନୂତନ ବା ଭବିଷ୍ୟତ୍ ଯୁଗର ସୂଚନା । ଭବିଷ୍ୟତ୍ ବା ନୂତନ ଯୁଗର ବ୍ୟକ୍ତି ମନ, ପ୍ରାଣ ତଥା ଜାଗତିକ ପ୍ରକୃତି ଦ୍ୱାରା ପରିଚାଳିତ ହେବେ ନାହିଁ । ହେବେ ପରମ ସତ୍ୟ ଦ୍ୱାରା, ସଂପୂର୍ଣ୍ଣରୂପେ ମୁକ୍ତ ହେବେ ମୃତ୍ୟୁ, ବୃଦ୍ଧତ୍ୱ, ରୋଗ, ଅଜ୍ଞାନ କବଳରୁ । ସେହିମାନେ ହେବେ ଅତିମାନବ । ଏହାର ଫଳସ୍ୱରୂପ ସତ୍ୟ ପ୍ରତିଷ୍ଠା ହେବ ପରିବାର, ସମାଜ, ଶିକ୍ଷା, ବ୍ୟବସାୟ ତଥା ଶାସନରେ । ପୃଥିବୀ ପରିଣତ ହେବ ସ୍ୱର୍ଗରେ । ବର୍ତ୍ତମାନ ସଂସାରରେ ପ୍ରଚଳିତ ହେଉଥିବା ଅଜ୍ଞାନ, ଅସତ୍ୟ, ମିଥ୍ୟାଚାର, ହିଂସା, ସ୍ୱାର୍ଥ, ଅଭାବ, ଅନଟନ, ଚୋରି-ଡକାୟତି, ପ୍ରବଞ୍ଚନା ଆଦି ଦୂର ହେବ । ପ୍ରତିଷ୍ଠା ହେବ ଶାନ୍ତି, ସମତା, ସତ୍ୟ, ନ୍ୟାୟ, ଅହିଂସା ଓ ମୈତ୍ରୀ । ଏହାର ପ୍ରଭାବ ପଡ଼ିବ ପଶୁ-ପକ୍ଷୀ ତଥା ବୃକ୍ଷଲତା ଉପରେ । ଜାଗତିକ ପ୍ରକୃତି ମଧ୍ୟ ପରିବର୍ତ୍ତିତ ହେବ । ଅନାବୃଷ୍ଟି, ଅତ୍ୟଧିକ ବୃଷ୍ଟି, ଅନାବଶ୍ୟକ ଝଡ଼ତୋଫାନ, ନାନାପ୍ରକାର ରୋଗ, ଦୁର୍ଘଟଣା, ଯୁଦ୍ଧ ଆଦି ରହିବ ନାହିଁ । ପୃଥିବୀ ଉତ୍ତମ ଶସ୍ୟ ଉତ୍ପନ୍ନ କରିବ, ବୃକ୍ଷ-ଲତା ଉତ୍ତମ ଫଳ ଧାରଣ କରିବେ, ଔଷଧ, ରତ୍ନ ଇତ୍ୟାଦି ନିଜକୁ ଗୁପ୍ତ ରଖିବେ ନାହିଁ । ସଂସାର ଧନଧାନ୍ୟ, ଐଶ୍ୱର୍ଯ୍ୟରେ ପୂର୍ଣ୍ଣ ହେବ । ହିଂସ୍ର ପଶୁମାନେ ବି ଆହାର ଛଡ଼ା ହିଂସା କରିବେ ନାହିଁ । ଏହାହିଁ ଭବିଷ୍ୟତ୍ ଯୁଗ । ନୂତନ ବର୍ଷର ବାଣୀରେ ଏହାକୁହିଁ ଭବିଷ୍ୟତ୍ କୁହାହୋଇଛି । ସୌଭାଗ୍ୟଶାଳୀ ବା ଧନ୍ୟ ସେହିମାନେ ଯେଉଁମାନେ ଏହି ଭବିଷ୍ୟତ୍ ସତ୍ୟ ପୃଥିବୀରେ ତଥା ନିଜ ମଧ୍ୟରେ ପ୍ରତିଷ୍ଠା କରିବାକୁ ପ୍ରଯତ୍ନ କରୁଛନ୍ତି ।

ଭବିଷ୍ୟତ୍‌ରେ କ୍ରିୟାଶୀଳ ହେବା ଅତିମାନସ ସତ୍ୟ ଏହି ପୃଥିବୀକୁ ଆସିଯାଇଛି ବା ପ୍ରକାଶିତ ହୋଇସାରିଛି । ତା'ରି ପ୍ରଭାବ ପଡୁଛି ସଂସାରର ସମସ୍ତ ପ୍ରାଣୀଙ୍କ ଉପରେ । ଯେଉଁମାନଙ୍କର ଆନ୍ତରସତ୍ତା ଅଜ୍ଞାତରେ ସେହି ସତ୍ୟର ସ୍ପର୍ଶ ପାଉଛି ସେମାନେ ଭବିଷ୍ୟତ୍ ସତ୍ୟ ସମ୍ବନ୍ଧେ ସଚେତ ନ ହୋଇ ମଧ୍ୟ ସେହି ସତ୍ୟର ସମତା ତଥା ଅହିଂସା ଲକ୍ଷ୍ୟ ଦିଗରେ ଅଜ୍ଞାତଭାବେ ଅଗ୍ରସର ହେଉଛନ୍ତି । ଯେଉଁମାନଙ୍କ ଆନ୍ତର ସତ୍ତା ଏବଂ ବାହ୍ୟ ମନ-ପ୍ରାଣ ଏହି ଭବିଷ୍ୟତ୍ ସତ୍ୟ, ଭବିଷ୍ୟତ୍ ନୂତନ ଯୁଗ ପ୍ରତି ଉଦ୍‌ଘାଟିତ ଏବଂ ସଚେତ ହୋଇଛି ସେହିମାନେ ସଜାଗ ହୋଇ ସତ୍ୟ ଗ୍ରହଣ କରୁଛନ୍ତି ଏବଂ ପୃଥିବୀରେ ଅର୍ଥାତ୍ ବର୍ତ୍ତମାନ ପ୍ରଚଳିତ ସମାଜ, ଶିକ୍ଷା, ବ୍ୟବସାୟ ତଥା ରାଜନୀତିରେ ପ୍ରତିଷ୍ଠିତ ହେବା ଲାଗି ପ୍ରଯତ୍ନ କରୁଛନ୍ତି । ଏହି ଦୁଇ ଶ୍ରେଣୀର ବ୍ୟକ୍ତିଙ୍କ ଛଡ଼ା ଅନ୍ୟ ସମସ୍ତ ବ୍ୟକ୍ତିଙ୍କ ଆନ୍ତର ସତ୍ତା ସେହି ନୂତନ ଭବିଷ୍ୟତ୍ ସତ୍ୟ ପ୍ରତି ଉଦ୍‌ଘାଟିତ ହୋଇ ନାହିଁ କିନ୍ତୁ ଅସ୍ପଷ୍ଟଭାବେ ସେହି ସତ୍ୟ-ପ୍ରଭାବର ସ୍ପର୍ଶ ପାଇଛି । ଏହି ପ୍ରଭାବର ସ୍ପର୍ଶ ଯୋଗୁଁ ସେମାନେ ପ୍ରଚଳିତ ପ୍ରଣାଳୀରେ ସନ୍ତୁଷ୍ଟ ନ ହୋଇ ନୂତନ କିଛି ଚାହୁଁଛନ୍ତି । ଚାହୁଁଛନ୍ତି ସେହି ପୁରାତନ ମନ ନିର୍ଦ୍ଧାରିତ, ମାନସସୀମାନ୍ତର୍ଭୁକ୍ତ ହିଂସା, ଛନ୍ଦ, କପଟ ପ୍ରଣାଳୀରେ ନିଜର ଅହଂ, ସ୍ୱାର୍ଥତୁଷ୍ଟି ସହିତ ସଂସାରରେ ସୁଖ ଶାନ୍ତି ପ୍ରତିଷ୍ଠା କରିବାକୁ । ଏମାନଙ୍କର ଏହିସବୁ ଉପାୟ ସତ୍ୟ-ପ୍ରତିଷ୍ଠାରେ ସହାୟକ ନ ହୋଇ ବରଂ ବାଧକ ବା ଅନ୍ତରାୟ ହେଉଛି ।

ଉପର ଦୁଇ ଶ୍ରେଣୀର ବ୍ୟକ୍ତିଙ୍କ ଅନ୍ତରାତ୍ମା କିଛି ଅଂଶରେ ଭବିଷ୍ୟତ୍ ଯୁଗର ସତ୍ୟପ୍ରତି ଉନ୍ମୁକ୍ତ ଥିବାରୁ ତଥା ସତ୍ୟ ନିଜ ଜୀବନରେ ଏବଂ ଜଗତରେ କ୍ରିୟାଶୀଳ କରିବା ସକାଶେ ପ୍ରଯତ୍ନ କରୁଥିବାରୁ ସେମାନେ ପରମ ସତ୍ୟର ସେବା କରୁଛନ୍ତି । ଏହାରି ଦ୍ୱାରା ସେମାନଙ୍କ ଜୀବନର ହେବ ସର୍ବାଙ୍ଗୀନ ବିକାଶ । ନିଜ ମଧ୍ୟରୁ ଏବଂ ଜଗତରୁ କ୍ରମଶଃ ଦୂର ହେବ ଅସତ୍ୟ, ଅନ୍ୟାୟ, ଦୁଃଖ-କଷ୍ଟ, ଦାରିଦ୍ର୍ୟ ଓ ହିଂସା । ପ୍ରସାର ହେବ ସୁଖ, ଶାନ୍ତି, ଆନନ୍ଦ, ସମତ୍ୱ, ଭ୍ରାତୃତ୍ୱ ଏବଂ ଐଶ୍ୱର୍ଯ୍ୟ । ଏହିସବୁ ଦିବ୍ୟଗୁଣ ମାନସ କଳ୍ପନା ବା ଧାରଣା ନୁହେଁ, ଏହାର

ପଶ୍ଚାତ୍‌ରେ ବିଦ୍ୟମାନ ରହିଛି ପରମ ସତ୍ୟ । ଏହି କାରଣରୁ ଏହିମାନଙ୍କୁ ସୌଭାଗ୍ୟଶାଳୀ ବା ଆଶୀର୍ବାଦପ୍ରାପ୍ତ ବୋଲି କୁହାଯାଇଛି ।

ଲମ୍ଫର ଅର୍ଥ ହେଲା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଡେଇଁ ପଡ଼ିବା । ବର୍ତ୍ତମାନ ମନୁଷ୍ୟ ଜାଗତିକ ପ୍ରକୃତି, ମନ-ନିର୍ଦ୍ଧାରିତ ଅଭ୍ୟାସଗତ ସ୍ୱଭାବ, ପ୍ରଚଳିତ ନୀତି-ନିୟମ, ଶାସନ ତଥା ସାମାଜିକ ପ୍ରଣାଳୀର ସୀମାରେ ଅସହାୟ ରୂପେ ଆବଦ୍ଧ । ଏହି ସୀମା ଉଲଂଘନ କରି ନୂତନ କିଛି ପ୍ରାପ୍ତ କରିବା ତା' କଳ୍ପନାର ବାହାରେ । ତେଲୀ-ଘଣାରେ ବୁଲୁଥିବା ବଳଦ ସଦୃଶ ସେହି ସୀମିତ ମାନସିକ ଗଣ୍ଡି ମଧ୍ୟରେ ନୂତନତ୍ୱ ଚାହିଁବା ତା'ର ଅଭ୍ୟାସ । କିନ୍ତୁ ମନୁଷ୍ୟ ମଧ୍ୟରେ ପରମସତ୍ୟ ସୁପ୍ତ ବା ମନ-ପ୍ରାଣ-ସଂସ୍କାର ଓ ସ୍ୱଭାବର ଆବରଣରେ ଆବୃତ ହୋଇ ରହିଛି । ବ୍ୟକ୍ତି ସେହି ପରମସତ୍ୟ ସମ୍ବନ୍ଧେ ସଚେତ ନ ଥିବାରୁ ତାହା ବିଶ୍ୱାସ କରିପାରୁ ନାହିଁ କିଂବା ଖୋଜିବାକୁ ଚେଷ୍ଟା କରୁ ନାହିଁ । ସୁତରାଂ ତା'ରି ଉପସ୍ଥିତି ଯୋଗୁଁ ସଂସାରର ସମସ୍ତ ବ୍ୟକ୍ତି ଅସ୍ପଷ୍ଟ ଅଜ୍ଞାତରୂପେ ପରମାନନ୍ଦ, ଶାନ୍ତି, ସମତା, ଭ୍ରାତୃତ୍ୱ ଏବଂ ଐଶ୍ୱର୍ଯ୍ୟ ଚାହୁଛନ୍ତି । କିନ୍ତୁ ଭ୍ରମବଶତଃ ଖୋଜୁଛନ୍ତି ମନ-ନିର୍ମିତ ସୀମାର ଅନ୍ତର୍ଗତ ଭିନ୍ନ ଭିନ୍ନ ବିଧାନ, ପ୍ରଚଳିତ ଶିକ୍ଷା, ବ୍ୟବସାୟ, ତଥା ଶାସନଗତ ଆଇନ କିଂବା ହିଂସାତ୍ମକ ଗୁଳି ଭୟର ସାହାଯ୍ୟରେ । ଏହି ପରମ ସୁଖ, ପରମ ଶାନ୍ତି, ଅହିଂସା ଏବଂ ସମତା ମନ-ନିର୍ଦ୍ଧାରିତ ବିଧାନ ଏବଂ ସମାଜରେ ପ୍ରଚଳିତ ମାନସ-ଚେତନାର ସୀମାର ବହୁ ଊର୍ଦ୍ଧ୍ୱରେ । ସେଥି ସକାଶେ ଆଜିପର୍ଯ୍ୟନ୍ତ ସମସ୍ତ ପ୍ରଯତ୍ନ ବ୍ୟର୍ଥ ହେଉଛି ।

ବର୍ତ୍ତମାନ ମାନସ-ବିକାଶ ସମାପ୍ତ ହୋଇସାରିଛି । ପୃଥିବୀରେ ମନର ଊର୍ଦ୍ଧ୍ୱସ୍ଥ ଅତିମାନସ ପରମ ସତ୍ୟ-ଚେତନା ପ୍ରତିଷ୍ଠିତ ହେବାର ସମୟ ଆସିଛି । ବ୍ୟକ୍ତି ବର୍ତ୍ତମାନ ପ୍ରଚଳିତ ମାନସ ବିଧାନକୁ ଅତିକ୍ରମ କଲେ ଅତିମାନସ ପରମ ସତ୍ୟ ଚେତନା, ଆନନ୍ଦ, ଶାନ୍ତି, ସମତା, ଅହିଂସାରେ ନିବାସ କରିବ ଏବଂ ସଂସାର ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହେବ । କିନ୍ତୁ ମନୁଷ୍ୟର ମାନସିକ ବିଚାର, ଶିକ୍ଷା, ସାମାଜିକ ନିୟମ, ଶାସନର ପ୍ରଣାଳୀ ବା ସଂସ୍କାର ମନୁଷ୍ୟର ଦୁଇଗୋଡ଼କୁ ଜବରଦସ୍ତି ଦୃଢ଼ତା ସହିତ ଜାବୁଡ଼ି ଧରି ଲମ୍ଫ ଦେବାରେ ସଂପୂର୍ଣ୍ଣ ବାଧା ଦେଉଛନ୍ତି । ଯଥାର୍ଥରେ ସେହିମାନେ ସୌଭାଗ୍ୟଶାଳୀ ଯେଉଁମାନେ ଏହି ବନ୍ଧନକୁ ଭାଙ୍ଗି ସତ୍ୟ ଅଭିମୁଖେ ଲମ୍ଫ ଦେଉଛନ୍ତି । ଏହି ପରମ ସତ୍ୟ ଅନ୍ଧକାର ପରେ ସୂର୍ଯ୍ୟ ପ୍ରକାଶ ହେବା ସଦୃଶ ହଠାତ୍ ଏକ ଦିନରେ ପ୍ରକାଶିତ ହେବ ନାହିଁ; ହେବ କ୍ରମଶଃ ପ୍ରଚଳିତ ଦ୍ୱନ୍ଦ୍ୱ ଓ ଦୁଃଖ-କଷ୍ଟର ମଧ୍ୟ ଦେଇ ।

**— ରାମକୃଷ୍ଣ ଦାସ** ❑

## ଯେଉଁମାନେ ମନିଅର୍ଡ଼ର ପଠାଉଛନ୍ତି :

ନବଜ୍ୟୋତି କାର୍ଯ୍ୟାଳୟ ଗ୍ରହଣ କରୁଥିବା EMO (Electronic Money Order) ଫର୍ମର ବାର୍ତ୍ତା ଉଲ୍ଲେଖ ଥିବା ସ୍ଥାନ (Space for Communication)ରେ ପ୍ରାୟତଃ ଟଙ୍କା ପଠାଇବାର କାରଣ ସମ୍ପର୍କରେ ବାର୍ତ୍ତାଟି ଆସୁ ନାହିଁ । ତେଣୁ ଆପଣ ଏଠାକୁ ପଠାଇଥିବା ଗ୍ରାହକ (To) ଠିକଣାରେ ପ୍ରଣାମୀ ପଠାଉଥିଲେ, 'The Offering Section' କିଂବା ନବପ୍ରକାଶ ଓ ନବଜ୍ୟୋତି ପତ୍ରିକା ପାଇଁ ଟଙ୍କା ପଠାଉଥିଲେ 'The Magazine Section' ବୋଲି ନିଶ୍ଚିତ ଭାବରେ ଲେଖନ୍ତୁ । ତା'ଛଡ଼ା ପ୍ରେରକ(From) ଠିକଣାରେ ନିଜର ସମ୍ପୂର୍ଣ୍ଣ ଠିକଣା ସହ **Mobile** ନମ୍ବରଟିକୁ ଲେଖିବାକୁ ଯେମିତି ନଭୁଲନ୍ତି ।

ଅଥବା **ଟଙ୍କା ପଠାଇବା ପୂର୍ବରୁ,** କେଉଁ ଠିକଣାରେ ଆପଣ ଟଙ୍କା ପଠାଇବେ ତାହା ଏହି ଫୋନ୍ ନମ୍ବର (୦୪୧୩ - ୨୨୩୩୬୩୩) ଯୋଗେ ପଚାରି ବୁଝିପାରନ୍ତି ।

ଏହି ସବୁ ମଧ୍ୟରୁ କୌଣସିଟି କାର୍ଯ୍ୟକାରୀ ନ ହେଲେ ନିରୁପାୟଭାବେ ସବୁ ଟଙ୍କା ପ୍ରଣାମୀ ବୋଲି ଧରିନିଆଯିବ ।

**— ନବଜ୍ୟୋତି କାର୍ଯ୍ୟାଳୟ**

**ଚେତନାର ଦିଗ୍‌ବଳୟ :**

# ହନୁମାନଙ୍କ ତାତ୍ପର୍ଯ୍ୟ

ପୁରାଣର କୌଣସି ଚରିତ୍ର ଅଥବା ପରିସ୍ଥିତିର ଯଥାର୍ଥ ଆକଳନ କରିବା ନିମନ୍ତେ ପ୍ରୟୋଜନ ବ୍ୟାପକ ପ୍ରସାରିତ ଚେତନା । ଆମ ସମସାମୟିକ ଧ୍ୟାନ-ଧାରଣା, ନାନାଦି ସାମାଜିକ ପ୍ରଭାବ ଏବଂ ଆମ ଯୁକ୍ତିସର୍ବସ୍ୱ ମନୋବୁଦ୍ଧିର କ୍ରିୟାରୁ ନିଜକୁ କିଛି ସମୟ ନିମନ୍ତେ ମୁକ୍ତ କରିନେଇ ଆମ ବୋଧଶକ୍ତିକୁ ଉଦାର ନକଲେ ସେସବୁ ଆମ ପାଇଁ ତୁଚ୍ଛା କାହାଣୀ ବା ହାସ୍ୟାସ୍ପଦ କଳ୍ପନା ବ୍ୟତୀତ ଅଧିକ କିଛି ମନେହେବ ନାହିଁ, ତାତ୍ପର୍ଯ୍ୟପୂର୍ଣ୍ଣ ହେବା ତ ଦୂରର କଥା ।

ନିକଟରେ ଜଣେ ନେତା ହନୁମାନଙ୍କୁ ଦଳିତ ଶ୍ରେଣୀଭୁକ୍ତ ବୋଲି କହି ସମାଲୋଚିତ ହୋଇଛନ୍ତି । 'ଦଳିତ' ଶବ୍ଦର ଗତାନୁଗତିକ ଅର୍ଥ ଯିଏ ଅନ୍ୟମାନଙ୍କ ଦ୍ୱାରା ନିର୍ଯାତିତ ବା ଶୋଷିତ । ଆଜି ସାମୟିକ ଭାବରେ ତାହା କେତେ ସଂଖ୍ୟକ ଜାତି, ଉପଜାତିର ସମାହାରକୁ ବୁଝାଉଛି । ଏ ଉଭୟ ଅର୍ଥରୁ କୌଣସି ଗୋଟିକ ଦୃଷ୍ଟିରୁ ହନୁମାନଙ୍କ ଉପରେ ସେ ପରିଚୟ ଆରୋପ କରାଯାଇ ପାରେନା । ତାଙ୍କ ଜନ୍ମ ସମ୍ପର୍କରେ ଏକାଧିକ କିଂବଦନ୍ତି ପୁରାଣମାନଙ୍କରେ ପଢ଼ିବାକୁ ମିଳେ । କିନ୍ତୁ ସବୁଥିରେ ସେ ଦିବ୍ୟଶକ୍ତି ସମ୍ଭୂତ ବୋଲି ଦର୍ଶାଯାଇଛି ।

ଆମ ସ୍ଥୂଳ ଇନ୍ଦ୍ରିୟସବୁ ଦ୍ୱାରା ଅନୁଭୂତ ହୋଇ ନ ପାରିଲେ ମଧ୍ୟ ଆମକୁ ଘେରି ରହୁଛନ୍ତି ଅସଂଖ୍ୟ ଅଦୃଶ୍ୟ ଅତିଭୌତିକ ଶକ୍ତି ଏବଂ ଯେକୌଣସି ଉତ୍ତେଜନାପୂର୍ଣ୍ଣ ବାଦ-ବିସମ୍ବାଦ ବେଳେ ସେସବୁ ଶକ୍ତି ମଣିଷକୁ ଆୟତ୍ତ କରିବାକୁ ତତ୍ପର ରହିଥା'ନ୍ତି । ଯୁଗାନ୍ତକାରୀ ସଂଗ୍ରାମ ଓ ସଂଘର୍ଷ ବେଳେ ସେମାନେ ଅଧିକ ସକ୍ରିୟ ହୋଇ ଉଠନ୍ତି । ବାଲ୍ମିକୀ ଓ ବ୍ୟାସଙ୍କ ଭଳି ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦୀର ଗ୍ରୀକ୍ ମହାକବି ହୋମରଙ୍କ ସକାଶେ ମଧ୍ୟ ସେସବୁ ଶୁଭଙ୍କର ଶକ୍ତି ତଥା ଅପଶକ୍ତିମାନେ ମାନବ ଚରିତ୍ର ଭଳି ବାସ୍ତବ ଥିଲେ । ନିଃସଙ୍କୋଚରେ ସେମାନଙ୍କ ଭୂମିକା ବର୍ଣ୍ଣନା କରୁଥିଲେ ସେ ଦ୍ରଷ୍ଟାମାନେ । ସେମାନଙ୍କ ମହାକାବ୍ୟର ପ୍ରଥମ ଯୁଗର ଶ୍ରୋତା ଓ ପାଠକମାନଙ୍କୁ ମଧ୍ୟ ସେସବୁ ଅତିଭୌତିକ ଶକ୍ତି ସ୍ୱାଭାବିକ ମନେ ହେଉଥିଲେ ।

କିନ୍ତୁ କ୍ରମବିକାଶର ଧାରାରେ ଏଭଳି ଏକ ପର୍ଯ୍ୟାୟ ଆସିଲା, ଯେତେବେଳେ ମଣିଷର ସ୍ଥୂଳ ବୁଦ୍ଧି, ହେତୁବୋଧ ଓ ଯୁକ୍ତିପ୍ରବଣତା ପୂର୍ଣ୍ଣମାତ୍ରାରେ ପରିସ୍ଫୁଟ ହେବା ଆବଶ୍ୟକ । ଏହି ବିକାଶର ମାତ୍ରାବୃଦ୍ଧି ସଙ୍ଗେ ସଙ୍ଗେ ଆମର ଅନ୍ତର୍ବୋଧ, ସଦ୍ୟୋଧ୍ (Intuition) ଓ ସୂକ୍ଷ୍ମାନୁଭୂତି ଚେତନାର ପଶ୍ଚାଦ୍ଦେଶକୁ ଠେଲି ହୋଇଗଲେ । ଫଳରେ ଅନେକ ପର୍ଯ୍ୟାୟର ଜ୍ଞାନ ଓ ରସବୋଧରୁ ଆମେ ବଞ୍ଚିତ ।

କ୍ରମ ବିକାଶର ପୁଙ୍ଖାନୁପୁଙ୍ଖ ଚିତ୍ର ମଧ୍ୟ ଅଦ୍ୟାବଧି ମିଳି ନାହିଁ । ନୃତତ୍ତ୍ୱବିଦ୍ ଏବଂ ଅନ୍ୟ ଗବେଷକମାନେ ମଣିଷର ସୃଷ୍ଟି କେବେ ହେଲା, ସେ ପ୍ରଶ୍ନ ଉପରେ ଏକମତ ହୋଇପାରି ନାହାନ୍ତି । ଗତ ତିନିମାସ ଭିତରେ ବାସେଲ୍ (ସୁଇଜରଲାଣ୍ଡ) ଏବଂ ରକ୍‌ଫେଲର୍ ବିଶ୍ୱବିଦ୍ୟାଳୟଦ୍ୱୟ ଅନ୍ତର୍ଭୁକ୍ତ ନୃତତ୍ତ୍ୱ-ବିଶାରଦମାନେ DNA ପରୀକ୍ଷା ଭିତ୍ତିରେ ଜଣାଇଛନ୍ତି ଯେ ଏକ ମହାପ୍ରଳୟ ଧରାପୃଷ୍ଠରୁ ଜୀବନର ସମସ୍ତ ସତ୍ତା ଲୋପ କରିଦେବା ଅନ୍ତେ ମାତ୍ର ଦୁଇ ଲକ୍ଷ ବର୍ଷ ତଳେ ମାନବର ଉତ୍ପତ୍ତି ହେଲା ।

ପ୍ରକୃତି ରୂପକ ମହାଶକ୍ତି କେତେ କିସମର ପରୀକ୍ଷା ନିରୀକ୍ଷା କରିଛି; କେତେ ପ୍ରାଣୀ ସୃଷ୍ଟ ହୋଇ ମହାକାଳର ମୁଖ ବ୍ୟାଦାନ ଭିତରେ ବିଲୀନ ହୋଇଛନ୍ତି । ରାମାୟଣ ବର୍ଣ୍ଣିତ ବାନର ଗୋଷ୍ଠୀ ସମ୍ଭବତଃ ପ୍ରାଣଗତ ଶୌର୍ଯ୍ୟପ୍ରଧାନ ଏକ ଜାତିର ପ୍ରାଣୀ ଥିଲେ, ଯାହା କାଳକ୍ରମେ ନିଶ୍ଚିହ୍ନ । ଅଜ୍ଞାନ ମଣିଷ ଜାତି ଭିତରେ ରାମ ବା କୃଷ୍ଣଙ୍କ ଭଳି ପରମ ଚେତନା ସମ୍ଭବ ହେବା ପରି ଏବଂ ଋଷି ଓ ଭକ୍ତ-ଚେତନାରେ ଦେବାବତରଣ ଘଟିଲା ଭଳି, ସେହି ବାନର ଜାତିରେ ହନୁମାନ ରୂପେ ଜନ୍ମଗ୍ରହଣ କରିଥିଲେ ଏକ ଦେବାତ୍ମା । ତାଙ୍କ ଜୀବନ କାହାଣୀ ମୁଖ୍ୟତଃ ପ୍ରତୀକାତ୍ମକ । ଅଧ୍ୟାତ୍ମ ପ୍ରତୀକ-ବିଜ୍ଞାନ ଅନୁସାରେ ସୂର୍ଯ୍ୟ ପ୍ରଜ୍ଞାର ମୂର୍ତ୍ତ ରୂପ । ଜନ୍ମମାତ୍ରେ ହନୁମାନ ତାଙ୍କୁ ଭକ୍ଷଣ କରିବାକୁ ଆଗ୍ରହୀ ହେବାର ଅର୍ଥ ସେ ଦେବଶିଶୁର ପ୍ରଜ୍ଞାତୃଷ୍ଣା ଥିଲା ଜନ୍ମଗତ । ପରେ ସେ ସୂର୍ଯ୍ୟଙ୍କ ବଶଂବଦ ରୂପେ ତାଙ୍କୁ ଅନୁସରଣ କରି ହେଲେ ପ୍ରଜ୍ଞାବାନ୍; ଜ୍ଞାନଯୋଗୀ ।

ସେହି ପ୍ରଜ୍ଞାର ଆଶୀର୍ବାଦରେ ସେ ରାମଚନ୍ଦ୍ରଙ୍କ ସ୍ୱରୂପ ଜ୍ଞାତ ହେଲେ ଅକ୍ଳେଶରେ । ହେଲେ ତାଙ୍କ ପରମ ଭକ୍ତ — ଭକ୍ତିଯୋଗୀ । ପ୍ରଭୁଙ୍କ ପାଇଁ କଲେ ନାନାଦି ଅସାଧ୍ୟ ସାଧନ ।

ହେଲେ କର୍ମଯୋଗୀ । କିନ୍ତୁ ମୁଖ୍ୟତଃ ସେ ଭକ୍ତ, ଶ୍ରୀଅରବିନ୍ଦଙ୍କ ଦ୍ୱାରା ''ସମ୍ପୂର୍ଣ୍ଣ ଭକ୍ତି''ର ପ୍ରତୀକ ରୂପେ ସ୍ୱୀକୃତ ।

ରାମାୟଣ ଏବଂ ମହାଭାରତ ଉପରେ ଧ୍ୟାନସ୍ଥ ହୋଇ ଯୁଗେ ଯୁଗେ କେତେ ଭକ୍ତଙ୍କର କେତେ ପ୍ରକାର ଉପଲବ୍ଧି ହୋଇଛି । ହନୁମାନଙ୍କ ଚେତନା ସମ୍ପର୍କରେ ଏକ ମହତ୍ ଉପଲବ୍ଧି ନେଇଛି ଏମନ୍ତ କାହାଣୀର ରୂପ; ଆରମ୍ଭରେ ହାଲୁକା – କିନ୍ତୁ ସମାପ୍ତିରେ ଅନନ୍ୟ ଗମ୍ଭୀର :

ଦେବୀ ସୀତାଙ୍କ ଉଦ୍ଧାର ଅନ୍ତେ ରାମଚନ୍ଦ୍ର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଛନ୍ତି । ତାଙ୍କ ଅଭିଷେକ ଉତ୍ସବରେ ଯୋଗ ଦେଇଛନ୍ତି ତାଙ୍କର ବହୁ ଅନୁଗତ – ବାନର ଯୋଦ୍ଧାମାନଙ୍କ ସମେତ । ଏକ ଜ୍ୟୋସ୍ନା-ପୁଲକିତ ରଜନୀର ପ୍ରଥମ ପ୍ରହରରେ ପ୍ରାସାଦ ସନ୍ନିକଟ ଉଦ୍ୟାନ ବଳୟିତ ପ୍ରାଙ୍ଗଣରେ ବାନରମାନେ ନୈଶ ଭୋଜନରେ ବ୍ୟାପୃତ । ଜଣେ ଯୁବ ବାନର ବ୍ୟଞ୍ଜନରେ ଥିବା ଗୋଟାଏ କୋଳି ଚିପି ଦିଅନ୍ତେ ତା'ର ମଞ୍ଜି ଗୋଟିକ ଉପର ଆଡ଼କୁ ଛିଟିକି ଗଲା ।

''ଆରେ ମଞ୍ଜି ! ତୁ ମୋତେ ଲମ୍ଫ ଦେଖାଉଛୁ ?'' କହିଲା ପ୍ରଫୁଲ୍ଲ ମିଜାଜବନ୍ତ ବାନର । ''ଦେଖ ଲମ୍ଫ କାହାକୁ କୁହାଯାଏ !'' କହି ସେ ବେଶ୍ କିଛି ଉପରକୁ ଡେଇଁ ନିଜ ଆସନକୁ ଅବତରଣ କଲା ।

''ବାସ୍ ? ଏତିକି ?'' କହି ପଡ଼ୋଶୀ ବାନର ଦେଖାଇଲା ଉଲ୍ଲମ୍ଫନ ବିଦ୍ୟାରେ ତା'ର କୃତିତ୍ୱ । ପରେ ପରେ ଦେଖାଗଲା ସବୁ ବାନର ହାବେଳି ଭଳି ଉପରକୁ ଫୁତ୍କାରିତ ହୋଇ ପୁଣି ବସି ପଡୁଛନ୍ତି । ଚତୁର୍ଦିଗରେ ଶହ ଶହ ଅମାତ୍ୟ ଓ ସୁଧୀଜନେ ସେ ଦୃଶ୍ୟ ଉପଭୋଗ କରୁଛନ୍ତି ।

ପ୍ରାଙ୍ଗଣ ପାର୍ଶ୍ୱବର୍ତ୍ତୀ ଏକ ସ୍ତମ୍ଭକୁ ଆଉଜି ଚୁପ୍‌ଚାପ୍ ବସିଥିଲେ ହନୁମାନ । ମିତ୍ର ଜାମ୍ବବାନ ତାଙ୍କ ପାଖକୁ ଯାଇ କହିଲେ ''ବନ୍ଧୁ ! ତୁମେ ଏ ଦୃଶ୍ୟ ଦେଖୁଛ ବୋଲି ଏ ଚପଳ ଅଭିନେତାମାନଙ୍କୁ ଜଣା ନାହିଁ । ହଠାତ୍ ତୁମେ ଯଦି ଥରେ ଲମ୍ଫ ଦିଅନ୍ତ, ଏମାନେ ଜାଣନ୍ତେ ଲମ୍ଫ କାହାକୁ କୁହାଯାଏ ! ଥରୁଟିଏ ତୁମ କରାମତି ଦେଖାନ୍ତ ନାହିଁ ?''

ହନୁମାନ ମୃଦୁ ହସି ନିରବ ରହିଲେ । କିନ୍ତୁ ଜାମ୍ବବାନଙ୍କ ପ୍ରସ୍ତାବ ଶୁଣି ପକାଇଥିଲେ ତାଙ୍କ ପଛରେ ଥିବା କେତେଜଣ ବିଶିଷ୍ଟ ସଭାସଦ୍ । ସେମାନେ ବି ହନୁମାନଙ୍କୁ ଏକହିଁ ଅନୁରୋଧ କରିବାକୁ ଲାଗିଲେ ।

ଅବଶେଷରେ ହନୁମାନ ତାଙ୍କ ଦୃଷ୍ଟି ନିବଦ୍ଧ କଲେ ଜାମ୍ବବାନଙ୍କ ଉପରେ ଏବଂ କହିଲେ, ''ବନ୍ଧୁ ! ମୋ ପ୍ରଭୁଙ୍କ ସେବା ବ୍ୟତିରେକେ ମୋ ଶକ୍ତିର ବିନ୍ଦୁଟିଏ ମଧ୍ୟ ଅପଚୟ କରିବାର ଅଧିକାର ମୋର ନାହିଁ !''

ନିରବରେ ନତମସ୍ତକ ହେଲେ ତାଙ୍କ ମିତ୍ରବର୍ଗ ।

ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଭବିଷ୍ୟତ୍ ବାଣୀ ଅନୁସାରେ ହନୁମାନହିଁ ଭବିଷ୍ୟତର ବ୍ରହ୍ମା, ଅନାଗତ ନୂତନ ସୃଷ୍ଟିର ପ୍ରବର୍ତ୍ତକ ।

**– ମନୋଜ ଦାସ**

❑❑❑

One has to be more persistent than the difficulty – there is no other way. Nothing can prevail against the soul's entire will to reach the Divine.

– Sri Aurobindo

ପ୍ରତିବନ୍ଧକ ତୁଳନାରେ ଜଣକୁ ଅଧିକ ପ୍ରଯତ୍ନବାନ୍ ହେବାକୁ ପଡ଼ିବ – ଅନ୍ୟ ପଥ ନାହିଁ । ଭଗବାନଙ୍କ ସନ୍ନିକଟେ ଉପନୀତ ହେବା ଦିଗରେ ଅନ୍ତରାତ୍ମାର ଅଖଣ୍ଡ ସଂକଳ୍ପ ବିରୋଧରେ କିଛିହିଁ ତିଷ୍ଠି ନପାରେ ।

– ଶ୍ରୀଅରବିନ୍ଦ

tarika

AYURVEDIC HERBAL REMEDIES

**Pimple / Acne Remover**

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Hair Vitaliser oil**

Controls hair loss and improves hair growth
*Regular use prevents hair thinning and receding hair line*

**Gum oil**

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

Persist in your aspiration and it will be fulfilled.

*CWM-14, p. 161* - The Mother

**Collected Works of The Mother (PB) (Crown) – 17 Vols.**
**Rs. 2750 only** *(Till stocks last)*

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (+91 9489063512)

ପ୍ରଥମ କଥା ଯାହା ଆବଶ୍ୟକ ତାହା ହେଉଛି ନିଜ ଉପରେ ସଂଯମ, ବିଶେଷ କରି ନିଜ ବାକ୍‌ଶକ୍ତି ଉପରେ । ଯଦି ଲୋକମାନେ ନୀରବ ରହିବାକୁ ଶିକ୍ଷା କରିପାରନ୍ତେ ତେବେ କେତେ ଅସୁବିଧାକୁ ଏଡ଼େଇ ଦେଇ ହୁଅନ୍ତା !

– ଶ୍ରୀମା

*With best compliments from :*

**HARI ELECTRICAL WORKS**

Hariranjan Patnaik,

Megheswar Colony, 4500/2, Tankapani Road,

**BHUBANESWAR, ODISHA.**

**Vol. L, No. 1** **R.N.I. No. 18163/70.**
Navaprakash (Monthly), January, 2019 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

# ସାବିତ୍ରୀ

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)




**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।

୪୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**